# ଧରିତ୍ରୀ
DHARITRI

ରାୟଗଡ଼ା, ସୋମବାର, ଏପ୍ରିଲ ୧୨/୨୦୨୧ (୧୬ ପୃଷ୍ଠା) | Rayagada, Monday, April 12/2021 ★

୧୧ଶ ଭାଗ ୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





**ପରୀକ୍ଷା କରା ନ ଯାଉ**

କରୋନା ସଂକ୍ରମଣ ଦୃଷ୍ଟିରୁ ସିବିଏସ୍‌ଇ ବୋର୍ଡ ପରୀକ୍ଷା ରଦ୍ଦ ଅଭିଯାନର ସମର୍ଥନରେ ବାହାରିଛନ୍ତି ଅଭିନେତା ସୋନୁ ସୁଦ୍। **୧୪**

**୧୫** **ହରମନପ୍ରୀତ୍ ପ୍ଲେୟର ଅଫ୍ ଦି ମ୍ୟାଚ**

ଆର୍ଜେଣ୍ଟିନା ବିପକ୍ଷ ଏଫ୍‌ଆଇଏଚ୍ ପ୍ରୋ-ହକି ଲିଗ୍ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଭାରତର ହରମନପ୍ରୀତ୍ ସିଂ।




# ଟିକା ନାହିଁ: ୯୦୦ କେନ୍ଦ୍ର ବନ୍ଦ

**ଭୁବନେଶ୍ୱର,୧୧।୪(ବ୍ୟୁରୋ)**

ରାଜ୍ୟରେ କରୋନା ସ୍ଥିତି ଅଣାୟତ୍ତ ହେବାରେ ଲାଗିଛି। ଗୋଟିଏ ପଟେ ଦୈନିକ ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଅନ୍ୟପଟେ ସରକାରଙ୍କୁ ଟିକା ଚିନ୍ତା ଘାରିଛି। ଟିକା ଅଭାବ ଯୋଗୁ ରାଜ୍ୟରେ ଟିକାକରଣ ଘୋର ବାଧାପ୍ରାପ୍ତ ହୋଇଛି। ଦୈନିକ ୨ଲକ୍ଷ ଟିକାକରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ମଧ



ତାହା ପୂରଣ ହୋଇପାରୁନି। ଗତ ଏକ ସପ୍ତାହ ହେବ ରାଜ୍ୟରେ ଏ ପରିସ୍ଥିତି ଜାରି ରହିଛି। ଅଧିକ ଟିକା ପଠାଇବାକୁ କେନ୍ଦ୍ରକୁ ରାଜ୍ୟ ସରକାର ବାରମ୍ବାର ଚିଠି ଲେଖିବା ପରେ ଶନିବାର ମାତ୍ର ଅଢ଼େଇ ଲକ୍ଷ ଡୋଜ୍ ଆସିଥିଲା, ଯାହା ରବିବାର ଅଧିକାଂଶ ଜିଲାରେ ବ୍ୟବହୃତ ହୋଇଯାଇଛି। ଫଳରେ ରବିବାରଠାରୁ ଆରମ୍ଭ ହୋଇଥିବା 'ଟିକା ଉତ୍ସବ'କୁ ଆରମ୍ଭରୁ ଝଟ୍‌କା ଲାଗିଛି। ଟିକା ଅଭାବରୁ ୯୦୦ କେନ୍ଦ୍ରରେ ଟିକାକରଣ ବନ୍ଦ କରିଦେଇଛନ୍ତି ରାଜ୍ୟ ସରକାର। ଏ ନେଇ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇ କହିଛନ୍ତି, ଖୋର୍ଦ୍ଧା, ସୁନ୍ଦରଗଡ଼, କଟକ, ବରଗଡ଼, ନୂଆପଡ଼ା ଭଳି ଅଧିକ ସଂକ୍ରମିତ ଜିଲାକୁ ଟିକାକରଣ କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯାଉଛି। ରବିବାର ୫୭୯ ଟିକା କେନ୍ଦ୍ରରେ ଟିକାକରଣ ଚାଲିଥିଲା। ଟିକା ନ ଆସିଲେ ସୋମବାର ଅଧିକାଂଶ ଜିଲାରେ ଷ୍ଟକ୍ ଆଉଟ୍ ହୋଇଯିବ। ଯେଉଁ ଜିଲାକୁ ଟିକା ଯାଇଛି ସେଠି ଟିକାକରଣ ଜାରି ରହିବ। କିନ୍ତୁ ଅନ୍ୟ ଜିଲାରେ ବାଧ ହୋଇ ଟିକାକରଣକୁ ବନ୍ଦ ରଖାଯିବ ବୋଲି ଡା. ପାଣିଗ୍ରାହୀ କହିଛନ୍ତି। ☞ପୃଷ୍ଠା-୪



### ଟିକା ଉତ୍ସବ ଆରମ୍ଭରୁ ଝଟ୍‌କା

- ୩୦ ଜିଲାକୁ ବ୍ୟାପିଗଲା ସଂକ୍ରମଣ
- ୨୪ ଘଣ୍ଟାରେ ଆଉ ୧,୩୭୯ ପଜିଟିଭ୍
- ଲକ୍ଷେ ତଳକୁ ଖସିଲା ଦୈନିକ ଟିକାକରଣ

## 'ଟିକା ଉତ୍ସବ' ଆରମ୍ଭ

**ନୂଆଦିଲ୍ଲୀ, ୧୧।୪**

ଭାରତରେ ଦୈନିକ ସଂକ୍ରମଣ ଦେଢ଼ ଲକ୍ଷ ଅତିକ୍ରମ କରି ଦ୍ରୁତ ବେଗରେ ମାଡ଼ି ଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘୋଷଣା କ୍ରମେ ରବିବାରଠାରୁ ଦେଶରେ ୪ ଦିନିଆ ଟିକା ଉତ୍ସବ ଆରମ୍ଭ ହୋଇଛି। ଅଧିକରୁ ଅଧିକ ଲୋକଙ୍କୁ ଏହି ସମୟ ମଧ୍ୟରେ କୋଭିଡ୍ ଟିକା ଦେବା ଏହି ଉତ୍ସବର ଉଦ୍ଦେଶ୍ୟ। ତେବେ ଅଧିକାଂଶ ରାଜ୍ୟରେ ଏବେ ଟିକାର ନିଅଣ୍ଟ ସ୍ଥିତି ଦେଖାଯାଇଛି। ଅନେକ ସ୍ଥାନରେ ଟିକା ଅଭାବରୁ ଟିକାଦାନ କେନ୍ଦ୍ରକୁ ବନ୍ଦ କରିଦିଆଗଲାଣି। ଏଭଳି ସ୍ଥିତିରେ ଟିକା ଉତ୍ସବ ଏକ ପ୍ରହସନ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ☞ପୃଷ୍ଠା-୪

## ଟିକା ଯୋଗାଣରେ ପୁଣି ପାତରଅନ୍ତର ଅଭିଯୋଗ

ରବିବାରଠାରୁ ସାରା ଦେଶରେ ଆରମ୍ଭ ହୋଇଛି 'ଟିକା ଉତ୍ସବ'। ଏହାର ଉଦ୍ଦେଶ୍ୟ ହେଉଛି ଟିକାକରଣ ନେଇ ସଚେତନତା ସୃଷ୍ଟି କରିବା ଏବଂ ଅଧିକ ଟିକାକରଣ କରିବା। କିନ୍ତୁ ଟିକା ଅଭାବ ଥିବାବେଳେ ଟିକା ଉତ୍ସବ ସଫଳ କିପରି ହେବ ତାହାକୁ ନେଇ ରାଜ୍ୟର ସରକାର ପ୍ରଶ୍ନ ଉଠାଇଛନ୍ତି। ଟିକା ଅଭାବ ନେଇ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ପ୍ରତିକ୍ରିୟା ରଖିଛନ୍ତି, ଭାଜପା ଶାସିତ ରାଜ୍ୟକୁ ଅଧିକ ଟିକା ଦିଆଯାଉଛି। ଟିକା ଯୋଗାଣରେ ପାତରଅନ୍ତର ନୀତି ଅବଲମ୍ବନ କରାଯାଉଛି। କେନ୍ଦ୍ର ସରକାର ରାଜଧର୍ମ ପାଳନ କରିବା କଥା। ସମସ୍ତଙ୍କୁ ସମାନ ଭାବେ ଦେଖିବା କଥା। ସବ୍‌କା ସାଥ୍ ସବ୍‌କା ବିକାଶ କଥା କେନ୍ଦ୍ର ସରକାର କହୁଛନ୍ତି, କିନ୍ତୁ କାର୍ଯ୍ୟରେ ତାହା ପ୍ରତିଫଳିତ ହେଉନି ବୋଲି ମନ୍ତ୍ରୀ ସିଂ ଅଭିଯୋଗ କରିଛନ୍ତି। ଏପଟେ ତୁରନ୍ତ ଲୋକଙ୍କୁ ଟିକା ଦେବା ପାଇଁ ବ୍ୟବସ୍ଥା କରାଯାଉ ବୋଲି କଂଗ୍ରେସ କହିଥିବାବେଳେ ମନ୍ତ୍ରୀ ହୋଇ ଏକ ଦାୟିତ୍ୱହୀନ ମନ୍ତବ୍ୟ ଦେଇଥିବା କହିଛି ଭାଜପା।

# ପାଣି ଦର ୧୦% ମହଙ୍ଗା

**ଭୁବନେଶ୍ୱର,୧୧।୪(ବ୍ୟୁରୋ)**

ରାଜ୍ୟରେ ପାଣି ବ୍ୟବହାରକାରୀଙ୍କୁ ଚଳିତ ମାସଠାରୁ ଅଧିକ ଟିକସ ଦେବାକୁ ପଡ଼ିବ। ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୧୦% ଜଳକର ବୃଦ୍ଧି କରିଛନ୍ତି। ଓଡ଼ିଶା ଜଳସେଚନ(ସଂଶୋଧନ) ରୁଲ୍‌ସ-୨୦୧୬ ଅନୁସାରେ ଜଳକର, ଜଳ ଉଠାଣ ଓ ବ୍ୟବହାର ନିମନ୍ତେ ଲାଇସେନ୍ସ ଫିଙ୍କୁ ବାର୍ଷିକ ୧୦ପ୍ରତିଶତ ବୃଦ୍ଧି



କରାଯାଇଛି। ଏହି ବର୍ଦ୍ଧିତ ଜଳକର ଚଳିତ ମାସ ୧ତାରିଖରୁ ଲାଗୁ କରାଯାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଯେଉଁ ଶିଳ୍ପସଂସ୍ଥା ୫କ୍ୟୁସେକରୁ କମ୍ ଜଳ ବ୍ୟବହାର କରୁଛନ୍ତି, ସେମାନଙ୍କୁ ପ୍ରତି ହଜାରେ ଲିଟର ଜଳ ପିଛା ଏବେ ୬ଟଙ୍କା୩୦ ପଇସା ଦେବାକୁ ପଡ଼ିବ। ପୂର୍ବରୁ ଏହା ୫ଟଙ୍କା ୮୮ ପଇସା ରହିଥିଲା। ୫କ୍ୟୁସେକ୍ କିମ୍ବା ଏହାଠାରୁ ଅଧିକ ଜଳ ବ୍ୟବହାର କରୁଥିବା ସଂସ୍ଥା ପ୍ରତି ହଜାର ଲିଟର ଜଳ ପିଛା ୭ଟଙ୍କା ୮୪ପଇସା ପରିବର୍ତ୍ତେ ୮ଟଙ୍କା ୪୦ପଇସା ଦେବେ। ଏଥିସହ ସରକାର ଜଳ ବିଦ୍ୟୁତ୍ ପ୍ରକଳ୍ପ କ୍ଷେତ୍ରରେ ପ୍ରତ୍ୟେକ କିଲୋୱାଟ ଆୱାର(କେଡବ୍ଲ୍ୟୁଏଚ୍) ଜଳ ଉତ୍ପନ୍ନ ନିମନ୍ତେ ୧ପଇସାରୁ ଦେଢ଼ ପଇସାକୁ ବୃଦ୍ଧି କରାଯାଇଛି। ମ୍ୟୁନିସିପାଲିଟି, ଏନ୍‌ଏସି ଏବଂ ଗ୍ରାମ୍ୟ କ୍ଲଷ୍ଟରରେ ବ୍ୟବହାର କରାଯାଉଥିବା ପାନୀୟ ଜଳ ପାଇଁ ଏବେ ପ୍ରତି ହଜାର ଲିଟର ଜଳପିଛା ୩୭.୫ପଇସା ଦେବାକୁ ପଡ଼ିବ ଯାହାକି, ପୂର୍ବରୁ ୩୫ ପଇସା ରହିଥିଲା।

ଅପରପକ୍ଷରେ ବାଣିଜ୍ୟିକ ପ୍ରତିଷ୍ଠାନ ନିର୍ମାଣ ପାଇଁ ବ୍ୟବହାର ହେଉଥିବା ଜଳ ଉପରେ ମଧ୍ୟ ଅଧିକ ଟିକସ ଲାଗିଛି। ଏହି ନିର୍ମାଣ କ୍ଷେତ୍ରରେ ପ୍ରତି ହଜାର ଲିଟର ପିଛା ୯ଟଙ୍କା ୯୪ପଇସା ପରିବର୍ତ୍ତେ ଏବେ ୧୦ଟଙ୍କା ୬୫ପଇସା ଦେବାକୁ ପଡ଼ିବ। ସେହିପରି ପାଣି ଟାଙ୍କିକୁ ଜଳ ଯୋଗାଣ ନିମନ୍ତେ ୧୪ପଇସା ବଦଳରେ ୧୫ପଇସା ଦିଆଯିବ। ପିଇବା ପାଇଁ ଟାଙ୍କି କ୍ଷେତ୍ରରେ ୭.୫ପଇସା ଦେବାକୁ ପଡ଼ିବ। ଏପରି କି ଇଟା ନିର୍ମାଣ ଏବଂ ଟାଇଲ୍ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଥିବା ଜଳ ନିମନ୍ତେ ପ୍ରତି ହଜାର ଇଟାକୁ ଜଳକର ବାବଦକୁ ୪୨ ପଇସା ପରିବର୍ତ୍ତେ ଏଥର ୪୫ ପଇସା ଦେବାକୁ ପଡ଼ିବ। ☞ପୃଷ୍ଠା-୪

# ୩ ଶିକ୍ଷୟିତ୍ରୀ ଶିକ୍ଷକ ଦଣ୍ଡିତ

### ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା

**ଦେବଗଡ଼,୧୧।୪(ଡି.ଏନ୍.ଏ.)**

ଦେବଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଗତ ୯ ତାରିଖରେ ଅନୁଷ୍ଠିତ ଓଟିଇଟି (ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ) ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପରୀକ୍ଷା ପରିଚାଳନା ଦାୟିତ୍ୱରେ ଅବହେଳା ଅଭିଯୋଗରେ ଦେବଗଡ଼ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ରବିବାର ୨ଜଣ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରିଛନ୍ତି। ସେମାନେ ହେଲେ ପରୀକ୍ଷା କେନ୍ଦ୍ର ଶ୍ରେଣୀ କୋଠରି ଦାୟିତ୍ୱରେ ଥିବା ସୁନାମୁଣ୍ଡା ହାଇସ୍କୁଲର ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ଦାୟିତ୍ୱହୀନ ଉତ୍ସବ**


# ୬ ପୋଲିସ କର୍ମଚାରୀ ନିଲମ୍ବିତ

**ସମ୍ବଲପୁର,୧୧।୪(ବ୍ୟୁରୋ)**

ସମ୍ବଲପୁର ମଣ୍ଡଳ କାରାଗାରରେ ସଜା କାଟୁଥିବା ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦର ଶନିବାର ଚିକିତ୍ସାଧୀନ ଅବସ୍ଥାରେ କଟକ ଏସସିବି ମେଡିକାଲରୁ ଫେରାର ହୋଇଯାଇଛନ୍ତି। ଏହି ଘଟଣାରେ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଜିଲାର ୬ ଜଣ ପୋଲିସ କର୍ମଚାରୀଙ୍କୁ ସମ୍ବଲପୁର ଏସ୍‌ପି ବି. ଗଙ୍ଗାଧର ନିଲମ୍ବିତ କରିଛନ୍ତି । ସେମାନେ ହେଲେ ହାବିଲଦାର ରମେଶ ଚନ୍ଦ୍ର ଦେହୁରୀ, କନଷ୍ଟେବଲ ବୁଲବୁଲ ସାହୁ, ଦୀପକ ସାହୁ, ମହମ୍ମଦ ମୌସିମ୍, ଉମାକାନ୍ତ ବେହେରା ଓ ସୁଧାଂଶୁ ମାଝୀ। ଅପରପକ୍ଷରେ ହାଇଦରଙ୍କୁ ଧରିବା ପାଇଁ ପୋଲିସ ରାଜ୍ୟର ☞ପୃଷ୍ଠା-୪

### ହାଇଦର ଫେରାର ଘଟଣା

- ପୋଲିସ, ଜେଲ ବିଭାଗର କାର୍ଯ୍ୟ ନେଇ ସନ୍ଦେହ
- ପ୍ଲାଷ୍ଟିକ ସର୍ଜରି ପାଇଁ ପରାମର୍ଶ କରିଥିଲେ ଡାକ୍ତର
- ମାର୍ଚ୍ଚ ୨୩ରେ ଜେଲରୁ କଟକ ବଡ଼ ମେଡିକାଲ ଯାଇଥିଲେ

# ୩୦ ପରେ ସ୍ଥିତି ଦେଖି ନିଷ୍ପତ୍ତି

**ଭୁବନେଶ୍ୱର, ୧୧।୪(ବ୍ୟୁରୋ)**

ଦଶମ ଓ ଦ୍ୱାଦଶ ପରୀକ୍ଷା ନିର୍ଦ୍ଧାରିତ ସମୟରେ ହେବ ବୋଲି ରାଜ୍ୟ ସରକାର ପୂର୍ବରୁ ସ୍ପଷ୍ଟ କରିଛନ୍ତି। କିନ୍ତୁ ନବମ ଶ୍ରେଣୀ ପରୀକ୍ଷା ହେବ କି ନାହିଁ ତାହାକୁ ନେଇ ଉଭୟ ଛାତ୍ରୀଛାତ୍ର ଓ ଅଭିଭାବକ ଦ୍ୱନ୍ଦ୍ୱରେ ଅଛନ୍ତି। ତେବେ ନବମ ଶ୍ରେଣୀ ପିଲାମାନେ ପରୀକ୍ଷା ଦିଅନ୍ତୁ ବୋଲି ସରକାର ଓ ଶିକ୍ଷା ବିଭାଗ ଚାହୁଁଥିବା କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ। ସେ କହିଛନ୍ତି, ନବମ ଶ୍ରେଣୀ ପିଲାଙ୍କ କୋର୍ସ ପ୍ରାୟ ଅଧା ଶେଷ ହୋଇଯାଇଛି। ☞ପୃଷ୍ଠା-୪

### ନବମ ପରୀକ୍ଷାକୁ ନେଇ ମନ୍ତ୍ରୀଙ୍କ ବିବୃତି

# ଓଡ଼ିଆଙ୍କୁ ବିଆର୍‌ପିଏଲ୍‌ର ନାପସନ୍ଦ

**ଯାଜପୁର ଅଫିସ/କଳିଙ୍ଗନଗର, ୧୧।୪(ଡି.ଏନ୍.ଏ.)**

କଳିଙ୍ଗନଗର ବ୍ରାହ୍ମଣୀ ରିଭର୍ସ ପେଲେଟ୍ ଲିମିଟେଡ୍ (ବିଆର୍‌ପିଏଲ୍) କମ୍ପାନୀରେ ପରିବହନ ବ୍ୟବସାୟରେ ଅଣଓଡ଼ିଆଙ୍କ ରାଜ୍ ଚାଲିଛି। ଯେଉଁ ସ୍ଥାନୀୟ ଲୋକମାନେ ଜମିବାଡ଼ି, ଘରଦ୍ୱାର ହରାଇବା ପରେ ପରିବାର ଚଳାଇବାକୁ ଋଣରେ ଟ୍ରକ ଆଣି ପରିବହନ କାର୍ଯ୍ୟ କରୁଥିଲେ, ଏବେ ସେମାନଙ୍କୁ ବିଆର୍‌ପିଏଲ୍ ଅଣଦେଖା କରୁଛି। ପେଲେଟ୍ ପରିବହନ ସମେତ ଲୋଡିଂ ଓ ଅନ୍‌ଲୋଡିଂ କାର୍ଯ୍ୟରେ ରାଜ୍ୟ ବାହାର ଏସ୍‌ଭିଟି ନାମକ ଏକ ସଂସ୍ଥାକୁ ଅଗ୍ରାଧିକାର ମିଳୁଛି। ହଜାରେରୁ ଊର୍ଦ୍ଧ୍ୱ ସ୍ଥାନୀୟ ଗାଡ଼ିମାଲିକଙ୍କୁ ପରିବହନ ସୁଯୋଗ ମିଳୁ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜଣେ ରାଜ୍ୟ ସଭା ଏମ୍‌ପିଙ୍କ ସୁରକ୍ଷାରେ ବିଆର୍‌ପିଏଲ୍ କମ୍ପାନୀ ମନମୁଖି ପେଲେଟ୍ ପରିବହନ କରୁଥିବାରୁ ୫୩ ନମ୍ବର ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ମଧ୍ୟ ଉତ୍କଟ ହେଉଛି। ଏହାର ପ୍ରତିବାଦ କରିବାକୁ ବାହାରିଲେ ପୋଲିସ ଧମକରେ ସ୍ଥାନୀୟ ଗାଡ଼ି ମାଲିକମାନେ ନୀରବି ଯିବାକୁ ବାଧ ହେଉଛନ୍ତି। ଫଳରେ ଶିଳ୍ପ ପାଇଁ ଭିଟାମାଟି ହରାଇଥିବା ଭୂମିପୁତ୍ର ସବୁକ୍ଷେତ୍ରରେ ଏବେ ଅବହେଳିତ ଜୀବନ ବିତାଉଛନ୍ତି।



ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳ ମଧ୍ୟରେ ଏକ ଲୌହଧାତୁର ପେଲେଟାଇଜେଶନ କାରଖାନା ପ୍ରତିଷ୍ଠା ପାଇଁ ବିଆର୍‌ପିଏଲ୍ ୧୫।୩।୨୦୦୭ରେ ଓଡ଼ିଶା ସରକାରଙ୍କ ସହ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲା। ଚୁକ୍ତି ଅନୁସାରେ ବଡ଼ବିଲଠାରୁ କଳିଙ୍ଗନଗର ମଧ୍ୟରେ ୨୧୮ କିଲୋମିଟର ଲୌହ ସ୍ଲରୀ ସ୍ଥାନାନ୍ତରଣ ପାଇପ୍‌ଲାଇନ୍ ପ୍ରତିଷ୍ଠା କରାଯାଇଛି। ଏହାସହ କଳିଙ୍ଗନଗର ଶିଳ୍ପାଞ୍ଚଳରେ ୯୦ ଏକର ଜମିରେ ବାର୍ଷିକ ୪ ନିୟୁତ ମେଟ୍ରିକ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଲୌହଧାତୁ ପେଲେଟ୍ କାରଖାନା ☞ପୃଷ୍ଠା-୧୩





ତାମିଲନାଡୁ ଶ୍ରୀଭିଲ୍ଲିପୁଥୁର ଆସନରୁ ଲଢ଼ିଥିବା କଂଗ୍ରେସ ପ୍ରାର୍ଥୀ ପି.ଏସ୍.ଡବ୍ଲ୍ୟୁ. ମାଧବ ରାଓଙ୍କର ରବିବାର କରୋନାରେ ମୃତ୍ୟୁ ଘଟିଛି। ସେ ଗତ ମାସରୁ ସଂକ୍ରମିତ ଥିଲେ। ନିର୍ବାଚନ ପରେ ପ୍ରାର୍ଥୀଙ୍କ ମୃତ୍ୟୁ ଘଟିଥିବାରୁ ଉକ୍ତ ଆସନରେ ପୁନର୍ବାର ଭୋଟ ଗ୍ରହଣ ହେବନାହିଁ। ଯଦି ସେ ଜିତିଥାନ୍ତି, ତେବେ ସେଠାରେ ଉପନିର୍ବାଚନ ଅନୁଷ୍ଠିତ ହେବ। ମାଧବ ରାଓଙ୍କ ପରଲୋକରେ ଏଆଇସିସିର ତାମିଲନାଡୁ ଓ ପୁଡୁଚେରୀ ଦାୟିତ୍ୱରେ ଥିବା ସମ୍ପାଦକ ତଥା ପୂର୍ବତନ ଏମ୍‌ଏଲ୍‌ସି ସଞ୍ଜୟ ଦତ୍ତ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ୫ ଆତଙ୍କବାଦୀ ନିହତ

**ଶ୍ରୀନଗର, ୧୧।୪:** ଜମ୍ମୁ-କଶ୍ମୀର ସୋପିଆନ ଜିଲା ହାଦିପୁରାଠାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୫ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଥିବା ଜଣାଯାଇଛି। ଏଥିସହ ୨ ଜଣ ଯବାନ ଆହତ ହୋଇଛନ୍ତି। ଦୁଇଟି ଦଳରେ ସୁରକ୍ଷାକର୍ମୀମାନେ ଶନିବାର ରାତିରେ ସର୍ଚ୍ଚ ଅପରେଶନ ଚଳାଇଥିବାବେଳେ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଜାଣିବାକୁ ପାଇଥିଲେ। ଆତ୍ମସମର୍ପଣ କରିବାକୁ ଭାରତୀୟ ଯବାନ କହିଥିଲେ ହେଁ ସେମାନେ ତାହା ମାନି ନ ଥିଲେ। ଫଳରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଅନ୍ୟପକ୍ଷରେ ମୃତ ନାବାଳକ ଜଣକ ସ୍ଥାନୀୟ ଅଞ୍ଚଳର ଏବଂ କିଛି ଦିନ ତଳେ ଘରୁ ନିଖୋଜ ହୋଇଯାଇଥିଲେ। ଆତଙ୍କବାଦୀ ସଙ୍ଗଠନରେ ସେ ଯୋଗ ଦେଇଥିବା ନେଇ ପୋଲିସ ସନ୍ଦେହ କରିଛି।

### ରୋଗୀଙ୍କୁ ହତ୍ୟା କଲେ ରୋଗୀ

**ଶାହଜାହାନପୁର, ୧୧।୪:** ଉତ୍ତରପ୍ରଦେଶର ଶାହଜାହାନପୁର ଜିଲା ହସ୍ପିଟାଲରେ ଶଯ୍ୟାକୁ ନେଇ ବିବାଦ ପରେ ଜଣେ ରୋଗୀ ଅନ୍ୟ ଜଣଙ୍କୁ ହତ୍ୟା କରିଛନ୍ତି। ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ହଂସରାଜଙ୍କୁ ଶନିବାର ରାତିରେ ୨୧ ନମ୍ବର ବେଡ୍ ଦିଆଯାଇଥିଲା। ମାନସିକ ଭାରସାମ୍ୟ ହରାଇଥିବା ଅବଦୁଲ ରେହମନ ନାମକ ରୋଗୀ ୨୭ ନମ୍ବର ବେଡ୍‌ରେ ଥିଲେ। ରବିବାର ସକାଳେ ୱାଶରୁମ୍‌ରୁ ଫେରିବା ପରେ ଅବଦୁଲ ନିଜ ବେଡ୍ ନମ୍ବର ଭୁଲିଯାଇ ହଂସରାଜଙ୍କ ସହ ଯୁକ୍ତି କରିଥିଲେ ଓ ଜବରଦସ୍ତ ତାଙ୍କ ବେଡ୍‌କୁ ଦଖଲ କରିଥିଲେ। ସେ ହଂସରାଜଙ୍କୁ ଟେକିନେଇ କଚାଡ଼ି ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଅଭିଯୁକ୍ତ ଅବଦୁଲ ଓ ତାଙ୍କ ବାପାଙ୍କୁ ଗିରଫ କରିଛି।

### ୧୫୦ ବଖରା ଜଳିଗଲା: ୨ ଶିଶୁ ଦଗ୍ଧ



**ନୂଆଦିଲ୍ଲୀ, ୧୧।୪:** ନୋଏଡ଼ା ସେକ୍ଟର ୬୩ ବହ୍ଲୋପୁର ଗ୍ରାମର ଏକ ବସ୍ତିରେ ରବିବାର ଅଗ୍ନିକାଣ୍ଡ ଘଟି ୩ ବର୍ଷୀୟ ଦୁଇ ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ନିଆଁ ବ୍ୟାପିବାରୁ ପ୍ରାୟ ଦେଢ଼ଶହ ଘର ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ପୋଲିସ ଓ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ପୋଲିସ କହିଛି।

## ୧୪ରେ ମଙ୍ଗଳରେ ଫ୍ଲାଇଟ ଟେଷ୍ଟ



ମଙ୍ଗଳ ଗ୍ରହରେ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସାର ଇନଜେନ୍ୟୁଟି ମାର୍ସ ହେଲିକପ୍ଟରର ପ୍ରଥମ ପରୀକ୍ଷାମୂଳକ ଉଡ଼ାଣ ଏପ୍ରିଲ ୧୪ରେ ହେବ। ଏପ୍ରିଲ ୧୧ ପାଇଁ ଏହି ଯୋଜନା ହୋଇଥିଲେ ହେଁ ପରେ ତାହାକୁ ୩ ଦିନ ପାଇଁ ଘୁଞ୍ଚାଇ ଦିଆଯାଇଛି। ପୃଥିବୀ ବ୍ୟତୀତ ଅନ୍ୟ ଗ୍ରହରେ ଏହି ରୋଟରକ୍ରାଫ୍ଟର ପ୍ରଥମ ଟେଷ୍ଟ ଫ୍ଲାଇଟ ହେବ। ନାସା ଏହି ହେଲିକପ୍ଟର ଉଡ଼ାଣର ଫଳାଫଳକୁ ଗୋଟିଏ ଦିନ ପରେ ପ୍ରକାଶ କରିବ। ଶୁକ୍ରବାର ରାତିରେ ମିଳିଥିବା ତଥ୍ୟକୁ ଆଧାର କରି ବିମାନ ଉଡ଼ାଣ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଏହାର ହାଇ ସ୍ପିଡ୍ ରୋଟର୍ସ ସ୍ପିନ୍ ପରୀକ୍ଷଣ ସମୟରେ କମାଣ୍ଡ ସିକ୍ୱେନ୍ସ ଶୀଘ୍ର ଶେଷ ହୋଇଯାଇଥିଲା। ଫ୍ଲାଇଟ୍ କମ୍ପ୍ୟୁଟରକୁ 'ପ୍ରି ଫ୍ଲାଇଟ୍'ରୁ 'ଫ୍ଲାଇଟ୍' ମୋଡ୍ ରଖିବା ସମୟରେ ଏପରି ଘଟିଥିଲା। ତେବେ ହେଲିକପ୍ଟରଟି ସୁରକ୍ଷିତ ଏବଂ ପୃଥିବୀ ସହିତ ଏହା ଯୋଗାଯୋଗରେ ଥିବା ନାସା ପକ୍ଷରୁ କୁହାଯାଇଛି। ଫେବୃୟାରୀ ୧୮ରେ ମାର୍ସ ହେଲିକପ୍ଟର ପର୍ସିଭରେନ୍ସ ରୋଭର ସହ ମଙ୍ଗଳ ମାଟିରେ ପହଞ୍ଚିଥିଲା।

## ସଂସ୍କୃତ ସହର ହେବ ବାରାଣସୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆସନ ବାରାଣସୀ 'ସଂସ୍କୃତ ସହର' ଭାବେ ପରିଚିତ ହେବ। ଏ ନେଇ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ବାରାଣସୀରେ ୧୧୦ରୁ ଊର୍ଦ୍ଧ୍ୱ ସଂସ୍କୃତ ବିଦ୍ୟାଳୟ ଥିବାବେଳେ ସର୍ବାଧିକ ଛାତ୍ରୀଛାତ୍ର ସଂସ୍କୃତ ଅଧ୍ୟୟନ କରୁଛନ୍ତି। ଆଉ ୨ଟି ସଂସ୍କୃତ ବିଦ୍ୟାଳୟ ସ୍ଥାପନ ହେବାକୁ ଥିବାବେଳେ ଯୋଗୀ ସରକାର ରାଜ୍ୟରେ ୧୩ ନୂଆ ସ୍କୁଲ ନିର୍ମାଣ କରିବାକୁ ଯାଉଛନ୍ତି। ଏହାସହ ଖୁବ୍‌ଶୀଘ୍ର ଏକ ସଂସ୍କୃତ ନିର୍ଦ୍ଦେଶାଳୟ ଖୋଲାଯିବ। ଏତତ୍‌ବ୍ୟତୀତ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଥମ ଥର ପାଇଁ ସରକାରୀ ବିଜ୍ଞପ୍ତିଗୁଡ଼ିକ ସଂସ୍କୃତରେ ଛାପିବା ଆରମ୍ଭ କରିଛନ୍ତି। ତାଙ୍କ କାର୍ଯ୍ୟାଳୟ ଟୁଇଟର ଆକାଉଣ୍ଟରୁ ସେ ସଂସ୍କୃତରେ ଟୁଇଟ୍ ମଧ୍ୟ କରିଛନ୍ତି।

# ୧.୫ ଲକ୍ଷ ଟପିଲା ଦୈନିକ ସଂକ୍ରମଣ


କରୋନା ସଂକ୍ରମଣ ବଢ଼ି ଚାଲିଥିବାବେଳେ ରବିବାର ଚେନ୍ନାଇସ୍ଥିତ ମାରିନା ବିଚ୍‌ର ଜନଶୂନ୍ୟ ଦୃଶ୍ୟ।

### ଭୂତାଣୁ ମାଡୁଛି

ଟିକାକରଣ ସତ୍ତ୍ୱେ ମହାମାରୀ କରୋନାର ସଂକ୍ରମଣ ତୀବ୍ରତାକୁ ରୋକିପାରିନାହିଁ ବିଶ୍ୱ। ସାରା ପୃଥିବୀରେ ରବିବାର ରାତି ସୁଦ୍ଧା ଭୂତାଣୁ ୧୩୬,୨୯୧,୮୦୨ ଜଣଙ୍କୁ ସଂକ୍ରମିତ କରି ୨,୯୪୨,୪୬୮ ଜଣଙ୍କ ଜୀବନ ନେଇଛି। ଆମେରିକାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୧,୮୭୨,୯୩୪ ଥିବାବେଳେ ୫୭୫,୬୧୦ ଜଣଙ୍କ ମୃତ୍ୟୁ ଘଟିଲାଣି। ସେହିପରି ଭାରତରେ ସଂକ୍ରମିତଙ୍କ ସଂଖ୍ୟା ୧୩,୪୪୪,୮୪୪ ଛୁଇଁଥିବାବେଳେ ୧୬୯,୬୫୧ ଆକ୍ରାନ୍ତ ହୋଇ ପ୍ରାଣ ହରାଇଲେଣି। ବ୍ରାଜିଲରେ କରୋନା ୧୩,୪୪୫,୦୦୬ ଜଣଙ୍କୁ ସଂକ୍ରମିତ କରିବା ସହ ୩୫୧,୪୬୯ ଜଣଙ୍କ ଜୀବନ ନେଲାଣି। ତଥାପି ଜୈର ବଲସୋନାରୋ ସରକାର ଲକ୍‌ଡାଉନ୍ ଜାରି କରୁ ନ ଥିବାରୁ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ବ୍ରାଜିଲବାସୀ।

■ସକ୍ରିୟ ମାମଲା ୧୧ ଲକ୍ଷରୁ ଅଧିକ

■୫ ରାଜ୍ୟରେ ୭୦% ଆକ୍ଟିଭ୍ କେସ୍

**ନୂଆଦିଲ୍ଲୀ/ମୁମ୍ବାଇ, ୧୧।୪(ପି.ଟି.)**

ଦେଶରେ କରୋନାର ଦ୍ୱିତୀୟ ଲହର ଭୟଙ୍କର ଭାବେ ମାଡ଼ିଚାଲିଛି। ଦିନକରେ ୧,୫୨,୮୭୯ ପଜିଟିଭ୍ ଚିହ୍ନଟ ହେବା ଫଳରେ ଆଉ ଏକ ରେକର୍ଡ ସୃଷ୍ଟି ହୋଇଛି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୩୩,୫୮,୮୦୫ରେ ପହଞ୍ଚିଛି। ମହାମାରୀ ଆରମ୍ଭଠାରୁ ପ୍ରଥମ ଥର ପାଇଁ ଦେଶରେ ସକ୍ରିୟ ମାମଲା ସଂଖ୍ୟା ୧୧ ଲକ୍ଷ ଅତିକ୍ରମ କରିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ସେହିପରି ଦିନକରେ ୮୩୯ ଜଣଙ୍କ ମୃତ୍ୟୁ ସହ ମୋଟ କରୋନା ଜନିତ ମୃତ୍ୟୁସଂଖ୍ୟା ୧,୬୯,୧୭୫ ହୋଇଛି।

କ୍ରମାଗତ ୩୨ ଦିନ ଧରି ସଂକ୍ରମଣ ବଢ଼ିଚାଲିଥିବାବେଳେ ସକ୍ରିୟ ମାମଲା ସଂଖ୍ୟା ୧୧,୦୮,୦୮୭ରେ ପହଞ୍ଚିଛି। ଏହା ମୋଟ ସଂକ୍ରମଣର ୮.୨୯ ପ୍ରତିଶତ। ଆରୋଗ୍ୟ ହାର ୯୦.୪୪ ପ୍ରତିଶତକୁ ହ୍ରାସ ପାଇଛି। ମହାରାଷ୍ଟ୍ର, ଛତିଶଗଡ଼, କର୍ଣ୍ଣାଟକ, ଉତ୍ତରପ୍ରଦେଶ ଓ କେରଳରେ ସକ୍ରିୟ ମାମଲା ମୋଟ ସଂଖ୍ୟାର ୭୦.୮୨ ପ୍ରତିଶତ। କେବଳ ମହାରାଷ୍ଟ୍ରରେ ୪୮.୫୭% ସକ୍ରିୟ ମାମଲା ରହିଛି। ୧୦ଟି ରାଜ୍ୟରେ ସଂକ୍ରମଣ ଦ୍ରୁତ ବୃଦ୍ଧି ପାଉଛି। ସେହି ରାଜ୍ୟଗୁଡ଼ିକ ହେଲେ ମହାରାଷ୍ଟ୍ର, ଛତିଶଗଡ଼, ଉତ୍ତରପ୍ରଦେଶ, ଦିଲ୍ଲୀ, କର୍ଣ୍ଣାଟକ, କେରଳ, ତାମିଲନାଡୁ, ଗୁଜରାଟ, ମଧ୍ୟପ୍ରଦେଶ ଓ ରାଜସ୍ଥାନ। ଦୈନିକ ସଂକ୍ରମଣର ୮୦.୯୨ ପ୍ରତିଶତ ଏହି ରାଜ୍ୟରୁ ଆସୁଥିବା ଜଣାପଡ଼ିଛି।

ମହାରାଷ୍ଟ୍ରରେ ଦିନକରେ ସର୍ବାଧିକ ସଂକ୍ରମଣ ୬୩ ହଜାର ଅତିକ୍ରମ କରିଛି। ଛତିଶଗଡ଼ରେ ୧୪,୦୯୮ ଏବଂ ଉତ୍ତରପ୍ରଦେଶରେ ୧୫,୩୫୩ ରହିଛି। ରବିବାର ଦିଲ୍ଲୀରେ ରେକର୍ଡ ୧୦,୭୭୪ ନୂଆ ମାମଲା ଚିହ୍ନଟ ହୋଇଛି। ଜାତୀୟ ରାଜଧାନୀରେ ଗୋଟିଏ ଦିନରେ ଏହା ସର୍ବାଧିକ ସଂକ୍ରମଣ। ଏଥିସହିତ ୨୪ ଘଣ୍ଟାରେ ଦିଲ୍ଲୀରେ ୪୮ ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

### ୧୪ ପରେ ଲକ୍‌ଡାଉନ ନିଷ୍ପତ୍ତି

ମହାରାଷ୍ଟ୍ରରେ ଜଟିଳ ସ୍ଥିତି ସୃଷ୍ଟି କରିଥିବା କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ପାଇଁ ମହାବିକାଶ ଅଘାଡ଼ି ସରକାର ଆସନ୍ତା ୧୪ ତାରିଖ ପରେ ଲକ୍‌ଡାଉନ୍ ସମ୍ପର୍କିତ ନିଷ୍ପତ୍ତି ନେବେ। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଶାସକ ମେଣ୍ଟ ଓ ବିରୋଧୀ ଭାଜପା ନେତାମାନଙ୍କ ସହ ବୈଠକ କରିବା ପରେ ଏହି ନିଷ୍ପତ୍ତି ନେଇଥିବା ରବିବାର ସ୍ୱାସ୍ଥ୍ୟମନ୍ତ୍ରୀ ରାଜେଶ ଟୋପେ ସୂଚନା ଦେଇଛନ୍ତି। ମିଳିଥିବା ସୂଚନାନୁସାରେ ରାଜ୍ୟରେ ୧୫ ଦିନିଆ ଲକ୍‌ଡାଉନ୍ ଘୋଷଣା କରାଯିବ। ଏହାର ରୂପରେଖ ଓ କାର୍ଯ୍ୟ ଯୋଜନା ସୋମବାର ପ୍ରସ୍ତୁତ କରାଯିବ। ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାର ଟାସ୍କଫୋର୍ସ ଗଠନ ଏବଂ ଏସ୍‌ଓପି ପ୍ରସ୍ତୁତି ନେଇ ବୈଠକ କରିବେ।



## ୱାଜେଙ୍କ ସହଯୋଗୀ ରିୟାଜ ଗିରଫ

**ମୁମ୍ବାଇ, ୧୧।୪:** ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ବାସଭବନ ଆଣ୍ଟିଲିଆ ନିକଟରୁ ବିସ୍ଫୋରକ ଭର୍ତ୍ତି ସ୍କର୍ପିଓ ଜବତ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ରବିବାର ନିଲମ୍ବିତ ପୋଲିସ ଅଧିକାରୀ ସଚିନ ୱାଜେଙ୍କ ସହଯୋଗୀ ରିୟାଜ କାଜିଙ୍କୁ ଗିରଫ କରିଛି। ଆସିଷ୍ଟାଣ୍ଟ ପୋଲିସ ଇନ୍ସପେକ୍ଟର କାଜିଙ୍କୁ ଏନ୍‌ଆଇଏ ରବିବାର ଜେରା ପାଇଁ ଡାକି ପରେ ଗିରଫ କରିଥିଲା।

## ଅକ୍ଟୋବର ସୁଦ୍ଧା ଆଉ ୫ ଟିକା

**ନୂଆଦିଲ୍ଲୀ, ୧୧।୪**

ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଭାରତରେ ଆଉ ୫ଟି କୋଭିଡ୍ ଟିକା ଉପଲବ୍ଧ ହୋଇପାରେ। ଦେଶରେ କରୋନା ସଂକ୍ରମଣ ଦ୍ରୁତ ବେଗରେ ବଢ଼ିଚାଲିଥିବାରୁ ଟିକା ସଂଖ୍ୟା ବଢ଼ାଇବା ପାଇଁ କେନ୍ଦ୍ର ସରକାର ଯୋଜନା କରୁଥିବା ଜଣାପଡ଼ିଛି। ଭାରତରେ ଏବେ ସିରମ୍ ଇନ୍‌ଷ୍ଟିଚ୍ୟୁଟ ପ୍ରସ୍ତୁତ କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭାକ୍ସିନ ଟିକା ଉପଲବ୍ଧ ହେଉଛି। ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ସୁଦ୍ଧା ଆଉ ୫ଟି ଟିକା ବଜାରକୁ ଆସିଯିବ। ସେହି ଟିକାଗୁଡ଼ିକ ହେଲା ସ୍ପୁଟ୍‌ନିକ ଭି, ଜନ୍‌ସନ ଆଣ୍ଡ ଜନ୍‌ସନ, ନୋଭାଭାକ୍ସ, ଜାଇଡସ୍ କାଡିଲା ପ୍ରସ୍ତୁତ ଭାକ୍ସିନ ଏବଂ ଭାରତ ବାୟୋଟେକ୍‌ର ଇଣ୍ଟ୍ରାନାଜାଲ ଭାକ୍ସିନ। ରୁଷିଆର ସ୍ପୁଟ୍‌ନିକ ଟିକା ଭାରତରେ ଡ. ରେଡ୍ଡିସ୍ କମ୍ପାନୀ ସହ ମିଳିତ ଉଦ୍ୟୋଗରେ ପ୍ରସ୍ତୁତ ହେବ। ଆଗାମୀ ୧୦ ଦିନ ମଧ୍ୟରେ ସ୍ପୁଟନିକ୍ ଭି ଟିକାକୁ ସରକାର ମଞ୍ଜୁରୀ ଦେବାକୁ ଯାଉଥିବା ଏକ ଉଚ୍ଚସ୍ତରୀୟ ସୂତ୍ରରୁ ଜଣାପଡ଼ିଛି। ଏହି ଟିକା ୯୨ ପ୍ରତିଶତ ଫଳପ୍ରଦ ବୋଲି ଦାବି କରାଯାଇଛି।

## ରେମଡେସିଭିର ରପ୍ତାନି ବନ୍ଦ

**ନୂଆଦିଲ୍ଲୀ, ୧୧।୪**




ଦେଶରେ କୋଭିଡ୍-୧୯ ସ୍ଥିତିରେ ଉନ୍ନତି ଆସିବା ପର୍ଯ୍ୟନ୍ତ ସରକାର ରେମଡେସିଭିର ଇଞ୍ଜେକଶନ ରପ୍ତାନି ଉପରେ ନିଷେଧାଦେଶ ଲଗାଇଛନ୍ତି। ଔଷଧର ଷ୍ଟକିଷ୍ଟ, ଡିଷ୍ଟ୍ରିବ୍ୟୁଟରମାନଙ୍କ ସବିଶେଷ ତଥ୍ୟ ରେମଡେସିଭିର ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ସେମାନଙ୍କ ୱେବସାଇଟରେ ପ୍ରଦର୍ଶିତ କରିବାକୁ ପରାମର୍ଶ ଦିଆଯାଇଛି। ଡ୍ରଗ୍ସ ଇନ୍ସପେକ୍ଟର ଓ ଅନ୍ୟ ଅଧିକାରୀମାନଙ୍କୁ ଷ୍ଟକ୍ ଯାଞ୍ଚ କରିବା ସହ ମହଜୁଦ୍ ଓ କଳାବଜାର ରୋକିବା ଲାଗି କୁହାଯାଇଛି। ଏଥିସହିତ ରେମଡେସିଭିର ଉତ୍ପାଦନ ବଢ଼ାଇବା ଲାଗି ସରକାର କମ୍ପାନୀଗୁଡ଼ିକ ସହ ଆଲୋଚନା କରୁଛନ୍ତି। ଦେଶରେ ସକ୍ରିୟ ମାମଲା ସଂଖ୍ୟା ରବିବାର ୧୧.୦୮ ଲକ୍ଷରେ ପହଞ୍ଚିବା ସହ କ୍ରମାଗତ ଭାବେ ବଢ଼ିଚାଲିଥିବାରୁ ରେମଡେସିଭିର ଇଞ୍ଜେକ୍ସନ ଚାହିଦା ହଠାତ ବଢ଼ିଯାଇଛି। କରୋନା ଚିକିତ୍ସା ପାଇଁ ଉଦ୍ଦିଷ୍ଟ ଏହି ଇଞ୍ଜେକ୍ସନ ୭ଟି ଭାରତୀୟ କମ୍ପାନୀ ଉତ୍ପାଦନ କରୁଛନ୍ତି।

## ପୋଲିସ ପୁଅର ମୃତ୍ୟୁ ଖବର ପାଇ ମା'ଙ୍କ ଜୀବନ ଗଲା

**ପାଟନା, ୧୧।୪:** ଏକ ଚୋରି ମାମଲାର ତଦନ୍ତ ପାଇଁ ପଶ୍ଚିମବଙ୍ଗ ଯାଇଥିବା ବିହାର କିଶନଗଞ୍ଜ ପୋଲିସ ଏସ୍‌ଏଚ୍‌ଓ ଅଶ୍ୱିନୀ କୁମାରଙ୍କୁ ଶନିବାର ପିଟି ହତ୍ୟା କରାଯାଇଥିବା ଖବର ଶୁଣିବା ପରେ ତାଙ୍କ ମା'ଙ୍କ ମୃତ୍ୟୁ ଘଟିଛି। ଅଶ୍ୱିନୀଙ୍କ ମୃତ୍ୟୁ ଖବର ପାଇ ମା' ଊର୍ମିଳା ଦେବୀ(୭୦) ଚେତା ହରାଇଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଶ୍ୱିନୀ ପଶ୍ଚିମବଙ୍ଗର ଉତ୍ତର ଦିନାଜପୁରରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପହଞ୍ଚିଥିବାବେଳେ ସେଠାରେ ଶତାଧିକ ଲୋକେ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ଅଶ୍ୱିନୀଙ୍କ ମୃତ୍ୟୁ ହୋଇଥିଲା। ଚଢ଼ାଉବେଳେ ସ୍ଥାନୀୟ ପୋଲିସ ତାଙ୍କୁ ସହଯୋଗ କରି ନ ଥିବା ଏବଂ ଟିମ୍‌ରେ ଥିବା ଅନ୍ୟ ପୋଲିସ ଘଟଣାସ୍ଥଳରୁ ଦୌଡ଼ି ପଳାଇଯାଇଥିବା ଅଭିଯୋଗ ହୋଇଛି। କର୍ତ୍ତବ୍ୟରେ ଅବହେଳା ପାଇଁ ୭ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିବା କିଶନଗଞ୍ଜ ଏସ୍‌ପି କହିଛନ୍ତି।

## 'ସ୍ୱସ୍ତିକ'କୁ ଅବୈଧ କରିବା ଲାଗି ଆମେରିକାରେ ବିଲ୍

**ୱାଶିଂଟନ, ୧୧।୪**

### ହିନ୍ଦୁ ସଂଗଠନର ପ୍ରତିବାଦ

ମାଙ୍ଗଳିକ ଓ ଆଧ୍ୟାତ୍ମିକତାର ପ୍ରତୀକ ସ୍ୱସ୍ତିକକୁ ବେଆଇନ କରିବା ଲାଗି ଆମେରିକାର ମେରିଲାଣ୍ଡ ପ୍ରତିନିଧି ସଭା ଏକ ବିଲ୍ ଗୃହୀତ କରିବାକୁ ଉଦ୍ୟମ ଚଳାଇଥିବାବେଳେ ଏହା ବିରୋଧରେ ସେଠାର ହିନ୍ଦୁ ସଂଗଠନ 'ହିନ୍ଦୁ ଆମେରିକାନ୍ ଫାଉଣ୍ଡେଶନ' (ଏଚ୍‌ଏଏଫ୍) ଅଣ୍ଟା ଭିଡ଼ିଛି। ସେମାନେ ଆମେରିକୀୟମାନଙ୍କୁ ସ୍ୱସ୍ତିକ ଚିହ୍ନର ମହତ୍ତ୍ୱ ସମ୍ପର୍କରେ ବୁଝାଇବା ପାଇଁ ଅଭିଯାନ ଆରମ୍ଭ କରିଛନ୍ତି। ଠିକ୍ ଭାବେ ଲେଖାଯାଇ ନ ଥିବା ଉକ୍ତ ବିଲ୍ ହିନ୍ଦୁମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ଉକ୍ତ ସଂଗଠନ ଯୁକ୍ତି ବାଢ଼ିଛି। ଏହା ଦ୍ୱାରା ହିନ୍ଦୁ ପରିବାର ଓ ଧର୍ମସ୍ଥାନଗୁଡ଼ିକ ଟାର୍ଗେଟର ସମ୍ମୁଖୀନ ହୋଇପାରେ ବୋଲି ଏଚ୍‌ଏଏଫ୍ କହିଛି। ସ୍ୱସ୍ତିକ ଘୃଣାର ପ୍ରତୀକ ବୋଲି ଉକ୍ତ ବିଲ୍‌ରେ ଭୁଲ୍ ସଂଜ୍ଞା ଦିଆଯାଇ ସ୍କୁଲ୍, ପୋଷାକ, ବହି, ବ୍ୟାଗ୍ ଇତ୍ୟାଦିରେ ଏହାର ପ୍ରଦର୍ଶନ ନିଷେଧ କରିବାକୁ କୁହାଯାଇଛି।

ପୂର୍ବରୁ ନ୍ୟୁୟର୍କ ଅନୁରୂପ ବିଲ୍ ଆଣିଥିଲା। ଏହାକୁ ରୋକିବାରେ ଏଚ୍‌ଏଏଫ୍ ସଫଳ ହୋଇଥିଲା। ସ୍ୱସ୍ତିକ ହିନ୍ଦୁ, ଶିଖ୍, ଜୈନ ଓ ବୌଦ୍ଧ ଧର୍ମର ପ୍ରତୀକ ଭାବେ ବ୍ୟବହୃତ ହୋଇଥାଏ ବୋଲି ଏଚ୍‌ଏଏଫ୍ ଆଇନ ପ୍ରଣେତାମାନଙ୍କୁ ବୁଝାଇ ଦେଇଥିଲା। ଏବେ ଅନ୍ୟ ରାଜ୍ୟରେ ସ୍ୱସ୍ତିକକୁ ନିଷେଧ କରିବା ଲାଗି ବିଲ୍ ଆସୁଛି, ଯେଉଁଥିରେ ଉକ୍ତ ଚିହ୍ନକୁ ଘୃଣା ଓ ଅପରାଧର ପ୍ରତୀକ ଭାବେ ଦର୍ଶାଯାଉଥିବା ହିନ୍ଦୁ ସଂଗଠନ କହିଛି।


**ନୂଆଦିଲ୍ଲୀ:** ଯମୁନା ନଦୀରେ ବିଷାକ୍ତ ଫେଣ ଭାସୁଥିବାବେଳେ ମୁହାଣରେ ବସିଛନ୍ତି ଜଣେ ଛୋଟ ପିଲା।

## ୟୁଏଇ ହେଲିକପ୍ଟରର ଜରୁରୀ ଅବତରଣ



**କୋଚି, ୧୧।୪**

ୟୁଏଇର ଲୁଲୁ ଗ୍ରୁପ୍ ଅଧ୍ୟକ୍ଷ ଶିଳ୍ପପତି ଏମ୍.ଏ. ୟୁସୁଫ୍ ଅଲି, ତାଙ୍କ ସ୍ତ୍ରୀ ଓ ଅନ୍ୟ ୫ ଜଣଙ୍କୁ ଆଣି ଆସିଥିବା ଏକ ହେଲିକପ୍ଟର ରବିବାର ସକାଳେ କୋଚି ନିକଟସ୍ଥ ଜାତୀୟ ରାଜପଥ ୬୬ ପାର୍ଶ୍ୱରେ ଥିବା ଏକ କର୍ଦ୍ଦମାକ୍ତ ସ୍ଥାନରେ ଜରୁରୀ ଅବତରଣ କରିଛି। ହେଲିକପ୍ଟରରେ ଥିବା ସମସ୍ତ ଯାତ୍ରୀ ଓ ପାଇଲଟ ସାମାନ୍ୟ ଆହତ ହୋଇଥିବାରୁ ସେମାନଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଲୁଲୁ ଗ୍ରୁପ୍‌ର ଏହି ହେଲିକପ୍ଟରରେ ବୈଷୟିକ ତ୍ରୁଟି ଦେଖାଦେବାରୁ ସକାଳ ୮ଟା ୩୦ରେ ପାଇଲଟ ଏହାକୁ ପାଣି କାଦୁଅ ସ୍ଥାନରେ ଅବତରଣ କରାଇବାକୁ ବାଧ୍ୟ ହୋଇଥିଲେ।

## କୁଚ୍‌ବିହାର କାଣ୍ଡ ପ୍ରାୟୋଜିତ ଗଣହତ୍ୟା: ମମତା

**ସିଲିଗୁଡ଼ି/କୋଲକାତା, ୧୧।୪**





### ହିଂସାକୁ ଉସୁକାଇଥିଲେ ଟିଏମ୍‌ସି ନେତ୍ରୀ: ଶାହା

କୁଚ୍‌ବିହାର ଗୁଳିକାଣ୍ଡ ଉଦ୍ଦେଶ୍ୟମୂଳକ ହତ୍ୟାକାଣ୍ଡ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରବିବାର କହିଛନ୍ତି। ନିର୍ବାଚନ କମିଶନ ସତ୍ୟକୁ ଚାପି ଦେଇଥିବା ଅଭିଯୋଗ କରି ସେ ଏହାର କଡ଼ା ସମାଲୋଚନା କରିଛନ୍ତି। ମତଦାନ ବେଳେ ଧାଡ଼ିରେ ଛିଡ଼ା ହୋଇଥିବା ନିରୀହ ଭୋଟରଙ୍କ ଉପରେ କେନ୍ଦ୍ରୀୟ ସୁରକ୍ଷା ବଳର ଗୁଳି ଚାଳନା ଘଟଣା ପାଇଁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ସମାଲୋଚନା କରିବା ସହ ସେମାନେ ଅଯୋଗ୍ୟ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଶନିବାର କୁଚ୍‌ବିହାର ଜିଲାର ଏକ ବୁଥ୍‌ରେ ମତଦାନ ଚାଲିଥିବାବେଳେ ଭୁଲ୍ ବୁଝାମଣାକୁ ନେଇ ସ୍ଥାନୀୟ ଲୋକେ ସିଆଇଏସ୍‌ଏଫ୍ ଯବାନଙ୍କୁ ଆକ୍ରମଣ କରିବା ସହ ସେମାନଙ୍କଠାରୁ ରାଇଫଲ ଛଡ଼ାଇନେବାକୁ ଉଦ୍ୟମ କରିବାରୁ ସେମାନେ ଗୁଳି ଚଳାଇଥିଲେ। ଯବାନଙ୍କ ଗୁଳିରେ ୪ ଜଣଙ୍କର ମୃତ୍ୟୁ ଘଟିଥିଲା। ରବିବାରକୁ କଳା ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିବା ମମତା କହିଥିଲେ। ସିଆଇଏସ୍‌ଏଫ୍ କାର୍ଯ୍ୟକୁ ନିର୍ବାଚନ କମିଶନ (ଇସି) ସମର୍ଥନ କରିଥିଲେ। ଆତ୍ମରକ୍ଷା ପାଇଁ ସେମାନେ ଗୁଳି ଚଳାଇଥିବା ଇସି ଶନିବାର କହିଥିଲେ। କେନ୍ଦ୍ରୀୟ ସୁରକ୍ଷା ବଳ ପଶ୍ଚିମବଙ୍ଗରେ ଭୋଟରମାନଙ୍କୁ ହଇରାଣ କରୁଥିବା ମମତା ଅଭିଯୋଗ କରିଆସୁଛନ୍ତି।

ଅନ୍ୟପକ୍ଷରେ ଅମିତ୍ ଶାହା କହିଛନ୍ତି, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ହିଂସାକାଣ୍ଡ ସୃଷ୍ଟି ପାଇଁ ଲୋକଙ୍କୁ ଉସୁକାଇଥିଲେ। ସୁରକ୍ଷା ବଳକୁ ଟାର୍ଗେଟ କରିବା ଲାଗି ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ, ଯେଉଁଥିପାଇଁ କୁଚ୍‌ବିହାରର ସିତଲକୁଚି ମତଦାନ କେନ୍ଦ୍ରରେ ହିଂସାକାଣ୍ଡ ଘଟିଲା। ଏବେ ହତ୍ୟାକାଣ୍ଡକୁ ରାଜନୀତିକରଣ କରାଯାଉଛି ବୋଲି ଶାହା ଶାନ୍ତିପୁରଠାରେ ଏକ ରାଲିକୁ ସମ୍ବୋଧନ କରି କହିଛନ୍ତି। ଆଗାମୀ ପର୍ଯ୍ୟାୟରେ ଶାନ୍ତିପୂର୍ଣ୍ଣ ଭାବେ ଭୋଟ ଦେବା ପାଇଁ ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୩,୬୩,୬୫,୩୧୧ | ୨୯,୪୨,୯୬୩ | ୧୦,୯୬,୪୯,୧୮୨ |
| ଭାରତ | ୧,୩୫,୧୧,୨୫୮ | ୧,୭୦,୦୫୯ | ୧,୨୧,୪୬,୭୨୫ |
| ଓଡ଼ିଶା | ୩,୪୯,୫୬୧ | ୧୯୨୬(+୫୩) | ୩,୪୦,୦୭୨ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ତଳମୁହାଁ ଅର୍ଥନୀତି, ଘରମୁହାଁ ପ୍ରବାସୀ



**ନୂଆଦିଲ୍ଲୀ/ମୁମ୍ବାଇ,୧୧।୪**

କରୋନା ଭୂତାଣୁର ଦ୍ୱିତୀୟ ଲହର ପ୍ରଥମଠାରୁ ଆହୁରି ଘାତକ ହେବ ବୋଲି ଆଶଙ୍କା କରାଯାଉଥିବାବେଳେ ଭାରତର ଟିକାକରଣ ହାର ଅନ୍ତର୍ଜାତୀୟ ସ୍ତରରେ ପଛରେ ପଡ଼ିଯାଇଛି। ଟିକା ଯୋଗାଣ ଅଭାବରୁ ବଣ୍ଟନରେ ଅସୁବିଧା ଏବଂ ଏହାକୁ ନେଇ ଚାଲିଥିବା ରାଜନୀତି ମହାମାରୀଜନିତ ବୋଝକୁ ବଢ଼ାଇଦେଇଛି। ଅଣଭାଜପା ଶାସିତ ରାଜ୍ୟଗୁଡ଼ିକ କେନ୍ଦ୍ରକୁ କୋଭିଡ୍-୧୯ ଭାକ୍ସିନ ମାଗୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପ୍ରିଲ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଟିକା ଉତ୍ସବ ପାଳନ କରିବାକୁ ମୁଖ୍ୟମନ୍ତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏଠାରେ ପ୍ରଶ୍ନ ଉଠେ, ଯେଉଁ ରାଜ୍ୟ ପାଖରେ ଭାକ୍ସିନ ନିଅଣ୍ଟ ହେବାରୁ ଟିକାଦାନ କେନ୍ଦ୍ରଗୁଡ଼ିକୁ ବନ୍ଦ କରିବାକୁ ପଡୁଛି, ସେହି ରାଜ୍ୟ କିପରି ପାଳିବ ଟିକା ଉତ୍ସବ? ଅନେକ ବିତରଣ କେନ୍ଦ୍ରରେ ଟିକା ନ ଥିବାରୁ ଲୋକେ ନିରାଶ ହୋଇ ଫେରୁଛନ୍ତି। ଏହାସତ୍ତ୍ୱେ ଭାରତ ଟିକା ରପ୍ତାନି ବନ୍ଦ କରିନାହିଁ ବୋଲି କେନ୍ଦ୍ର ସରକାର ବାରମ୍ବାର ସଫେଇ ଦେଉଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଉପଲବ୍ଧ ତଥ୍ୟାନୁସାରେ ଭାରତରେ ଅଦ୍ୟାବଧି ୧୦ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀ ଟିକା ନେଇସାରିଛନ୍ତି। ସେହିପରି ଅନ୍ୟ ୮୫ ଦେଶକୁ ପ୍ରାୟ ୭ କୋଟି ଡୋଜ୍ ଟିକା ପଠାଇସାରିଲାଣି। ଏମିତିରେ କଂଗ୍ରେସ, ଆମ୍ ଅଦ୍‌ମୀ ପାର୍ଟି (ଏଏପି), ଶିବସେନା ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ପରାମର୍ଶ ଦେଉଛନ୍ତି, ଦେଶରେ ସମସ୍ତ ଲୋକଙ୍କୁ ମାଗଣାରେ ଟିକା ବଣ୍ଟନ କରାଯାଉ। ଟିକା ଗ୍ରହଣ ପାଇଁ କୌଣସି ବୟସ ସୀମା ନ ରହୁ। କେନ୍ଦ୍ର ସରକାର ତୁରନ୍ତ ଦେଶ ବାହାରକୁ ଟିକା ରପ୍ତାନି ବନ୍ଦ କରନ୍ତୁ। କାରଣ ଯେଉଁ ଭାକ୍ସିନକୁ ୧୩୦ କୋଟି ଭାରତୀୟ ବିଶଲ୍ୟକରଣୀ ମନେକରି ଅନେଇ ବସିଥିଲେ; ରାଜନୈତିକ ସ୍ୱାର୍ଥ, ଲାଭଖୋର ମନୋବୃତ୍ତି ଓ ବିତରଣଜନିତ ତ୍ରୁଟି ସେମାନଙ୍କ ଆଶାରେ ପାଣି ପକାଇଦେଇଛି। ଧୂଳିସାତ ହୋଇଯାଇଛି ଲୋକଙ୍କ ସୁଦିନ ଫେରିବାର ସ୍ୱପ୍ନ।

କ୍ରେଡିଟ୍ ରେଟିଂ ଏଜେନ୍ସି କେୟାର ରେଟିଙ୍ଗ୍ସ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ବିକାଶ ହାର ୨୦୨୧-୨୨ ଆର୍ଥିକ ବର୍ଷରେ ୧୧-୧୧.୨% ରହିବ ବୋଲି ପୂର୍ବରୁ ଆକଳନ କରିଥିଲା। ଉକ୍ତ ସଂସ୍ଥା ଶୁକ୍ରବାର ସଂଶୋଧିତ ଆକଳନ ପ୍ରକାଶ କରି କହିଛି ଯେ ଏହା ୧୦.୭%ରୁ ୧୦.୯% ମଧ୍ୟରେ ସୀମିତ ରହିବ। ଏହି ଦୃଷ୍ଟିରୁ ବିଚାର କଲେ କରୋନାର ଦ୍ୱିତୀୟ ଲହର ଆର୍ଥିକ କ୍ଷତି ପାଇଁ ମଧ୍ୟ ଦ୍ୱିତୀୟ ପ୍ରବାହ ନେଇ ଆସିଛି। ଭାରତର ଜିଡିପି ପ୍ରତି ୧୫% ଅବଦାନ ଥିବା ସବୁଠୁ ଧନୀ ରାଜ୍ୟ ମହାରାଷ୍ଟ୍ରରେ କୋଭିଡ୍-୧୯ ନୂଆ ନିୟମ ଲାଗୁ କରାଯାଇଛି। ଉଦ୍ଧବ ଠାକ୍‌ରେ ସରକାର ଏପ୍ରିଲ ୩୦ ପର୍ଯ୍ୟନ୍ତ ମଲ୍, ସିନେମା ହଲ୍ ଓ ସେଲୁନଗୁଡ଼ିକୁ ବନ୍ଦ କରିଦେଇଛନ୍ତି। ନାଇଟ୍ କର୍ଫ୍ୟୁ ସହ ସପ୍ତାହାନ୍ତ ଲକ୍‌ଡାଉନ୍ ଜାରି କରାଯାଇଛି। ସଂକ୍ରମଣ ଯେଉଁ ବେଗରେ ବଢ଼ିଚାଲିଛି, ତା'ର ମୁକାବିଲା ପାଇଁ ଖୁବ୍‌ଶୀଘ୍ର ୨୪ ଘଣ୍ଟିଆ ଲକ୍‌ଡାଉନ୍ ମଧ୍ୟ ଜାରି ହୋଇପାରେ। ତେବେ ଏପ୍ରିଲ ୫ରୁ ମହାରାଷ୍ଟ୍ରରେ ଲାଗୁ ହୋଇଥିବା କୋଭିଡ୍ କଟକଣା ଚଳିତ ଆର୍ଥିକବର୍ଷ ଶେଷ (୨୦୨୨ ମାର୍ଚ୍ଚ) ସୁଦ୍ଧା ଭାରତୀୟ ଅର୍ଥନୀତିକୁ ୪୦,୦୦୦ କୋଟି ଟଙ୍କାରୁ ଅଧିକ କ୍ଷତି ପହଞ୍ଚାଇପାରେ ବୋଲି ଅନୁମାନ କରାଯାଉଛି। କେବଳ ମହାରାଷ୍ଟ୍ର ନୁହେଁ, ଦିଲ୍ଲୀ, ପଞ୍ଜାବ, ଉତ୍ତର ପ୍ରଦେଶ, କର୍ଣ୍ଣାଟକ ଓ କେରଳ ଓ ଛତିଶଗଡ଼ ଭଳି କେତେକ ରାଜ୍ୟର ସରକାର ବିଭିନ୍ନ ସହରରେ ଆଂଶିକ ଲକ୍‌ଡାଉନ୍ ବା ଅନ୍ୟ କଟକଣା ଜାରି କଲେଣି। ସାମଗ୍ରିକ ଭାବେ ଦେଖିଲେ ଏସବୁ କରୋନା କଟକଣା ଭାରତୀୟ ଅର୍ଥନୀତି ପାଇଁ ଖରାପ ଖବର ଆଣିବାକୁ ଯାଉଛି। ଗତବର୍ଷ ସଂକ୍ରମଣ ଆରମ୍ଭ ହେବା ପରେ ଲକ୍‌ଡାଉନ୍, ଶଟ୍‌ଡାଉନ୍ ଆଦି ପଦକ୍ଷେପ ନିଆଯାଇଥିଲା। କଳ କାରଖାନା ବନ୍ଦ ହୋଇଯିବାରୁ ଆର୍ଥିକ ଗତିବିଧି ମଧ୍ୟ ଏକପ୍ରକାର ଠପ୍ ହୋଇଯାଇଥିଲା। ତାଲାବନ୍ଦ ପ୍ରଭାବରେ ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ କାମଧନ୍ଦା ହରାଇ ନିଜ ନିଜ ଗାଁକୁ ବାହୁଡ଼ିଥିଲେ। ଗାଁରେ କରୋନା ଭାଇରସ୍ ସଂକ୍ରମଣ ବୃଦ୍ଧି ପାଇଁ ସେତେବେଳେ ସେହି ଦାଦନ ଶ୍ରମିକମାନଙ୍କୁ ଦାୟୀ କରାଯାଇଥିଲା। ପାଦରେ ଚାଲି ଓ ସାଇକେଲରେ ଶହ ଶହ କିଲୋମିଟର ଯାତ୍ରା କରି ଗାଁକୁ ଫେରିଥିବା ପ୍ରବାସୀ ଶ୍ରମିକ ଓ ସେମାନଙ୍କ ମଧ୍ୟରୁ ମୃତାହତଙ୍କ ସଂଖ୍ୟା କେତେ ଥିଲା ସେ ସମ୍ପର୍କିତ ତଥ୍ୟ ସରକାରଙ୍କ ପାଖରେ ଏବେ ମଧ୍ୟ ନାହିଁ। ଗୋଟିଏ ପଟେ ଉତ୍ପାଦନ, ପରିବହନ ଓ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା, ଅନ୍ୟପଟେ ଲୋକଙ୍କ ପକେଟ ଖାଲି ହୋଇଯିବାରୁ ବ୍ୟୟ ସାମର୍ଥ୍ୟ ମଧ୍ୟ ବହୁ ପରିମାଣରେ ହ୍ରାସ ପାଇଥିଲା। କାରବାରରେ ତାଲା ପଡ଼ିବାରୁ ଦେଶର ଦୁର୍ବଳ ଅର୍ଥନୀତି ଗତ ଆର୍ଥିକ ବର୍ଷରେ ୭.୫% ସଙ୍କୁଚିତ ହୋଇଯାଇଥିଲା। ବିଗତ ୪ ଦଶନ୍ଧି ମଧ୍ୟରେ ଏହା ଥିଲା ଭାରତୀୟ ଅର୍ଥନୀତିର ସବୁଠୁ ଖରାପ ପ୍ରଦର୍ଶନ।




## କ'ଣ କହୁଛନ୍ତି ବିଶେଷଜ୍ଞ

ଏପ୍ରିଲ ପହିଲାରେ ନୂଆ ଆର୍ଥିକ ବର୍ଷ ଆରମ୍ଭ ହେବା ମାତ୍ରେ ମହାମାରୀର ପ୍ରାଦୁର୍ଭାବ ଆର୍ଥିକ ଗତିବିଧି ଉପରେ ବ୍ରେକ୍ ଲଗାଇବା ଆରମ୍ଭ କରିଛି। ପ୍ରତିଦିନ ସଂକ୍ରମିତ ଓ ମୃତକଙ୍କ ନୂଆ ସଂଖ୍ୟା ଓ ନୂତନ ରେକର୍ଡ କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ, ବରଂ ସମଗ୍ର ଦେଶର ଅର୍ଥ ବ୍ୟବସ୍ଥା ଆଗରେ ଚ୍ୟାଲେଞ୍ଜ ରୂପେ ଛିଡ଼ାହୋଇଛି। ମୁକାବିଲା ଲାଗି ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଜାରି କରିବାକୁ ବିରୋଧ କରିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୌମ୍ୟା ସ୍ୱାମୀନାଥନ୍। ଏହାର ପରିଣାମ ଭୟଙ୍କର ହେବ ବୋଲି ସେ ସତର୍କ କରାଇଛନ୍ତି। ଅକ୍ସଫୋର୍ଡ ୟୁନିଭର୍ସିଟିର ଅର୍ଥନୀତିଜ୍ଞମାନେ କୋଭିଡ୍‌ର ଲେଉଟାଣି ଭାରତୀୟ ଅର୍ଥନୀତିକୁ ଟ୍ରାକ୍‌ରୁ ଆହୁରି ତଳକୁ ଖସାଇଦେବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି। ଗ୍ଲୋବାଲ ଫୋରକାଷ୍ଟିଂ ଫାର୍ମ ଅକ୍ସଫୋର୍ଡ ଇକୋନୋମିକ୍ସ ପକ୍ଷରୁ କୁହାଯାଇଛି ଯେ, କୋଭିଡ୍-୧୯ ଭୂତାଣୁ ଲେଉଟିଥିବାରୁ ଭାରତ ପାଇଁ ଆଗାମୀ କିଛି ମାସ ଅତି ଗୁରୁତ୍ୱପୂର୍ଣ୍ଣ। ଫିଚ୍ ରେଟିଙ୍ଗ୍ସ ମଧ୍ୟ ଦ୍ୱିତୀୟ ଲହରକୁ ଭାରତର ଭଙ୍ଗୁର ଆର୍ଥିକ ରିକଭରି ଓ ବ୍ୟାଙ୍କଗୁଡ଼ିକ ପାଇଁ ବିପଦ ବୋଲି ଦର୍ଶାଇଛି। ଏହି ରେଟିଂ ସଂସ୍ଥା ୨୦୨୧-୨୨ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ହାର ୧୨.୮% ରହିବ ବୋଲି ଆକଳନ କରିଛି। କିନ୍ତୁ ଭାଇରସ୍ ସଂକ୍ରମଣର ବର୍ଦ୍ଧିତ ଗତି ଫିଚ୍‌ର ଭବିଷ୍ୟବାଣୀକୁ ଦୁର୍ବଳ କରିଦେଇଛି। ଏହି ହାର ୭.୫%ରୁ ୧୨.୫% ମଧ୍ୟରେ ରହିବ ବୋଲି ଗତ ମାର୍ଚ୍ଚ ୩୧ରେ ବିଶ୍ୱବ୍ୟାଙ୍କ ପୂର୍ବାନୁମାନ କରିଥିଲା। ଅନ୍ୟପକ୍ଷେ ଟିକାକରଣ ଓ ପୂର୍ବ ଅନୁଭୂତିକୁ ନେଇ ଅର୍ଥନୀତି ଏହି ସଙ୍କଟ ଏଡ଼ାଇବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଦୃଢ଼ୋକ୍ତି ବାଢ଼ିଛନ୍ତି।



## ଟିକା: ଉତ୍ସବ ବନାମ ସଙ୍କଟ

ଭୂତାଣୁର ନୂଆ ରୂପ ଆତଙ୍କ ସୃଷ୍ଟି କରିଛି ଦେଶ ଓ ବିଶ୍ୱରେ। ସଂକ୍ରମଣର ବର୍ଷକ ପରେ ମହାମାରୀ ମୁକାବିଲା ପାଇଁ ହାତରେ ଭାକ୍ସିନ ଅଛି ବୋଲି କେତେକାଂଶରେ ଆଶ୍ୱସ୍ତି ମିଳୁଥିଲା। ହେଲେ ଭାଇରସ୍‌ର ଦ୍ରୁତଗତିକୁ ରୋକି ନ ପାରିବା ଭାରତର ନେତୃବୃନ୍ଦଙ୍କ ଦୁର୍ବଳ ରାଜନୈତିକ ଇଚ୍ଛାଶକ୍ତି ଓ ବିଫଳତାକୁ ହିଁ ସୂଚାଉଛି। ଓଡ଼ିଶା, ମହାରାଷ୍ଟ୍ର, ରାଜସ୍ଥାନ ସମେତ ଅନେକ ରାଜ୍ୟ କେନ୍ଦ୍ର ସରକାରଙ୍କୁ ଟିକା ମାଗୁଛନ୍ତି। କେନ୍ଦ୍ର କହୁଛି ଭାକ୍ସିନ ଅଛି, ଦିଆଯାଉଛି ଆହୁରି ଦିଆଯିବ। କିନ୍ତୁ ପରିସଂଖ୍ୟାନ ଓଲଟା କଥା ଦର୍ଶାଉଛି। ଯାହା ବି ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ। ୨୫ ଲକ୍ଷ ଡୋଜ୍ ଟିକା ମାଗିଲେ କେନ୍ଦ୍ର ୨.୫ ଲକ୍ଷ ଦେଉଛି। ମହାରାଷ୍ଟ୍ର, ଓଡ଼ିଶା ଓ ରାଜସ୍ଥାନରେ ଥିବା ଟିକା ଆଉ ଦୁଇଦିନ ଯିବ। ସେହିପରି ପଞ୍ଜାବ ପାଖରେ ଥିବା ଭାକ୍ସିନ ୫ ଦିନ ଏବଂ ଦିଲ୍ଲୀର ଟିକା ସପ୍ତାହେ ମଧ୍ୟରେ ଶେଷ ହୋଇଯିବ। ଏହା ହେଉଛି 'ଟିକା ଉତ୍ସବ'ର ଅସଲ ଚିତ୍ର।

ସେପଟେ ଡବଲ ଡୋଜ୍ ପରେ ବି ଅନେକଙ୍କୁ କରୋନା ମାଡ଼ିବସୁଛି। ନିର୍ବାଚନୀ ସଭା, ଧର୍ମପୀଠ, ରେଳ ଷ୍ଟେଶନ, କୁମ୍ଭମେଳା, ହୋଲି ଆଦିକୁ ଦେଶରେ ସଂକ୍ରମଣ ବୃଦ୍ଧି ପାଇଁ ଦାୟୀ କରାଯାଉଛି। ସରକାର ଏସବୁରେ ଆଦୌ ଅଙ୍କୁଶ ଲଗାଇପାରି ନାହାନ୍ତି ବୋଲି ଅଧିକାଂଶ ଲୋକ କହୁଛନ୍ତି। ଓଡ଼ିଶା ପାଇଁ ପଡ଼ୋଶୀ ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶ ବିପଦ ସାଜିଥିବାବେଳେ ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇ ଭାଇରସ୍ ବିସ୍ତାରର ହଟ୍‌ସ୍ପଟ ପାଲଟିଛି। ସରକାର ମାନନ୍ତୁ କି ନ ମାନନ୍ତୁ ରେଲୱେ ସ୍ୱୀକାର କରୁ କି ନ କରୁ; ମୁମ୍ବାଇ ସମେତ ଦିଲ୍ଲୀ, ଚେନ୍ନାଇ ଓ ଅନ୍ୟ ବଡ଼ ସହରଗୁଡ଼ିକରୁ ଗାଁ ମୁହାଁ ହେବାରେ ଲାଗିଛନ୍ତି ପ୍ରବାସୀ। ହଜାର ହଜାର ଶ୍ରମିକ ଘରକୁ ଫେରୁଛନ୍ତି, ଯାହାଙ୍କ ବିକଳ ଚିତ୍ର ଗଣମାଧ୍ୟମରେ ପ୍ରକାଶ ପାଉଛି। ଠିକ୍ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା ବର୍ଷକ ତଳେ। ସେଇଠୁ ଆରମ୍ଭ ହୋଇଥିଲା ନଇଁପଡ଼ିଥିବା ଭାରତୀୟ ଅର୍ଥନୀତିର ସବୁଠୁ ଖରାପ ସମୟ। ଏବେ ପୁଣିଥରେ ସମାନ ଦୃଶ୍ୟ ବିଚଳିତ କରିଦେଉଛି ଦେଶବାସୀଙ୍କୁ। ହାତରେ ଦୁଇ ଦୁଇଟି ଟିକା ଥାଇ ମଧ୍ୟ ଭାରତର ଅର୍ଥନୀତି ଅଣ୍ଟା ସଳଖି ଛିଡ଼ାହେବାକୁ ଅକ୍ଷମ। ପୂର୍ବ ଆର୍ଥିକ କ୍ଷତ ନ ଶୁଖୁଣୁ ପୁଣି ଦୁର୍ଗତିର ଆତଙ୍କ। କେଉଁଠି ଚାକିରି ଚାଲିଯିବାର ଭୟ ତ ପୁଣି କେଉଁଠାରେ ଦେଖାଦେଲାଣି ଶ୍ରମଶକ୍ତିର ଘୋର ଅଭାବ। ଏସବୁ ଭିତରେ ଅର୍ଥନୀତିଜ୍ଞ ସତର୍କ କରାଉଛନ୍ତି 'ଆଗକୁ ଆହୁରି ସଙ୍କଟ'।



## ଦୁଇମୁଣ୍ଡିଆ ଶିଶୁକନ୍ୟା ଜନ୍ମ



**କେନ୍ଦ୍ରାପଡ଼ା ଅଫିସ/କଟକ ଅଫିସ, ୧୧।୪**

କେନ୍ଦ୍ରାପଡ଼ା ସହରର ଏକ ଘରୋଇ ନର୍ସିଂହୋମ୍‌ରେ ରବିବାର ଅସ୍ୱାଭାବିକ ଶିଶୁକନ୍ୟା ଜନ୍ମ ହୋଇଛି। ଉକ୍ତ ଶିଶୁକନ୍ୟାର ୨ ମୁଣ୍ଡ, ୩ ହାତ, ୪ ଆଖି ଏବଂ ୨ ଗୋଡ଼ ରହିଛି। ରାଜନଗର ବ୍ଲକ କଣି ଗ୍ରାମର ଉମାକାନ୍ତ ପରିଡ଼ାଙ୍କ ସ୍ତ୍ରୀ ଅମ୍ବିକା ପୂର୍ବାହ୍ନ ୧୧ଟାରେ ଏହି ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ଶିଶୁକୁ ତୁରନ୍ତ ନିକଟସ୍ଥ ଜିଲା ମୁଖ୍ୟ ଚିକିତ୍ସାଳୟ ଏସ୍‌ଏନ୍‌ସିୟୁ ଏବଂ ପରେ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଛି। ଶିଶୁଭବନର ପେଡିଆଟିକ୍ ନ୍ୟୁବର୍ନ ୱାର୍ଡ ଆଇସିୟୁ କ୍ୟାବିନ୍‌ରେ ଶିଶୁକୁ ରଖାଯାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି। ସୋମବାର ଏକ ସ୍ୱତନ୍ତ୍ର ଟିମ୍ ଶିଶୁର ଅବସ୍ଥା ଅନୁଧ୍ୟାନ କରିବ ବୋଲି ସୁପରିଣ୍ଟେଣ୍ଡେଣ୍ଟ ଜ୍ଞାନେନ୍ଦ୍ର ବେହେରା କହିଛନ୍ତି। ଅନ୍ୟପକ୍ଷରେ ଶିଶୁଙ୍କ ମା' ଅମ୍ବିକାଙ୍କ ସ୍ୱାସ୍ଥ୍ୟ ମଧ୍ୟ ଭଲ ଥିବା ଜଣାପଡ଼ିଛି। କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ବିଶେଷଜ୍ଞ ଡ. ଦେବାଶିଷ ସାହୁ କହିଛନ୍ତି ଯେ, ଏହା ହେଉଛି ଯୋଡ଼ି ହୋଇରହିଥିବା ଯାଆଁଳା ଶିଶୁ, ଯାହାକି ଏକ ବିରଳ ଜନ୍ମଗତ ବିଶୃଙ୍ଖଳା। ପେଟ ଓ ବକ୍ଷଦେଶ ଯୋଡ଼ି ହୋଇରହିଛି। ଛାତି, ପେଟ ଏବଂ ମେରୁଦଣ୍ଡର ଅଲଟ୍ରାସାଉଣ୍ଡ ପରେ ଶିଶୁର ପ୍ରକୃତ ଅବସ୍ଥା ଜାଣିହେବ ବୋଲି ଡ. ସାହୁ କହିଛନ୍ତି। ଅନ୍ୟପକ୍ଷରେ ଯୋଡ଼ା ଶିଶୁକନ୍ୟାର ବାପା ଉମାକାନ୍ତ କହିଛନ୍ତି ଯେ, ତାଙ୍କର ଆର୍ଥିକ ଅବସ୍ଥା ଅତି ଶୋଚନୀୟ। ସେ ମୂଲ ଲାଗିବା ସହ ପରିବା ବିକ୍ରି କରି ପରିବାର ଚଳାଉଛନ୍ତି। ଏପରି ସ୍ଥଳେ ପିଲାଟିର ଚିକିତ୍ସା ତାଙ୍କ ଦ୍ୱାରା ସମ୍ଭବ ନୁହେଁ। ସରକାର କିମ୍ବା କୌଣସି ବ୍ୟକ୍ତିବିଶେଷଙ୍କ ସହଯୋଗ ମିଳିଲେ ଶିଶୁର ଜୀବନ ବଞ୍ଚିବ ବୋଲି ସେ କହିଛନ୍ତି। ସୂଚନାଥାଉ କି, ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତାରେ କନ୍ଧମାଳର ଯୋଡ଼ାମୁଣ୍ଡ ଯାଆଁଳା ଶିଶୁ ଜଗା-କାଳିଆଙ୍କୁ ଅସ୍ତ୍ରୋପଚାର ମାଧ୍ୟମରେ ଅଲଗା କରିବାରେ ଦିଲ୍ଲୀ ଏମ୍‌ସର ଡାକ୍ତରମାନେ ସଫଳ ହୋଇଥିଲେ। ଦୀର୍ଘଦିନ ଧରି ଚିକିତ୍ସାଧୀନ ରହିବା ପରେ କାଳିଆର ନିକଟରେ ମୃତ୍ୟୁ ଘଟିଥିଲା। କିନ୍ତୁ ଜଗାର ସ୍ୱାସ୍ଥ୍ୟରେ ବହୁ ଉନ୍ନତି ଆସିଛି। ସେ ଏବେ କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ନିରୀକ୍ଷଣରେ ରହିଛି।



**ଆଜିର ମନ୍ତବ୍ୟ**

କୁଚବିହାର ଘଟଣାରେ ମମତା ଦିଦି ମୋ ଇସ୍ତଫା ଦାବି କରୁଛନ୍ତି। ଯଦି ପଶ୍ଚିମବଙ୍ଗ ଜନତା ଏପରି କରିବାକୁ କହିବେ ତେବେ ପଦ ଛାଡ଼ିବାକୁ ପ୍ରସ୍ତୁତ ଅଛି। **-ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସ୍ୱପ୍ନା
ପରିବାରବର୍ଗ


ପ୍ରତୀକ୍
ପରିବାରବର୍ଗ


ଦେବସ୍ମିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ୬ ପୋଲିସ କର୍ମଚାରୀ ...

ବିଭିନ୍ନ ସ୍ଥାନରେ ସର୍ଚ୍ଚ ଅପରେଶନ ଜାରି ରଖିଥିବା ବେଳେ ତୁହାକୁ ତୁହା ବୈଠକ ଚାଲିଛି । ଏପଟେ ସମ୍ବଲପୁର ଏସ୍‌ପି ଅଫିସରେ ମଧ୍ୟ ଉତ୍ତରାଞ୍ଚଳ ପୋଲିସ ଆଇଜି ନରସିଂହ ଭୋଲ, ଏସ୍‌ପି ଗଙ୍ଗାଧର ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ନେଇ ରବିବାର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିସହ ସମ୍ବଲପୁର ସୀମା ସିଲ୍ କରି ଦିଆଯାଇଛି। ସମ୍ବଲପୁର ଜେଲରେ ଥିବା ସମୟରେ ହାଇଦରଙ୍କ ସହ କେଉଁମାନେ ସାକ୍ଷାତ କରିଥିଲେ, ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ତଳିଆ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୋଲିସ ବିଭାଗର ବଡ଼ ଅଧିକାରୀମାନେ ନିଜ ମୁଣ୍ଡରୁ ଦୋଷ ଛଡ଼ାଇ ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି । ହାଇଦରଙ୍କ ଭଳି କୁଖ୍ୟାତ ଅପରାଧୀଙ୍କୁ କିଭଳି ୬ଜଣ କନଷ୍ଟେବଲଙ୍କ ହାତରେ ଛଡ଼ା ଯାଇଥିଲା ତାହା ପୋଲିସ ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଜେଲ ବିଭାଗ ମଧ୍ୟ ଚିକିତ୍ସା ବାହାନାରେ ତାଙ୍କୁ ଫେରାର ହେବା ପାଇଁ ସହଯୋଗ କରିଥିବା ଭଳି ସାଂଘାତିକ ଅଭିଯୋଗ ହେଉଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ହାଇଦର କିଡ୍‌ନୀ ସହିତ ଏକାଧିକ ରୋଗରେ ପୀଡ଼ିତ ଥିଲେ। ବାରମ୍ବାର ସେ ଚିକିତ୍ସା ପାଇଁ ସଦର ମେଡିକାଲ ଓ ବୁର୍ଲା ଭିମସାର୍‌କୁ ଯାଉଥିଲେ। ଗତ ଡିସେମ୍ବର ୧୫ ତାରିଖରେ ହାଇଦର ଭିମସାର୍‌ର ୟୁରୋଲୋଜି ବିଭାଗ (ଓପିଡି)କୁ ଯାଇଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡାକ୍ତର ଆବଶ୍ୟକ ଔଷଧ ଦେଇଥିଲେ। ଏହାସହ ତାଙ୍କର ପ୍ଲାଷ୍ଟିକ ସର୍ଜରି ଆବଶ୍ୟକ ରହିଛି ବୋଲି ପରାମର୍ଶ ଦେଇଥିଲେ। ସେହିଦିନ ସେ ପୁଣି ଜେଲକୁ ଫେରି ଆସିଥିଲେ। ଏହାର ପ୍ରାୟ ୩ ମାସ ପରେ ମାର୍ଚ୍ଚ ୨୩ ତାରିଖରେ ତାଙ୍କୁ ଜେଲରୁ ସିଧାସଳଖ କଟକ ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ସୁରକ୍ଷା ବ୍ୟବସ୍ଥାକୁ ନେଇ ସମ୍ବଲପୁର ପୋଲିସ ପକ୍ଷରୁ ୬ ଜଣ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା । ସେମାନେ ଏସ୍‌ସିବିରେ ଥାଇ ପର୍ଯ୍ୟାୟକ୍ରମେ ଡ୍ୟୁଟି କରୁଥିଲେ। ଶନିବାର ଅପରାହ୍ନ ୫ଟାରେ ହାଇଦର ଫେରାର ହୋଇଯାଇଥିବା ନେଇ ଜଣାପଡିଥିଲା । କାର୍ଯ୍ୟରତ ଥିବା କନଷ୍ଟେବଲଙ୍କୁ ଧକ୍କା ମାରି ସେ ଫେରାର ହୋଇଯାଇଥିବା ପୋଲିସ ପକ୍ଷରୁ କୁହାଯାଉଥିବା ବେଳେ ସୁରକ୍ଷାକର୍ମୀଙ୍କୁ ନିଶା ଦେଇ ଅଚେତ କରି ହାଇଦର ଫେରାର ହୋଇଯାଇଥିବା ମଧ୍ୟ ଆଲୋଚନା ହେଉଛି। ସୂଚନାଯୋଗ୍ୟ ଯେ, ହାଇଦର ୨୦୦୫ରେ ଗିରଫ ହୋଇ କେନ୍ଦୁଝରର ଖଣି ବ୍ୟବସାୟୀ ରଶ୍ମିରଞ୍ଜନ ମହାପାତ୍ର ଅପହରଣ ଓ ବିଭିନ୍ନ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ହୋଇ ଆଜୀବନ ଜେଲଦଣ୍ଡ ପାଇଥିଲେ। ପ୍ରଥମେ ବଲାଙ୍ଗୀର ଓ ଏବେ ସମ୍ବଲପୁର ଜେଲରେ ସଜା କାଟୁଥିଲେ।

## ୩ ଶିକ୍ଷୟିତ୍ରୀ ଶିକ୍ଷକ ...

ଶିକ୍ଷକ ବିଶ୍ୱନାଥ କିଷାନ, ଚେକିଂ ଦାୟିତ୍ୱରେ ଥିବା ଶିକ୍ଷକ ସୁଶାନ୍ତ କୁମାର ରାୟ ଏବଂ ରିଲିଭର ତଥା ଚେକିଂ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ର। ତେବେ ଜିଲା ଶିକ୍ଷା ଅଧିକାରୀଙ୍କ ଏହି ନିଲମ୍ବନ ଆଦେଶ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେବା ସହ ପରୀକ୍ଷା କେନ୍ଦ୍ର ଅଧୀକ୍ଷକଙ୍କୁ ବଞ୍ଚାଇବାକୁ ଯାଇ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଲମ୍ବନ କରାଯାଇଥିବା ଅଭିଯୋଗ ହେଉଛି। ଗତ ୯ ତାରିଖରେ ଓଟିଇଟି ପ୍ରଥମ ସିଟିଂ ପରୀକ୍ଷା ଚାଲିଥିବା ବେଳେ ଉକ୍ତ କେନ୍ଦ୍ରରେ ପରୀକ୍ଷା ଦେଉଥିବା ଜଣେ ପରୀକ୍ଷାର୍ଥିନୀ ମୋବାଇଲରେ ପ୍ରଶ୍ନପତ୍ରର ଚିତ୍ର ଉତ୍ତୋଳନ କରି ଭାଇରାଲ କରିଥିବା ଅଭିଯୋଗ ହୋଇଥିଲା। ଏହାପରେ ପରୀକ୍ଷା କେନ୍ଦ୍ର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ତିଲେଇବଣି ବ୍ଲକ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆ ଓ ପରୀକ୍ଷା କେନ୍ଦ୍ର ଅଧୀକ୍ଷକ କୁମୁଦବନ୍ଧୁ ପୃଷ୍ଟିଙ୍କ ଉପସ୍ଥିତିରେ ଉକ୍ତ ମୋବାଇଲ ଫୋନକୁ ଜବତ କରାଯାଇଥିଲା। ପର୍ଯ୍ୟବେକ୍ଷକ ଛତ୍ରିଆ ଉକ୍ତ ମୋବାଇଲରେ ପ୍ରଶ୍ନପତ୍ରର ଚିତ୍ର ଉତ୍ତୋଳିତ ହୋଇଥିବା ସ୍ୱୀକାର କରିଥିବା ବେଳେ ଜିଲା ଶିକ୍ଷା ଅଧିକାରୀ ବେହେରା ଜବତ ମୋବାଇଲରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଛି କି ନାହିଁ ଯାଞ୍ଚ କରିବା ପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଥିବା ପ୍ରକାଶ କରିଥିଲେ। ସେହିପରି ଏନେଇ ଥାନାରେ ଏତଲା ଦେବାକୁ ଅଧୀକ୍ଷକ ପୃଷ୍ଟିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଧୀକ୍ଷକ ପୃଷ୍ଟି ତାଙ୍କ ଏତଲାରେ ଠିକ୍ ତଥ୍ୟ ପ୍ରଦାନ କରି ନ ଥିବା ଅଭିଯୋଗ ହୋଇଥିଲା। ଏପରିକି ସମ୍ପୃକ୍ତ ପରୀକ୍ଷାର୍ଥିନୀଙ୍କ ନାମ ମଧ୍ୟ ଉକ୍ତ ଏତଲାରେ ଉଲ୍ଲେଖ କରି ନ ଥିବାରୁ ଜିଲା ଶିକ୍ଷା ଅଧିକାରୀ ବେହେରା ତାଙ୍କୁ ତାଗିଦ କରିଥିଲେ। ଫଳରେ ପରୀକ୍ଷା କେନ୍ଦ୍ରର ଅଧୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଥିଲା। ମାତ୍ର ଜିଲା ଶିକ୍ଷା ଅଧିକାରୀ ବେହେରା କେବଳ ଉପରୋକ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନିଲମ୍ବିତ କରିଥିବାରୁ ତାଙ୍କର ଭୂମିକା ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଣି ପରୀକ୍ଷା କେନ୍ଦ୍ର ମଧ୍ୟରୁ କୌଣସି ପୁରୁଷ ପରୀକ୍ଷାର୍ଥୀଙ୍କଠାରୁ ମୋବାଇଲ କିମ୍ବା ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ ହୋଇ ନ ଥିବା ବେଳେ ଚେକିଂ ଦାୟିତ୍ୱରେ ଥିବା ଶିକ୍ଷକ ରାୟଙ୍କ ନିଲମ୍ବନ ନେଇ ଖୋଦ ଉକ୍ତ ପରୀକ୍ଷା କେନ୍ଦ୍ରର ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଆଶ୍ଚର୍ଯ୍ୟ ହୋଇଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀଙ୍କ ମତାମତ ଲୋଡିବାରୁ କେନ୍ଦ୍ର ଅଧୀକ୍ଷକଙ୍କ ବିରୋଧରେ ମଧ୍ୟ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ପ୍ରଥମ ପୃଷ୍ଠାରୁ...

## ପାଣି ଦର ୧୦% ...

ଏତଦ୍‌ବ୍ୟତୀତ ଜଳ ବ୍ୟବହାର ପାଇଁ ଲାଇସେନ୍ସ ଫିଂକୁ ପୂର୍ବ ଆର୍ଥିକ ବର୍ଷ ଅପେକ୍ଷା ୧୦% ବୃଦ୍ଧି କରାଯାଇଛି। ପ୍ରତି ହଜାରେ ଇଟା ପାଇଁ ଲାଇସେନ୍ସ ବାବଦ ୩୭ଟଙ୍କା ୫୦ପଇସା ଦେବାକୁ କୁହଯାଯାଇଥିବାବେଳେ ୫କ୍ୟୁସେକରୁ କମ୍ ଜଳ ବ୍ୟବହାର କରୁଥିବା ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନରେ ବ୍ୟବହାର ହେଉଥିବା ପ୍ରତି ହଜାର ଲିଟର ପାଣି ପିଛା ୫ଟଙ୍କା ୧୦ ପଇସା ଦେବାକୁ ନିଷ୍ପତ୍ତି ହୋଇଛି। ସେହିପରି ୫କ୍ୟୁସେକ୍‌ରୁ ଅଧିକ ଜଳ ବ୍ୟବହାର କ୍ଷେତ୍ରରେ ୬ଟଙ୍କା ୭୫ପଇସା ଦେବାକୁ ପଡ଼ିବ। ସେହିପରି ଶିଳ୍ପ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନରେ ପ୍ରତି ହଜାର ଲିଟର ଜଳ ବ୍ୟବହାର ପାଇଁ ଲାଇସେନ୍ସ ଫିଂ ବାବଦକୁ ଏବେ ୧୦ଟଙ୍କା ୨୦ପଇସା ଦେବାକୁ ପଡ଼ିବ। ପୂର୍ବରୁ ଏହା ୯ଟଙ୍କା ୫୨ପଇସା ରହିଥିଲା।

## ୩୦ ପରେ ସ୍ଥିତି ଦେଖି ...

ଅଳ୍ପ ବାକି ରହିଛି। ସଂକ୍ରମଣ ବଢୁଥିବାରୁ ଏପ୍ରିଲ ୩୦ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରଖାଯାଇଛି। ଯେତିକି ପାଠପଢ଼ା ହୋଇଛି, ସେତିକି ପରୀକ୍ଷା କରାଇବା ପାଇଁ ବିଭାଗ ଯୋଜନା କରୁଛି। ଏବେ କରୋନାର ଦ୍ୱିତୀୟ ଲହରକୁ ଦେଖି ୩୦ ତାରିଖ ପରେ ପରବର୍ତ୍ତୀ ସ୍ଥିତି ଦେଖି ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ପରୀକ୍ଷା ପୂର୍ବରୁ କିମ୍ବା ପରୀକ୍ଷା ସମୟରେ ଛାତ୍ରୀଛାତ୍ର କୋଭିଡ୍ ଆକ୍ରାନ୍ତ ହୋଇଥିବା ଜଣାପଡିଲେ, ସେମାନଙ୍କୁ ବିକଳ୍ପ ବ୍ୟବସ୍ଥା ଜରିଆରେ ମାର୍କ ଦେବାକୁ ସିବିଏସ୍‌ଇ ନିଷ୍ପତ୍ତି ନେଇଛି। ମହାମାରୀ ସମୟରେ ଛାତ୍ରୀଛାତ୍ରଙ୍କର ଯେପରି ଗୋଟିଏ ବର୍ଷ ନଷ୍ଟ ନ ହୁଏ ସେଥିଲାଗି ଏହି ପଦକ୍ଷେପ ନିଆଯାଇଛି। ଓଡ଼ିଶାରେ ଏଭଳି କରାଯିବ କି ନାହିଁ ସେ ସମ୍ପର୍କରେ ପ୍ରତିକ୍ରିୟା ରଖି ମନ୍ତ୍ରୀ କହିଛନ୍ତି, ସିବିଏସ୍‌ଇ ପରୀକ୍ଷା ସମ୍ପର୍କରେ ଅନୁଧ୍ୟାନ କରାଯାଉଛି। ସ୍ଥିତି ଅନୁଧ୍ୟାନ କରି ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯିବ। ସୂଚନାଯୋଗ୍ୟ, ରାଜ୍ୟରେ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଗତ ୭ ତାରିଖରେ ନବମ ଓ ଏକାଦଶ ଶ୍ରେଣୀ ପାଠପଢ଼ା ବନ୍ଦ ରଖିବାକୁ ଘୋଷଣା କରିଥିଲେ ରାଜ୍ୟ ସରକାର। ଏହି ନିର୍ଦ୍ଦେଶ ଅନୁସାରେ ଆସନ୍ତା ଏପ୍ରିଲ୍ ୩୦ ପର୍ଯ୍ୟନ୍ତ ସରକାରୀ ସ୍କୁଲ, ଅନୁଦାନପ୍ରାପ୍ତ ଏବଂ ଘରୋଇ ସ୍କୁଲରେ ନବମ ଓ ଏକାଦଶ କ୍ଲାସ ବନ୍ଦ କରାଯାଇଛି। ଏଥିସହ ହଷ୍ଟେଲ ଓ ଆବାସିକ ସ୍କୁଲରେ ପଢୁଥିବା ନବମ ଓ ଏକାଦଶ ଶ୍ରେଣୀର ପିଲାଙ୍କୁ ଘରକୁ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସରକାରଙ୍କ ନିଷ୍ପତ୍ତି ଅନୁସାରେ, ଦଶମ ଓ ଦ୍ୱାଦଶ କ୍ଲାସ ୨୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିଛି। ସେପଟେ ଆର୍ଥିକ ଅନଗ୍ରସର ବର୍ଗ (ଇଡବ୍ଲ୍ୟୁଏସ୍) କୋଟା ୱେବ୍‌ସାଇଟ୍‌ରେ ଏଯାଏ କିଛି ଘରୋଇ ସ୍କୁଲ ପଞ୍ଜୀକରଣ କରିନାହାନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟରେ ୪ହଜାର ବେସରକାରୀ ସ୍କୁଲ ଥିବାବେଳେ ପାଖାପାଖି ୪୦୦ ସ୍କୁଲ ପଞ୍ଜୀକରଣ କରିନାହାନ୍ତି। ଏଥିପାଇଁ ୨୩ତାରିଖ ପର୍ଯ୍ୟନ୍ତ ସମୟସୀମାକୁ ବୃଦ୍ଧି କରାଯାଇଛି। ଏହି ସମୟ ମଧ୍ୟରେ ସେସବୁ ସ୍କୁଲ୍‌ର କର୍ତ୍ତୃପକ୍ଷଙ୍କୁ ଶୀଘ୍ର ପଞ୍ଜୀକରଣ କରିବାକୁ କୁହାଯାଇଛି। ଏହି ଅନୁସାରେ ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ତାରିଖକୁ ମଧ୍ୟ ଏପ୍ରିଲ ୩୦କୁ ବୃଦ୍ଧି କରାଯାଇଛି। ପିଲାଙ୍କ ହିତ ଦୃଷ୍ଟିରୁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଥିବା ମନ୍ତ୍ରୀ କହିଛନ୍ତି।

## ଟିକା ନାହିଁ: ୯୦୦ ...

ସ୍ୱାସ୍ଥ୍ୟ ବିଭାଗର ସୂଚନାସାରେ, ରାଜ୍ୟରେ ଏବେ ୧,୫୯,୪୩୯ ଡୋଜ୍ କୋଭିଶିଲ୍ଡ ଓ ୭୧,୦୧୦ ଡୋଜ୍ କୋଭାକ୍ସିନ ଟିକା ରହିଛି। ସୋମବାର ୭୭୫ ସାଇଟ୍‌ରେ ଟିକା ଦିଆଯିବା ଲକ୍ଷ୍ୟ ରଖାଯାଇଛି। ସେପଟେ ଲକ୍ଷେ ତଳକୁ ଖସିଲା ରାଜ୍ୟରେ ଦୈନିକ ଟିକାକରଣ। ଦେଶ ତୁଳନାରେ ଓଡ଼ିଶାରେ ଟିକାରକଣର ହାର ଭଲ ଥିଲେ ମଧ୍ୟ ଏବେ ଟିକା ଅଭାବ ଯୋଗୁ ଦୈନିକ ଟିକାରକଣ ହ୍ରାସ ପାଇବାରେ ଲାଗିଛି। ଏପ୍ରିଲ ୧ରୁ ଦୈନିକ ୨ଲକ୍ଷ ଟିକା ଦେବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ସେହି ଆଧାରରେ ହିଁ ପ୍ରଥମ ଦିନରୁ ୨ଲକ୍ଷ ପାର୍ କରିଥିଲା ଟିକାକରଣ। ମାତ୍ର ରବିବାର ଲକ୍ଷେ ତଳକୁ ଅର୍ଥାତ୍ ମୋଟ ୮୧,୧୬୯ ଟିକାକରଣ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଅନ୍ୟପକ୍ଷରେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୧,୩୭୯ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏ ସମସ୍ତ ଆକ୍ରାନ୍ତ ୩୦ ଜିଲାରୁ ବାହାରିଛନ୍ତି। ଦୀର୍ଘ ମାସ ପରେ ଗୋଟିଏ ଦିନରେ ସମସ୍ତ ଜିଲାରୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏବେ କରୋନାର ନୂଆ ଷ୍ଟ୍ରେନ୍ ସାରା ରାଜ୍ୟକୁ ବ୍ୟାପିଯାଇଥିବା ଜଣାପଡୁଛି। ତେବେ ଏହି ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୮୦୮ କ୍ୱାରାଣ୍ଟାଇନ ସେଣ୍ଟରର ଥିବାବେଳେ ୫୭୧ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ସୁନ୍ଦରଗଡ଼ ଜିଲାରୁ ପୁଣି ୩ଶହରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ଜିଲାରେ ସର୍ବାଧିକ ୩୧୭ଜଣ ରହିଥିବାବେଳେ ଖୋର୍ଦ୍ଧା ୧୫୮, ନୂଆପଡ଼ା ୯୦, ସମ୍ବଲପୁର ୮୬, ବରଗଡ଼ ୬୮ ଓ କଟକରେ ୫୬ଜଣ ରହିଛନ୍ତି। ଏହାକୁ ମିଶାଇ ଏବେ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୩,୪୯,୫୬୧ରେ ପହଞ୍ଚିଛି।

## 'ଟିକା ଉତ୍ସବ' ଆରମ୍ଭ...

ମହାରାଷ୍ଟ୍ର, ପଞ୍ଜାବ, ଦିଲ୍ଲୀ, ରାଜସ୍ଥାନ, ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ଟିକା ଅଭାବ ସମ୍ପର୍କରେ କେନ୍ଦ୍ରକୁ ଜଣାଇଛନ୍ତି। ପଞ୍ଜାବରେ ମାତ୍ର ୫ ଦିନ ପାଇଁ ଟିକା ଉପଲବ୍ଧ ଥିବା ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଥିବାବେଳେ ରାଜସ୍ଥାନରେ ଦୁଇ ଦିନ ପାଇଁ ଟିକା ରହିଥିବା ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ସୂଚନା ଦେଇଛନ୍ତି। ମହାରାଷ୍ଟ୍ର ସରକାର ପ୍ରଥମେ ଟିକା ଅଭାବକୁ ନେଇ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଦିଲ୍ଲୀରେ ୭ରୁ ୧୦ ଦିନ ପାଇଁ ଟିକା ଉପଲବ୍ଧ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। କେନ୍ଦ୍ର ଅନୁମତି ଦେଲେ ଘରକୁ ଘର ଟିକା ପହଞ୍ଚାଇବାକୁ ଦିଲ୍ଲୀ ସରକାର ପ୍ରସ୍ତୁତ ଅଛନ୍ତି। ଏପରିକି ଆବଶ୍ୟକ ପଡ଼ିଲେ ସେ ଲୋକଙ୍କ ପାଇଁ ଟିକା ଭିକ୍ଷା କରିବେ ବୋଲି କେଜ୍‌ରିୱାଲ କହିଛନ୍ତି। ବିଭିନ୍ନ ରାଜ୍ୟରେ ମହଜୁଦ୍ ଥିବା ଟିକା ୩ରୁ ୫ ଦିନ ମଧ୍ୟରେ ଶେଷ ହୋଇଯିବ ବୋଲି ଜଣାପଡ଼ିଛି।

ଟିକା ଉତ୍ସବ ଅବସରରେ ମୋଦି ରବିବାର ସକାଳେ ଜନସାଧାରଣଙ୍କୁ ୪ ସୂତ୍ରୀ ନିବେଦନ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ଅନ୍ୟ ଜଣକୁ ଟିକା ନେବାରେ ସହାୟତା କରିବା ପାଇଁ ସେ ପରାମର୍ଶ ଦେବା ସହ ସୁରକ୍ଷା ପାଇଁ ପଦକ୍ଷେପ ନେବା ଓ କୋଭିଡ୍ ଚିକିତ୍ସାରେ ସାହାଯ୍ୟ କରିବା ଲାଗି ଅନୁରୋଧ କରିଥିଲେ। କେହି କରୋନା ସଂକ୍ରମିତ ହେଲେ ସେଠାରେ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ କରିବାରେ ସମାଜ ନେତୃତ୍ୱ ନେବା ଆବଶ୍ୟକ। ଗୋଟିଏ ପଜିଟିଭ୍ ମାମଲା ହେଲେ ମଧ୍ୟ ପରିବାର ଓ ସମାଜ ଅଣୁ ଆବଦ୍ଧାଞ୍ଚଳ ସୃଷ୍ଟି କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୧୦ କୋଟି କୋଭିଡ୍ ଟିକା ଦିଆଗଲାଣି। ମୁଖ୍ୟମନ୍ତ୍ରୀମାନଙ୍କ ସହ ଭର୍ଚୁଆଲ ବୈଠକରେ ଟିକା ଅପଚୟ ରୋକିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।


# classifieds Everyday 0674-2580101, 2549302

real estate

**SALE**

**Gharabari BDA yellowzone plot near Gandhi College sqft. 1250/- Jatani Niser 650/-. 7978230118, 8249477254.** D-70825

3BHK semifurnished readymade flats 1600sqft. 67.50L Bhubaneswar, brokers excuse. 6371090682. D-68279

**Bhubaneswar, Hanspal residential Colonyରେ 1500sqft. @ 23,25,000ରେ plot ମିଳୁଛି। 9853415415, 7008351926.** D-20248

**ଭୁବନେଶ୍ୱର ଗଙ୍ଗପଡ଼ା NH-16ରୁ 400mtr ଦୂରତାରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। 7978676652.** D-70819

Shree Krishna developer 55acres township plotting project near Sum Hospital for enquiry. 8337900881. D-70582

**ଭୁବନେଶ୍ୱର ନଖରା East Engineering College backside ଘରବାରି developed plot with electricity available. ଯୋ।ଗା।ଯୋ।ଗ – 9937111658, 7381029351 (limited plots).** D-70816

Ready to move flats sales 2BHK / 3BHK. Patia Big Bazar Near Kalarahanga. Bhubaneswar. Price 30 - 53 lakh. Approved- BDA/ RERA. 7008346486. D-70580

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity with 30ft. road sqft.650/-ରେ ମିଳୁଛି। Contact: 7008045582, 7749800648.** D-20490

**Residential cum commercial gharabari plot 12000sft. with boundarywall touching to road at Brahmanjharilo, Cuttack 11km. to Bhubaneswar, 18km to Cuttack. 7809525452, 8249851363.** D-70442

**Sum Hospital 4K.M. ଦୂରତାରେ R.I. Training Centre Frontରେ Plot Sqft. 850/- ମିଳୁଛି। 9090963952.** D-70830

Bhubaneswar ସୁନ୍ଦରପଦା, କାଟେଣୀ ପାଖରେ ଘରବାଡ଼ି ପ୍ଲଟ 1200 Sqft. 18,00,000/-, 7,50,000/- କିଣି ଘର କରନ୍ତୁ। Liza - 7749020933. D-70833

**3 BHK flat with 2 Balconies, 2 Toilets for sale @ Kalyan Plaza 1, Sundarpada. 9439991147.** D-20435

**Plot for Sale Near Pipili Toll Gate, Just 16 K.M. from Bhubaneswar, Kalpana Square. Contact: 9937446498.** D-70581

**Bhubaneswar Jaydev Vihar ଛକରେ Sqft. 5000/-ରେ ଘରବାରି Plot ମିଳୁଛି। Owner - 9090963952.** D-70832

**PURCHASE**

୩X୬ ଫୁଟିଆ ପୁରୁଣା ଖଟ (କାଠ ଓ ଲୁହା) ଆବଶ୍ୟକ। ଯୋଗାଯୋଗ ନଂ.– ୭୯୭୮୨୪୨୨୦୧, ୯୭୭୬୦୧୬୨୧୦. ଧ-୨୦୪୭୭

construction

**Building construction supervision layout planning by civil engineer. D. Acharya. Mob: 8144815298.** D-20487

to-let

3BHK house rent Rs. 8000/- near SBI Lane, Oldtown. Contact: 9556791383. D-59880

healthcare

Zen SPA positively health benefits with experts therapeutic genuinely massage. 7205084157. D-70585

Swarna SPA newly open positively health benefits with expert therapist. 9556978408. D-70584

Monalisa massage club : All types body massage with hiprofile smart lady rooms service available 9708545108. D-20491

Ayurvedic full body massage by experienced (M/F) therapist. 9861193818, 8018656899. D-59985

Refreshing your mind, your body with the best therapy at Lotus Spa. 9801811949. D-70445

astrology

ଜଗନ୍ନାଥ ଆଷ୍ଟ୍ରୋରେ ମାତ୍ର ୫ଘଣ୍ଟାରେ ସମସ୍ତ ପ୍ରକାର ପାରିବାରିକ/ ବ୍ୟବସାୟିକ ସମାଧାନ। 7894677450. D-59987

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୌଣସି ଧାର୍ମିକ କାମରେ ନିଜକୁ ନିୟୋଜିତ କରିବାକୁ ପଡ଼ିପାରେ। ଗାଡ଼ି, ମୋଟର, ପରିବହନ, ସଭାସମିତି, ସତ୍‌ସଙ୍ଗ, ଆଲୋଚନା, ଭ୍ରମଣହେତୁକ ଖୁସି ରହିବ। ଟଙ୍କା ପଇସାକୁ କେନ୍ଦ୍ରକରି କଳହର ସମ୍ଭାବନା ମଧ୍ୟ ଦେଖାଦେଇପାରେ। ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ବୃଷ** ମାନସିକ ଅସ୍ଥିରତା ସୃଷ୍ଟି କଲେ ମଧ୍ୟ ଅର୍ଥ, ଆଦର, ସୋହାଗ ପାଇ ସବୁକିଛି ଭୁଲିଯିବେ। ଘରେ ଅସାବଧାନତାବଶତଃ ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଯାଚିତ ଭାବରେ ପଡ଼ୋଶୀଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ସାହିତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ ସୁନାମ ଅର୍ଜି ପାରନ୍ତି।

**ମିଥୁନ** ଅକସ୍ମାତ୍ ବନ୍ଧୁମିଳନ ସାଙ୍ଗକୁ ନୂତନ ସମ୍ପର୍କ ଯୋଡ଼ିବା ପାଇଁ ଖୋରାକ ପାଇବେ। ସ୍ଥଗିତ କାମକୁ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ଗତକାଲିର କୌଣସି ଘଟଣା ସକାଶେ ଅସୁବିଧା ନ ହେଲେ ମଧ୍ୟ ମନ ଅସ୍ଥିର ରହିବ। ବିବାଦୀୟ କଥାକୁ ନେଇ ଅନ୍ୟର କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ କୌଣସି ଶୁଭ ଖବର ମନକୁ ଆମୋଦିତ କରିବ। ପ୍ରତ୍ୟୁଷ ସମୟରେ ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଧାର କରଜ, ଭଡ଼ାସୂତ୍ରରୁ ବକେୟା ଟଙ୍କା ଆଜି ପାଇବାର ସମ୍ଭାବନା ରହିଛି। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବେ।

**ସିଂହ** ନିକଟସ୍ଥ ବ୍ୟକ୍ତିବିଶେଷ ନିଜର ଦୋଷଦର୍ଶିତା ଗୁଣ ହେତୁ ଆପଣଙ୍କୁ ସମାଲୋଚନା କରିପାରନ୍ତି। ବୟସ୍କ କିମ୍ବା ସରକାରୀ କର୍ମଚାରୀଙ୍କ ସହ ସାମୟିକ ବାକ୍ ଯୁଦ୍ଧ ଲାଗିବା ସମସ୍ୟାର କାରଣ ପାଲଟିଯିବ। ପିଲାଙ୍କ କାର୍ଯ୍ୟକଳାପ ପାଇଁ ନିଜ ଲୋକଙ୍କଠାରୁ ମଧ୍ୟ ସମାଲୋଚିତ ହେବେ। ପରିବହନ, ବ୍ୟବସାୟ ସକାଶେ ଦିନଟି ମନ୍ଦ ନୁହେଁ।

**କନ୍ୟା** ମନରେ ସନ୍ଦେହ ଜାତ ହେବା କାରଣରୁ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ; ଅବଶ୍ୟ ଆଶା ପୂରଣ ହୋଇଯିବ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ସବୁ ସୁବିଧା ଥାଇ ମଧ୍ୟ କାମ ବିଳମ୍ବରେ ହୋଇପାରେ।

**ତୁଳା** ପାରିବାରିକ ହେଉ କିମ୍ବା କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ବାଣିଜ୍ୟ, ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଲାଭବାନ୍ ମଧ୍ୟ ହେବେ। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ବିଛା** ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି, ଆପଣ ପ୍ରତ୍ୟେକ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଅନ୍ୟର ଉପକାର ଚିନ୍ତା କରିବେ ସିନା ପ୍ରତିଦାନ ପାଇବା ଦୁର୍ଲଭ ହୋଇ ପଡ଼ିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ। ରୋଗ, ଋଣରୁ ରକ୍ଷା ପାଇବାର ପରିକଳ୍ପନା କରିପାରନ୍ତି।

**ଧନୁ** ପାରିବାରିକ କ୍ଷେତ୍ରରେ ସମସ୍ୟା ହେତୁ ମନ ବିଚଳିତ ରହିପାରେ। ଅବଶ୍ୟ ବନ୍ଧୁଙ୍କ ସଦ୍ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପରିସ୍ଥିତିକୁ ଲକ୍ଷ୍ୟ କରି ମନକୁ ନ ପାଇଲେ ମଧ୍ୟ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଅନ୍ୟମାନଙ୍କୁ ନିଜ ସହ ତୁଳନା କରି ଅଯଥା ମନକୁ ଭାରାକ୍ରାନ୍ତ କରିପାରନ୍ତି।

**ମକର** ଦୀର୍ଘ ଦିନ ହେଲା ମନେମନେ ଭାବୁଥିବା କାମଟି ଆଜି ବାସ୍ତବରେ କରିପାରିବେ ନାହିଁ। ଶ୍ରବଣାର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା ସୃଷ୍ଟି ହୋଇପାରେ। ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ।

**କୁମ୍ଭ** ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ବନ୍ଧୁଙ୍କ କାର୍ଯ୍ୟକଳାପକୁ ନେଇ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ମାନସିକ ଆଘାତ ପାଇଲେ ମଧ୍ୟ ଆନୁଷ୍ଠାନିକ କାମରେ ସୁରୁଖୁରୁରେ ସମ୍ପନ୍ନ କରିବେ।

**ମୀନ** ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ଅନ୍ୟଥା ଚିନ୍ତା କରିବାକୁ ପଡ଼ିପାରେ। ଦୀର୍ଘଦିନର ସୁପରିକଳ୍ପିତ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ। ପାରିବାରିକ ସ୍ତରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ହଠାତ୍ ଗତକାଲିର କୌଣସି ଘଟଣା ମନକୁ ବିବ୍ରତ କରିପାରେ।

ଆଜି ଚୈତ୍ର ଅମାବାସ୍ୟା ସୋମବାର, ସକାଳ ଘ.୦୮।୦୦ ଗତେ ପ୍ରତିପ, ପୀଠେ ବାସନ୍ତିକ ନବରାତ୍ର ଆରମ୍ଭ, ଏପ୍ରିଲ ୧୨ ତାରିଖ, ରାଶି ନକ୍ଷତ୍ର– ଘ.୧୧।୨୯ ଗତେ, ଅଶ୍ୱିନୀ/ମେଷ, ମିଥୁନ ରାଶିର ଘାତବାର, ଧନୁ ଓ ମେଷ ରାଶିର ଘାତଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୪ ଗତେ ଘ.୦୭।୧୪ ମଧ୍ୟେ, ଘ.୧୦।୩୩ ଗତେ ଘ.୦୧।୦୨ ମଧ୍ୟେ ଅମୃତବେଳା। ଦିବା ଘ.୦୩।୩୧ ଗତେ ଘ.୦୫।୧୦ ମଧ୍ୟେ ମାହେନ୍ଦ୍ରବେଳା।। ସକାଳ ଘ.୦୭।୦୮ ଗତେ ଘ.୦୮।୪୧ ମଧ୍ୟେ ରାହୁକାଳ ।।

ଧରିତ୍ରୀ
DHARITRI
ସୋମବାର, ୧୨ ଏପ୍ରିଲ, ୨୦୨୧



## ସଂକ୍ଷେପରେ

### ଆଜି କ୍ୟାବିନେଟ

ଭୁବନେଶ୍ୱର, ୧୧।୪(ବ୍ୟୁରୋ): ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ମଧ୍ୟାହ୍ନ ୧୨ଟା୩୦ରେ ଲୋକ ସେବା ଭବନରେ ଅନୁଷ୍ଠିତ ହେବ। ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଅନ୍ୟ ମନ୍ତ୍ରୀମାନେ ଉପସ୍ଥିତ ରହିବେ। ଏଥିରେ ଉଚ୍ଚଶିକ୍ଷାରେ ଅନୁଦାନ ବ୍ୟବସ୍ଥାରେ ସଂଶୋଧନ, ପୂର୍ତ୍ତ ବିଭାଗର ୨ଟି ପ୍ରସ୍ତାବ ସମେତ ୭ରୁ ଊର୍ଦ୍ଧ୍ୱ ପ୍ରସ୍ତାବ ଉପରେ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି।

### ଗଜପତିର ଦୁଇ ସବ୍‌ଜେଲରେ ୧୨ ଅନ୍ତେବାସୀ ପଜିଟିଭ

ପାରଳାଖେମୁଣ୍ଡି/ଆର୍.ଉଦୟଗିରି, ୧୧।୪(ଡି.ଏନ୍.ଏ.): ଗଜପତି ଜିଲାର ପାରଳାଖେମୁଣ୍ଡି ଓ ଆର୍.ଉଦୟଗିରି ସବ୍‌ଜେଲର ୧୨ ଅନ୍ତେବାସୀ କରୋନା ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ପାରଳାଖେମୁଣ୍ଡି ଉପକାରାଗାରରେ ଏବେ ୨୬୦ ଅନ୍ତେବାସୀ ଅଛନ୍ତି। ସେଥିମଧ୍ୟରେ ଗତ ୧ରୁ ୧୦ ତାରିଖ ମଧ୍ୟରେ ବିଚାରାଧୀନ ବନ୍ଦୀ ଭାବେ ଥିବା ୬ ଜଣ କରୋନା ସଂକ୍ରମିତ ହୋଇଛନ୍ତି। ସବ୍‌ଜେଲ ପରିସରରେ ସ୍ୱତନ୍ତ୍ର ଭାବେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ଆକ୍ରାନ୍ତମାନଙ୍କୁ ରଖାଯାଇଥିବା ସବ୍‌ଜେଲ ସୁପରିଣ୍ଟେଣ୍ଡେଣ୍ଟ ହନୁ ସେଠୀ ଜଣାଇଛନ୍ତି। ଜେଲ ଦାୟିତ୍ୱରେ ଥିବା ଡାକ୍ତରଙ୍କ ସହ ପାରଳାଖେମୁଣ୍ଡି ମୁଖ୍ୟ ଡାକ୍ତରଖାନାର ଡାକ୍ତର ଆସି ଆକ୍ରାନ୍ତମାନଙ୍କୁ ଚିକିତ୍ସା କରୁଛନ୍ତି । ସେହିପରି ଆର୍.ଉଦୟଗିରି ଉପକାରାଗାରର ଜେଲର ଦୋଳଗୋବିନ୍ଦ ବେହେରା କହିଛନ୍ତି, ବର୍ତ୍ତମାନ ଏଠାରେ ୫୫ଜଣ ବିଚାରାଧୀନ ବନ୍ଦୀ ରହୁଛନ୍ତି। ସମସ୍ତ ଅନ୍ତେବାସୀ ଏବଂ କର୍ମଚାରୀଙ୍କ ଆର୍‌ଟି-ପିସିଆର୍ ଓ ଆଣ୍ଟିଜେନ ପରୀକ୍ଷା କରାଯାଇଥିଲା । ଶନିବାର ୬ ବିଚାରାଧୀନ ବନ୍ଦୀଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ସେମାନଙ୍କୁ ଜେଲ ଭିତରେ ସ୍ୱତନ୍ତ୍ର ଭାବେ ସଙ୍ଗରୋଧରେ ରଖାଯାଇଛି । ଆକ୍ରାନ୍ତଙ୍କ ମଧ୍ୟରେ ୫ଜଣ ଅଣଓଡ଼ିଆ ରହିଛନ୍ତି। ଦୁଇମାସ ତଳେ ଏମାନଙ୍କୁ ପାରଳାଖେମୁଣ୍ଡି ସବଜେଲ୍‌ରୁ ଆର୍.ଉଦୟଗିରି ଉପକାରାଗାରକୁ ସ୍ଥାନାନ୍ତର କରାଯାଇଥିଲା ।

### ୨.୫ ନିୟୁତ ଏମ୍‌ଏସ୍‌ଏମ୍‌ଇଙ୍କୁ ଡିଜିଟାଇଜ କଲା ଆମାଜନ

ନୂଆଦିଲ୍ଲୀ,୧୧।୪: ଆମାଜନ ଇଣ୍ଡିଆ ପକ୍ଷରୁ ଏହାର ଅଭିବୃଦ୍ଧି ସମ୍ପର୍କିତ ସବିଶେଷ ତଥ୍ୟ ଘୋଷଣା କରାଯାଇଛି। କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରତିଶ୍ରୁତି ଅନ୍ତର୍ଗତ ବର୍ତ୍ତମାନ ୨.୫ ନିୟୁତ ଏମ୍‌ଏସ୍‌ଏମ୍‌ଇକୁ ଡିଜିଟାଇଜେଶନ କ୍ଷେତ୍ରରେ ସଶକ୍ତ କରାଯାଇ ପାରିଛି। ଏହା ସହିତ କମ୍ପାନୀର ରପ୍ତାନି ୩ ବିଲିୟନ ଡଲାର ଛୁଇଁଥିବାବେଳେ ଭାରତରେ କମ୍ପାନୀ ବର୍ତ୍ତମାନ ସୁଦ୍ଧା ୧ ନିୟୁତ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛି। ଗତବର୍ଷ ସମ୍ଭବ ସମ୍ମିଳନୀରେ ଆମାଜନ ପକ୍ଷରୁ ୧୦ ନିୟୁତ ଏମ୍‌ଏସ୍‌ଏମ୍‌ଇର ଡିଜିଟାଇଜେଶନ ପାଇଁ ୧ ବିଲିୟନ୍ ଡଲାର ନିବେଶ ଲାଗି ଘୋଷଣା କରାଯାଇଥିଲା। ସେହିପରି ୧୦ ବିଲିୟନ ଡଲାରର ରପ୍ତାନି ଲକ୍ଷ୍ୟ ହାସଲ ସହିତ ଭାରତରେ ୨୦୨୦-୨୫ ମଧ୍ୟରେ ଅତିରିକ୍ତ ୧ ନିୟୁତ ନିଯୁକ୍ତି ସୁଯୋଗ ନିଶ୍ଚିତ କରାଇବା ଲାଗି ଘୋଷଣା କରାଯାଇଥିଲା। କମ୍ପାନୀ ଏସବୁ ପ୍ରତିଶ୍ରୁତି ପୂରଣ କରିବାକୁ ସକ୍ଷମ ହୋଇଥିବା କହିଛି। ଏ ସମ୍ପର୍କରେ ଆମାଜନ ଇଣ୍ଡିଆର କଣ୍ଟ୍ରି ହେଡ୍ ଅମିତ ଅଗ୍ରୱାଲ କହିଛନ୍ତି, ଆମେ କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟିକ ସଂସ୍ଥା ସହିତ କାର୍ଯ୍ୟ ଜାରି ରଖିଛୁ।

### କୋଭିଶିଲ୍ଡ ନେବା ପରେ ୩୨୦ ଜଣଙ୍କଠାରେ ରକ୍ତ ଜମାଟ ସମସ୍ୟା

ନୂଆଦିଲ୍ଲୀ, ୧୧।୪: ୟୁରୋପ ଏବଂ ବ୍ରିଟେନରେ ଆଷ୍ଟ୍ରାଜେନିକା ପ୍ରସ୍ତୁତ ଟିକା ନେବା ପରେ ଅନେକଙ୍କଠାରେ ରକ୍ତ ଜମାଟ ବାନ୍ଧିବା ସମସ୍ୟା ଦେଖାଦେଇଥିଲା। ଭାରତରେ ମଧ୍ୟ କୋଭିଶିଲ୍ଡ ଟିକା ନେବା ପରେ ପ୍ରାୟ ୩୨୦ ଜଣଙ୍କଠାରେ ଏଭଳି ସମସ୍ୟା ଦେଖାଦେଇଥାଇପାରେ ବୋଲି ଭେଲୋରସ୍ଥିତ ଖ୍ରୀଷ୍ଟିଆନ୍ ମେଡିକାଲ କଲେଜ ପ୍ରଫେସର ଡ. ଗଗନଦୀପ କଙ୍ଗ୍ କହିଛନ୍ତି। ଆମ ଟିକା ବ୍ରିଟେନ ଅନୁରୂପ ହୋଇଥିଲେ ୩୨୦ ଜଣଙ୍କଠାରେ ନିମ୍ନ ପ୍ଲେଟଲେଟ ସହ ରକ୍ତ ଜମାଟ ବାନ୍ଧିବା ସମସ୍ୟା ଦେଖାଦେଇଥିବ। ଆମର ଯଦି ଏହାଠାରୁ କମ୍ ବିପଦ ଆଶଙ୍କା ଥିବ ତେବେ ଏତେସଂଖ୍ୟାରେ ରକ୍ତ ଜମାଟ ବାନ୍ଧିବା ସମସ୍ୟା ଦେଖାଦେଇ ନ ଥାଇପାରେ ବୋଲି ସେ କହିଛନ୍ତି।

# ଝରାଫୁଲ ମୃତ୍ୟୁ ଘଟଣାରେ ଆଉ ଜଣେ ଗିରଫ

- ଗେଷ୍ଟହାଉସ୍‌ର ୨୦୧ ନମ୍ବର ରୁମ୍ ବୁକ୍ କରିଥିଲେ
- ପ୍ରେମୀ ଯୁଗଳଙ୍କୁ ରୁମ୍‌ରେ ଛାଡ଼ିଥିଲା

ରସୁଲପୁର(ଡି.ଏନ୍.ଏ.)/ଭୁବନେଶ୍ୱର,୧୧।୪(ବ୍ୟୁରୋ)

ବହୁଚର୍ଚ୍ଚିତ ରମାଦେବୀ ବିଶ୍ୱବିଦ୍ୟାଳୟ ଛାତ୍ରୀ ଝରାଫୁଲ ନାୟକ(୨୨)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଉଛନ୍ତି ମୁଖ୍ୟ ଅଭିଯୁକ୍ତ ତଥା ଝରାଫୁଲଙ୍କ ପୁରୁଷ ବନ୍ଧୁ ରାକେଶ ସ୍ୱାଇଁଙ୍କ ସହଯୋଗୀ ଅମରେଶ ରାଉତ। ଘଟଣାର ତଦନ୍ତ ପାଇଁ ଯାଜପୁର ଜିଲା


ଅଭିଯୁକ୍ତ ଅମରେଶ ରାଉତ

ପୋଲିସ ପକ୍ଷରୁ ଦୁଇଟି ଟିମ୍ ଗଠନ କରାଯାଇଛି। ଗୋଟିଏ ଟିମ୍ ଅମରେଶଙ୍କୁ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଞ୍ଚଳରୁ ସ୍ଥାନୀୟ ପୋଲିସ ସହାୟତାରେ ଶନିବାର ଗିରଫ କରିଥିଲା। ତାଙ୍କୁ ରବିବାର ଯାଜପୁର ଜିଲା ଦୌରା ଜଜ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଯାଜପୁର ଜେଲକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ହାଟରେ ଅମରେଶଙ୍କ ଏକ ଫାଷ୍ଟଫୁଡ୍ ଦୋକାନ ରହିଛି। ତାଙ୍କୁ ପଚରାଉଚୁରା ବେଳେ ଝରାଫୁଲଙ୍କ ମୃତ୍ୟୁ ସମ୍ପର୍କରେ ପୋଲିସକୁ କେତେକ ତଥ୍ୟ ମିଳିଛି। ତଦନ୍ତ ଚାଲିଥିବାରୁ ପୋଲିସ ସେ ସମ୍ପର୍କରେ କିଛି କହୁନାହିଁ। ସୂଚନାଥାଉ କି, ଭୁବନେଶ୍ୱର ଖଣ୍ଡଗିରି ଥାନା ଧର୍ମବିହାର ଅଞ୍ଚଳରେ ଥିବା ଶିବସାଇ ଓଏ ଗେଷ୍ଟହାଉସ୍‌ର ୨୦୧ ନମ୍ବର ରୁମ୍‌ରେ ଗତ ଜାନୁୟାରୀ ୨୬ ରାତିରେ ଝରାଫୁଲ ଓ ରାକେଶ ରହିଥିଲେ। ସେଠାରେ ଝରାଫୁଲଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ରାକେଶ ଓ ତାଙ୍କ ସହଯୋଗୀ ମୃତଦେହକୁ ଆଣି ଯାଜପୁର ଜିଲା


ଝରାଫୁଲ ନାୟକ

କୁଆଖିଆ ଥାନା ରାଜେନ୍ଦ୍ରପୁର ପଞ୍ଚାୟତର ଦିଆଲଖଣ୍ଡି ରାସ୍ତାପାର୍ଶ୍ୱରେ ପିଙ୍ଗିଥିବା ପୋଲିସ ସିସିଟିଭି ଫୁଟେଜ୍‌ରୁ ଜାଣିବାକୁ ପାଇଥିଲା। ପୋଲିସ ରାକେଶଙ୍କୁ ଗିରଫ କରିଥିବାବେଳେ ତାଙ୍କ ସହଯୋଗୀ ତଥା ସମ୍ପର୍କୀୟ ଭାଇ ଶକ୍ତି ଶେଖର ଫେରାର ରହିଛନ୍ତି। ତାଙ୍କୁ ଧରିବାରେ ପୋଲିସ ସଫଳ ହୋଇପାରୁନାହିଁ। ହେଲେ ତଦନ୍ତ ବେଳେ ଘଟଣାରେ ଅମରେଶଙ୍କ ସମ୍ପୃକ୍ତି ସମ୍ପର୍କରେ ଜଣାପଡ଼ିଥିଲା। ଅମରେଶ ଉକ୍ତ ଗେଟ୍‌ହାଉସ୍‌ର ୨୦୧ ନମ୍ବର ରୁମ୍ ବୁକ୍ କରିଥିଲେ। ହୋଟେଲ କର୍ମଚାରୀମାନଙ୍କୁ ପଚରାଉଚୁରା ବେଳେ ପୋଲିସ ଏକଥା ଜାଣିପାରିଥିଲା। ଏପରି କି ଗେଷ୍ଟହାଉସ୍‌ର ସିସିଟିଭି ଫୁଟେଜ୍ ଯାଞ୍ଚ ସମୟରେ ଅମରେଶ ହୋଟେଲ ରୁମ୍‌କୁ ଆସିଥିବା ଜଣାପଡ଼ିଥିଲା। ସେ ଝରାଫୁଲ ଓ ରାକେଶଙ୍କ ବ୍ୟାଗକୁ ହୋଟେଲ ରୁମ୍‌କୁ ବୋହି ନେଇଥିବା ସିସିଟିଭି କଏଦ୍ ହୋଇରହିଛି। ପୋଲିସ ତାଙ୍କୁ ସେହିଦିନରୁ ଖୋଜି ଆସୁଥିଲା। କିନ୍ତୁ ସେ ସୁନ୍ଦରପଦା ହାଟରେ ଥିବା ଫାଷ୍ଟଫୁଡ୍ ଦୋକାନକୁ ବନ୍ଦ କରି ଫେରାର ହୋଇଯାଇଥିଲେ। ମୋବାଇଲ ଫୋନକୁ ଟ୍ରାକିଂ କରି ପୋଲିସ ଅମରେଶଙ୍କ ଗତିବିଧିକୁ ଅନୁଧ୍ୟାନ କରିଆସୁଥିଲା। ଇତିମଧ୍ୟରେ ସେ ଲୁଚି ଲୁଚି ରାୟଗଡ଼ା, କନ୍ଧମାଳ ଓ କୋରାପୁଟ୍ ଜିଲାର ବିଭିନ୍ନ ସ୍ଥାନରେ ରହିଆସିଥିଲେ। କିଛିଦିନ ତଳେ ସେ ସୁନ୍ଦରପଦା ଅଞ୍ଚଳକୁ ଆସିଥିବା ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଟିମ୍ ତାଙ୍କୁ ଗିରଫ କରିଥିଲା।

ଘଟଣାକୁ ନେଇ ଯାଜପୁର ଜିଲା କୁଆଖିଆ ଥାନାରେ ଜାନୁୟାରୀ ୨୭ ତାରିଖରେ ଏକ ହତ୍ୟା ମାମଲା (ନଂ.୩୨/୨୧) ରୁଜୁ ହୋଇଛି। ଘଟଣାକୁ ଅଢ଼େଇ ମାସ ବିତିଯାଇଥିଲେ ମଧ୍ୟ ପୋଲିସ ମୃତ୍ୟୁର ରହସ୍ୟ ଖୋଲିପାରିନାହିଁ। ଏପରି କି ଶବ ବ୍ୟବଚ୍ଛେଦ ଓ ଭିସେରା ରିପୋର୍ଟକୁ ସାର୍ବଜନୀନ କରୁନାହିଁ, ଯାହାକି ଘଟଣାକୁ ଅଧିକ ରହସ୍ୟମୟ କରିଦେଇଛି।

# ପିପିଲିରେ ଆଜି ମୁଖ୍ୟମନ୍ତ୍ରୀଙ୍କ ଭର୍ଚୁଆଲ ପ୍ରଚାର

ଭୁବନେଶ୍ୱର, ୧୧।୪(ବ୍ୟୁରୋ)


ନବୀନ ପଟ୍ଟନାୟକ

ପିପିଲି ଉପନିର୍ବାଚନ ନେଇ ସବୁ ଦଳ ପକ୍ଷରୁ ପ୍ରଚାର ଜୋରଦାର କରାଯାଇଛି। ବିଭିନ୍ନ ପ୍ରସଙ୍ଗକୁ ଆୟୁଧ କରି ଭାଜପା ଓ କଂଗ୍ରେସ ପିପିଲି, ଡେଲାଙ୍ଗ ବାସିନ୍ଦାଙ୍କ ନିକଟକୁ ଯାଇ ଭୋଟ ଭିକ୍ଷା କରୁଥିବା ବେଳେ ସ୍ୱଚ୍ଛ ଶାସନ କଥା ଉଠାଇ ନିଜ ପ୍ରାର୍ଥୀଙ୍କୁ ବିଜୟୀ କରାଇବାକୁ ଶାସକ ଦଳ ଲୋକଙ୍କୁ ନିବେଦନ କରୁଛି। ଏହାରି ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ପ୍ରାର୍ଥୀ ରୁଦ୍ର ମହାରଥୀଙ୍କ ପାଇଁ ସୋମବାର ପିପିଲି ଓ ଡେଲାଙ୍ଗବାସୀଙ୍କୁ ଭୋଟ ମାଗିବେ। ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ପିପିଲି ଉପନିର୍ବାଚନ ରାଲିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିଲାଗି ବିଭିନ୍ନ ସ୍ଥାନରେ ମଞ୍ଚ ପ୍ରସ୍ତୁତ ସହିତ ଏଲ୍‌ଇଡି ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମ ସୂଚୀ ମୁତାବକ, ପିପିଲି ନିର୍ବାଚନମଣ୍ଡଳୀର ୬ଟି ସ୍ଥାନରେ ସ୍ୱତନ୍ତ୍ର ଏଲ୍‌ଇଡି ବ୍ୟବସ୍ଥା କରାଯାଇ ଭର୍ଚୁଆଲ ପଦ୍ଧତିରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେବେ। ପିପିଲି ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ପଚ୍ଚାଶାହାନିପୁର, ଦାଣ୍ଡମକୁନ୍ଦପୁର ପଞ୍ଚାୟତର ଦାଣ୍ଡମକୁନ୍ଦପୁର ଗ୍ରାମ ଏବଂ ଯଶୁଆପୁର ଗ୍ରାମପଞ୍ଚାୟତର କୁମାରେଶ୍ୱର ସହିତ ୨୩ ନଂ. ଜୋନ୍ ଓ ପିପିଲି ପୌରାଞ୍ଚଳରେ ଏକ ସ୍ଥାନରେ ଏଲ୍‌ଇଡି ବ୍ୟବସ୍ଥା କରାଯିବ। ଏହି ସବୁ ସ୍ଥାନରେ ପିପିଲି ବ୍ଲକର ୨୨, ୨୩, ୨୪ ନଂ. ଜୋନ ସମେତ ପୌରାଞ୍ଚଳ କର୍ମୀ ଓ ଜନସାଧାରଣ ଅଂଶଗ୍ରହଣ କରିବେ। ଅନୁରୂପ ଭାବେ ଡେଲାଙ୍ଗ ବ୍ଲକରେ ମଧ୍ୟ ୩ଟି ଭିନ୍ନ ଭିନ୍ନ ପଞ୍ଚାୟତରେ ଏଲ୍‌ଇଡି ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ରେଞ୍ଚ, କୋଠବାଡ ଏବଂ ସିଂଘବ୍ରହ୍ମପୁର ଅଞ୍ଚଳରେ ଏଲ୍‌ଇଡି ବ୍ୟବସ୍ଥା କରାଯାଇଛି। ଅପରାହ୍ନ ୪ଟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। ସ୍ଥାନୀୟ ନେତା ଓ ପର୍ଯ୍ୟବେକ୍ଷକଙ୍କ ସଂକ୍ଷିପ୍ତ ବକ୍ତବ୍ୟ ପରେ ମୁଖ୍ୟମନ୍ତ୍ରୀଙ୍କ ଭର୍ଚୁଆଲ ଉଦ୍‌ବୋଧନ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ୪୦ ବର୍ଷ ହେଲା ପଶ୍ଚିମବଙ୍ଗର ଗୌରବ ନଷ୍ଟ ହେଉଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୧।୪(ବ୍ୟୁରୋ)

ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଗତ ୪୦ ବର୍ଷ ଧରି ପଶ୍ଚିମବଙ୍ଗର ଗୌରବ ନଷ୍ଟ ହେଉଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରବିବାର କୋଲକାତାଠାରେ ବିଶିଷ୍ଟ ଉଦ୍ୟୋଗୀଙ୍କ ସହ ରାଜ୍ୟର ଶିଳ୍ପାୟନର ବିକାଶ ଏବଂ ଆର୍ଥିକ ବୃଦ୍ଧି ପ୍ରସଙ୍ଗରେ ଆଲୋଚନା କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଅତୀତରେ ପଶ୍ଚିମବଙ୍ଗ ଲବ୍ଧ ପ୍ରତିଷ୍ଠିତ ଥିଲା। ଦେଶର ଆବଶ୍ୟକତା ସମୟରେ ମାର୍ଗ ଦେଖାଉଥିଲା। କିନ୍ତୁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଗତ ୪୦ ବର୍ଷ ଧରି ପଶ୍ଚିମବଙ୍ଗର ଗୌରବ ସଙ୍କୁଚିତ ହୋଇଯାଇଛି। ତେବେ ପଶ୍ଚିମବଙ୍ଗର ଗୌରବ କ୍ଷୁଣ୍ଣ କରିଥିବା, ଶିଳ୍ପାୟନର ବିକାଶ କରି ନ ଥିବା ଏବଂ ଏଠାରେ ହିଂସା ଘଟାଉଥିବା ଲୋକଙ୍କୁ ସ୍ଥାନୀୟ ନାଗରିକ ଚଳିତ ନିର୍ବାଚନରେ ଭୋଟ ମାଧ୍ୟମରେ ଜବାବ ଦେବେ। ପଶ୍ଚିମବଙ୍ଗ ନିର୍ବାଚନ କେବଳ ନିର୍ବାଚନ ନୁହେଁ ବରଂ ରାଜ୍ୟରେ ନୂଆ ଯୁଗ ପାଇଁ ଧର୍ମଯୁଦ୍ଧ। କେବଳ ପଶ୍ଚିମବଙ୍ଗ ପାଇଁ ନୁହେଁ ବରଂ ସମଗ୍ର ଦେଶ ଲାଗି କେଉଁଟି ଠିକ୍ ତାହା ସ୍ଥିର କରିବାକୁ ଏଠାର ଜନସାଧାରଣଙ୍କ ହାତରେ ଦାୟିତ୍ୱ ନ୍ୟସ୍ତ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପୂର୍ବୋଦୟ'ର କଳ୍ପନା ରଖିଥିବା ବେଳେ ପୂର୍ବ ଏବଂ ଉତ୍ତର ପୂର୍ବାଞ୍ଚଳର ବିକାଶ କରିବା ଏହି ମିଶନର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟରେ ପଶ୍ଚିମବଙ୍ଗରେ ସବ୍‌କା ସାଥ୍, ସବ୍‌କା ବିକାଶ ଏବଂ ସବ୍‌କା ବିଶ୍ୱାସ ମନ୍ତ୍ରରେ ଏମ୍‌ଏସ୍‌ଏମ୍‌ଇ ଶିଳ୍ପର ବୃଦ୍ଧି, ପୁଞ୍ଜିନିବେଶ ପାଇଁ ଏକ ଇକୋସିଷ୍ଟମ ତିଆରି କରିବା, ଭିତ୍ତିଭୂମି, ନିଯୁକ୍ତି, ସ୍ୱାସ୍ଥ୍ୟ, ମହିଳା ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବା ନେଇ ସେ ଚର୍ଚ୍ଚା କରିଛନ୍ତି।


ଧର୍ମେନ୍ଦ୍ର ପ୍ରଧାନ

# ଦୁର୍ଘଟଣାରେ ଦମ୍ପତିଙ୍କ ମୃତ୍ୟୁ, ଝିଅ ଗୁରୁତର

ଧର୍ମଶାଳା/ଚଣ୍ଡିଖୋଲ, ୧୧।୪ (ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ନେଉଳପୁର ଛକଠାରେ ରବିବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦମ୍ପତିଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ୮ ବର୍ଷର ଝିଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅନ୍ତର୍ଗତ ବଡ଼ଦେହୁରି ଗ୍ରାମର ଲକ୍ଷ୍ମୀକାନ୍ତ ମାଟିଆ(୩୮) ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା ମାଟିଆ(୩୫)। ଦମ୍ପତି ଓ ତାଙ୍କଝିଅ ଭୁବନେଶ୍ୱରରୁ ଏକ ବାଇକ ଯୋଗେ ନିଜ ଗ୍ରାମକୁ ଫେରୁଥିଲେ। ନେଉଳପୁର ଛକ ନିକଟରେ ଏକ ହାଇୱା ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମଞ୍ଜୁଲତାଙ୍କ ମୃତ୍ୟୁ ଘଟିଥିବାବେଳେ ମେଡିକାଲ ନେବା ରାସ୍ତାରେ ଲକ୍ଷ୍ମୀକାନ୍ତଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ଝିଅ ଜୟଶ୍ରୀ ଏବେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

ଅନ୍ୟପକ୍ଷରେ ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଜାତୀୟ ରାଜପଥ ପ୍ରଶସ୍ତୀକରଣ କାମରେ ନିୟୋଜିତ ଠିକା ସଂସ୍ଥା କର୍ମଚାରୀଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବା ଲୋକେ ଅଭିଯୋଗ କରିଥିଲେ। ଏଥିସହିତ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିକରି ସ୍ଥାନୀୟ ଲୋକେ ନେଉଳପୁରଠାରେ କିଛି ସମୟ ପାଇଁ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଶହଶହ ଗାଡ଼ିମୋଟର ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ଧର୍ମଶାଳା ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହ ଲୋକଙ୍କୁ ବୁଝାଶୁଝା କରିଥିଲା। ଏହାପରେ ରାସ୍ତାରୋକୋ ହଟିଥିଲା।

# ଆହାର କେନ୍ଦ୍ର ତଦାରଖ ଲାଗି କୋଟିଏ

**୧୫୭ ଗୋଷ୍ଠୀଙ୍କୁ ମିଳିଛି ସୁଯୋଗ**

ଭୁବନେଶ୍ୱର, ୧୧।୪(ବ୍ୟୁରୋ)







ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଥିବା ୧୬୬ ଆହାର କେନ୍ଦ୍ର ପରିଚାଳନାରେ ୧୫୭ ମିଶନ ଶକ୍ତି ଗୋଷ୍ଠୀର ୨ ହଜାରରୁ ଅଧିକ ସଦସ୍ୟା ନିୟୋଜିତ ହୋଇଛନ୍ତି । ୨୦୨୦ ନଭେମ୍ବରରୁ ଏହି ମହିଳାମାନେ ସଫଳତାର ସହ ଆହାର କେନ୍ଦ୍ର ପରିଚାଳନା କରୁଛନ୍ତି । ସରକାର ମଧ୍ୟ ସେମାନଙ୍କ ଅବଦାନର ମୂଲ୍ୟାୟନ କରିବା ସହିତ ତଦାରଖ ଦେୟ ପ୍ରଦାନ କରି ସେମାନଙ୍କ ଆର୍ଥିକ ନିରାପତ୍ତାକୁ ସୁରକ୍ଷିତ କରିଥିବା ସୂଚନା ଦିଆଯାଇଛି। ବିଭାଗୀୟ ତଥ୍ୟ ଅନୁଯାୟୀ, ୧୫୭ଟି ମିଶନ ଶକ୍ତି ଗୋଷ୍ଠୀଙ୍କୁ ଆହାର କେନ୍ଦ୍ରଗୁଡ଼ିକରେ ସେବା ଯୋଗାଇବା ଓ ତଦାରଖ ବାବଦରେ ୧ କୋଟି ୧୫ ଲକ୍ଷ ଟଙ୍କା ଦିଆଯାଇଛି।

ଉଲ୍ଲେଖନୀୟ, ରାଜ୍ୟରେ ଥିବା ମିଶନ ଶକ୍ତି ମହିଳା ଗୋଷ୍ଠୀ ଆହାର କେନ୍ଦ୍ରଗୁଡ଼ିକର ବଳ ପାଲଟିଛନ୍ତି। ଏମାନଙ୍କର ସଫଳ ପରିଚାଳନା ଓ ସହଯୋଗ ଲାଗି ସହରାଞ୍ଚଳର ଆହାର କେନ୍ଦ୍ରଗୁଡ଼ିକ ଏବେ ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ିବାରେ ଲାଗିଛି। ମହିଳାମାନଙ୍କୁ ଆତ୍ମନିର୍ଭର ପାଇଁ ସବୁ କ୍ଷେତ୍ରରେ ସହଭାଗୀ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଆହାର କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସେମାନଙ୍କୁ ସାମିଲ କରାଯାଇଥିଲା। ଯାହାର ସୁଫଳ ଏବେ ରାଜ୍ୟବାସୀ ପାଉଛନ୍ତି। ସହରାଞ୍ଚଳରେ ଥିବା ଆହାର କେନ୍ଦ୍ରଗୁଡ଼ିକରେ ଅଭାବୀ ଓ ଅସହାୟ ଲୋକଙ୍କୁ ମାତ୍ର ୫ ଟଙ୍କାରେ ପେଟପୂରା ଗରମ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି । ଏହି କେନ୍ଦ୍ରରେ ମହିଳା ଗୋଷ୍ଠୀଙ୍କୁ ନିୟୋଜିତ କରାଯିବା ଫଳରେ ଖାଦ୍ୟ ବିତରଣଠାରୁ ଆରମ୍ଭ କରି ଶାନ୍ତିଶୃଙ୍ଖଳା ରକ୍ଷା, ପରିଷ୍କାର ପରିଚ୍ଛନ୍ନତା ଆଦି ଠିକଣା ଭାବେ ପରିଚାଳନା କରାଯାଇ ପାରୁଛି । ବର୍ତ୍ତମାନ ୩ଟି ମିଶନଶକ୍ତି ଗୋଷ୍ଠୀ ଯଥା ବାଲେଶ୍ୱରର ମା' ଦୁର୍ଗା, ନବରଙ୍ଗପୁରର ଶ୍ରୀ ସାଇ ଏବଂ ରାୟଗଡାର ସଂସ୍କୃତ ମିଶନ ଶକ୍ତି ଗୋଷ୍ଠୀଙ୍କୁ ସହରାଞ୍ଚଳର ବାସହୀନଙ୍କ ପାଇଁ ଆଶ୍ରୟସ୍ଥଳୀ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏହାର ସଫଳ ପରିଚାଳନା ପାଇଁ ମୋଟ ଖର୍ଚ୍ଚ ହେଉଥିବା ଅର୍ଥର ୧୦ ପ୍ରତିଶତ ମିଶନ ଶକ୍ତି ଗୋଷ୍ଠୀଙ୍କୁ ମିଳୁଛି । କେବଳ ଏହି ୨ଟିରେ ମିଶନ ଶକ୍ତିର ମହିଳା ଗୋଷ୍ଠୀ ନିଜର ସଫଳତାର ପ୍ରମାଣ ଦେଇନାହାନ୍ତି, ବରଂ ସହରାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ଜଳଯୋଗାଣଠାରୁ ଆରମ୍ଭ କରି ପରିମଳ ଏବଂ ଟ୍ରାଫିକ ନିୟନ୍ତ୍ରଣ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ନିଜକୁ ସାମିଲ କରିବା ସହିତ ଆତ୍ମନିର୍ଭର ହୋଇପାରୁଛନ୍ତି।

FOR SALE
12 MW CAPTIVE POWER PLANT AT RAIPUR
Along with its allied Machineries on dismantling and take out basis 12 MW Triveni Turbine, 50 TPH Cethar Vessel AFCB Boiler GEA Air cool condenser, Thermax ESP with coal handling system
Interested parties for inspection of the plant may
Call +91 93609 27077
E-mail: captiveppsale@gmail.com

OFFICE OF THE DISTRICT NODAL OFFICER (MDM)-CUM-DISTRICT EDUCATION OFFICER, DPMU (MDM), DHENKANAL
No.3814/ Dt.09.04.2021
SHORT TENDER CALL NOTICE
Sealed tender in prescribed forms are invited from the intending Registered firms/ Authorized licencing Transporting Contractors/ Agents for undertaking the work of transportation of MDM food stuff quarterly from FSD, FCI/OSCSC, Dhenkanal/ Selected Depot to all school points of Dhenkanal district under Mid-Day-Meal Programme for the year 2021-22 (from 01.04.2021 to 31.03.2022). The tender paper / terms and condition can be obtained from the Office of the District Project Management Unit (MDM), Dhenkanal, O/o the District Education Officer, Dhenkanal and also available at District website (www.dhenkanal.nic.in) from 12.04.2021 to 03.05.2021 on any working day during office hour on payment of 15,000/- (Rupees Fifteen thousand) only in shape of Demand Draft (non-refundable) in favour of District Nodal Officer (MDM)-cum-District Education Officer, Dhenkanal payable at Dhenkanal. In case of submission of downloaded tender paper, it must accompany the Demand Draft amounting Rs.15,000/- as mentioned above, failing which the tender application will be rejected. The tender shall be received by the District Education Officer, Dhenkanal during the office hour from 12.04.2021 to 03.05.2021 through Registered Post/Speed Post only and will be opened on 04.05.2021 at 4.00 P.M. in the Office Chamber of Collector, Dhenkanal in presence of the members of the tender committee and the tenderers or their authorized representatives. There shall be two stages of bidding - Technical and Financial. The interested bidders must submit the Technical bid in a envelope superscribed as "Technical Bid for Tender of Transportation of Mid Day Meal Food stuff in Dhenkanal district for the financial year 2021-22 (from 01.04.2021 to 31.03.2022". The Financial Bid must be submitted in a separate envelope superscribed as "Financial Bid for Tender of Transportation of Mid Day Meal Food stuff in Dhenkanal district for 2021-22". Both these envelopes must then be placed in a third envelopes superscribed as "Tender of Transportation of Mid Day Meal Food stuff in Dhenkanal district for the financial year 2021-22 (from 01.04.2021 to 31.03.2022)". The tenders received beyond the scheduled date and time shall be rejected. The undersigned reserves the right to reject/cancel/withdraw any or all the tenders without assigning any reason thereof and shall bear no responsibility what so ever consequent upon such decisions.
Sd./- Collector & District Magistrate, Dhenkanal

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

GOVT. APPROVED
HINDUSTAN TELECOM
ଭାରତର ନଂ.1 କମ୍ପାନୀ
ଆପଣଙ୍କ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ହାଇ କ୍ୱାଲିଟି 4G/5G ମୋବାଇଲ ଟାୱାର ଲଗାନ୍ତୁ
T&C
ଅଗ୍ରିମ: 60 ଲକ୍ଷ | ଭଡ଼ା: 50 ହଜାର | କମ୍ପାନୀ ତରଫରୁ ବାଇକ୍ + ଅନ୍ୟ ସୁବିଧା
ନୋଟ୍: ଠକମାନଙ୍କ ପ୍ରତି ସାବଧାନ
: Contact :
18002127174
Website : www.hindustantelecom.in

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
ବାବା କମଲ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଏକମାତ୍ର କର୍ତ୍ତବ୍ୟ ହେଉଛି– ଧୀର, ଶାନ୍ତ ଭାବରେ ଧୈର୍ଯ୍ୟ ଓ ସହିଷ୍ଣୁତା ସହ ଭଲମନ୍ଦ ସବୁକିଛିର ସମ୍ମୁଖୀନ ହେବା। ... ଭୟ କରନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷାକବଚ। –ଶ୍ରୀମା

# ଦାୟିତ୍ୱହୀନ ଉତ୍ସବ

ଭାରତରେ ୮୫ ଦିନରେ ୧୦ କୋଟି ଲୋକଙ୍କୁ କରୋନା ଟିକା ଦିଆଯାଇପାରିଛି। କୁହାଯାଉଛି, ଏହା ହେଉଛି ଆମ ଦେଶ ପାଇଁ ସବୁଠାରୁ ଗର୍ବର ବିଷୟ। ବାସ୍ତବରେ ଏହି ସଂଖ୍ୟା କେତେଦୂର ସତ୍ୟ ତାହା ସାଧାରଣରେ ଜାଣିବା କଷ୍ଟକର। କାରଣ କେନ୍ଦ୍ରରେ ଭାଜପା ସରକାର କ୍ଷମତାସୀନ ହେବାଦିନୁ ସାମାଜିକ ସ୍ତରଠାରୁ ଅର୍ଥନୀତି ସଂକ୍ରାନ୍ତ ଦେଇଆସୁଥିବା ଅନେକ ତଥ୍ୟ ଅସତ୍ୟ ବୋଲି ପରବର୍ତ୍ତୀ ସମୟରେ ପ୍ରମାଣିତ ହୋଇଛି। ଏପରି କି କେନ୍ଦ୍ର ସରକାରଙ୍କ କେତେକ ମନ୍ତ୍ରଣାଳୟ ମଧ୍ୟରେ ମେଳ କଲା ବେଳେ ବହୁ ତଥ୍ୟ ତଫାତ୍ ଦେଖାଦେଇଥିବା ଅତୀତ ଘଟଣାରୁ ଜଣାପଡ଼ିଛି। ୨୦୨୦ରେ କରୋନା ଭୂତାଣୁଜନିତ ସଂକ୍ରମଣ ବଢ଼ିବା ବେଳେ ସମାଜର ବିଭିନ୍ନ ବର୍ଗଙ୍କୁ ଆର୍ଥିକ ସୁରକ୍ଷା ଦେବା ବିଷୟ କେନ୍ଦ୍ର ସରକାର ଘୋଷଣା କଲେ। ସେଥିରୁ ୨୦ ଲକ୍ଷ କୋଟି ଟଙ୍କା ବା ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୧୦ ପ୍ରତିଶତ ବୋଲି ଡିଣ୍ଡିମ ପିଟାଗଲା, ପରବର୍ତ୍ତୀ ସମୟରେ ଦେଖାଗଲା ଯେ ସେଥିରୁ ଅଧିକାଂଶ ବୃହତ୍ ରଣମେଳା ଥିଲା। ଲୋକେ ସେତେବେଳେ ଭକୁଆ ହୋଇଥିଲେ। ସେହିପରି ପ୍ରବାସୀ ଶ୍ରମିକଙ୍କୁ ଟ୍ରେନ୍‌ରେ ଶତପ୍ରତିଶତ ମାଗଣାରେ ନିଜ ଅଞ୍ଚଳକୁ ଯିବାର ବ୍ୟବସ୍ଥା କରାଯାଇଛି ବୋଲି କେନ୍ଦ୍ର ସରକାର କହିଥିଲେ। କିନ୍ତୁ ଏ ବିଷୟରେ ସତ୍ୟତା ଖୋଜାଗଲା ବେଳକୁ ଜଣାପଡ଼ିଲା ଯେ ଟ୍ରେନ୍ ଟିକେଟର ୮୫ ପ୍ରତିଶତ କେନ୍ଦ୍ର ବହନ କରିଥିବା ବେଳେ ରାଜ୍ୟଗୁଡ଼ିକ ଉପରେ ୧୫ ପ୍ରତିଶତ ପଡ଼ିଥିଲା। ଆହୁରି କୌତୂହଳର ବିଷୟ ଯେ, ଉକ୍ତ ୮୫ ପ୍ରତିଶତ ମଧ୍ୟ ସନ୍ଦେହଜନକ ଥିଲା, କାରଣ ଅନେକ ଶ୍ରମିକ ନିଜେ ଟିକେଟ କିଣି ଘରକୁ ଫେରିଥିଲେ। ଏହା ପୂର୍ବର ଉଦାହରଣକୁ ଦେଖିଲେ ବିମୁଦ୍ରୀକରଣ କଥା ମନେପଡ଼େ। ୮ ନଭେମ୍ବର ୨୦୧୬ରେ ବିମୁଦ୍ରୀକରଣ ଘୋଷଣା ବେଳେ କୁହାଯାଇଥିଲା ଯେ, ଏହାର ପ୍ରମୁଖ ଉଦ୍ଦେଶ୍ୟ କଳାଧନ ଠାବ କରିବା। କିନ୍ତୁ ସେଥିରେ ବିଫଳ ହେବା ପରେ କଥା ବୁଲାଇ କୁହାଗଲା ଭାରତୀୟ ଅର୍ଥନୀତିକୁ ଡିଜିଟାଲ ମୋଡ୍‌କୁ ଆଣିବାରେ ଏହା ବିଶେଷ ସହାୟକ ହୋଇଛି। ଏଥିସହିତ ଯୋଡ଼ାଯାଇପାରେ ତାଳି ମାରିବା, ଥାଳି ବାଡ଼େଇବା, ଘଣ୍ଟ ପିଟିବା ଓ ଦୀପ ଜଳାଇବା ଇତ୍ୟାଦି ଅନେକ ଅସଂଲଗ୍ନ ଘୋଷଣା, ଯାହାସବୁ ଲୋକଙ୍କୁ ସେହି ମୁହୂର୍ତ୍ତରେ ବାଟବଣା କରିବାରେ ସଫଳ ହୋଇଥିଲା। ଅବଶ୍ୟ ନିରପେକ୍ଷ ଓ ଚିନ୍ତାଶୀଳ ନାଗରିକ ପରବର୍ତ୍ତୀ ସମୟରେ ସତ୍ୟ ବୁଝିପାରିଥିଲେ। ଯେଉଁମାନେ ସତ୍ୟକୁ ଅସ୍ୱୀକାର କରିବେ ସେମାନଙ୍କୁ ବାସ୍ତବତା ବୁଝାଇବା ସମ୍ଭବପର ହେବ ନାହିଁ।

ଟିକାକରଣକୁ ନେଇ ବାହାବା ନେବା ବିଷୟକୁ ଫେରିବା। ଆମେରିକା ଓ ଅନ୍ୟାନ୍ୟ ରାଷ୍ଟ୍ର ତୁଳନାରେ ଅଦ୍ୟାବଧି ଭାରତ ଅଧିକ ଲୋକଙ୍କୁ ଟିକା ଦେବାରେ ସକ୍ଷମ ହୋଇଛି ବୋଲି କୁହାଯାଉଛି। ଏ ଦିଗରେ ଏକ ନୂଆ ଉପଲବ୍ଧି ହାସଲ କରିପାରିଥିବାରୁ ଭାରତ ଉଲ୍ଲସିତ ହୋଇଛି। ଅନେକ ଭାରତୀୟ ଯେତେବେଳେ ଆମେରିକା ତୁଳନାରେ କିଛି ସଫଳତା ପାଇଥାଆନ୍ତି, ସେତେବେଳେ ମାଙ୍କଡଡିଆଁ ମାରିଥାଆନ୍ତି। ବାସ୍ତବରେ ଟିକାକରଣକୁ ଦେଖିଲେ ଆମେରିକାର ଲୋକସଂଖ୍ୟା ୩୩ କୋଟିରୁ ଅଧିକ। ସେମାନଙ୍କ ମଧ୍ୟରୁ ପ୍ରାୟ ୨୦ ପ୍ରତିଶତ ଅର୍ଥାତ୍ ୬ କୋଟି ୬୦ ଲକ୍ଷ ଲୋକ ଟିକା ନେଇଛନ୍ତି। ଭାରତର ଜନସଂଖ୍ୟା ୧୩୫ କୋଟିରୁ ଊର୍ଦ୍ଧ୍ୱ। ସେହି ଅନୁଯାୟୀ ଦେଖିଲେ ଏଠାରେ ୧୦ ପ୍ରତିଶତ ଲୋକଙ୍କୁ ଅଦ୍ୟାବଧି ଟିକା ଦିଆଯାଇପାରି ନାହିଁ। ତେଣୁ ଭାରତବାସୀ ହିସାବ କରିପାରୁଥିବେ ଆମେରିକାଠାରୁ ଆମେ କେତେ ଆଗରେ ଅଛୁ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ନିକଟରେ ଘୋଷଣା କରିଥିଲେ, ପ୍ରତ୍ୟେକ ପ୍ରାପ୍ତବୟସ୍କ ନାଗରିକ ଟିକା ନେଇପାରିବେ। ଅର୍ଥାତ୍ ସେଠାରେ ସମସ୍ତଙ୍କ ପାଇଁ ଯଥେଷ୍ଟ ପରିମାଣର ଟିକା ମହଜୁଦ ଅଛି। କିନ୍ତୁ ନାଗରିକଙ୍କ ଟିକା ନେବା ପାଇଁ ବିରୋଧ ଥିବା ଯୋଗୁ ଟିକାକରଣରେ ବିଳମ୍ବ ଘଟୁଥିଲା। ପୂର୍ବରୁ ଆମେରିକା ଘୋଷଣା କରିଥିଲା ଯେ, ମେ ମାସ ପ୍ରଥମ ସପ୍ତାହରୁ ସମସ୍ତେ ଟିକା ପାଇପାରିବେ। ରାଷ୍ଟ୍ରପତି ବାଇଡେନଙ୍କ ଏବେକାର ଘୋଷଣା ଦର୍ଶାଉଛି ଯେ, ଆମେରିକା ତାହାର ଟିକାକରଣ କାର୍ଯ୍ୟକୁ ଦୁଇ ସପ୍ତାହ ପୂର୍ବରୁ କରିଦେଇପାରିଛି। ଅପରପକ୍ଷରେ ଭାରତରେ ଓଡ଼ିଶା ଓ ପଞ୍ଜାବ ସମେତ ଆହୁରି ଅନେକ ରାଜ୍ୟ ଟିକାର ଅଭାବ ଘୋଷଣା କରିସାରିଲେଣି। ଏଥିସହିତ ଭାରତରେ ଘରୋଇ କମ୍ପାନୀ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ତାହାର କୋଭିସିଲ୍‌ଡ ଟିକା ପ୍ରସ୍ତୁତି କାର୍ଯ୍ୟରେ ବିଳମ୍ବ ହେଉଛି ବୋଲି ଆଦାର ପୁନାୱାଲା ଗଣମାଧ୍ୟମକୁ କହିସାରିଲେଣି। ଏଭଳି ପ୍ରଚ୍ଛଦପଟରେ ଟିକା ଉତ୍ସବ ପୁନର୍ବାର ଏକ ତାଳିମାରିବା, ଦୀପ ଜଳାଇବା ଭଳି ପ୍ରତୀୟମାନ ହୋଇପାରେ। ଏଠାରେ ମନେରଖିବାକୁ ହେବ ଯେ, ଏହିସବୁ ନାଟକ ରଚାଯାଉଥିବାବେଳେ ଦେଶବ୍ୟାପୀ କରୋନାର ଦ୍ୱିତୀୟ ଓ ତୃତୀୟ ଲହର ପ୍ରବଳ ମାତ୍ରାରେ ସଂକ୍ରମିତ କରୁଛି।

୧୧ ଏପ୍ରିଲ ସମାଜ ସଂସ୍କାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଦିନଠାରୁ ୧୪ ଏପ୍ରିଲ ବି. ଆର୍. ଆମ୍ବେଡକରଙ୍କ ଜୟନ୍ତୀ ପର୍ଯ୍ୟନ୍ତ ୪ ଦିନ ଧରି ଦେଶରେ 'ଟିକା ଉତ୍ସବ' ପାଳନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ଅର୍ଥାତ୍ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ବହୁସଂଖ୍ୟାରେ ଟିକାଗ୍ରହଣ କେନ୍ଦ୍ରକୁ ଯାଇ ଟିକା ନେଲେ ଉତ୍ସବ ପାଳନ ସଫଳ ହେଲା ବୋଲି ଧରାଯିବ। ବାସ୍ତବରେ ଏହି ଲୋକଦେଖାଣିଆ ଖୁସି ଭୂତାଣୁ ସଂକ୍ରମଣରୁ ନାଗରିକଙ୍କୁ କିଭଳି ଦୂରେଇ ରଖିବ ଭାବି ହେଉନାହିଁ। ଦେଶର ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ଶୋଭାଯାତ୍ରାରେ ଯେଭଳି ଜନ ସମାଗମ ହୋଇଛି ସେଥିରୁ ମନେହେଉଛି ଯେପରି ରାଜନୈତିକ କାର୍ଯ୍ୟରେ କରୋନା ଭୂତାଣୁ ହସ୍ତକ୍ଷେପ କରୁନାହିଁ। ଖୋଦ୍ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସମେତ ଅନେକ ନେତା ବିଭିନ୍ନ ସମୟରେ ମାସ୍କ ପିନ୍ଧୁ ନ ଥିବା ଦେଖିବାକୁ ମିଳୁଛି। ତେଣୁ କେବଳ ସ୍ଲୋଗାନ ଦେଇ ନିଜ ପିଠିକୁ ନିଜେ ଥାପୁଡ଼ାଇଲେ ବାସ୍ତବ ସତ୍ୟ ଲୁଚିଯିବ ନାହିଁ। ଦେଶବ୍ୟାପୀ ହୁରିପଡ଼ିଛି କରୋନା ଟିକାର ଅଭାବ, ହେଲେ କେନ୍ଦ୍ର ସରକାର ଏହାର ଉତ୍ସବ ପାଳୁଛନ୍ତି। ଅନ୍ୟପଟେ ଟିକାର ପ୍ରଭାବକୁ ଦେଖାଯାଉ। ଭାରତରେ ମିଳୁଥିବା ମୁଖ୍ୟତଃ ଦୁଇ ପ୍ରକାର ଟିକା–କୋଭାକ୍ସିନ୍ ଓ କୋଭିଶିଲ୍ଡର ଯଥେଷ୍ଟ ପରୀକ୍ଷା ଏ ପର୍ଯ୍ୟନ୍ତ ହୋଇନାହିଁ। ତରବରିଆ ଭାବେ ପ୍ରସ୍ତୁତ ଏହି ଟିକା ନେଇଥିବା ବ୍ୟକ୍ତି ନିଜେ କରୋନା ସଂକ୍ରମିତ ହେବେ ନାହିଁ ବୋଲି ନିଶ୍ଚିତତା ନାହିଁ। ତାହାର ପ୍ରମାଣ ହରିୟାଣାର ଜଣେ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଅନେକ ଲୋକଙ୍କଠାରେ ଦେଖାଯାଇ ସାରିଲାଣି। ଅକ୍ସଫୋର୍ଡ–ଆଷ୍ଟ୍ରାଜେନିକା ଆବିଷ୍କୃତ କୋଭିଶିଲ୍ଡ ଏବେ ୟୁରୋପରେ ନିଷିଦ୍ଧ କରାଗଲାଣି। ସେହି କୋଭିଶିଲ୍ଡ ନେଇଥିବା ଲୋକଙ୍କ ରକ୍ତ ଜମାଟ ହେଉଥିବାର ଅଭିଯୋଗ ଆସିଛି। ଅପରପକ୍ଷରେ ଭାରତରେ ପ୍ରସ୍ତୁତ ଓ ବିକଶିତ କୋଭାକ୍ସିନ୍‌ର କୌଣସି ପରୀକ୍ଷାଫଳ ମିଳିବା ପୂର୍ବରୁ ଲୋକଙ୍କୁ ଦିଆଯାଉଛି। ଏହି ଦୁଇ ଟିକାର ପ୍ରଭାବ ମଣିଷ ଦେହରେ କେତେଦିନ ରହିବ ତାହା ନିର୍ମାତା କିମ୍ବା ସରକାର କହିବାକୁ ପ୍ରସ୍ତୁତ ହେଉନାହାନ୍ତି। ଏହା ବ୍ୟତୀତ ଟିକା ନେଇଥିବା ବ୍ୟକ୍ତିର କ୍ଷତି ଘଟିଲେ ସେଥିପାଇଁ ଔଷଧ କମ୍ପାନୀ ବା ସରକାର ଦାୟୀ ହେବାକୁ ଆଗେଇ ଆସୁନାହାନ୍ତି। ଟିକା ଉତ୍ସବ ଭଳି କାର୍ଯ୍ୟକ୍ରମ ଘୋଷଣା କରିବାବେଳେ ଜନସାଧାରଣଙ୍କୁ ଆନୁଷଙ୍ଗିକ ବିପଦ ସମ୍ପର୍କରେ ସଚେତନ କରାଇବା ହେଉଛି ସରକାରଙ୍କ ଦାୟିତ୍ୱ। ଆଜିର ସରକାର ନାଗରିକଙ୍କ ପ୍ରତି କୌଣସି ଦାୟିତ୍ୱ ତୁଲାଇବା ପାଇଁ ପ୍ରସ୍ତୁତ ଥିବା ଭଳି ମନେହେଉ ନାହିଁ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 6 | 5 | |
| | | | | | | 1 | | |
| 5 | 2 | 7 | | | | 3 | | |
| 8 | | | 4 | | | | | 5 |
| | | 6 | | | | 4 | | |
| | | 2 | 1 | 7 | | | | 6 |
| | | | 5 | | | 7 | 4 | 9 |
| | | 8 | | | 1 | | | |
| | 3 | | | 2 | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 1 | 8 | 3 | 7 | 2 | 9 | 4 |
| 9 | 2 | 8 | 1 | 4 | 5 | 7 | 3 | 6 |
| 3 | 7 | 4 | 6 | 9 | 2 | 8 | 5 | 1 |
| 1 | 9 | 2 | 4 | 7 | 3 | 6 | 8 | 5 |
| 4 | 8 | 3 | 5 | 2 | 6 | 1 | 7 | 9 |
| 7 | 5 | 6 | 9 | 1 | 8 | 4 | 2 | 3 |
| 8 | 3 | 9 | 2 | 6 | 4 | 5 | 1 | 7 |
| 2 | 4 | 7 | 3 | 5 | 1 | 9 | 6 | 8 |
| 6 | 1 | 5 | 7 | 8 | 9 | 3 | 4 | 2 |

ଗତକାଲିର ଉତ୍ତର

# ସାମାଜିକ ଅପରାଧର କାରଣ ଓ ନିରାକରଣ



ଡ. ଶରତ ଚନ୍ଦ୍ର ରଥ

ପ୍ରକୃତିର ଚାରୁ ଚିତ୍ରଶାଳା ଏ ପୃଥିବୀ। ସମୁଦ୍ରର ନୀଳତରଙ୍ଗ, ନଦୀର ଧାର, ଝରଣାର କୁଲୁକୁଲୁ ଗାନ, କୋଇଲିର କୁହୁକୁହୁ ତାନ, ବାରୁଣୀ କିରଣର ଲାଲିମା, ସଜ ସକାଳର ଧୀର ପବନରେ ଝୁଲାଝୁଲା ଅରୁଣିମା, ଦିଗନ୍ତ ବିସ୍ତାରୀ ଶସ୍ୟକ୍ଷେତ୍ରର ସବୁଜିମା, ଫୁଲ ଫଗୁଣର ବାସନ୍ତି ବିଭା, ଗ୍ରୀଷ୍ମ ମଧ୍ୟାହ୍ନରେ କୃଷ୍ଣଚୂଡ଼ାର ଶୋଭା, ଜହ୍ନରାତିର ରଜତକାନ୍ତି, ପାହାନ୍ତ ପହରର ଶୀତଳ ଶାନ୍ତି, ଅପୂର୍ବ ଆନନ୍ଦ ଭରିଦିଏ ମନରେ। ତାହା ପ୍ରାଣରେ ଆଣେ ପୁଲକ ଏବଂ ଦେହରେ ଶିହରଣ।

କେତେ ପ୍ରକାରର ବୃକ୍ଷଲତା, ତା'ର ଗଣନା କେହି କରିନି। ପ୍ରତିବୃକ୍ଷଲତାରେ ଭିନ୍ନ ଭିନ୍ନ ପ୍ରକାରେ ପତ୍ରସଜ୍ଜା, ଉଦ୍ଭିଦ ଜଗତରେ କେତେ ରଙ୍ଗର ଫୁଲ, କେତେ ବାସ୍ନାର ଫୁଲ, କେତେ ରସର ଫଳ କିଏ ଦେଇଛି? ସେ କିଏ? ସେ ଆଉ କେହି ନୁହେଁ, ବିଶ୍ୱ ପ୍ରକୃତି। ସମଗ୍ର ପ୍ରାଣିଜଗତ ଏଇ ବିଶ୍ୱ ପ୍ରକୃତିର ସୃଷ୍ଟିରେ ଅନ୍ତର୍ଭୁକ୍ତ।

ମନୁଷ୍ୟ ଏଇ ପ୍ରକୃତିର ଏକ ସୁଷମ ସୃଷ୍ଟି। ଅଛି ତା' ପାଖରେ ବିଚାରଶକ୍ତି, ବିବେକଶକ୍ତି ଏବଂ ବିପୁଳ ମନୋବଳର ଶକ୍ତି। ମଣିଷର ମନ ସୁଚିନ୍ତା କରିପାରେ, କୁଚିନ୍ତା ମଧ୍ୟ କରିପାରେ। ଏ ବାବଦରେ ସେ ସ୍ୱାଧୀନ। ଚାହିଁଲେ ସେ ସୁଚିନ୍ତା କରିପାରିବ, ଚାହିଁଲେ କୁଚିନ୍ତା ମଧ୍ୟ। ଚାହିଁଲେ ଅନ୍ୟର କ୍ଷତି କରିପାରିବ, ଚାହିଁଲେ ଅନ୍ୟର କଲ୍ୟାଣ କରିପାରିବ। ତେବେ କୁଚିନ୍ତା ଆସେ, ଅହଂକାର ଯୋଗୁଁ ଯାହାର ଅହଂଭାବ ଯେତେ ଅଧିକ ତାହାର ଅନ୍ୟର କ୍ଷତି ଚିନ୍ତା ସେତେ ଅଧିକ। ଯାହା ଭିତରେ ସଂକୀର୍ଣ୍ଣତା ଯେତେ ଅଧିକ, ତା' ମନରେ ଅନ୍ୟର ଅନିଷ୍ଟ ଚିନ୍ତା ସେତେ ଅଧିକ। ଅହଂଭାବର ଏକ ରୂପ ହେଉଛି ସଂକୀର୍ଣ୍ଣତା। ଅନ୍ୟର କ୍ଷତି ଚିନ୍ତା କରିବା ଓ ଅନ୍ୟର କ୍ଷତି କରିବା ଆଦୌ ବୀରତ୍ୱର ଚିହ୍ନ ନୁହେଁ ଅଥବା ବ୍ୟକ୍ତିତ୍ୱର ପରିଚୟ ନୁହେଁ, ବରଂ ଏହା ହୀନମନ୍ୟତା ଓ ନୀଚ ମାନସିକତାର ଚିହ୍ନ। ଯେଉଁମାନେ ଅନ୍ୟର ଅନିଷ୍ଟ କରୁଥା'ନ୍ତି, ସେମାନେ ଜାଣିପାରନ୍ତି ନାହିଁ ଯେ ସେମାନେ ହୀନ, ନଗଣ୍ୟ, ନୀଚ ଓ ଅଜ୍ଞାନ।

ଅନ୍ୟର ଅନିଷ୍ଟ ବହୁ ପ୍ରକାରରେ କରାଯାଇପାରେ। ଲୁଟତରାଜଠାରୁ ଆରମ୍ଭ କରି ଚୋରି ବାଟ ଦେଇ ଡକାୟତି ପର୍ଯ୍ୟନ୍ତ ଏଇ ଅନିଷ୍ଟର ଚେର ଲମ୍ବିପାରେ। ବେକରୁ ହାର ଝିଙ୍କିନେବା, ହାତରୁ ବ୍ୟାଗ୍ ଓ ମୋବାଇଲ ଛଡ଼ାଇ ନେବାଠାରୁ ଆରମ୍ଭ କରି ଅନ୍ୟର ଜମି, ଜାଗାରୁ ହାତେ ଚାଖଣ୍ଡେ ନେଇଯିବା ପର୍ଯ୍ୟନ୍ତ ଏଇ ଅନିଷ୍ଟକର କାର୍ଯ୍ୟର ଅନ୍ତର୍ଭୁକ୍ତ। ଅନ୍ୟକୁ ମିଛ ପ୍ରଲୋଭନ ଦେଖାଇ ଠକିଠାକି ଦି' ପଇସା ପକାଇଦେବା, ଅନ୍ୟକୁ ଅସୁବିଧାରେ ପକାଇ ଫାଇଦା ଉଠାଇବା, କ୍ଷମତା ପ୍ରୟୋଗ କରି ଅନ୍ୟକୁ ହଇରାଣ ହରକତ କରିବା, ଅନ୍ୟର ମାନ ସମ୍ମାନ ହାନି ହେଲା ଭଳି କାର୍ଯ୍ୟକରିବା ଯେ କେତେ ନୀଚ, ହୀନ ଓ କୁତ୍ସିତ କାର୍ଯ୍ୟ ତା'ର କଳନା ନାହିଁ। ମଣିଷଠାରୁ ବସ୍ତୁ ଭିଡ଼ ନେଇ ତାକୁ ପୁଣି ଲୁଟେରାମାନେ ଏପରି ବାଗରେ ଠେଲି ଦେଉଛନ୍ତି ଯେ, ପଡ଼ିଯିବା ଲୋକଟି ସହଜରେ ଉଠି ପାରୁନାହିଁ। ହାତଗୋଡ଼ ଭାଙ୍ଗିଯିବା, ମୁଣ୍ଡ ଫାଟିଯିବା ପର୍ଯ୍ୟନ୍ତ କଥାଯାଉଛି। ଦେବଶିଶୁ ହୋଇ ମଣିଷ ଏତେ ଅକାର୍ଯ୍ୟ କରେ କିପରି ଭାବିଲେ ଆଶ୍ଚର୍ଯ୍ୟ ଲାଗେ।

ହୀନକାର୍ଯ୍ୟ କରୁଥିବା ମଣିଷ କେତେ ହିଂସ୍ର ହୋଇଛି ସତେ! ପଶୁଠାରୁ ମଧ୍ୟ ଅଧିକ ହିଂସ୍ର ହୋଇଛି। ମଣିଷର ହିଂସ୍ରତାର ହାତ ଲମ୍ବିଯାଇଛି କୁନିକୁନି ପିଲାଙ୍କର ସର୍ବନାଶ ପର୍ଯ୍ୟନ୍ତ। କୁନିକୁନି ପିଲାମାନେ ହଜି ଯାଉଛନ୍ତି ଆଜିକାଲି, ହଜିଯାଉଛନ୍ତି ଯେ ଯାଉଛନ୍ତି ଆଉ ଖୋଜି ଖୋଜି ମିଳୁନାହାନ୍ତି, ପୂରାପୂରି ନିଖୋଜ ହୋଇ ଯାଉଛନ୍ତି। ଆଉ କେତେକଙ୍କର ମିଳୁଛି କ୍ଷତାକ୍ତ ଶବ। କେଡ଼େ ନିରୀହ ନିର୍ଦ୍ଦୋଷ ଶିଶୁଙ୍କର ହତ୍ୟା, କେଡ଼େ ଦାରୁଣ ହିଂସ୍ରତାର କ୍ରିୟାକଳାପ ଫଳ, ଭାବିଲେ ମଥା ପୂରିଯାଏ। ଏଇ ମଣିଷର ହାତ କିପରି ଯାଉଛି ଦେବଶିଶୁମାନଙ୍କୁ ଚାଲାଣ କରି ଦେବା ପାଇଁ ନରସଂହାରୀମାନଙ୍କ ହାତରେ! କେତେ ଶିଶୁକନ୍ୟା ଦୁଷ୍କର୍ମର ଶିକାର ହେବା ସହିତ ହତ୍ୟାର ଶିକାର ହେଉଛନ୍ତି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ୨୦୧୮ ଓ ୨୦୧୯ ମସିହାରେ ଆମ ରାଜ୍ୟରେ ଶହ ଶହ ସଂଖ୍ୟକ ଶିଶୁଙ୍କର ପତ୍ତା ମିଳୁନାହିଁ।

ମାଛିର ଦୃଷ୍ଟି ଯେପରି ମଇଳା ଆଡ଼କୁ ସ୍ୱତଃ ଆକୃଷ୍ଟ ହୁଏ, ହିଂସ୍ର ମଣିଷର ଦୃଷ୍ଟି ସେପରି ଅନ୍ୟର କ୍ଷତି ଓ ସର୍ବନାଶ ଆଡ଼କୁ ଆକୃଷ୍ଟ ହୋଇଥାଏ। ସେ ଖୋଜି ବୁଲୁଥାଏ ଅନ୍ୟର ଅନିଷ୍ଟ କରିବାର ବାଟ। ଏପରି ମାନସିକତାରୂପକ ବ୍ୟାଧି ପାଇଁ ଔଷଧ ହେଉଛି ତ୍ୱରିତ ନ୍ୟାୟିକ ଦଣ୍ଡବିଧାନ। ତେବେ ବ୍ୟାଧି ନ ହେବା ପାଇଁ ପ୍ରତିଷେଧକ ମଧ୍ୟ ରହିଛି। ତାହା ହେଉଛି ପାରିବାରିକ ଶିକ୍ଷା ଓ ଆନୁଷ୍ଠାନିକ ଶିକ୍ଷା। ପ୍ରତିଷେଧକ ବ୍ୟବସ୍ଥା ଆରମ୍ଭ ହେବା ଆବଶ୍ୟକ ପରିବାରରୁ। ପରିବାରରେ ଯଦି ସଂସ୍କାର ନାହିଁ, ତେବେ ସଂସ୍କାର ଶିଖିବା ପିଲାଟି ପକ୍ଷରେ ସମ୍ଭବ ହେବ ନାହିଁ। ଅତଏବ ପ୍ରଥମେ ପରିବାରରେ ମାତାପିତା ଓ ଅଭିଭାବକ ସଂସ୍କୃତିସମ୍ପନ୍ନ ହେବା ଆବଶ୍ୟକ। ସେମାନଙ୍କ ଭିତରେ ମଣିଷପଣିଆ ତଥା ସାମାଜିକ ମୂଲ୍ୟବୋଧ ଥିବା ଏକାନ୍ତ ଜରୁରୀ। ଜୀବନ ଚିନ୍ତା ନ ଥିଲେ ମାନବିକତା ଆସେ ନାହିଁ। କେବଳ ଭଲ ଖାଇବା, ଭଲ ପିନ୍ଧିବା ଓ ଭଲରେ ରହିବାର ଚିନ୍ତା ଥିବା ପରିବାରରେ ପ୍ରାୟତଃ ଜୀବନ ଚିନ୍ତା ନଥାଏ। ଭଲ ଖାଇବା, ଭଲ ପିନ୍ଧିବା ଓ ଭଲରେ ରହିବା ଆଦୌ ଭୁଲ କଥା ନୁହେଁ। ମାତ୍ର ଅନ୍ୟର କ୍ଷତି ନ କରିବା, ଅନ୍ୟକୁ ନ ଠକିବା, ଏଥିସହିତ ମିଶିଥିବା ଆବଶ୍ୟକ। ଏପରିକି ଦେଶର କ୍ଷତି ନ କରିବା ଏବଂ ଦେଶର ଧନକୁ ଅପହରଣ ନ କରିବା ଏହାର ଅନ୍ତର୍ଭୁକ୍ତ।

ପାରିବାରିକ ପରିବେଶ ଭିତରେ ମଧୁରତା, ପାରସ୍ପରିକ ସଦ୍‌ଭାବ, ପାରସ୍ପରିକ ସହଯୋଗ ଥିଲେ ପିଲାଟିଏ ଭଲ କଥାସବୁ ଦେଖିଦେଖି ଶିଖିଯାଏ। ସେ ବୁଝିଯାଏ ସହାନୁଭୂତିର ମହତ୍ତ୍ୱ ଏବଂ ତା'ର ମନୋବୃତ୍ତି ସକାରାତ୍ମକ ହୋଇଥାଏ। ସେ ଜୀବନରେ ଅନ୍ୟମାନଙ୍କ ପ୍ରତି ଅନୁକୂଳ ମନୋଭାବ ପୋଷଣ କରିଥାଏ। ତା' ମନୋବୃତ୍ତିରେ ନିଷ୍ଠୁରତା ନ ଥାଏ, ହିଂସ୍ରତା ନଥାଏ। ଦୁଷ୍କର୍ମ ଓ ହତ୍ୟା ପରି ନିର୍ମମ କାର୍ଯ୍ୟ ପାଇଁ କୌଣସି ଭାବନା ମଧ୍ୟ ତା' ମନ ଭିତରକୁ ପଶିପାରେ ନାହିଁ।

ବେଳେବେଳେ ପ୍ରଶ୍ନ ଆସେ ସଙ୍ଗଦୋଷରୁ କ'ଣ ହିଂସ୍ରତା, ନିଷ୍ଠୁରତା ତଥା ଅମାନବିକତା ଆସେ ନାହିଁ। ଉତ୍ତରରେ କୁହାଯାଇପାରେ ଯେ, ଅବଶ୍ୟ ସଙ୍ଗଦୋଷ ଅତି ସାମାନ୍ୟ ଭାବରେ ପ୍ରଭାବିତ କରିପାରେ, ମାତ୍ର ସୁନାକୁ ପିତଳ କରିପାରେ ନାହିଁ, ଆଦୌ କରିପାରେ ନାହିଁ। ଯେଉଁ ସାମାନ୍ୟ ପ୍ରଭାବ ପଡ଼େ ତାହା ଆଦୌ କାର୍ଯ୍ୟକାରୀ ହୁଏ ନାହିଁ, ସଂସ୍କାରିତ ଭିତ୍ତିଭୂମି ଯୋଗୁ କୁପ୍ରଭାବ ରହେ ନାହିଁ, ସହସା ଅପସରିଯାଏ। କୁଭାବନା ତା'ର ଭିତରକୁ ପଶିପାରେ ନାହିଁ। କ୍ରମେକ୍ରମେ ପିଲାଟି ନିଜକୁ କୁସଙ୍ଗରୁ ମୁକ୍ତ କରେ।

ପାରିବାରିକ ଶିକ୍ଷା ସହିତ ପିଲାମାନଙ୍କର ସ୍ୱାଧୀନତା ମଧ୍ୟ ରହିବ। ମୋବାଇଲ ପରି ଆବଶ୍ୟକ ମାଧ୍ୟମ ଯୁବଶକ୍ତି ପାଖରେ ରହିବ, ମାତ୍ର ତାହାର ଅପବ୍ୟବହାର ହେବ ନାହିଁ। ଫଳରେ ଉଦ୍‌ଭ୍ରାନ୍ତ ହେବାର ଅବକାଶ ରହିବ ନାହିଁ। ମନରେ ଉଦ୍ଭଟ ଚିନ୍ତା ଓ କଳ୍ପନା ରହିବ ନାହିଁ। ପିଲାଟିଏ ଅନ୍ୟମାନଙ୍କ ପ୍ରତି ସଚେତନ ରହିବା ସହିତ ନିଜ ପ୍ରତି ମଧ୍ୟ ସଚେତନ ରହିବ। ତା'ର ଆଦର୍ଶ ଏପରି ହେବା ଆବଶ୍ୟକ, ଯେପରି ସେ କାହାକୁ ଠକିବ ନାହିଁ ଏବଂ ନିଜେ କେଉଁଠି ଠକି ହେବ ନାହିଁ। ସେ କାହାକୁ ଅପମାନିତ କରିବ ନାହିଁ ଏବଂ ନିଜେ ଅପମାନିତ ହେଲା ଭଳି କୌଣସି କାର୍ଯ୍ୟ କରିବ ନାହିଁ। ସେ ଅନ୍ୟର କ୍ଷତି କରିବ ନାହିଁ ଅଥବା ଅନ୍ୟମାନେ ତା'ର କ୍ଷତି କରିବାର ସୁଯୋଗ ସେ କାହାକୁ ଦେବ ନାହିଁ। ଅନ୍ୟମାନଙ୍କୁ ହୀନ, ସାନ, ସାମାନ୍ୟ ଭାବୁ ନ ଥିବ କିମ୍ବା ନିଜକୁ ସାନ, ହୀନ ମଧ୍ୟ ଭାବୁ ନ ଥିବ। ନିଜେ ଯାହା, ସେ ନିଜକୁ କେବଳ ତାହାହିଁ ଭାବୁଥିବ। ଅହଂକାରରେ ଫାଟିପଡୁ ନ ଥିବ କିମ୍ବା ହୀନମନ୍ୟତାରେ ଦବି ଯାଉ ନ ଥିବ। ଅନ୍ୟକୁ ବୃଥାରେ ଉଦ୍‌ବେଗ ଦେଉ ନ ଥିବ କିମ୍ବା ନିଜେ ମଧ୍ୟ ଉଦ୍‌ବେଗରେ ରହୁ ନ ଥିବ। ଖାଲି ମାର୍କ ପୁଳାଏ ପାଇବା ପାଇଁ ପାଠ ଘୋଷୁ ନ ଥିବ, ମାର୍କ ସହିତ ଜୀବନକୁ ବୁଝିବା ପାଇଁ ଚେଷ୍ଟା କରୁଥିବ। ସବୁଠାରୁ ବଡ଼ କଥା ହେଉଛି ପିଲାଟିଏ ବାହାରେ ଓ ଭିତରେ ଖୁସି ରହୁଥିବ। ସଚେତନ ଥିବ, ସ୍ୱଚ୍ଛତା ପ୍ରତି କାରଣ ସେ ବୁଝୁଥିବ ଯେ ସ୍ୱଚ୍ଛତା ହିଁ ସୁସ୍ଥତାର ଅନ୍ୟନାମ। ଶରୀରର ସ୍ୱଚ୍ଛତା, ମନର ସ୍ୱଚ୍ଛତା ଏବଂ ସର୍ବୋପରି ପରିବେଶର ସ୍ୱଚ୍ଛତା ପ୍ରତି ସେ ସଚେତନ ଥିବ।

ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କଠାରୁ ସେ ସକାରାତ୍ମକ ମନୋଭାବ ଶିଖିପାରିବ। ଶିକ୍ଷାନୁଷ୍ଠାନର ପ୍ରଭାବ ଆଦୌ ସାମାନ୍ୟ ନୁହେଁ, ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଚିନ୍ତାଧାରା ଓ ଚେତନା ପ୍ରବାହ ତଥା ଦିଗ୍‌ଦର୍ଶନ ପିଲାମାନଙ୍କୁ ଯଥାର୍ଥ ମାର୍ଗ ଦେଖାଇବାର ବହୁ ଉଦାହରଣ ରହିଛି।

ଅତଏବ ପରିବାର ଏବଂ ଶିକ୍ଷାନୁଷ୍ଠାନ– ଏହି ଦୁଇଟି ମୁଖ୍ୟ ଶିକ୍ଷାକେନ୍ଦ୍ର ଭାବରେ ପିଲାଟି ପାଇଁ ଗ୍ରହଣୀୟ। ଦୁଇ ଶିକ୍ଷା କେନ୍ଦ୍ରର ମହତ୍ତ୍ୱ ଅସାଧାରଣ। ଦୁଇ ଅନୁଷ୍ଠାନକୁ ଅର୍ଥାତ୍ ପରିବାରକୁ ଏବଂ ଶିକ୍ଷାନୁଷ୍ଠାନକୁ ମଣିଷଗଢ଼ା କାରଖାନା କହିଲେ ଅତ୍ୟୁକ୍ତି ହେବ ନାହିଁ।

ପ୍ରାକ୍ତନ ପ୍ରଫେସର,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ମୋ–୯୪୩୭୭୫୬୨୪୦

# ମୁଇ ପାଠ ପଢ଼ିବି



ଦ୍ୱିତୀ ଚନ୍ଦ୍ର ସାହୁ

ନିକଟରେ ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାଙ୍କୁ ମଧ୍ୟାହ୍ନଭୋଜନ ଚାଉଳ, ରୋଷେଇ ବାବଦକୁ ଖର୍ଚ୍ଚ ଏବଂ ପୋଷାକ ବଣ୍ଟନ କରାଗଲା। ସବୁ ବିଦ୍ୟାଳୟର ଶିକ୍ଷକ ନିଜ ନିଜ ବିଦ୍ୟାଳୟରେ ବଣ୍ଟନ ଉତ୍ସବ ପାଳନ କଲେ। ଏଇକ୍ରମରେ ସହରଠାରୁ ଏକ ଦୂରବର୍ତ୍ତୀ ଗ୍ରାମୀଣ ବିଦ୍ୟାଳୟକୁ ବୁଲିଯିବାର ସୁଯୋଗ ମିଳିଲା। ଶିକ୍ଷକ ବନ୍ଧୁ ନିଜ ବିଦ୍ୟାଳୟରେ ଏଇ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିଲେ। ସାମାନ୍ୟ ଦୂରରେ ରହି ତମାମ କାର୍ଯ୍ୟକ୍ରମକୁ ନିରୀକ୍ଷଣ କରୁଥାଏ। ହଠାତ୍ ଶିକ୍ଷକ ବନ୍ଧୁ ଅଟକି ବିରକ୍ତ ହେଲେ। କାରଣ ହେଲା ତୃତୀୟ ଶ୍ରେଣୀରେ ପଢୁଥିବା ପିଲାଟି ତା'ର ନାମ ଆଉ ଲେଖିପାରୁନି ଯଦିଓ ଦ୍ୱିତୀୟ ଶ୍ରେଣୀରେ ପଢ଼ିଲାବେଳେ ସେ କାଳେ ସୁନ୍ଦର ଭାବେ ନିଜ ନାମକୁ ଲେଖି ପାରୁଥିଲା। ନିକଟରେ ଥିବା ତା'ର ମାଆକୁ କଡ଼ା ସ୍ୱରରେ ଯାଚ୍ଛୁସାଚ୍ଛୁ ଗୁଡ଼ାଏ କହିଲେ ଶିକ୍ଷକ। ଅସହାୟ ଆଦିବାସୀ ମାଆ ଜଣକ ଶିକ୍ଷକଙ୍କ କଥାରେ ଉତ୍ତର ନ ଦେଇ ଚୁପ ରହିବାକୁ ଉଚିତ ମଣିଲେ। ନିଜର ପ୍ରାପ୍ୟକୁ ନେଇ ବାହାରକୁ ଆସିଲାପରେ ମାଆ ଜଣକ ସହ କଥା ହେଲି। ସାମଗ୍ରିକ ଭାବେ ତାଙ୍କ କଥା ଶୁଣି ଆଦୌ ଚକିତ ହେଲେନି। ଗତବର୍ଷ ତମାମ କରୋନାଜନିତ କାରଣରୁ ବିଦ୍ୟାଳୟ ମୁହଁ ଦେଖି ନାହାନ୍ତି ପିଲାମାନେ। ବର୍ଷତମାମ ସମୟାନ୍ତରରେ ମଧ୍ୟାହ୍ନଭୋଜନ ଚାଉଳ, ରୋଷେଇ ବାବଦକୁ ଖର୍ଚ୍ଚ ସମେତ ଜନଜାତି ପିଲାଙ୍କ ଲାଗି ଭତ୍ତା ବି ଗ୍ରହଣ କରୁଛନ୍ତି ସେମାନେ। କିନ୍ତୁ ଯେଉଁ ପ୍ରମୁଖ କାରଣ ଲାଗି ପିଲାଙ୍କୁ ଏସବୁ ସୁବିଧା ସୁଯୋଗ ଯୋଗାଯାଉଛି ତା'ଠାରୁ ଦୂରରେ ଏବେ ପିଲାମାନେ।

ଅସଲ କଥା ହେଲା ବର୍ଷତମାମ ବହି ସହ ପିଲାମାନେ କେବେ କସରତ କରିନାହାନ୍ତି। ବହି ମୁହଁକୁ ଦେଖି ନାହାନ୍ତି ଅନେକ ପିଲା। ଗ୍ରାମାଞ୍ଚଳର ଅଭିଭାବକଙ୍କ ଲାଗି ଅନ୍ନ ଚିନ୍ତା ଚମତ୍କାର ସବୁବେଳେ। ସେଭଳି ପରିସ୍ଥିତିରେ ପେଟପାଟଣା ଲାଗି ଡଙ୍ଗର ହାଟବଜାରକୁ ପ୍ରାଧାନ୍ୟ ଦେବେ ନା ପିଲାର ପାଠପଢ଼ା ଦେଖିବେ! ବସ୍ତୁତଃ କରୋନା କାଳରେ ଜୀବନଜୀବିକା ହିଁ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ପ୍ରଧାନ ପ୍ରସଙ୍ଗ ହୋଇଆସିଛି। ଦ୍ୱିତୀୟରେ ପାଠ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ଅଭିଭାବକମାନେ ଅତି ବେଶିରେ ପିଲାଙ୍କୁ ପଦେ ଅଧେ ପଢ଼ିବା ଲାଗି ହୁଏତ ତାଗିଦ କରୁଥିବେ। କିନ୍ତୁ ସ୍ୱାଧୀନଚେତୀ ପିଲାମାନେ ଯେ ଅଭିଭାବକଙ୍କ ଅନୁପସ୍ଥିତିରେ ବୋଲମାନି ବଡପିଲାଙ୍କ ଭଳି ପଢ଼ିବେ ଏକଥା କେବେ କ'ଣ ସମ୍ଭବ ହୋଇଛି। ଗୋଡ଼େ ଗୋଡ଼େ ଜଗିଲେ ପିଲା ବହି ଧରିବେ ଓ କିଛି ସମୟ ପଢ଼ିବେ। ମୁହଁ ବୁଲେଇଲେ ନିଜର ଲୀଳାଖେଳା ଆରମ୍ଭ କରିବେ। ଏଇ ବାସ୍ତବତା ଭିତରେ ପିଲାଏ ହଜିଛନ୍ତି ଓ ମଜ୍ଜିଛନ୍ତି। ବିଦ୍ୟାଳୟ, ଶିକ୍ଷକ, ବହି, ପାଠ ଆଦି ପ୍ରସଙ୍ଗଠାରୁ ବହୁ ଦୂରରେ ଆମ ଗ୍ରାମାଞ୍ଚଳର କୁନି କୁନି ପିଲାଏ। ଏବେ ପୁଣି କରୋନାର ଦ୍ୱିତୀୟ ଲହର ଆରମ୍ଭ ହୋଇଗଲାଣି। ଜୁନ୍ ମାସରେ ବିଦ୍ୟାଳୟର ଶିକ୍ଷା ବର୍ଷ ଆରମ୍ଭ କରିବା ନେଇ ସରକାର ଯେଉଁ ସମ୍ଭାବନା ଜାଗ୍ରତ କରିଥିଲେ ହୁଏତ କରୋନାର ଲେଉଟାଣି ରୂପ ସେସବୁକୁ ଧୋଇଦେବ! ପୁଣି କେବେ ବିଦ୍ୟାଳୟ ଖୋଲିବ କିଛି ଗ୍ୟାରେଣ୍ଟି ନାହିଁ। କରୋନାରେ ଅନେକେ କ୍ଷତିଗ୍ରସ୍ତ ହୋଇଛନ୍ତି ସତ। ପରବର୍ତ୍ତୀ ସମୟରେ ହୁଏତ ବିକଳ୍ପ ପନ୍ଥା ଖୋଜି ଭରଣା କରିବାର ଚେଷ୍ଟା କରିପାରିଛନ୍ତି, ହେଲେ ସବୁଠୁ ବେଶି କ୍ଷତି ସହିଛନ୍ତି ଛାତ୍ର ଗୋଷ୍ଠୀ।

ବିନ୍ଦୁ ବିସର୍ଗ ନ ଜାଣି ବି ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଛନ୍ତି ପିଲାଏ। ପୁନର୍ବଳନ ଶ୍ରେଣୀ ଜରିଆରେ ବର୍ଷତମାମର ପାଠକୁ ପଢ଼ାଇବା ଲାଗି ଯୋଜନା ରହିଛି। ଏହା କେତେ ଫଳପ୍ରଦ ହେବ ସମୟ କହିବ। ତା' ପୂର୍ବରୁ ପୁଣି ଥରେ ବିଦ୍ୟାଳୟ ଖୋଲିବାର ଅନିଶ୍ଚିତତାର କଳା ବାଦଲ ଏବେ ଘାରିଦେଇଛି। ବିଦ୍ୟାଳୟ ଖୋଲିଲେ ହିଁ ପାଠ ପଢ଼ିହେବ – ଏଇ ମାନସିକତାରେ ପିଲାଏ ଓ ଅଭିଭାବକ ଅଛନ୍ତି। ଗ୍ରାମାଞ୍ଚଳର ଅଧିକାଂଶ ମାଆବାପା ବିଦ୍ୟାଳୟକୁ ପିଲାମାନଙ୍କୁ ଛାଡ଼ିଦେଲେ ଘରେ ଶାନ୍ତିରେ ନିଃଶ୍ୱାସ ନିଅନ୍ତି। ସମସ୍ତ ଜଞ୍ଜାଳ ତୁଟିଗଲା ବୋଲି ବିଚାର କରନ୍ତି। ଶିକ୍ଷକ ଏଣିକି ସମସ୍ତ ଦାୟିତ୍ୱ ନେବେ। ପିଲାକୁ ଖାଲି ପାଠ ପଢ଼େଇବେ ନାହିଁ। ତା' ସହିତ ମଣିଷ କରିବେ। ଏକଥା ସତ। ଏଯାଏ ଆମେ ବିଦ୍ୟାଳୟ ବିନା ଶିକ୍ଷାର ପରିକଳ୍ପନା କରାଯାଇନି। ଏବେ ବିକଳ୍ପ ଶିକ୍ଷା ସମ୍ପର୍କରେ ଚିନ୍ତା କରିବାର ସମୟ ଆସିଛି। ବିଦ୍ୟାଳୟ ବିନା ପିଲାଏ ନିଜ ନିଜ ସ୍ତରରେ ପଢ଼ିବା ଲାଗି ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ଏଦିଗରେ ବହୁ ଶିକ୍ଷାବିତ କାମ କରୁଛନ୍ତି। ଓଡ଼ିଶା ତଥା ଓଡ଼ିଶା ବାହାରେ ବିକଳ୍ପ ଶିକ୍ଷାକୁ ନେଇ ସୁନ୍ଦର କାର୍ଯ୍ୟମାନ ଆରମ୍ଭ ହୋଇଛି। ତେବେ ସାଂପ୍ରତିକ ପରିସ୍ଥିତିକୁ ଅବଲୋକନ କଲେ ବିଦ୍ୟାଳୟ ନ ଖୋଲିବା ଯାଏ ପିଲାଙ୍କ ନିକଟରେ ଶିକ୍ଷା ପହଞ୍ଚାଇବା ଅପରିହାର୍ଯ୍ୟ। ଏ ଦିଗରେ ସବୁଠାରୁ ବଡ଼ ପଦକ୍ଷେପ ହେବ କାର୍ଯ୍ୟ ଫର୍ଦ୍ଦ। ପ୍ରାଥମିକ ଶ୍ରେଣୀର ଦକ୍ଷତା ଆଧାରିତ ବିଭିନ୍ନ ବିଷୟକୁ ନେଇ ସ୍ୱଶିକ୍ଷଣ ସମ୍ବଳିତ ସରଳ କାର୍ଯ୍ୟ ଫର୍ଦ୍ଦ ପ୍ରସ୍ତୁତ କରି ବହି ଆକାରରେ ପ୍ରଦାନ କରିବାକୁ ହେବ। ଦୈନିକ କାର୍ଯ୍ୟ ଫର୍ଦ୍ଦ ଦ୍ୱାରା ଅଧିକାଂଶ ପିଲାଏ ଏଇ କାର୍ଯ୍ୟ ଫର୍ଦ୍ଦ କରିବେ। ଏଦିଗରେ ଅଭିଭାବକମାନଙ୍କୁ ସଚେତନ କରାଯିବ, ଯେପରି ପିଲାଟି ଅନ୍ତତଃ ଦିନରେ କିଛି ସମୟ ଏସବୁ କାର୍ଯ୍ୟ ଫର୍ଦ୍ଦ କରି ନିଜେ ଶିଖିବେ। ଦୈନିକ ବିଦ୍ୟାଳୟ କାର୍ଯ୍ୟରେ ବିଦ୍ୟାଳୟ ଗାଁକୁ ଯାଉଥିବା ଶିକ୍ଷକମାନେ କିଛି ସମୟ ପାଇଁ ସମୀକ୍ଷା କରିବେ। ଆବାସିକ ବିଦ୍ୟାଳୟରେ ପଢୁଥିବା ପିଲାଙ୍କ ପାଇଁ ଚାଲୁ ରହିଥିବା ବିକଳ୍ପ ଶିକ୍ଷାଦାନ ସମୟରେ ଏହାର ଯାଞ୍ଚ କରିପାରିବେ। ସେହିପରି ମଧ୍ୟାହ୍ନଭୋଜନ ଚାଉଳ କିମ୍ବା ଅର୍ଥ ଆଦି ବଣ୍ଟନ ବେଳେ ଏସବୁ ସ୍ୱଶିକ୍ଷଣ କାର୍ଯ୍ୟ ଫର୍ଦ୍ଦ ପିଲାଙ୍କ ନିକଟରେ ପହଞ୍ଚାଯିବା ସହ ସେହି ସମୟରେ କାର୍ଯ୍ୟ ଫର୍ଦ୍ଦର ଅଗ୍ରଗତି ନେଇ ମଧ୍ୟ ସମୀକ୍ଷା କରିହେବ। ଅପରପକ୍ଷେ ପିଲାଙ୍କ ନିକଟରେ ବି ଗୋଟିଏ ଲକ୍ଷ୍ୟ ରହିବ ଯେ କାର୍ଯ୍ୟ ଫର୍ଦ୍ଦକୁ ଶିକ୍ଷକ ସମୀକ୍ଷା କରିବେ। ଅତଏବ ପିଲାଟି କାର୍ଯ୍ୟ ଫର୍ଦ୍ଦ କରିବ ଏବଂ ତା'ର ସନ୍ଦେହକୁ ଶିକ୍ଷକଙ୍କ ନିକଟରୁ ବୁଝିପାରିବ। ଏହା ଏକ କୌଶଳ ହୋଇପାରେ। ଏମିତି ଅନେକ ବିକଳ୍ପ ଶିକ୍ଷା କୌଶଳ ଆଗାମୀ କରୋନା ସମୟରେ ପିଲାଙ୍କ ଶିକ୍ଷଣର ପ୍ରମୁଖ ସାଥୀ ହୋଇପାରିବ। ଏଥିପ୍ରତି ଶିକ୍ଷାବିତ ତଥା ସରକାର ଉଦ୍ୟମ କରିବା ଜରୁରୀ।

ଏଇକ୍ରମରେ ନିଜର ନାମ ଲେଖିବାକୁ ଭୁଲିଯାଇଥିବା ପିଲାଟିକୁ ନିଜ ପାଖକୁ ଡାକି ତା'ର ନାଁ ପଚାରିଲି। ନାଁ ତା'ର ଚମ୍ପା ହୁଇକା। ଏଥର ପଚାରିଲି – 'ତୋର ନାଁ ଲେଖିବା କେମିତି ଭୁଲିଗଲୁ?' ସେ କିଛି କହିଲାନି। ଖାଲି ମୁଣ୍ଡ ପୋତି ଠିଆ ରହିଲା। ତା'ର ମାଆ କହିଲା – "ଆଜ୍ଞା! ଇସ୍କୁଲ ବନ୍ଦ ହେବାଠୁ ଏ ପିଲା ବହିଖାତା ଧରିନି। ଖାଲି ଡଙ୍ଗର ପାହାଡ଼ ତୋଟା ନାଳ ହୋଇ ବୁଲୁଛି। ଆମେ ତ ଖଟିବା ଲୁକ। ଖଟିବାକୁ ଗଲା ପରେ ଏ ପିଲା କିସ କରୁଛି କିଏ ଜାଣିଛି ଆଜ୍ଞା! ଇସ୍କୁଲଥିଲେ ଦିନଯାକ କିସ ମିଶା ପଢୁଥିଲା। ଘରକୁ ଆଇଲା ପରେ କି ପାଠ ପଢୁଥିଲା କି ଆଉ ଯେ ଏବେ ତୁଚ୍ଛାଟାରେ ପଢ଼ିଦେବ! ସିମିତିରେ ବର୍ଷେ ହେଲା ଇସ୍କୁଲ ବନ୍ଦ ହୋଇଯିବାରୁ ପାଠଫାଠ ଛାଡ଼ି ଦେଇଛ। ଆଉ କିସ ବୁଝିବ ଆଜ୍ଞା!" ଏଥର ପିଲାଟିକୁ ଅତି ପାଖକୁ କୋଳେଇ ଆଣି ଧୀରେ ପଚାରିଲି – 'ଇସ୍କୁଲ ବନ୍ଦ ହୋଇଛି ଭଲ ଲାଗୁଛି କି!' ନିଜର ମାଆକୁ ଅନାଇଲା ପରେ ଧୀରେ କହିଲା ସେ – 'ବିଜାର ଲାଗୁଛି! ବେଇଗି ତୁଇ ସ୍କୁଲ ଖୋଲିଦେ! ମୁଇ ପାଠ ପଢିବି!' ଏଇ ମାନସିକତା କେବଳ ଚମ୍ପାର ନୁହଁ, ସମସ୍ତଙ୍କର। ଓଡ଼ିଶାରେ ପଢୁଥିବା ତମାମ ପିଲା, ଅଭିଭାବକ ସର୍ବୋପରି ଶିକ୍ଷକ ସମାଜ ସତରେ ବିଜାର ହୋଇଗଲେଣି। ସମୟ ସାଥ ଦେଉନି କାହାକୁ। କିନ୍ତୁ ଅସମୟ ଭିତରେ ସୁଯୋଗ ସୃଷ୍ଟି କରିବା ବାସ୍ତବରେ ଆମ ସମସ୍ତଙ୍କର କାମ! ନୁହେଁ କି!

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା
ମୋ–୯୫୫୬୨୮୭୭୭୫

## ଏଇ ଭାରତରେ

ନୂଆ ତଥା ଆଧୁନିକ ପଦ୍ଧତିରେ ଆମ୍ବ ଚାଷ କରି ୧ ଏକରରୁ ୬ ଲକ୍ଷ ଟଙ୍କା ରୋଜଗାର କରିବା ଏକ ବଡ଼ ସଫଳତା ବୋଲି କୁହାଯାଇପାରେ। କେବଳ ଏତିକି ନୁହେଁ, ପର୍ଯ୍ୟାପ୍ତ ଲାଭ ପାଇବା ସହ ଅନ୍ୟ ଚାଷୀମାନଙ୍କୁ ଆମ୍ବ ଚାଷ ପ୍ରତି ଆକର୍ଷିତ କରୁଛନ୍ତି ମହାରାଷ୍ଟ୍ରର ପ୍ରେମାନନ୍ଦ ଗାଡାନେ। ମିରାଜ ସହରଠାରୁ ୨୫ କି.ମି. ଦୂର ବେଲାଙ୍କି ଗାଁରେ ତାଙ୍କ ଘର। ୨ ଏକର ଜମିରେ ସେ ଅଲଟ୍ରା ହାଇ ଡେନ୍‌ସିଟି ପ୍ଲାଣ୍ଟିଂ (ୟୁଏଚ୍‌ଡିପି) ପଦ୍ଧତିରେ କେଶର କିସମର ଆମ୍ବ ଚାଷ କରୁଛନ୍ତି। ଏହି ପଦ୍ଧତି ଇସ୍ରାଏଲ ଏବଂ ଦକ୍ଷିଣ ଆଫ୍ରିକାରେ କରାଯାଏ। ତେବେ ଭାରତରେ ଉକ୍ତ ପଦ୍ଧତିରେ ଚାଷ କରୁଥିବା ହାତଗଣତି ଚାଷୀଙ୍କ ମଧ୍ୟରେ ଅଧିକ ସଫଳତା ପାଇଛନ୍ତି ପ୍ରେମାନନ୍ଦ। ତାଙ୍କ ଫାର୍ମରେ ଥିବା ମୋଟ ୯୦୦ ଆମ୍ବଗଛରୁ ସେ ୧୫ଟନ୍ ଆମ୍ବ ପାଉଛନ୍ତି। ପାରମ୍ପରିକ ପଦ୍ଧତିରେ ଚାଷ ଅପେକ୍ଷା ଏଥିରେ ୨୦୦ ପ୍ରତିଶତ ଅଧିକ ଉତ୍ପାଦନ ହେଉଛି। ୨୦୧୫ରେ ସେ ୧ ଏକରରୁ ୩ଟନ୍ ଆମ୍ବ ପାଉଥିଲେ, କିନ୍ତୁ ଏବେ ଉତ୍ପାଦନ କରୁଛନ୍ତି ୭.୫ଟନ୍। ପ୍ରତିମାସରେ ସେ ୫୦ ଜଣ କୃଷକଙ୍କୁ ତାଙ୍କ ଫାର୍ମକୁ ଆମନ୍ତ୍ରଣ କରି ସେମାନଙ୍କୁ ଚାଷ ପଦ୍ଧତି ସମ୍ପର୍କରେ ଅବଗତ କରିବା ସହ ଏଥିପାଇଁ ଉତ୍ସାହିତ ମଧ୍ୟ କରୁଛନ୍ତି। ଅନେକ ଚାଷୀ ତାଙ୍କ ପ୍ରେରଣାରେ ୟୁଏଚ୍‌ଡିପି ପଦ୍ଧତିରେ ଆମ୍ବଚାଷ ଆରମ୍ଭ କରିଛନ୍ତି ବୋଲି କହନ୍ତି ପ୍ରେମାନନ୍ଦ। ପ୍ରେମାନନ୍ଦଙ୍କ ଦୁଇପୁଅ ତାଙ୍କୁ ଏହି ଚାଷ ଓ ମାର୍କେଟିଂରେ ସାହାଯ୍ୟ କରୁଛନ୍ତି। ପ୍ରେମାନନ୍ଦ ମଧ୍ୟ ତାଙ୍କ ନର୍ସରିରୁ ପ୍ରତିବର୍ଷ ୪୦,୦୦୦ ଆମ୍ବଚାରା ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଏପ୍ରିଲ ୧୯୯୬

- ନ୍ୟୁୟର୍କଠାରେ ଇଜିପ୍ଟର ରାଷ୍ଟ୍ରପତି ହୋସନା ମୁବାରକଙ୍କୁ ହତ୍ୟା କରିବା ଲାଗି ଷଡ଼ଯନ୍ତ୍ରରେ ସାମିଲ ହୋଇଥିବା ଅଭିଯୋଗରେ ଆମେରିକା ସୁଦାନର ଦୁଇଜଣ କୂଟନୀତିଜ୍ଞଙ୍କୁ ଦେଶରୁ ବହିଷ୍କାର କରିଛି।
- ଆର୍‌ଏସ୍‌ଏସ୍‌ର ୧୩ଜଣ କର୍ମୀଙ୍କ ହତ୍ୟା ଏବଂ କଂଗ୍ରେସ ନେତା ଲଳିତ ମାକନ ଓ ଅର୍ଜୁନ ଦାସଙ୍କ ହତ୍ୟା ଘଟଣାରେ ଲିପ୍ତ ଥିବା ଦୁଇଜଣ କୁଖ୍ୟାତ ଉଗ୍ରପନ୍ଥୀ ପଞ୍ଜାବରୁ ଗିରଫ।

## ଚିରନ୍ତନୀ

ସେ ଯେ ତବ ଶ୍ରେଷ୍ଠ ଆତ୍ମା, ତବ
ଅନ୍ତିମର ଶେଷଯାତ୍ରୀ
ମରଣର ପରପାରେ ସେ ଯେ ତବ
ଜୀବନର ସାଥୀ।
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ତାପମାତ୍ରା ବୃଦ୍ଧି ରୋକିବାର ଉପାୟ

ମହାଶୟ,

ଧରାପୃଷ୍ଠରେ ଥିବା ପ୍ରକୃତି ପ୍ରଦତ୍ତ ପ୍ରାକୃତିକ ପରିବେଶ ସମ୍ପଦକୁ ପ୍ରକୃତ ରକ୍ଷଣାବେକ୍ଷଣ କରି ଶୋଭାମୟ କରିପାରିଲେ ହିଁ ତାପମାତ୍ରା ବୃଦ୍ଧିକୁ ରୋକିହେବ। ଅସନ୍ତୁଳିତ ପରିବେଶ ଓ ପ୍ରଦୂଷଣ ହ୍ରାସ କରିବା କ୍ଷେତ୍ରରେ ପରିବେଶବିତ୍ ମାନଙ୍କ ଆନ୍ତରିକ ପ୍ରଚେଷ୍ଟା ଜାରି ରହିବା ଦରକାର। ବିଶ୍ୱର ଅହେତୁକ ତାପମାତ୍ରାର ବୃଦ୍ଧି ବିଶ୍ୱବାସୀଙ୍କୁ କାଳଗ୍ରସ୍ତ କରିଦେବ। ଏହା ପୂର୍ବରୁ ପରିବେଶ ସନ୍ତୁଳନ ଓ ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ପଡ଼ିବ। ପ୍ରକୃତିର ସମୃଦ୍ଧି ଓ ପ୍ରକୃତିକୁ ଭଲ ପାଇବା ସହିତ ଜଳ ସମ୍ପଦର ନିୟନ୍ତ୍ରଣ କରି ଗଚ୍ଛିତ ରଖିବାକୁ ହେବ। ଏହା ସହ ପକ୍ଷୀର ସୁରକ୍ଷା, ପରିବେଶ ଜନିତ ସମସ୍ୟାର ସମାଧାନ କରାଯିବା ଆବଶ୍ୟକ। ପ୍ରାକୃତିକ ସମ୍ପଦର ସଂରକ୍ଷଣ ଏବଂ ପରିଚାଳନାରେ ଆମ୍ଭମାନଙ୍କ ସଚେତନତା ନିହାତି ଆବଶ୍ୟକ। ଏଇ ପରିପ୍ରେକ୍ଷୀରେ ଆମ୍ଭେମାନେ ନିଜ ଜୀବନଜୀବିକା ଓ ଚଳଣି ପ୍ରତି ସଚେତନ ରହିବା ମଧ୍ୟ ଜରୁରୀ।

ଅଶୋକ କୁମାର ଆଢ଼୍ୟ, ମରାଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଅବସରପ୍ରାପ୍ତ ଶତାୟୁ ପୋଲିସ ଅଧିକାରୀଙ୍କ ପରଲୋକ

**ଢେଙ୍କାନାଳ ଅଫିସ,୧୧।୪:** ଢେଙ୍କାନାଳ ପୌରାଞ୍ଚଳର ୫ନଂ. ୱାର୍ଡ ଚାନ୍ଦମାରୀ ସାହିରେ ରହୁଥିବା ଅବସରପ୍ରାପ୍ତ ପୋଲିସ ଅଧିକାରୀ



ସତ୍ୟାନନ୍ଦ ମହାପାତ୍ରଙ୍କ ରବିବାର ପୂର୍ବାହ୍ନ ସାଢେ ୯ଟାରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୭ ବର୍ଷ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପରିବାର ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି, ବରିଷ୍ଠ ନାଗରିକ ଓ ଅଞ୍ଚଳବାସୀ ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୧୯୩୧ରେ ସେ ପୋଲିସ ବିଭାଗରେ ସହକାରୀ ସବ୍ ଇନ୍ସପେକ୍ଟର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୧୯୪୪ରେ ଏସ୍ଆଇ ଓ ୧୯୬୪ରେ ଇନ୍ସପେକ୍ଟର ପଦବୀକୁ ପଦୋନ୍ନତି ପାଇଥିଲେ। ୧୯୭୦ ଜୁନ ୩୦ରେ ସେ ଗୋଇନ୍ଦା ବିଭାଗ ଇନ୍ସପେକ୍ଟର ଭାବେ ଅବସରଗ୍ରହଣ କରିଥିଲେ। ଏହାପରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପ୍ରତିନିଧି ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ପରଲୋକରେ ଢେଙ୍କାନାଳରେ ଶୋକର ଛାୟା ଖେଳିଯାଇଛି।

# କୋଣାର୍କର ଐତିହ୍ୟପୂର୍ଣ୍ଣ ଦ୍ୱାଦଶ ନାମ

**ଡ.ସୁରେନ୍ଦ୍ର କୁମାର ମିଶ୍ର**




ଗୋଟିଏ ଉଦାହରଣରୁ ଆମେ ଜାଣିଲେ ଶ୍ରୀପଦ୍ମକେଶର ମନ୍ଦିରର ଶିଳ୍ପ ବୈଭବକୁ ଦେଖି ୟୁରୋପ ପଣ୍ଡିତଙ୍କର ଡ. ରାଜଗୁରୁଙ୍କୁ ପଚାରିଥିବା ଶଙ୍କା। ଏମିତି ବହୁ ଉଦାହରଣ ମିଳିବ। ଆମର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟକୁ ଦେଖିବା ପରେ ଆମେ ୟାଙ୍କୁ ଗଢ଼ିଛୁ କି ନାହିଁ, ଯେଉଁମାନଙ୍କର ସନ୍ଦେହ ସୃଷ୍ଟି ହେଉଥିଲା, ସେମାନେ ଆମର ବିଜ୍ଞାନଭିତ୍ତିକ ଉପାସନାଧାରାର ରହସ୍ୟ ବା ଜାଣିବେ କେମିତି!

ସେଥିପାଇଁ ତୀର୍ଥ ଏବଂ ଉପାସନାର ସାମାନ୍ୟ ପରିଚୟରୁ ଆମେ ଆଲୋଚନା ଆରମ୍ଭ କରୁଅଛୁ। କୋଣାର୍କରେ ନିର୍ମିତ ମନ୍ଦିରର ମୂଳସ୍ରୋତ ଶାସ୍ତ୍ରୀୟ। ସନାତନ ପରମ୍ପରାରେ କୁହାଯାଇଛି- ରଥସ୍ଥଂ ଭାସ୍କରଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ। ରଥାରୂଢ଼ ସୂର୍ଯ୍ୟଙ୍କୁ ଦର୍ଶନ କଲେ ପୁଣି ଜନ୍ମ ହୁଏ ନାହିଁ। ଓଡ଼ିଆ ଜାତି ସୂର୍ଯ୍ୟରଥ ଆକାରରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ କରିଥିଲା। ସୂର୍ଯ୍ୟ ଉପାସନା ପ୍ରାଚୀନ ଓଡ୍ର ରାଷ୍ଟ୍ରରେ ଶୀର୍ଷ ସ୍ତରରେ ଗ୍ରହଣ କରାଯାଇଥିଲା। ଶ୍ରୀବିଷ୍ଣୁଙ୍କୁ ପୂଜା କରିବା ପୂର୍ବରୁ ସୂର୍ଯ୍ୟପୂଜା ବହୁ ପ୍ରାଚୀନ କାଳରୁ କର୍ମକାଣ୍ଡ ବିଜ୍ଞାନରେ ଆମର ଗ୍ରହଣ କରାଯାଇଥିଲା। ଯେଉଁମାନେ ପୂର୍ବଜନ୍ମ ଓ ପରଜନ୍ମକୁ ବିଶ୍ୱାସ କରନ୍ତି ନାହିଁ, ମୁକ୍ତି କ'ଣ ଏବଂ ମୋକ୍ଷ କ'ଣ ଜାଣନ୍ତି ନାହିଁ; ସେମାନେ କାହୁଁ ଆମର ଉପାସନାର ରହସ୍ୟ ଭେଦ କରିବେ? ସେମାନେ କାହିଁ ବୁଝିବେ ଗୋଟିଏ ଉପାସନା କ୍ଷେତ୍ରର ୧୨ଟି ନାମ ଅଛି ଏବଂ ପ୍ରତ୍ୟେକ ନାମ ପଛରେ ଏକ ଏକ ଐତିହ୍ୟ ଅଛି ବୋଲି!

କୋଣାର୍କର ପ୍ରାଚୀନ ନାମ ସଂସ୍କୃତ ମହାଭାରତ ସମୟରେ ଥିଲା ବ୍ରହ୍ମବନ। ଶାମ୍ବ ପୁରାଣରେ ମୈତ୍ରବନ, କପିଳସଂହିତାରେ ମୈତ୍ରେୟ ବନ ଏବଂ ରବିକ୍ଷେତ୍ର। ଜ୍ୟୋତିଷ ଗ୍ରନ୍ଥରେ କୋଣାଦିତ୍ୟ। ଶିବପୁରାଣ ଓ ସ୍କନ୍ଦପୁରାଣରେ ସୂର୍ଯ୍ୟକ୍ଷେତ୍ର, ପଦ୍ମପୁରାଣରେ ଅର୍କକ୍ଷେତ୍ର। ସଂସ୍କୃତ ବ୍ରହ୍ମପୁରାଣରେ ମଧ୍ୟ କୋଣାଦିତ୍ୟ ନାମ ସ୍ଥାନ ପାଇଛି-

**ଲବଣସ୍ୟୋଦଧେତୀରେ ପବିତ୍ର**
**ସୁମନୋହରେ।**
**ସର୍ବତ୍ର ବାଲୁକାକୀର୍ଣ୍ଣ ଦେଶେ ସର୍ବ**
**ଗୁଣାନ୍ୱିତେ।।**
**ଆସ୍ତେ ଯତ୍ର ସ୍ୱୟଂ ଦେବ**
**ସହସ୍ରାଂଶୁର୍ଦ୍ଦିବାକରଃ।**
**କୋଣାଦିତ୍ୟ ଇତି ଖ୍ୟାତୋ ଭୁକ୍ତି-**
**ମୁକ୍ତି-ଫଳପ୍ରଦଃ।।**



ଚିତ୍ରୋତ୍ପଳା ନଦୀର ଦୃଶ୍ୟ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ଶ୍ରୀପୁରୁଷୋତ୍ତମ ମାହାତ୍ମ୍ୟ ଅନୁଯାୟୀ କୋଣାର୍କ ପରିଚିତ ଥିଲା ପଦ୍ମକ୍ଷେତ୍ର ନାମରେ। ସାରଳା ଦାସଙ୍କ ମହାଭାରତ ରଚନା ପରେ ଏହି କ୍ଷେତ୍ର ଅର୍କତୀର୍ଥ ଭାବରେ ପ୍ରସିଦ୍ଧ ହୋଇଥିଲା। ପ୍ରଥମ ଶତକରେ ଗ୍ରୀକ୍ ଲେଖକ ଟଲେମୀ ଏହାକୁ କୋନାଗର ଶବ୍ଦରେ ଚିହ୍ନିତ କରିଥିଲେ।

ଜୈମିନୀୟ ଗୃହ୍ୟସୂତ୍ର ପୁସ୍ତକରେ ବର୍ଣ୍ଣନା କରାଯାଇଛି, ସୂର୍ଯ୍ୟଙ୍କ ଜନ୍ମ (ଓଡ଼ିଶାର) ଦକ୍ଷିଣ-ପୂର୍ବ କୋଣରେ। ଗ୍ରହଯାଗ ପଦ୍ଧତିରେ କୁହାଗଲା, ସୂର୍ଯ୍ୟଙ୍କର ଜନ୍ମଭୂମି କଳିଙ୍ଗ ଦେଶ। ପ୍ରାଚୀ ମାହାତ୍ମ୍ୟରେ କୁହାଗଲା ସଂଗମତୀର୍ଥ।]

XXXX XXX

ସଙ୍ଗମ ତୀର୍ଥେ ସ୍ନାନ କଲେ,
ପତ୍ନୀ ସଂଯୋଗ ତେଣୁ ହେଲେ
ଯେ ସ୍ନାନ ସେଠାରେ କରନ୍ତି,
ବାଂଛିତ ଫଳ ସେ ଲଭନ୍ତି।

ପ୍ରାଚୀ ମାହାତ୍ମ୍ୟର ୭ମ ଅଧ୍ୟାୟରେ ରବି ଏବଂ ଛାୟାଙ୍କ ପ୍ରସଙ୍ଗ ରହିଛି। ଛାୟା ବାପଘରେ ରହିବାରୁ ପତ୍ନୀଙ୍କ ବିଚ୍ଛେଦରେ ସଂଗମ ତୀର୍ଥରେ ସ୍ନାନ କରି ପତ୍ନୀଙ୍କୁ ପୁନଃ ଲାଭ କରିଥିଲେ।

ଶିଳ୍ପଶାସ୍ତ୍ରରେ ଶ୍ରୀପଦ୍ମକେଶର ମନ୍ଦିରକୁ କୁହାଯାଉଥିଲା- ମହାପ୍ରଶସ୍ତ ପଞ୍ଚରଥ ପ୍ରାସାଦ। ଶ୍ରୀମନ୍ଦିରର ନାମ ଆମେ ଜାଣିଛେ ଯେ, ଶ୍ରୀବତ୍ସ ଖଣ୍ଡଶାଳ କୁହାଯାଉଥିଲା। ଆଉ ସୂର୍ଯ୍ୟଙ୍କ ମନ୍ଦିରକୁ କୁହାଯାଉଥିଲା- ଶ୍ରୀସୂର୍ଯ୍ୟବଲ୍ଲଭ ପ୍ରାସାଦ। ଏହି ପ୍ରାସାଦ ନିର୍ମିତ ହୋଇଥିଲା ଚିତ୍ରୋତ୍ପଳା ନଦୀର ପଦ୍ମତୋଳା ଗଣ୍ଡରେ। ପଦ୍ମତୋଳା ଗଣ୍ଡ ପୋତା ହେବାରୁ ନିମ୍ନ ଭାଗ ମଧ୍ୟ ପୋତି ହୋଇଗଲା। ନିମ୍ନଭାଗ 'ଚନ୍ଦ୍ରଭାଗା' ତୀର୍ଥ ଥିଲା।

ଇତିହାସରୁ ଜଣାଯାଏ, ପ୍ରାଚୀ ନଦୀର ପୂର୍ବେ ଆଠଟି ଶାଖାନଦୀ ଥିଲା। ସେଗୁଡ଼ିକ ହେଲା- ସାଇଲୋ ଜୋଡ଼, ଚନ୍ଦ୍ରମୌଳି, ଚିତ୍ରୋତ୍ପଳା, କନ୍ଦଳ ନଦୀ, ବଳଦୀଧାର, ଜିଉଁନ୍ତି ନଦୀ, କାଲୁଆଯୋଡ଼ ଓ ପୋତାନଦୀ। ବର୍ତ୍ତମାନ ପ୍ରାୟ ନଦୀ ପୋତି ହୋଇ ଆସିଲାଣି। ଏଗୁଡ଼ିକ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ଆମର ସ୍ପଷ୍ଟ। ମନ୍ଦିର ନିର୍ମାଣ ସମୟରେ ପଥରଠାରୁ କାଦୁଅ ଏବଂ କାଠଗଡ଼ଠାରୁ ବାଉଁଶ ଆସିବାର ରାସ୍ତା କେଉଁ କେଉଁ ନଦୀପଥ ଥିଲା? କେଉଁଠାରୁ କେମିତି କେଉଁ କୌଶଳରେ ଆସିଥିଲା, ଯଥା ସ୍ଥାନରେ ଆମେ ବର୍ଣ୍ଣନା କରିବୁ।

ପ୍ରାଚୀନଦୀର ୮ଟି ଶାଖାନଦୀ ମଧ୍ୟରୁ ଚିତ୍ରୋତ୍ପଳା ନଦୀ ପୁଣ୍ୟପ୍ରଦ ଥିଲା ବୋଲି କପିଳ ସଂହିତାରେ ଉଲ୍ଲେଖ ଅଛି।

**ଉତ୍ପଳେଶଂ ସମାସାଦ୍ୟ, ଯାବଚ୍ଚିତ୍ର**
**ମହେଶ୍ୱରା।**
**ତାବତ୍ ଚିତ୍ରୋତ୍ପଳା ଖ୍ୟାତା ସର୍ବ**
**ପୁଣ୍ୟପ୍ରଦା ନଦୀ।।**

ଏହି ଶ୍ଳୋକର ପ୍ରତ୍ୟେକ ମୁଖ୍ୟ ଶବ୍ଦ ପଛରେ ଗୋଟିଏ ଗୋଟିଏ ଐତିହ୍ୟ ଅଛି। ଉତ୍ପଳେଶ୍ୱର ମହାଦେବଙ୍କଠାରୁ ଚିତ୍ରେଶ୍ୱରୀ ଦେବୀଙ୍କ ମଧ୍ୟବର୍ତ୍ତୀ ସ୍ଥାନ ଚିତ୍ରୋତ୍ପଳା। ତା ସର୍ବପୁଣ୍ୟ ପ୍ରଦାୟିନୀ, ଏହା ସାଧାରଣ ଅର୍ଥ। ଡାକ୍ତର ରାଧାଚରଣ ପଣ୍ଡା ଚୈତ୍ର ଐରଙ୍କର ପ୍ରସଙ୍ଗ ଅବତାରଣା କରି ଚିତ୍ରୋତ୍ପଳା ନଦୀ ଖ୍ରୀ.ପୂ. ୨୦୨ ବୋଲି ହାରାହାରି ସମୟ ନିର୍ଦ୍ଧାରଣ କରିଛନ୍ତି। ସେବେଠାରୁ କୋଣାର୍କ ମନ୍ଦିର ନିର୍ମାଣ ପର୍ଯ୍ୟନ୍ତ ହାରାହାରି ୧୪୪୪ ବର୍ଷ ପର୍ଯ୍ୟନ୍ତ ଏହି ନଦୀ ଗଭୀର ଥିଲା। ଗଭୀର ଥିବାରୁ ତ ଗଣ୍ଡ ରହିଥିଲା ସେତେବେଳେ!

### ଟ୍ରାକ୍ଟର ଓଲଟି ୨ ମୃତ, ୧୭ ଗୁରୁତର



**ପାତ୍ରପୁର, ୧୧।୪(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଜରଡ଼ା ଥାନା ପାଞ୍ଚାମ୍ବ ଗାଁ କନ୍ତେଶ୍ୱର ମନ୍ଦିର ନିକଟରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ରାଶନ ସାମଗ୍ରୀ ଧରି ଫେରୁଥିବା ବେଳେ ଟ୍ରାକ୍ଟର ଓଲଟି ପଡ଼ିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ୧୭ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଠଣାଗାଁର ମଙ୍ଗଳା ପ୍ରଧାନ ଓ ସୀତା ପ୍ରଧାନ। ପ୍ରକାଶ ଯେ, ପାଞ୍ଚାମ୍ବ ଗାଁର ୨୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ରାଶନ ସାମଗ୍ରୀ ଧରି ତୁମ୍ବା ପଞ୍ଚାୟତରୁ ଏକ ଟ୍ରାକ୍ଟର (ଓଡି-୦୭ଏଏ-୫୯୮୨) ଯୋଗେ ଫେରୁଥିଲେ। ପାଞ୍ଚାମ୍ବ କନ୍ତେଶ୍ୱର ମନ୍ଦିର ନିକଟରେ ଏକ କ୍ୟାଣ୍ଟରକୁ ସାଇଡ୍ ଦେବାକୁ ଯାଇ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ମଙ୍ଗଳା ଓ ସୀତାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୧୭ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଜରଡ଼ା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ୮୦/୨୧ରେ ମାମଲା ରୁଜୁ ହୋଇଛି। ତଦନ୍ତ ପରେ ଦୁର୍ଘଟଣାର କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ପ୍ରକାଶ କରିଛନ୍ତି।

# ସିଏମ୍ ରିଲିଫ ଫଣ୍ଡ୍‌ରେ ଟଙ୍କା ନାହିଁ




**ସାରସକଣା,୧୧।୪**

- ୨ଲକ୍ଷର ଚେକ୍ ବାଉନ୍ସ
- ସହାୟତାକୁ ଚାହିଁ ରହିଛନ୍ତି ମୃତକଙ୍କ ସମ୍ପର୍କୀୟ

ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରେ ଆବଶ୍ୟକ ଟଙ୍କା ନ ଥିବାରୁ ଦୁର୍ଘଟଣାରେ ମୃତ ଜଣେ ବ୍ୟକ୍ତିଙ୍କ ସମ୍ପର୍କୀୟ ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ତାଙ୍କୁ ମିଳିଥିବା ୨ଲକ୍ଷ ଟଙ୍କାର ଚେକ୍ ବାଉନ୍ସ ହୋଇଯାଇଛି। ଏନେଇ ମୃତକଙ୍କ ସମ୍ପର୍କୀୟ ନିରାଶ ହୋଇପଡ଼ିବା ସହ କେବେ ଟଙ୍କା ମିଳିବ ବୋଲି ଅପେକ୍ଷା କରି ରହିଛନ୍ତି।

ଅଭିଯୋଗ ଅନୁଯାୟୀ, ଫେବୃୟାରୀ ୧୭ରେ ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅନ୍ତର୍ଗତ ମୁରୁଣିଆଠାରେ ଏକ ଟ୍ରାକ୍ଟର ଓଲଟି ଗୋବିନ୍ଦପୁର ଗ୍ରାମର ବିଶ୍ୱ ହେମ୍ବ୍ରମଙ୍କ ସମେତ ୬ଜଣଙ୍କ ପ୍ରାଣହାନୀ ଘଟିଥିଲା। ଏହି ଘଟଣାରେ ମର୍ମାହତ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତହିଁପରଦିନ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ଅନ୍ୟ ମୃତକଙ୍କ ପରିବାର ସମେତ ମୃତ ବିଶ୍ୱଙ୍କ ସ୍ତ୍ରୀ ମାଇଦି ହେମ୍ବ୍ରମଙ୍କୁ ଜିଲା ରେଡ୍‌କ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୨ଲକ୍ଷ ଟଙ୍କା ସହାୟତା ରାଶି ଚେକ୍ (ନଂ.୬୨୯୧୫୮) ମାଧ୍ୟମରେ ପ୍ରଦାନ କରାଯାଇଥିଲା। ମାଇଦି ଏହି ୨ ଲକ୍ଷ ଟଙ୍କାର ଚେକ୍ ସ୍ଥାନୀୟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଜମା କରିଥିଲେ। ମାତ୍ର ଆକାଉଣ୍ଟରେ ଆବଶ୍ୟକ ଅର୍ଥ ନ ଥିବାରୁ ଚେକ୍ ବାଉନ୍ସ ହୋଇଯାଇଥିବା ବ୍ୟାଙ୍କ ଦର୍ଶାଇଛି। ଯଦି ଆକାଉଣ୍ଟରେ ଟଙ୍କା ନ ଥିଲା ତେବେ ତରବରିଆ ଭାବେ କାହିଁକି ଚେକ୍ ଦିଆଯାଉଥିଲା ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ଅତିରିକ୍ତ ତହସିଲଦାର ସାଇକୃଷ୍ଣ ଜେନାଙ୍କୁ ପଚାରିବାରୁ ବୈଷୟିକ ତ୍ରୁଟି ଯୋଗୁ ଚେକ୍ ବାଉନ୍ସ ହୋଇଯାଇଥିଲା। ସୋମବାର ନୂଆ ଚେକ୍ ସହ ସହାୟତା ରାଶି ମିଳିଯିବ ବୋଲି ସେ କହିଛନ୍ତି। ବିଜେଡିର ଜିଲା ସମ୍ପାଦକ ଅମରେନ୍ଦ୍ର କରଙ୍କୁ ପଚାରିବାରୁ ଚେକ୍ ବାଉନ୍ସ ହେବା ପରେ ଦଳ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି। ଖୁବ୍ ଶୀଘ୍ର ସହାୟତା ରାଶି ମିଳିଯିବ ବୋଲି ସେ କହିଛନ୍ତି।




୧୧.୦୪.୨୦୨୧

| ୧,୬୩,୭୫୩ ଟଙ୍କା | |
|---|---|
| ସୁନା | ୧୪.୧୨୦ ଗ୍ରାମ୍ |
| ରୁପା | ୨୪.୭୦୦ ଗ୍ରାମ୍ |

# ଦାନ୍ତେୱାଡ଼ା ଗିଦାମ ଜଙ୍ଗଲରେ ପୋଲିସ ଏନ୍‌କାଉଣ୍ଟର

**ଜଣେ ମାଓବାଦୀ ନିହତ**

**ମାଲକାନଗିରି,୧୧।୪ (ଡି.ଏନ୍.ଏ.)**

ଛତିଶଗଡ଼ର ଦାନ୍ତେୱାଡ଼ା ଜିଲାରେ ରବିବାର ପୋଲିସ ଏନ୍‌କାଉଣ୍ଟରରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ତାଙ୍କ ନାମ ବେଚି ହୁଙ୍ଗା। ହୁଙ୍ଗାଙ୍କ ନାମରେ ପୂର୍ବରୁ ଛତିଶଗଡ଼ ସରକାର ୧ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ।

ଖବରରୁ ଜଣାପଡିଛି ଡିଆର୍‌ଜି ଯବାନମାନେ ଦାନ୍ତେୱାଡ଼ା ଜିଲାର ଗିଦାମ ଜଙ୍ଗଲରେ କୋମ୍ବିଂ ଅପରେଶନ କରୁଥିବା ବେଳେ ମାଓବାଦୀମାନେ ଜଙ୍ଗଲରେ ଏକ ଶିବିର କରି ରହିଥିବା ଯବାନମାନେ ଗୋଇନ୍ଦା ବିଭାଗରୁ ସୂଚନା ପାଇଥିଲେ। ପରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଥିଲା। ଜଙ୍ଗଲରେ ପୋଲିସ ପହଞ୍ଚିବା ଜାଣିବା ପରେ ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳିଚାଳନା କରିଥିଲେ। ଡିଆର୍‌ଜି ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଜଙ୍ଗଲରେ ଉଭୟପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପରେ ପୋଲିସ ଗୁଳିର ସାମନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଚାଲିଯାଇଥିଲେ। ପରେ ଜଙ୍ଗଲ ଭିତରେ ତଲାସି କରାଯିବା ବେଳେ ହୁଙ୍ଗାଙ୍କ ମୃତଦେହ ମିଳିଥିଲା। ଏଥିସହ ଦୁଇଟି ଲ୍ୟାଣ୍ଡମାଇନ, ଗୋଟିଏ ପିସ୍ତଲ ସହ କିଛି ଅଫୁଟା ଗୁଳି ଜବତ କରାଯାଇଛି।



ରବିବାର ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିବାବେଳେ ଶ୍ରୀମନ୍ଦିର ପରିସରକୁ ସାନିଟାଇଜ୍ କରାଯାଉଛି।

# ଗଜପତିର ୩ ସ୍ଥାନରେ ୧୪୪ ଧାରା

## କଟକଣାରେ ଠାକୁରାଣୀ ଯାତ୍ରା, ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ପାରଳାଖେମୁଣ୍ଡି,୧୧।୪(ଡି.ଏନ.ଏ.)**

ଗଜପତି ଜିଲା ଗୋଷାଣୀ ବ୍ଲକ ଯାଜପୁର ଓ ଭିନ୍ନଳା ଗ୍ରାମରେ ସୋମବାର ରାତିରୁ ଠାକୁରାଣୀ ଯାତ୍ରା ଆରମ୍ଭ ହେବ। ସେହିପରି ମୋହନା ବ୍ଲକ ଅନ୍ତର୍ଗତ ଆକିଲି ଗ୍ରାମରେ ମଙ୍ଗଳବାର ଏକ ହନୁମାନ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଆୟୋଜନ ଚାଲିଛି। ଏ ସବୁଠାରେ ବହୁ ଲୋକଙ୍କ ସମାଗମ ହେବାକୁ ଥିବାରୁ କରୋନା ସଂକ୍ରମଣ ବ୍ୟାପିବା ଆଶଙ୍କା ରହିଛି। ତେଣୁ ଜିଲା ପ୍ରଶାସନ ପକ୍ଷରୁ ଠାକୁରାଣୀ ଯାତ୍ରା ହେବାକୁ ଥିବା ୨ ଗ୍ରାମ ଓ ହନୁମାନ ବିଗ୍ରହ ପ୍ରତିଷ୍ଠାସ୍ଥଳରେ ଧାରା ୧୪୪ ଜାରି କରାଯାଇଛି। ଯାଜପୁର ଗ୍ରାମରେ ରବିବାର ସନ୍ଧ୍ୟା ୬ଟାରୁ ୨୧ ତାରିଖ ଅର୍ଥାତ୍ ଠାକୁରାଣୀ ଯାତ୍ରା ଶେଷ ପର୍ଯ୍ୟନ୍ତ ଓ ଭିନ୍ନଳା ଗ୍ରାମରେ ୧୨ ଏବଂ ୧୩ ତାରିଖ ଦୁଇଦିନ ୧୪୪ ଜାରି କରାଯାଇଛି। ଦୁଇ ଗ୍ରାମରେ ପୋଲିସ ମୁତୟନ ସହ ଜିଲାପାଳ ଅନୁପମ ସାହାଙ୍କ ନିର୍ଦ୍ଦେଶକ୍ରମେ



ଯାଜପୁରସ୍ଥିତ ଠାକୁରାଣୀ ମନ୍ଦିର।

ଲୋକଙ୍କୁ ସଚେତନ କରାଯାଉଛି। ସୀମିତ ଲୋକଙ୍କୁ ନେଇ କେବଳ ବିଧିରକ୍ଷା ଲାଗି ଯାତ୍ରା ହେବ। ଲୋକେ ଘରେ ପର୍ବ ପାଳନ କରିବାକୁ ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ବୁଝାଇଛନ୍ତି। ଅନ୍ୟପକ୍ଷରେ ଆକିଲି ଗ୍ରାମରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବାକୁ ଥିବା ଜାଣିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ, ମୋହନା ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀ ଓ ମୋହନା ଥାନା ଅଧିକାରୀ ସୁଜିତ କୁମାର ନାୟକ ସେଠାକୁ ଯାଇଥିଲେ। ଉତ୍ସବ ଆୟୋଜକଙ୍କୁ ଲୋକ ସମାଗମ ନ କରାଇ ନୀତିନିୟମ ପ୍ରକାରେ ମନ୍ଦିର ପ୍ରତିଷ୍ଠା କରିବାକୁ କହିଥିଲେ। ପରେ ଉକ୍ତ ବିଗ୍ରହ ପ୍ରତିଷ୍ଠାସ୍ଥଳ ୨୦୦ ମିଟର ପରିଧି ମଧ୍ୟରେ ୧୪୪ ଧାରା ଜାରି କରାଯିବା ସହ ପୋଲିସ ମୁତୟନ କରାଯାଇଛି। ଧାରା ୧୪୪ ଜାରି ହୋଇଥିବା ଅଞ୍ଚଳରେ କୌଣସି ବ୍ୟକ୍ତି ପ୍ରଶାସନର କଟକଣାକୁ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି।

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲେ ଭାଜପା ବିଧାୟକ

**ଭୁବନେଶ୍ୱର, ୧୧।୪(ବ୍ୟୁରୋ)**

- ନିର୍ବାଚନ ହାରିବା ଭୟରେ ହିଂସା ଘଟାଉଛି ବିଜେଡି: ଭାଜପା
- ମିଥ୍ୟା, ଭିତ୍ତିହୀନ ପ୍ରଚାରରେ ମାତିଛି ଭାଜପା: ବିଜେଡି

ପିପିଲି ଉପନିର୍ବାଚନରେ ବିଜେଡିକୁ ପରାଜୟର ଭୟ ଘାରିଛି। ସେଥିଲାଗି ପୂର୍ବରୁ ଯେପରି ବିଭିନ୍ନ ଉପନିର୍ବାଚନକୁ ହାତେଇବାକୁ ବିଜେଡି ଗୁଣ୍ଡାମାନେ ଲୋକଙ୍କ ଭିତରେ ଆତଙ୍କ ଖେଳାନ୍ତି ଠିକ୍ ସେହିଭଳି ପିପିଲି ନିର୍ବାଚନମଣ୍ଡଳୀରେ ଶାସକ ଦଳ କର୍ମୀମାନେ ବିରୋଧୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଭାଜପା ବିଧାୟକମାନେ ଅଭିଯୋଗ କରି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭାଜପା ବିଧାୟକମାନେ ଅଭିଯୋଗ ଅନୁସାରେ ମହିଳା ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ରଶ୍ମିରେଖା ଦାସ ଏବଂ ବୁଥ ସଭାପତି ସରୋଜ ସେଠୀଙ୍କୁ ବିଜେଡି କର୍ମୀ ଲିଙ୍ଗରାଜ ସ୍ୱାଇଁ ଓ ତାଙ୍କ ସହଯୋଗୀମାନେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଛନ୍ତି। ଏପରିକି ଅଞ୍ଚଳ ଛାଡି ପଳାଇଯିବା ପାଇଁ ମଧ୍ୟ ଧମକ ଦେଇଥିଲେ। ଏ ସଂକ୍ରାନ୍ତରେ ପିପିଲି ଥାନାରେ ଶନିବାର ଏତଲା ଦିଆଯାଇଥିଲେ ସୁଦ୍ଧା ପୋଲିସ ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଦୋଷୀଙ୍କୁ ତୁରନ୍ତ ଗିରଫ ଦାବିରେ ଭାଜପା ବିଧାୟକଙ୍କ ଏକ ପ୍ରତିନିଧି ଦଳ ରବିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏହି ଘଟଣାରେ ପୋଲିସ ଶାସକ ଦଳ ଇଙ୍ଗିତରେ କାମ କରୁଥିବାରୁ ସରୋଜ ସେଠୀଙ୍କୁ କେତେଜଣ ବିଜେଡି କର୍ମୀ ମାରିଦେବାର ଧମକ ଦେଇଛନ୍ତି। ଏ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କୁ ଗିରଫ କରିବା ସହ ଶାନ୍ତିପୂର୍ଣ୍ଣଭାବେ କିପରି ନିର୍ବାଚନ ହେବ ସେ କ୍ଷେତ୍ରରେ କାର୍ଯ୍ୟ କରିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ପୋଲିସକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଭାଜପା ଦାବି କରିଛି।

ଅନ୍ୟପଟେ ଭାଜପା ଅଭିଯୋଗ ବିରୋଧରେ ବିଜେଡି ପଲଟା ଜବାବ୍ ରଖିଛି। ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ଭାଜପା ନିଜର ହିଂସ୍ର ଆଚରଣ ଲୁଚାଇବାକୁ ଯାଇ ଚୋର ମୁହଁ ଟାଣ ନ୍ୟାୟରେ ରବିବାର ପୁଣିଥରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ଯାଇ କୁମ୍ଭୀର କାନ୍ଦଣା କାନ୍ଦୁଛି। ପିପିଲି ଉପନିର୍ବାଚନରେ ନିଜର ଶୋଚନୀୟ ପରାଜୟ ଜାଣିବାପରେ ଭାଜପା ଏବେ ଏ ପ୍ରକାରର ମିଥ୍ୟା ଓ ଭିତ୍ତିହୀନ ଅପପ୍ରଚାରରେ ମାତିଛି। ଓଡିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟରେ ଉତ୍ତରପ୍ରଦେଶ ଓ ବିହାର ଭଳି ରାଜନୈତିକ ହିଂସା ଘଟାଇବା ପାଇଁ ଭାଜପା ଅଣ୍ଟା ଭିଡିଛି। ବିଜେପୁର ଉପନିର୍ବାଚନ ହେଉ କିମ୍ବା ଗତ ସାଧାରଣ ନିର୍ବାଚନରେ ଭାଜପା ହିଂସାର ରାଜନୀତିକୁ ଆପଣେଇ ଓଡିଶା ଭଳି ପବିତ୍ର ଓ ଶାନ୍ତିପ୍ରିୟ ରାଜ୍ୟକୁ କଳୁଷିତ ପାଇଁ ଚେଷ୍ଟା କରିଆସୁଛି। ଏଭଳି ହିଂସ୍ର ନିର୍ବାଚନୀ ରାଜନୀତିକୁ ଓଡ଼ିଶାବାସୀ କେବେ ହେଲେ ଗ୍ରହଣ କରିନାହାନ୍ତି। ଏଥିପାଇଁ ବିଗତ ନିର୍ବାଚନଗୁଡିକରେ ଦଳକୁ ପରାସ୍ତର ବାଟ ଦେଖାଇଛନ୍ତି। ଏଥର ପିପିଲିବାସୀ ମଧ୍ୟ ଭାଜପାର ଏହି ନିର୍ବାଚନୀ ହିଂସାକୁ ଗ୍ରହଣ କରିବେ ନାହିଁ। ଏଭଳି ଆଚରଣ ପାଇଁ ସେମାନଙ୍କୁ ଉଚିତ ଜବାବ ଦେବା ସହିତ ହିଂସାକୁ ପ୍ରଶ୍ରୟ ଦେଉଥିବା ଏହି ଦଳକୁ ରାଜ୍ୟବାସୀ କ୍ଷମା କରିବେ ନାହିଁ ବୋଲି ଲେନିନ୍ କହିଛନ୍ତି।

## ମହିଳାଙ୍କୁ ଖାଦ୍ୟ ପ୍ରସ୍ତୁତି ପ୍ରଶିକ୍ଷଣ

ଦଶମନ୍ତପୁର,( ଡ଼ି.ଏନ.ଏ. )-କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟରେ ରବିବାର କୋରାପୁଟ ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ମହିଳାଙ୍କୁ ଖାଦ୍ୟ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱିଗ୍ଧାମୟୀ କୁମାରୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ଶତାଧିକ ମହିଳା ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ସେମାନଙ୍କୁ ମାଣ୍ଡିଆ ପକୋଡ଼ି ଓ ନାଡ଼ି, ଅଟାରେ ତିଆରି ବିସ୍କୁଟ, ବିଭିନ୍ନ ପ୍ରକାରର କେକ୍, ଗୁଡ଼ରେ ତିଆରି ଚକଲେଟ ଓ ମିକ୍ସର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଏହି ଶିବିର ଚଳିତମାସ ଶେଷ ପର୍ଯ୍ୟନ୍ତ ଚାଲିବ। ଶେଷରେ ଅଂଶଗ୍ରହଣ କରିଥିବା ମହିଳାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ।

## ସଂକ୍ଷେପରେ

### ରାଇଘର-ଉମରକୋଟ ମୁଖ୍ୟ ରାସ୍ତାରେ ଭାଲୁ



ଉମରକୋଟ/ରାଇଘର, ୧୧।୪ (ସ୍ୱ.ପ୍ର./ଡି.ଏନ୍.ଏ.) - ନବରଙ୍ଗପୁର ଜିଲା ଉମରକୋଟ-ରାଇଘରକୁ ସଂଯୋଗ କରୁଥିବା ରାସ୍ତାରେ ଏକ ଭାଲୁ ବୁଲୁଛି। ଏହାର ଭିଡିଓ ଏବେ ଭାଇରାଲ ହେଉଛି। ଯାହାକୁ ନେଇ ସ୍ଥାନୀୟ ଲୋକେ ଏବେ ଆତଙ୍କିତ। ବନ ବିଭାଗ ତୁରନ୍ତ ଭାଲୁଟିକୁ ଧରିବାକୁ ଲୋକେ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, ଉମରକୋଟ-ରାଇଘରକୁ ସଂଯୋଗ କରୁଥିବା ରାସ୍ତାର ବେହେଡା ଜଙ୍ଗଲ ନିକଟରେ ଭାଲୁଟି ବୁଲୁଛି। ଉମରକୋଟରୁ ରାଇଘର ଯାଉଥିବା ଜଣେ ଯାତ୍ରୀ ଏହାର ଭିଡିଓ କରି ଅପ୍‌ଲୋଡ୍ କରିଛନ୍ତି। ବିଭିନ୍ନ କାରଣରୁ ଜଙ୍ଗଲ ନଷ୍ଟ ହେଉଥିବାରୁ ଭାଲୁମାନେ ଖାଦ୍ୟ ଅନ୍ୱେଷଣରେ ଜନବସତି ଆଡ଼କୁ ମାଡ଼ି ଆସୁଛନ୍ତି। ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ଭୟଭୀତ। ଏ ନେଇ ବନ ବିଭାଗ ଅଧିକାରୀ ପୂର୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରୁ ଭାଲୁ ନର୍ସରୀ ଜଙ୍ଗଲ ଭିତରେ ବହୁତ ଦିନ ହେବ ରହୁଛି। ବେଳେ ବେଳେ ସେ ରାସ୍ତା କଡ଼କୁ ଆସିଯାଉଛି। ପୂର୍ବରୁ ମଧ ଭାଲୁଟି ଥରେ ଆସିଛି। କିନ୍ତୁ ସେ କାହାରିକୁ ଆକ୍ରମଣ କରୁନି। ବର୍ତ୍ତମାନ ଭାଲୁ ବୁଲୁଥିବା ଖବର ଆମ ପାଖରେ ଅଛି। ଭାଲୁ କୋଉଠି ଅଛି ତାହା ଖୋଜାଚାଲିଛି। ଭାଲୁର ସନ୍ଧାନ ମିଳିବା ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ସଙ୍ଗଠନ ସୁଦୃଢ଼ ନେଇ କର୍ମକର୍ତ୍ତାଙ୍କ ସହ ଆଲୋଚନା
### ଆଇଏନଟିୟୁସିର ରାଷ୍ଟ୍ରୀୟ ଉପାଧକ୍ଷଙ୍କ ରାୟଗଡ଼ା ଗସ୍ତ



ରାୟଗଡ଼ା ଅଫିସ,୧୧।୪-ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଆଇଏନ୍‌ଟିୟୁସିର ରାଷ୍ଟ୍ରୀୟ ଉପାଧକ୍ଷ ତଥା ଓଡ଼ିଶା ସଭାପତି ରାମଚନ୍ଦ୍ର ଖୁଣ୍ଟିଆ ରବିବାର ରାୟଗଡ଼ା ଜିଲା ଗସ୍ତରେ ଆସି ଜିଲାରେ ସଙ୍ଗଠନକୁ ସୁଦୃଢ଼ ନେଇ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ସ୍ଥାନୀୟ ହୋଟେଲ ସାଇ ଇଣ୍ଟରନ୍ୟାଶନାଲ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ସେ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ରାଜ୍ୟ ଉପ ସଭାପତି କିଶୋର ଜେନା, ରାଜ୍ୟ ସାଧାରଣ ସମ୍ପାଦକ ମଦନ ଧଳ, ଜିଲା ସଭାପତି ଭବାନୀ ଶଙ୍କର ଜେନା, ପ୍ରଫୁଲ ଚନ୍ଦ୍ର ମହାପାତ୍ର, ବିଜୟ ରାଉଳ, ରୁନା ନାୟକ, ସନ୍ତୋଷ ଦାସ, କିଶୋର କୁସୁରୀଆ, ସନ୍ତୋଷ ମାଣ୍ଡାଙ୍ଗୀ, ସଦାରାମ ମଣ୍ଡାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ପଞ୍ଚ ମହାଯଜ୍ଞରେ ସ୍ମରଣିକା ଉନ୍ମୋଚିତ



ମୁନିଗୁଡ଼ା,୧୧।୪(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ହାଟମୁନିଗୁଡ଼ାଠାରେ ବିଶ୍ୱ ବୈଦିକ ପରିବାରର ପୂର୍ବତନ ମୁଖ୍ୟ ପରିଚାଳିକା ଦିବଙ୍ଗତା କଲ୍ୟାଣୀ ଦେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବୈଦିକ ପଞ୍ଚ ମହାଯଜ୍ଞ ଓ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱ ବୈଦିକ ପରିବାରର ପ୍ରତିଷ୍ଠାତା ଆତ୍ମାନନ୍ଦ ପୌରୋହିତ୍ୟ କରିଥିଲେ। ଏଥିରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। ସେହିପରି ଏକ ଫଟୋ ପ୍ରଦର୍ଶନୀ ମଧ ଆୟୋଜିତ ହୋଇଥିଲା। ବୈଦିକ ମହାଯଜ୍ଞ କାର୍ଯ୍ୟକ୍ରମକୁ ବୈଦିକ ପରିବାରର ସମ୍ପାଦକ ଏମ୍. ସନ୍ୟାସୀ ରାଓ ପରିଚାଳନା କରିଥିଲେ। ଅନ୍ୟ ଅତିଥିଙ୍କ ମଧରେ ପ୍ରଣବ କିଶୋର ପଟ୍ଟନାୟକ, ଜ୍ୟୋତି ପ୍ରସାଦ ସାହୁ, ବିମଳେନ୍ଦୁ ପାଢ଼ୀ, ମୋହନ କୁମାର ବଳିୟାରସିଂ, ସତ୍ୟ ନାରାୟଣ ମିଶ୍ର ଯୋଗ ଦେଇଥିଲେ।

# ସିଲ୍ ହେବ ଆନ୍ଧ୍ରକୁ ସଂଯୋଗ କରୁଥିବା ୫ ସୀମା

ରାୟଗଡ଼ା ଅଫିସ,୧୧।୪

ଦେଶରେ ବିଭିନ୍ନ ରାଜ୍ୟରେ କରୋନା ପୁଣି କାୟାବିସ୍ତାର କରିବାରେ ଲାଗିଛି। ଓଡ଼ିଶାରେ ମଧ ସଂକ୍ରମଣ ବଢ଼ୁଥିବାରୁ ରାଜ୍ୟ ସରକାର ବାହାର ରାଜ୍ୟକୁ ସଂଯୋଗ କରୁଥିବା ସମସ୍ତ ସୀମା ସିଲ୍ କରି ଯାଞ୍ଚ କଡ଼ାକଡ଼ି କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାୟଗଡ଼ା ଜିଲା ପ୍ରଶାସନ ମଧ ସୀମାନ୍ତ ଆନ୍ଧ୍ରକୁ ସଂଯୋଗ କରୁଥିବା ଜିଲାର ୫ ସୀମା ସିଲ୍ କରିବା ନିମନ୍ତେ ପଦକ୍ଷେପ ନେଇଛି। ସୋମବାର ରାୟଗଡ଼ା ବ୍ଲକର କେରେଡ଼ା, ଗୁଣପୁର ବ୍ଲକର ଜଗନ୍ନାଥପୁର, ରାମନାଗୁଡ଼ା ବ୍ଲକର କାର୍ଟିକି ସମେତ ଗୋଟଲପଦର ଏବଂ ସାନ୍ଧୁବାଡ଼ିସ୍ଥିତ ସୀମା ସିଲ୍ କରାଯିବ। ଏଥିସହ ସୀମାନ୍ତ ଚେକ୍‌ପଏଣ୍ଟରେ ଯାଞ୍ଚକୁ କଡ଼ାକଡ଼ି କରିବାକୁ ଜିଲାପାଳ ସରୋଜ କୁମାର ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଚେକ୍‌ପଏଣ୍ଟଗୁଡ଼ିକରେ ପ୍ରସ୍ତୁତି



ଜିଲାପାଳ କେରେଡ଼ା ଚେକ୍‌ପଏଣ୍ଟ ନିକଟରେ ଅନୁଧ୍ୟାନ କରୁଛନ୍ତି।

ଚାଲିଛି। ରବିବାର ଜିଲାପାଳ ଏବଂ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଚେକ୍ ପଏଣ୍ଟଗୁଡ଼ିକ ପରିଦର୍ଶନ କରି ସମସ୍ତ ବ୍ୟବସ୍ଥାର ଅନୁଧାନ କରିଥିଲେ। ସେହିପରି ତାଡ଼ମାସ୍ଥିତ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଏହାକୁ ପୁଣି କାର୍ଯ୍ୟକ୍ଷମ କରିବା ଏବଂ ସଂକ୍ରମିତଙ୍କୁ ଚିକିତ୍ସା ଯୋଗାଇବା ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥାର ଅନୁଧାନ କରିଥିଲେ। କେରେଡ଼ା ଚେକ୍‌ପଏଣ୍ଟ ଦେଇ ପଡ଼ୋଶୀ ଆନ୍ଧ୍ରରୁ ଜିଲାକୁ ଲୋକେ ଆସୁଥିବାରୁ ଏଠାରେ ଯାନବାହନ ଯାଞ୍ଚ କଡ଼ାକଡ଼ି କରାଯିବ। ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କୁ ଏଠାରେ ଟିକାକରଣ ପ୍ରମାଣପତ୍ର କିମ୍ବା ଆର୍‌ଟି-ପିସିଆର୍ ରିପୋର୍ଟ ଦାଖଲ କରିବାକୁ ପଡ଼ିବ। ଆବଶ୍ୟକ ହେଲେ ସେମାନଙ୍କୁ ୭ଦିନ ସଙ୍ଗରୋଧରେ ରଖିବାକୁ ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ଏଥିରେ ପୋଲିସ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ଆର୍‌ଟିଓ କର୍ମଚାରୀ ଏବଂ ସରକାରୀ କର୍ମଚାରୀ ୨୪ଘଣ୍ଟା ରହି ଦାୟିତ୍ୱ ତୁଲାଇବେ। ମାସ୍କ ଓ ସାନିଟାଇଜର ବ୍ୟବହାର ନିମନ୍ତେ ତାଗିଦ ଓ ସଚେତନ କରାଯିବ। ସେହିପରି ଜିଲାପାଳ ରବିବାର ମଧ ସହରର କପିଳାଶ ଛକ ଓ ନିକଟବର୍ତ୍ତୀ ଅଞ୍ଚଳର ଦୋକାନ, ବଜାର ବୁଲି ମାସ୍କ ପିନ୍ଧି ନ ଥିବା ଗ୍ରାହକ ଏବଂ ବ୍ୟବସାୟୀଙ୍କୁ ଚେତାବନୀ ଦେଇଥିଲେ। ଜିଲାପାଳଙ୍କ ଗସ୍ତବେଳେ ଅତିରିକ୍ତ ଜିଲାପାଳଙ୍କ ସମେତ ରାୟଗଡ଼ା ବିଡିଓ ରାଜେନ୍ଦ୍ର ମାଝି, ପରିବହନ ଅଧିକାରୀ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**କେରେଡ଼ା ଚେକ୍‌ପଏଣ୍ଟ, ତାଡ଼ମା କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲାପାଳଙ୍କ ଅନୁଧାନ**

# ମା' ସାତଭଉଣୀଙ୍କ ଚୈତ୍ର ପର୍ବ ଆରମ୍ଭ

ଗୁଣପୁର, ୧୧।୪(ଡି.ଏନ.ଏ.)



ମା'ଙ୍କୁ ପୂଜାର୍ଚ୍ଚନା କରାଯାଉଛି ।

ରାୟଗଡ଼ା ଜିଲା ଗୁଣପୁର ସହର ବଳରାମନଗରସ୍ଥିତ ମା' ସାତଭଉଣୀଙ୍କ ୨୧ ତମ ଚୈତ୍ର ପର୍ବ ରବିବାର ଆରମ୍ଭ ହୋଇଛି। ଏହା ୩ ଦିନ ଧରି ଚାଲିବ। ସବୁବର୍ଷ ଯାତ୍ରା ଅତି ଜାକଜମକରେ ପାଳନ ହେଉଥିଲା। ହେଲେ ଚଳିତ ବର୍ଷ କରୋନା ପାଇଁ ମା'ଙ୍କ ଯାତ୍ରା ଫିକା ପଡ଼ିଛି। କଟକଣା ମଧରେ କେବଳ ମା'ଙ୍କ ରୀତିନୀତି ପାଳନ କରାଯାଉଛି। ବଂଶଧାରା ନଦୀରୁ ଗଙ୍ଗା ଆବାହନ ପରେ ମା'ଙ୍କ ପୂଜା ଯଥାରୀତି ଆରମ୍ଭ ହୋଇଛି। ଭାଗ୍ୟଲକ୍ଷ୍ମୀ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ତନ୍ମୟ ତୁଳ, ସନ୍ତୋଷ କୁମାର ଗୁରୁ, ଦିଲୀପ କୁମାର ରାଜଗୁରୁ ମହାପାତ୍ର, ବିଷ୍ଣୁ ପ୍ରସାଦ ନାୟକ, ବାଣୀ ପ୍ରସାଦ ନାୟକ, ଟୁନା ମହାନ୍ତି, ମଙ୍ଗଳା ବେହେରା, ଏଣ୍ଟୁ ଗୌଡ଼ ପୂଜା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

**କୋଭିଡ୍ କଟକଣାରେ କେବଳ ନୀତି ପାଳନ**

# ଦିନରେ ମୁକୁଳା, ରାତି ୧୦ ପରେ କର୍ଫ୍ୟୁ



ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଯାଞ୍ଚ କରୁଛନ୍ତି ।

ନବରଙ୍ଗପୁର,୧୧।୪(ବି.ପ୍ର.)

- କରୋନା କଟକଣା
- ବଢ଼ୁଛି ସଂକ୍ରମଣ
- ରବିବାର ଜିଲାରୁ ୭୧ ପଜିଟିଭ ଚିହ୍ନଟ

କରୋନା ସଂକ୍ରମଣ ଦିନକୁ ଦିନ ବଢ଼ୁଛି। କିଛି ମାସ ପାଇଁ ସଂକ୍ରମିତଙ୍କ ସଂଖ୍ୟା ଶୂନ ଥିବାବେଳେ ଏବେ ଜିଲାରେ ୨୬୯ଜଣ ଆକ୍ରାନ୍ତ ଅଛନ୍ତି। ଚଳିତ ମାସରେ ସଂକ୍ରମିତ ସଂଖ୍ୟା ବଢ଼ିଛି। ରବିବାର ୭୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କରୋନା ଯୋଗୁ ପ୍ରଶାସନ ନାଇଟ୍ କର୍ଫ୍ୟୁ ଜାରି କରିଛି। କିନ୍ତୁ ଏହା କରୋନା ରୋକିବା ଦିଗରେ ପ୍ରଭାବୀ ହୋଇପାରୁନି ବୋଲି ବୁଦ୍ଧିଜୀବୀ କହିଛନ୍ତି।

ସଂକ୍ରମଣ ବଢ଼ୁଥିବାରୁ ଜିଲାପ୍ରଶାସନ ପକ୍ଷରୁ କୋଭିଡ୍ ଗାଇଡ୍‌ଲାଇନ, ମାସ୍କ ବ୍ୟବହାର ଓ ସାମାଜିକ ଦୂରତା ରଖିବାକୁ ଲୋକମାନଙ୍କୁ ସଚେତନ କରୁଛି। ଅମାନିଆଙ୍କ ପାଇଁ ସଚେତନତା କାର୍ଯ୍ୟ କରୁନାହିଁ। ଦିନରେ ସହରରେ ଲୋକଙ୍କ ମଧରେ ସାମାଜିକ ଦୂରତା ରହୁନି। ମାସ୍କ ପିନ୍ଧିବାକୁ ଲୋକେ ଗୁରୁତ୍ୱ ଦେଉଥିବାବେଳେ ସାମାଜିକ ଦୂରତାକୁ ଅଣଦେଖା କରୁଛନ୍ତି। ଖୋଦ ଜିଲାପାଳ ଡ. ଅଜିତ କୁମାର ମିଶ୍ର, ଏସ୍‌ପି ପ୍ରହଲ୍ଲାଦ ସାହାଇ ମିନା, ଉପଜିଲାପାଳ ଭାସ୍କର ରଇତୋ, ତହସିଲଦାର ରବୀନ୍ଦ୍ର ରାଉତ, ଥାନାଧିକାରୀ ତାରିକ ଅହମ୍ମଦ ଓ ସୁରକ୍ଷା କର୍ମୀମାନେ ସଚେତନ କରି ଆସୁଛନ୍ତି। ତଥାପି ଅମାନିଆମାନେ ସାମାଜିକ ଦୂରତାକୁ ଫୁ ମାରୁଛନ୍ତି। ରାତି ୧୦ରୁ ପ୍ରାତଃ ୫ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ ଜାରି ରହିଛି। ସାଧାରଣତଃ ଏଠାରେ ଗାଁରୁ ସହର ପର୍ଯ୍ୟନ୍ତ ଏହି ସମୟ ମଧରେ କେହି ବାହାରକୁ ବାହାରନ୍ତି ନାହିଁ। ରାତ୍ରି କର୍ଫ୍ୟୁ ପରିବର୍ତ୍ତେ ଦିନରେ କଟକଣା କରିବାକୁ ବୁଦ୍ଧିଜୀବୀ କହିଛନ୍ତି। ଏ ଦିଗରେ ଦୃଷ୍ଟି ଦିଆ ନ ଗଲେ ପ୍ରତିସଂକ୍ରମଣ ବଢ଼ିବା ନିଶ୍ଚିତ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଅନ୍ୟ ପକ୍ଷେ ପଡ଼ୋଶୀ ଛତିଶଗଡ଼କୁ ବସ୍ ଚଳାଚଳ ବନ୍ଦ ଅଛି। ତଥାପି ସେପଟୁ ଲୋକେ ଗଳାପଥ ଦେଇ ଓଡ଼ିଶାକୁ ପ୍ରବେଶ କରୁଛନ୍ତି। ଅନ୍ୟ ପକ୍ଷେ ବିଭିନ୍ନ ରାଜ୍ୟରୁ ଆସୁଥିବା ଶ୍ରମିକଙ୍କ ପ୍ରତି ଗୁରୁତ୍ୱ ଦିଆଯାଇପାରୁ ନାହିଁ। ଏହାଦ୍ୱାରା ଜିଲାରେ କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧି ଆଶଙ୍କା ରହିଛି।

## ବୃଦ୍ଧଙ୍କ ମୃତଦେହ ଜବତ

ଦାରିଙ୍ଗବାଡ଼ି,୧୧।୪(ଡି.ଏନ୍.ଏ)

ଦାରିଙ୍ଗବାଡ଼ି ଥାନା ପେନାପୁଷି ବିଦ୍ୟାଳୟ ବାରଣ୍ଡାରୁ ପୋଲିସ ରବିବାର ଜଣେ ଅପରିଚିତ ବୃଦ୍ଧଙ୍କ ମୃତଦେହ ଜବତ କରିଥିଲା। ମୃତଦେହ ଚିହ୍ନଟ ପାଇଁ ବିଭିନ୍ନ ଥାନାକୁ ଫଟୋ ପଠାଯାଇଥିବା ଆଇଆଇସି କୌଶିକ ମାଝି କହିଛନ୍ତି। ବୃଦ୍ଧ ଜଣକ ସିଆଙ୍ଗବାଲି ପଞ୍ଚାୟତର ପେନାପୁଷି ଏବଂ ତାର ଆଖପାଖ ଅଞ୍ଚଳରେ ଗତ କିଛି ଦିନ ହେଲା ଭିକ୍ଷାବୃତ୍ତି କରି ଉକ୍ତ ଗ୍ରାମ ବିଦ୍ୟାଳୟ ବାରଣ୍ଡାରେ ରହୁଥିଲେ। ତେବେ ରବିବାର ସେ ଅଚେତ ଅବସ୍ଥାରେ ପଡ଼ିରହିଥିବା କିଛି ଲୋକ ଦେଖି ସରପଞ୍ଚଙ୍କୁ ଖବର ଦେଇଥିଲେ। ସରପଞ୍ଚଙ୍କଠାରୁ ସୂଚନା ପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଛି।

## ଗୁଣପୁର-ପୁରୀ ଏକ୍ସପ୍ରେସ୍ ସମୟ ପରିବର୍ତ୍ତନ ଦାବି

ପଦ୍ମପୁର,୧୧।୪(ଡି.ଏନ.ଏ.)

କରୋନା ପାଇଁ ବନ୍ଦ ରହିଥିବା ଗୁଣପୁର-ପୁରୀ ଏକ୍ସପ୍ରେସ୍ ଏପ୍ରିଲ ୨୨ରୁ ପୁଣି ଚାଲିବ ବୋଲି ରେଲ୍‌ୱେ ବୋର୍ଡ ପକ୍ଷରୁ ଘୋଷଣା କରାଯାଇଛି। ଏହାକୁ ନେଇ ଅଞ୍ଚଳବାସୀ ବେଶ୍ ଖୁସି ଅଛନ୍ତି। ତେବେ ଏହି ଟ୍ରେନ୍‌ର ସମୟ ସାରଣୀକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଟ୍ରେନ୍‌ଟି ଗୁଣପୁରରୁ ସକାଳ ୬ଟାରେ ବାହାରି ଅପରାହ୍ନ ୩.୪୫ରେ ପୁରୀରେ ପହଞ୍ଚିବା ନେଇ ସମୟ ସାରଣୀ ନିର୍ଦ୍ଧାରଣ ହୋଇଛି। ତେବେ ଗୁଣପୁର ନିକଟବର୍ତ୍ତୀ ପଦ୍ମପୁର, ଗୁଡାରି, ରାମନାଗୁଡ଼ା ଅଞ୍ଚଳରୁ ଯାତ୍ରୀ ସକାଳ ୬ଟା ସୁଦ୍ଧା ଗୁଣପୁରରେ ପହଞ୍ଚିବା କଷ୍ଟକର ହୋଇପଡ଼ିବ। ଏହି ସମୟରେ ଉକ୍ତ ଅଞ୍ଚଳଗୁଡ଼ିକରୁ କୌଣସି ବସ୍ ଗୁଣପୁରରେ ପହଞ୍ଚିବା ସମ୍ଭବ ହେବନି। ଫଳରେ ଏହି ଅଞ୍ଚଳର ଯାତ୍ରୀ ରେଳସେବା ପାଇବାରୁ ବଞ୍ଚିତ ହେବେ। ତେଣୁ ସକାଳ ୬ଟା ବଦଳରେ ସାଢ଼େ ୭ଟାରେ ଟ୍ରେନ୍ ବାହାରିଲେ ଏହି ୪ ବ୍ଲକ୍‌ର ଯାତ୍ରୀ ଉପକୃତ ହୋଇପାରିବେ ବୋଲି ପଦ୍ମପୁର ବିକାଶ ପରିଷଦ ପକ୍ଷରୁ କୁହାଯାଇଛି। ଏ ନେଇ ପରିଷଦ ପକ୍ଷରୁ ରବିବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ୟାର ସମାଧାନ ନେଇ ପୂର୍ବତଟ ରେଲ୍‌ୱେର ମହାପ୍ରବନ୍ଧକଙ୍କ ନିକଟକୁ ଏକ ଦାବିପତ୍ର ପଠାଯାଇଥିବା ପରିଷଦର ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ ଖଜୁରିପଦା ଗ୍ରାମବାସୀ

ଚନ୍ଦ୍ରପୁର,୧୧।୪(ଡି.ଏନ୍.ଏ.)



ଜଣେ ମହିଳା ଚୁଆରୁ ପାଣି ନେଉଛନ୍ତି।

- ପକ୍କାରାସ୍ତା ନ ଥିବାରୁ ହୋଇପାରୁନି ନଳକୂଅ କାମ
- ଝରଣା ପାଣି, ୩ କି.ମି. ଦୂର ଫଳଫଳିଆ ନଦୀ ଭରସା

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଚନ୍ଦ୍ରପୁର ପଞ୍ଚାୟତ ଅଧୀନ ଖଜୁରିପଦା ଗ୍ରାମବାସୀ ବର୍ଷ ବର୍ଷ ଧରି ମୌଳିକ ସମସ୍ୟାରୁ ବଞ୍ଚିତ ରହିଛନ୍ତି। ଗାଁରେ ପାନୀୟ ଜଳ ସୁବିଧା ନ ଥିବାରୁ ଗ୍ରାମବାସୀ ଝରଣା ପାଣି ଉପରେ ନିର୍ଭର କରୁଛନ୍ତି। ସେହିପରି ଗାଁକୁ ପକ୍କା ରାସ୍ତାଟିଏ ମଧ ହୋଇପାରିନାହିଁ। ଫଳରେ ନଳକୂଅ ଖୋଳିବା ନିମନ୍ତେ ଗାଡ଼ି ଯାଇପାରୁନାହିଁ। ତେଣୁ କୌଣସି ଉପାୟ ନ ପାଇ ଗ୍ରାମବାସୀ ଗାଁ ନିକଟରେ ଥିବା ଏକ ଝରଣା ପାଖରେ ଚୁଆ ଖୋଳି ତାହାରି ଜଳ ବ୍ୟବହାର କରୁଥିବା କହିଛନ୍ତି। ଖରାଦିନେ ଏହି ଚୁଆ ମଧ ଶୁଖିଯାଉଥିବାରୁ ୨ରୁ ୩ କି.ମି. ଦୂରରେ ରହିଥିବା ଫଳଫଳିଆ ନଦୀରୁ ପାଣି ଆଣି ବ୍ୟବହାର କରନ୍ତି। ଏହି ସମସ୍ୟା କିଛି ମାସର ନୁହେଁ, ଦୀର୍ଘବର୍ଷ ଧରି ଗାଁର ଲୋକେ ଏଭଳି ସମସ୍ୟା ମଧରେ ରହିଛନ୍ତି। ଗାଁକୁ ପକ୍କାରାସ୍ତାଟିଏ ନିର୍ମାଣ ହୋଇପାରିଲେ ନଳକୂଅ ଖୋଳିବା ସମ୍ଭବ ହୋଇପାରନ୍ତା। ତେଣୁ ଶୀଘ୍ର ରାସ୍ତା ନିର୍ମାଣ ସହ ଗାଁରେ ପାନୀୟ ଜଳର ସୁବିଧା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ବିଷୟରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଶରତ ଚନ୍ଦ୍ର ଟୁଡୁଙ୍କୁ ପଚାରିବାରୁ ସେ କହିଛନ୍ତି, ଖଜୁରିପଦାକୁ ପାଣିଟାଙ୍କି ଯୋଗେ ଜଳ ଯୋଗାଣ ନିମନ୍ତେ ଜିଲାପାଳଙ୍କୁ ଚିଠି କରାଯାଇଛି। ତାହା ଅନୁମୋଦନ ପରେ ଶୀଘ୍ର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

## ସାପ୍ତାହିକ ହାଟରେ ସଚେତନ କଲେ ଖବରଦାତା

କୋରାପୁଟ/ନାରାୟଣପାଟଣା, ୧୧।୪(ସ୍ୱ.ପ୍ର/ଡି.ଏନ.ଏ.)

କୋରାପୁଟ ଜିଲାର ନାରାୟଣପାଟଣା ସାପ୍ତାହିକ ହାଟରେ ରବିବାର ସ୍ଥାନୀୟ ଖବରଦାତା କରୋନା କଟକଣା ଓ ନିୟମ ପାଳନ ନେଇ ଲୋକଙ୍କୁ ସଚେତନ କରିଛନ୍ତି। ମାସ୍କ ଏବଂ ସାନିଟାଇଜର ବାଣ୍ଟିଛନ୍ତି। କରୋନା ଦ୍ୱିତୀୟ ଲହରୀ ଆସିବା ପରେ ସମଗ୍ର ଦେଶରେ ଭୟ ସୃଷ୍ଟି କରିବାରେ ଲାଗିଛି। କରୋନା ଦ୍ୱିତୀୟ ଲହର ଆସିବା ପରେ ସମସ୍ତେ ଚିନ୍ତାରେ ପଡିଛନ୍ତି। ସରକାର ଏହାର ମୁକାବିଲା ନେଇ ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ବିଭିନ୍ନ ସାମାଜିକ ସଙ୍ଗଠନ ମଧ ସାମିଲ ହେଉଛନ୍ତି। ତଥାପି କେତେକ ଅମାନିଆ କରୋନା କଟକଣା, ନୀତିନିୟମକୁ ମାନୁନାହାନ୍ତି। ରବିବାର ନାରାୟଣପାଟଣା ହାଟରେ ପୋଲିସ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ଲୋକଙ୍କୁ ମାସ୍କ ପିନ୍ଧିବାକୁ ପ୍ରଚାର କରାଯାଇଥିଲା। ଏକ୍ଷେତ୍ରରେ ନାରାୟଣପାଟଣାର ଖବରଦାତାମାନେ ସହଯୋଗହାତ ବଢାଇଥିଲେ। ସେମାନେ ହାଟକୁ ଆସିଥିବା ଲୋକଙ୍କୁ ମାସ୍କ ବଣ୍ଟନ କରିବା ସହ ସେମାନଙ୍କୁ ସ୍ଥାନୀୟ ଭାଷାରେ ସଚେତନ କରାଇଥିଲେ । ଏଥିରେ ଖବରଦାତା ପି.ଗୋବିନ୍ଦ ରାଜୁ, ରାଜ କିଶୋର ଜେନା, ପୀତବାସ ତୁଳ, ଏନ. ସନ୍ତୋଷ, ଗିରିଧର ଖରା, ଦିଲୀପ କୁମାର ଦାସଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ଇ-ବିଦ୍ୟାଳୟ ପାଇଁ ଖର୍ଚ୍ଚ ହେବ ୧କୋଟି ୧୦ ଲକ୍ଷ

ତେନ୍ତୁଳିଖୁଣ୍ଟି, ୧୧।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳ ଗୁମ୍ମାସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସ୍କୁଲକୁ ଅତ୍ୟାଧୁନିକ ଇ-ବିଦ୍ୟାଳୟର ରୂପ ଦେବା ପାଇଁ ବୈଠକରେ ଆଲୋଚନା କରାଯାଇଛି। ଏ ବାବଦକୁ କେତେ ଟଙ୍କା ଖର୍ଚ୍ଚ ହେବ ସେ ନେଇ ତାହା ଆକଳନ କରାଯାଇଛି। ସ୍କୁଲ ଚାରିପଟେ ପାଚେରି, ଅତ୍ୟାଧୁନିକ ଶ୍ରେଣୀ ଗୃହ, ଲାଇବ୍ରେରି, ଖେଳପଡିଆ, ଲୋକ ବସିବାକୁ ଗ୍ୟାଲେରି, ଅତ୍ୟାଧୁନିକ ଟ୍ରାକ୍, ସାଂସ୍କୃତିକ କାର୍ଯ୍ୟକ୍ରମପାଇଁ ଷ୍ଟେଜ ଆଦି ନିମନ୍ତେ ୧କୋଟି ୧୦ ଲକ୍ଷ ଟଙ୍କାର ବଜେଟ ଆକଳନ କରାଯାଇଥିଲା। ଏହି ବିଦ୍ୟାଳୟ ୧୮୬୨ ମସିହାରେ ପ୍ରତିଷ୍ଠା ହୋଇଥିବା ବେଳେ ଏହାକୁ ବିଧାୟକ ସଦାଶିବ ପ୍ରଧାନୀ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ଏହି ପ୍ରସ୍ତୁତି ବୈଠକରେ ବିଧାୟକ ପ୍ରଧାନୀ, ବ୍ଲକ ଅଧକ୍ଷା ଦେବକୀ ନାୟକ, ବିଡିଓ ପଦ୍ମନାଭ ତ୍ରିପାଠୀ ମୋ ସ୍କୁଲ ଅଭିଯାନର ଅଧକ୍ଷ ସରୋଜ ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତ ନାଗ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଖଗପତି ପୂଜାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ ସରପଞ୍ଚ ସୂର୍ଯ୍ୟ ରନ୍ଧାରୀ, ଜିଲା ପରିଷଦ ସଭ୍ୟା ସୁଲୋଚନା ସୌରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶାନ୍ତିଲତା ହେମ୍ବ୍ରମ, କନିଷ୍ଠ ଯନ୍ତ୍ରୀ ରାମଚନ୍ଦ୍ର ବେହେରା, ଏବିଇଓ ମୋହନ ମଧୁସୂଦନ ବାଘ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ବିଶୋଇ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।



ବୈଠକରେ ବିଧାୟକଙ୍କ ସମେତ ସ୍କୁଲ ପ୍ରଧାନଶିକ୍ଷକ, ପରିଚାଳନା କମିଟି ସଦସ୍ୟ ଓ ଅନ୍ୟମାନେ।

# ଖରାରେ ଅତିଷ୍ଠ କରୁଛି ପାଣି ସମସ୍ୟା

ନବରଙ୍ଗପୁର,୧୧।୪(ବି.ପ୍ର.)



ୱାର୍ଡ ନଂ. ୧୪ ସେନାପତି ସାହିରେ ମହିଳାମାନେ ପାଣି ପାଇଁ ଅପେକ୍ଷା କରିଛନ୍ତି।

**ୱାର୍ଡ ନଂ. ୧୩, ୧୪, ୧୫ରେ ପାନୀୟ ଜଳ ସଙ୍କଟ**
- ପାନୀୟ ଜଳ ଯୋଗାଣ ପାଇଁ ବ୍ୟାପକ ଅର୍ଥ ବ୍ୟୟ
- ଏଯାଏ ପାଣି ପାଇପାରୁ ନାହାନ୍ତି ସାହି ବାସିନ୍ଦା

ଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଅନେକ ଯୋଜନା ଓ ବ୍ୟାପକ ଅର୍ଥ ଖର୍ଚ୍ଚ କରୁଛନ୍ତି । ସରକାର। ବିଭିନ୍ନ ବୈଠକରେ ଖରାଦିନରେ ଲୋକଙ୍କୁ ଯେଭଳି ସୁବିଧାରେ ପାଣି ମିଳିବ ସେ ସମ୍ପର୍କରେ ଆଲୋଚନା ହେଉଛି। କିନ୍ତୁ ନବରଙ୍ଗପୁର ପୌରପରିଷଦ ଅଧୀନ ୱାର୍ଡ ନଂ.୧୩, ୧୪ ଓ ୧୫ରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇଲା ପରେ ସମାଧାନ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଯାଏ ତାହା କାର୍ଯ୍ୟକାରୀ ହେଉନି ବୋଲି ଅଞ୍ଚଳବାସୀ କହିଛନ୍ତି।

ୱାର୍ଡ ନଂ ୧୩, ୧୪ ଓ ୧୫ରେ ଅନେକ ଲୋକ ନିଜ ଘରେ କୂଅ ଓ ନଳକୂପ ସଂଯୋଗ କରି ପାଣି ନେଉଛନ୍ତି। ସେମାନଙ୍କର ବିଶେଷ ଅସୁବିଧା ହେଉ ନାହିଁ। ତଥାପି ୧୪ ନଂ. ୱାର୍ଡରେ ୨ ହଜାର ସାଧାରଣ ଲୋକଙ୍କ ପାଇଁ ୬ଟି ନଳକୂପ ଓ ୧୫ରେ ୧ ହଜାର ଲୋକଙ୍କ ପାଇଁ ୫ଟି ନଳକୂପ ରହିଛି। କିନ୍ତୁ ସେ ସବୁରୁ ଆଇରନ୍ ଓ ଫେଣଯୁକ୍ତ ପାଣି ବାହାରୁଥିବାରୁ ଲୋକେ ପାଣି ପାଇଁ କଲବଲ ହେଉଛନ୍ତି। ଯେଉଁଥିରୁ କିଛି ଭଲ ପାଣି ବାହାରୁଛି ସେଠାରେ ଲୋକେ ଲମ୍ବା ଧାଡ଼ି ଲଗାଇ ପାଣି ନେଉଛନ୍ତି। ନବରଙ୍ଗପୁର ସହରରେ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ଜନସ୍ୱାସ୍ଥ୍ୟ ବିଭାଗର ଖାମଖିଆଲି ନୀତି ଯୋଗୁ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ନବରଙ୍ଗପୁର ସହରର ୧୪,୧୫ନମ୍ବର ୱାର୍ଡକୁ ଏଯାଏ ପାନୀୟ ଜଳ ଯୋଗାଣ ହୋଇ ପାରୁନାହିଁ। ପାଇପ ବିଛାଯାଇଛି। ଆବାସ ଯୋଜନାରେ ହିତାଧିକାରୀଙ୍କ ଘରକୁ ପାଇପ ସଂଯୋଗ କରାଯାଇଛି। ତେବେ ସାହି ଗଳିରେ ବିଛା ଯାଇଥିବା ପାଇପରେ ପାଣି ଆସୁନାହିଁ। ଏ ନେଇ ଲୋକଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ପୂର୍ବ ବର୍ଷଗୁଡ଼ିକରେ ସାହିରେ ଟ୍ୟାଙ୍କର ଓ ଛକରେ ସିନ୍‌ଟେକ୍ସ ଯୋଗେ ଖରାଦିନେ ପାଣି ଯୋଗାଇ ଦିଆଯାଉଥିଲା। ଚଳିତବର୍ଷ ତାହା ବି ବନ୍ଦ ହୋଇଯାଇଛି। ୧୩ ନମ୍ବର ୱାର୍ଡରେ ଗୋଳିଆ ଓ ଫେଣଯୁକ୍ତ ପାଣି ଆସୁଛି। ସମସ୍ୟା ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ତୁରନ୍ତ ସମସ୍ୟା ସମାଧାନ ହେବ ବୋଲି କହିଥିଲେ। କିନ୍ତୁ ତାହା ଏଯାଏ ହୋଇପାରିଲା ନାହିଁ। ଏ ସବୁ ୱାର୍ଡରେ ଦେଖାଯାଉଥିବା ପାଣି ସମସ୍ୟା ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରଞ୍ଜିତ ରାୟଙ୍କୁ ପଚାରିବାରୁ କଲଭର୍ଟ କାମ ଚାଲିଛି। ସେଠାରେ ପାଣି ପାଇପ କଟି ଯାଇଛି। ତୁରନ୍ତ ମରାମତି କରାଯାଇ ୧୫ ନମ୍ବର ୱାର୍ଡର ପାଣି ସମସ୍ୟା ଦୂର କରାଯିବ ବୋଲି କହିଛନ୍ତି। ୧୪ ନମ୍ବର ୱାର୍ଡ ସେନାପତି ସାହିକୁ ପାଣି ପହଞ୍ଚି ପାରୁ ନ ଥିବା ସେ ସ୍ୱୀକାର କରିଛନ୍ତି। ମେଗା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଉକ୍ତ ଅଞ୍ଚଳକୁ ପାଣି ସଂଯୋଗ ଦିଆଯିବ ବୋଲି ସେ କହିଛନ୍ତି। ତେବେ ଏହି ପ୍ରକଳ୍ପ କାମ କେବେ ଶେଷ ହେବ ତାହା ଦେଖିବା ବାକି ରହିଲା।

ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ଏପ୍ରିଲ୍ ୧୨, ୨୦୨୧

## ଜୟପୁରରେ ଟିକା ଉତ୍ସବ

ଜୟପୁର, (ନି.ପ୍ର.)-ରବିବାର କୋରାପୁଟ ଜିଲାରେ ଟିକା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବ ୧୪ ତାରିଖ ଯାଏ ଚାଲିବ। କୋରାପୁଟ ଜିଲାରେ ପ୍ରତ୍ୟେହ ୬୫୬୮ ଜଣଙ୍କୁ ଟିକା ଦେବା ନେଇ ପ୍ରଶାସନ ଲକ୍ଷ୍ୟ ରଖିଛି। ଜିଲାରେ ୮୯ଟି ସେଣ୍ଟରରେ ଟିକା ଦେବା ବ୍ୟବସ୍ଥା ହୋଇଛି। କୋଭିଡ ନିୟମ ଅନୁଯାୟୀ ଟିକା ନେବା ପାଇଁ ଯୋଗ୍ୟ ବ୍ୟକ୍ତିଙ୍କ ଲମ୍ବା ଲାଇନ ଟିକାଦାନ କେନ୍ଦ୍ରରେ ଦେଖିବାକୁ ମିଳୁଛି।



## ସଂକ୍ଷେପରେ

### ନଦୀରେ ବୁଡ଼ି ଜଣେ ମୃତ

ନନ୍ଦପୁର,୧୧।୪ (ଡି.ଏନ.ଏ )- କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନ ପାତାଳି ନଦୀକୁ ରବିବାର ଗାଧେଇବାକୁ ଯାଇ ଜଣେ ବ୍ୟକ୍ତି ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଶିରିଶଗୁଡା ଗ୍ରାମର ବାସନା ସିନ୍ଦେରି (୩୫)। ଖବରପାଇ ନନ୍ଦପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପରିବାର ଲୋକଙ୍କ ସୂଚନା ଅନୁସାରେ ପାଡୁଆ ଥାନାରେ କେସ ନଂ.୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ମାଲକାନଗିରିରୁ ୪ କରୋନା ପଜିଟିଭ୍

ମାଲକାନଗିରି,୧୧।୪ (ଡି.ଏନ୍.ଏ.)- ମାଲକାନଗିରି ପୌର ପରିଷଦ ଅଞ୍ଚଳରୁ ରବିବାର ୪ କରୋନା ପଜଟିଭ୍ ଚିହ୍ନଟ ହୋଇଛି। ଏନେଇ ପ୍ରଶାସନ ଚିନ୍ତାରେ ପଡିଛି। ଲୋକଙ୍କ ମଧ୍ୟରେ ଭୟ ପ୍ରକାଶ ପାଇଛି। କରୋନା ପାଇଁ ପୋଡଶୀ ରାଜ୍ୟ ସୀମାନ୍ତ ସିଲ୍ କରାଯିବା ସହ ଛତିଶଗଡରୁ ଓଡ଼ିଶା ଓ ଓଡ଼ିଶାରୁ ଛତିଶଗଡକୁ କୌଣସି ଯାତ୍ରୀବାହୀ ବସ୍ ସହ ଅନ୍ୟାନ୍ୟ ଯାନବାହାନ ଚଳାଚଳ ଉପରେ କଟକଣା ଜାରି ହୋଇଛି। ଲୋକଙ୍କୁ କରୋନା କଟକଣା ମାନି ଚଳିବାକୁ ଜିଲା ପ୍ରଶାସନ ପରାମର୍ଶ ଦେଇଛି।

### ସାମାଜିକ କର୍ମୀଙ୍କ ପରଲୋକ

ଲକ୍ଷ୍ମୀପୁର,୧୧।୪(ଡି ଏନ ଏ)- କାକିରିଗୁମ୍ମା ଅଞ୍ଚଳର ସାମାଜିକ କର୍ମୀ ଭଗବାନ ନାୟକଙ୍କ ପରଲୋକ ହୋଇଯାଇଛି ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ସେ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଓ କୋରାପୁଟ ଜିଲା ୧୬ ଖଣ୍ଡ ଗୌଡ଼ ସମାଜର ଉପସଭାପତି ଥିଲେ।

### ଇଗ୍ନୋର ବି ଏଡି ପ୍ରବେଶିକା ପରୀକ୍ଷା ଶେଷ

ଜୟପୁର, ୧୧।୪ (ନି.ପ୍ର.)- ଜୟପୁର ବିକ୍ରମଦେବ କଲେଜରେ ଇଗ୍ନୋର ବିଏଡି ପ୍ରବେଶିକା ପରୀକ୍ଷା କୋଭିଡ୍ ନିୟମ ପାଳନ କରି ରବିବାର ଅନୁଷ୍ଠିତ ହୋଇଛି । କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲା ପାଇଁ ଏଠାରେ ପରୀକ୍ଷାକେନ୍ଦ୍ର କରାଯାଇଥିଲା । ୩୦୫ ଛାତ୍ରୀଛାତ୍ର ଏହି ପ୍ରବେଶିକା ପରୀକ୍ଷା ପାଇଁ ନାମ ପଞ୍ଜିକରଣ କରିଥିବା ବେଳେ ୨୮୭ ଜଣ ପରୀକ୍ଷା ଦେଇଥିଲେ। ଅବିଭକ୍ତ କୋରାପୁଟ ଜିଲାର ୩ଟି ଜିଲା ପାଇଁ ଜୟପୁରରେ ପରୀକ୍ଷାକେନ୍ଦ୍ର ହୋଇଥିବା ବେଳେ ରାୟଗଡା ଜିଲାରେ ଅନ୍ୟ ଏକ ପରୀକ୍ଷାକେନ୍ଦ୍ର ହୋଇଥିଲା ।

### ୧୮୭ କେଜି ଗଞ୍ଜେଇ ଜବତ: ଜଣେ ଗିରଫ



ବୈପାରିଗୁଡା,୧୧।୪ (ଡି.ଏନ୍.ଏ.)- ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ରବିବାର ବୈପାରିଗୁଡା ପୋଲିସ ଚଢ଼ାଉ କରି ୧୮୭ କେଜି ଗଞ୍ଜେଇ ଜବତ କରିଛି। ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗଞ୍ଜେଇ ଚାଲାଣରେ ବ୍ୟବହୃତ ଅଟୋ( ଓଡି୧୦ ଇ- ୮୯୧୯) ମଧ୍ୟ ଜବତ ହୋଇଛି। କେସ୍ ନଂ. ୬୦/ ୨୧ ।

# ନିର୍ମାଣର ୫ମାସ ହୋଇନି, ରାସ୍ତାରୁ ଉଠିଗଲାଣି ଚିପ୍ସ,ଗୋଡ଼ି

- ତଦାରଖ ଅଭାବରୁ ମନଇଚ୍ଛା କାର୍ଯ୍ୟ କରୁଛନ୍ତି ଠିକାଦାର
- ଅର୍ଥ ପଡୁଛି ପାଣିରେ, ସୁଫଳ ମିଳୁନି
- ଆନ୍ଦୋଳନକୁ ଓହ୍ଲାଇବ ବସ୍ତି ବାସିନ୍ଦା ମିଳିତ ମଞ୍ଚ

କୋରୁକୋଣ୍ଡା, ୧୧।୪(ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି.)ର ୧୦ନଂ. ୱାର୍ଡର କଂକ୍ରିଟ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ବାଲିମେଳା ବସ୍ତି ବାସିନ୍ଦା ମିଳିତ ମଞ୍ଚ ଅଭିଯୋଗ କରିଛି। ରାସ୍ତା ନିର୍ମାଣ ୫ମାସ ହୋଇ ନ ଥିବା ବେଳେ ରାସ୍ତାରୁ ଚିପ୍ସ, ଗୋଡି ବାହାରି ଗଲାଣି। ରାସ୍ତା ନିର୍ମାଣ ବେଳେ ବିଭାଗୀୟ ଯନ୍ତ୍ରୀମାନେ ଏହାର ତଦାରଖ କରୁ ନ ଥିବାରୁ କାର୍ଯ୍ୟ କରୁଥିବା ଠିକାଦାର ତାଙ୍କ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ତେବେ ତଳୁ ଉପର ପର୍ଯ୍ୟନ୍ତ ସବୁଠି ପିସି କରାବାର ହେଉଥିବାରୁ ଏଥିପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ରାଜ୍ୟ ସରକାରଙ୍କ ଏବାବଦରେ ବ୍ୟୟ ହେଉଥିବା ଅର୍ଥ ପାଣିରେ ପଡୁଛି। ଲୋକେ ଉପକୃତ ହେଉନାହାନ୍ତି। ଏନେଇ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସେହିପରି ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ କୁମୁଦିନୀ ସେଠୀଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ନ ଦେଇ ନୀରବ ରହିଥିଲେ। ଏହି ଦୁର୍ନୀତିରେ ଜଡିତ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଞ୍ଚ ଦାବି କରିଛି। ନଚେତ ଆଗାମୀ ଦିନରେ ବସ୍ତି ବାସିନ୍ଦା ଆନ୍ଦୋଳନକୁ ଓହ୍ଲାଇବେବୋଲି ମଞ୍ଚ ଚେତାବନୀ ଦେଇଛି।



ନବନିର୍ମିତ ରାସ୍ତାରୁ ଗୋଡି ଉଠିଯାଇଛି ।

# ଓକିଲ ସଂଘର ଶପଥ ପାଠ



ଶପଥ ଗ୍ରହଣ କରିଥିବା ଓକିଲ ସଂଘର ନୂଆ କର୍ମକର୍ତ୍ତା।

ମାଲକାନଗିରି,୧୧।୪ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଓକିଲ ସଂଘର ଶପଥ ପାଠ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ଓକିଲ ସଂଘର ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ନିର୍ବାଚନ ଅଧିକାରୀ ବିଜୟ କୁମାର ମହାନ୍ତି ଶପଥ ପାଠ କରାଇଥିଲେ। ସଭାପତି ପ୍ରଭାକର ପ୍ରଧାନ, ଉପସଭାପତି ମାନସ ସ୍ୱାଇଁ, ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ସହସମ୍ପାଦକ ହିରୋଜ ପାଣିଗ୍ରାହୀ, କୋଷାଧକ୍ଷ ଭବତୋଷ ବିଶ୍ୱାସ ଶପଥ ଗ୍ରହଣ କରିଥିଲେ। ଆଗାମୀ ଦିନରେ କୋର୍ଟ ଏବଂ ଓକିଲ ସଂଘର କିପରି ଉନ୍ନତି ହେବ ସେ ନେଇ ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟ କରିବୁ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଶ୍ୟାମଘନ ମହାନ୍ତି, ଅଶୋକ ପଟ୍ଟନାୟକ, ଦୀନବନ୍ଧୁ ଦାସ, ନୃସିଂହ ଚରଣ ମହାନ୍ତି, ଦିଲୀପ ପରିଚ୍ଛା, ରାମପ୍ରସାଦ ପଟ୍ଟନାୟକ, ବିଷ୍ଣୁପ୍ରସାଦ ନାଲା, ରାଜେଶ ପଟ୍ଟନାୟକ, ବିଭୁ ଆଶିଷ ଶଗରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ: ୫୪୭୮ ମାମଲା ଫଇସଲା

ମାଲକାନଗିରି,୧୧।୪ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅଧ୍ୟକ୍ଷ ତଥା ଜିଲା ଦୌରା ଜଜ୍ ରୋହିତଲାଲ ପଣ୍ଡାଙ୍କ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲା ଜଜ୍ ମୋହଲତ ସା, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ବିଶ୍ୱ ରଞ୍ଜନ ବେହେରା, ରେଜିଷ୍ଟ୍ରାର କୃଷ୍ଣଚନ୍ଦ୍ର ନାୟକ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ଅମରେଶ ନାୟକ, ବରିଷ୍ଠ ଦେୱାନୀ ବିଚାରପତି ସୁଚେତା କୃପାଳିନୀ, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ନିଶାକର ସାହୁ ଓ ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ରେଖାରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପୃଥକ ପୃଥକ ଭାବେ ମକଦ୍ଦମା ଫଇସଲା କରିଥିଲେ। ଏହି ଅବସରରେ ୨ଟି ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାର ଫଇସଲା କରି ବୀମା କମ୍ପାନୀଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଧାର୍ଯ୍ୟ ହୋଇଥିଲା। ସେହିପରି ୨ଟି ପିୟୁଏସ୍ ମକଦ୍ଦମା, ୮ଟି ବୈବାହିକ ମାମଲା ଓ ଅନ୍ୟାନ୍ୟ ୩ଟି ଦେୱାନୀ ମକଦ୍ଦମାର ଫଇସଲା ହୋଇଥିଲା। ଲୋକ ଅଦାଲତରେ ସଚିବ ତଥା ବିଚାରପତି ନାୟକଙ୍କ ୩ଟି ପ୍ରି ଲିଟିଗେଶନ୍ ମକଦ୍ଦମାର ଆପୋସ ବୁଝାମଣାରେ ସମାଧାନ କରିଥିଲେ। ରାଜସ୍ୱ ବିଭାଗଦ୍ୱାରା ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଓ ତହସିଲଦାର ୫୪୩୬ଟି ରାଜସ୍ୱ ମାମଲା ବିଚାର କରି ଜରିମାନା ବାବଦରେ ୨୩ ଲକ୍ଷ ୯ ହଜାର ୯୭୨ ଟଙ୍କା ଏବଂ ବନଖଣ୍ଡ ଅଧିକାରୀ ୨୪ଟି ମାମଲାର ବିଚାର କରି ୧୬ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରିଥିଲେ।



ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରପତିମାନେ ମାମଲାର ଫଇସଲା କରୁଛନ୍ତି।

## ବିଜେଡି ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ

କାଳିମେଳା,୧୧।୪(ଡି.ଏନ.ଏ.)

ମାଲକାନଗିରି ଜିଲା କାଳିମେଳା ବ୍ଲକ ସଦରମହକୁମାର ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଓଡିଶା ମୋ ପରିବାର କାର୍ଯ୍ୟକ୍ରମରେ ବିଜେଡି ପକ୍ଷରୁ ଏକ ଜୀବନବିନ୍ଦୁ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏମ୍‌ପି ପ୍ରତିନିଧି ଇ. ଭେଙ୍କଟ ରାଓ, ଦିଲୀପ ବିଶ୍ୱାସ, ଶଙ୍କର ହାଲଦାର, ସଞ୍ଜୁ ସରକାର, ସୌରଭ ମଣ୍ଡଳ, କାଳିମେଳା ବିଜୁ ଯୁବ ଜନତାର ସଭାପତି ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରୁ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛଇ। କାଳିମେଳା ଯୁବ ବିଜେଡି ସଭାପତି ପ୍ରମୋଦ ପଟ୍ଟନାୟକ,ସମ୍ପାଦକ ପ୍ରଦୀପ ମଣ୍ଡଳ,ତପେନ୍ଦୁ ସରକାର,ବିଜୁ ଛାତ୍ର ଜନତା ସଭାପତି ଟି.ସତ୍ୟାଜିତ ସୁବୁଦ୍ଧି ସହଯୋଗ କରିଥିଲେ। ମାଲାକାନଗିରି ରକ୍ତ ଭଣ୍ଡାରରୁ ଲ୍ୟାବ ଟେକନିସିଆନ ସୁଜଳ ରାୟ, ଷ୍ଟାଫ ନର୍ସ ଏନ. ସୁବର୍ଣ୍ଣା, ଡିଏମଏ ଅର୍ଚ୍ଚନା, କୈଳାସ ଚନ୍ଦ୍ର ନାୟକ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ।

# ଫୁଲ ତୋଳୁଥିବା ବେଳେ ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ

## ଆର୍ଥିକ ସହାୟତା ଦେବାକୁ ଦାବି କଲା ସଂଘ

କୋରୁକୋଣ୍ଡା, ୧୧।୪(ଡି.ଏନ. ଏ.)

ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ରର ମୁଖ୍ୟ କାର୍ଯ୍ୟାଳୟରେ ଇଏସ୍‌ଏସ୍ ସିକ୍ୟୁରିଟି ସଂସ୍ଥାର କାର୍ଯ୍ୟରତ ଜଣେ ଗାର୍ଡ ମୁରଲୀ ବାଜିଙ୍ଗ ଡ୍ୟୁଟି କରୁଥିବାବେଳେ କୌଣସି କାରଣରୁ ତଳେ ପଡିଯାଇ ଛଟପଟ ହେଉଥିଲେ। ଏହି ସମୟରେ ଡ୍ୟୁଟିରେ ଥିବା କେତେଜଣ କର୍ମଚାରୀ ତାଙ୍କୁ ବାଇକ ଯୋଗେ ବାଲିମେଳା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ମୁରଲୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ମୁରଲୀ କାର୍ଯ୍ୟାଳୟ ସ୍ଥଳରେ ଥିବା ଏକ ଫୁଲଗଛରେ ଚଢି ଫୁଲ ତୋଳୁଥିବା ବେଳେ ଗଛରୁ ଖସି ପଡିଥିବା ଜଣେ କର୍ମଚାରୀ କହିଛନ୍ତି। ଏ ସମ୍ପର୍କରେ ଇଏସ୍‌ଏସ୍ ସିକ୍ୟୁରିଟି ସଂସ୍ଥାର ଅଧିକାରୀ ସନ୍ତୋଷ କୁମାର ଆଚାର୍ଯ୍ୟ ଖବରପାଇ ଡାକ୍ତରଖାନାରେ ପହଞ୍ଚିବା ସହ ପରେ ଏନେଇ ଓର୍କେଲ ଥାନାରେ ଏତଲା ଦେଇଛନ୍ତି। ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କ ନିର୍ଦ୍ଦେଶରେ ପୋଲିସ କର୍ମଚାରୀ ପହଞ୍ଚି ମୁରଲୀଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏନେଇ ନଂ.୧୪/୨୧ରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ବାଲିମେଳା ସିକ୍ୟୁରିଟି ସଂଘ ପକ୍ଷରୁ ଏକ ଦାବିପତ୍ର ସିକ୍ୟୁରିଟି ଅଧିକାରୀ ଏବଂ ଓଏଚ୍‌ପିସି ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଡ୍ୟୁଟିରେ ଥିବାବେଳେ ମୁରଲୀଙ୍କ ମୃତ୍ୟୁ ହୋଇଥିବାରୁ ତାଙ୍କ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଓଏଚ୍‌ପିସି ଓ ଠିକା ସଂସ୍ଥା ପକ୍ଷରୁ ଆର୍ଥିକ ସହାୟତା ସହ ଜୀବନ ବୀମା ବାବଦରେ ଅର୍ଥରାଶି ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ତେବେ ଏହି ସିକ୍ୟୁରିଟି ସଂସ୍ଥାରେ କାର୍ଯ୍ୟରତ ଥିବା ସମୟରେ ଗତ ୨ ବର୍ଷ ମଧ୍ୟରେ କେତେଜଣ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ସିକ୍ୟୁରିଟି ସଂସ୍ଥା ଏଯାଏ ସମ୍ପୃକ୍ତ କର୍ମଚାରୀଙ୍କ ପରିବାର ଲୋକଙ୍କୁ କୌଣସି ଆର୍ଥିକ ସହାୟତା ପ୍ରଦାନ କରିନାହିଁ ବୋଲି ସଂଘ ଉପସଭାପତି ଦିଲୀପ କୁମାର ଜେନା କହିଛନ୍ତି। ଏନେଇ କେହି ଯଦି ଅଧିକାରୀଙ୍କ ନିକଟରେ ଦାବି କରୁଛନ୍ତି ତେବେ ତାଙ୍କୁ ଚାକିରିରୁ ବାହାର କରିଦେବା ଲାଗି ଧମକ ମିଳୁଥିବା ଜେନା କହିଛନ୍ତି।

# ପ୍ରଶାସନର ହସ୍ତକ୍ଷେପରେ ରେଳରୋକୋ ନିଷ୍ପତ୍ତି ସ୍ଥଗିତ

ବିଷମକଟକ,୧୧।୪

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ କେରାଣ୍ଡିଗୁଡ଼ା ରେଳୱେ କ୍ରସିଂ ବନ୍ଦକୁ ନେଇ ୨ମାସ ତଳେ ଉତ୍ତେଜନା ଦେଖାଦେଇଥିଲା। ଏହାକୁ ନେଇ ୧୮ ଖଣ୍ଡ ଡଙ୍ଗରିଆ ଅଞ୍ଚଳରେ ଅସନ୍ତୋଷର ଦାନା ବାନ୍ଧିଥିଲା। କେରାଣ୍ଡିଗୁଡ଼ା ଟ୍ରେନ୍ ଟ୍ରାକ୍ ଉପରେ ଓଭରବ୍ରିଜ୍ କିମ୍ବା ଅଣ୍ଡରଗ୍ରାଉଣ୍ଡ ରାସ୍ତା ନିମନ୍ତେ ୨ଥର ରେଳରୋକୋ ଆନ୍ଦୋଳନ ମଧ୍ୟ ତାହା ହୋଇପାରିନାହିଁ। ଅନ୍ୟପକ୍ଷରେ କୌଣସି ବିକଳ୍ପ ପଦକ୍ଷେପ ନ ନେଇ ରେଲ୍‌ୱେ କ୍ରସିଂ ବନ୍ଦ ଯୋଗୁ ୧୮ ଖଣ୍ଡ ଗ୍ରାମବାସୀ ଏପ୍ରିଲ୍ ୧୨ ସୋମବାର ରେଳରୋକୋ କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ରବିବାର ଜିଲା ପଶାସନର ହସ୍ତକ୍ଷେପ ପରେ ଗ୍ରାମବାସୀ ରେଳରୋକୋ ନିଷ୍ପତ୍ତିକୁ ସ୍ଥଗିତ ରଖିଛନ୍ତି।

ସୂଚନାଯୋଗ୍ୟ ବିଷମକଟକ ବ୍ଲକ୍ କେରାଣ୍ଡିଗୁଡ଼ାର ଏହିରେଳଲାଇନ୍‌ଦେଇ ୧୮ ଖଣ୍ଡ ଗ୍ରାମବାସୀ ବିପଦପୂର୍ଣ୍ଣଭାବେ ଯାତାୟାତ କରୁଛନ୍ତି। ଗାଁ ମଧ୍ୟକୁ ଆମ୍ବୁଲାନ୍ସ ଯାଇପାରୁ ନ ଥିବାରୁ ରୋଗୀ ଏବଂ ଗର୍ଭବତୀଙ୍କୁ ମଧ୍ୟ ଏହି ରାସ୍ତାରେ ନେବାକୁ ପଡୁଛି। ତେବେ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହାକୁ ବନ୍ଦ କରାଯାଇଥିବା ରେଲ୍‌ୱେ କର୍ତ୍ତୃପକ୍ଷ କହୁଥିଲେ ମଧ୍ୟ ବିକଳ୍ପ ବ୍ୟବସ୍ଥା କରାଯାଉନାହିଁ। ଏ ନେଇ ୨୦୧୧ ଓ ୨୦୧୮ ମସିହାରେ ରେଳରୋକୋ ପରେ ରେଲ୍‌ୱେର ଏକ ଟିମ୍ ଘଟଣାର ଅନୁଧ୍ୟାନ କରି ଅଣ୍ଡରଗ୍ରାଉଣ୍ଡ ରାସ୍ତା ନିର୍ମାଣ ନେଇ ନିଷ୍ପତ୍ତି ନେଇଥିଲେ। ଏହା ମଧ୍ୟରେ ୨ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନି। ଫଳରେ ୨ମାସ ତଳେ ଗ୍ରାମବାସୀ ଏକ ବୈଠକ କରି ଏପ୍ରିଲ୍ ୧୨ରେ କାଳିପଙ୍ଗା-କେରାଣ୍ଡିଗୁଡ଼ା ରେଳ ଧାରଣାରେ ରେଳରୋକୋ ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅନୁମତି ଲୋଡ଼ାଯାଇଥିଲା। ତେବେ କରୋନା ସଂକ୍ରମଣ ଦୃଷ୍ଟିରୁ ରେଳରୋକୋ ନ କରିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ କୁହାଯାଇଛି। ଗାଁରେ ଶାନ୍ତି କମିଟି ଗଠନ କରିବା ପାଇଁ ବିଷମକଟକ ତହସିଲଦାର ଶୁଭେନ୍ଦୁ କୁମାର ଜେନା, ଏସ୍‌ଡିପିଓ,ଆକାଶ କୁମାର ସାହୁ, ବିଷମକଟକ ଥାନାଧିକାରୀ ଯଶବନ୍ତ ହିଆଲ ଓ ମୁନିଗୁଡ଼ା ଆର୍‌ପିଏଫ ଏସ୍‌ଆଇ ଜି. ମହାନନ୍ଦଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରବିବାର ଅଧିକାରୀମାନେ ରେରାଣ୍ଡିଗୁଡ଼ାରେ ପହଞ୍ଚି ଶାନ୍ତି କମିଟି ଗଠନ କରିଥିଲେ। ୬ ମାସ ମଧ୍ୟରେ ଏହି ରେଳ ଟ୍ରାକ୍‌ରେ ଅଣ୍ଡରଗ୍ରାଉଣ୍ଡ ରାସ୍ତା ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ରେଳରୋକୋ ନିଷ୍ପତ୍ତିକୁ ସ୍ଥଗିତ ରଖିଥିବା ଜଣାପଡ଼ିଛି। ତେବେ ପ୍ରତିଶ୍ରୁତି ପୂରଣ ନ ହେଲେ ପୁଣି ରେଳରୋକୋ କରାଯିବ ବୋଲି ଶାନ୍ତି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।



ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ।

## ରେଲ୍‌ୱେ କ୍ରସିଂ ବନ୍ଦକୁ ନେଇ ଉତ୍ତେଜନା ଘଟଣା

# ଟାଏକୋଣ୍ଡୋ ସଂଘ ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ

କୋରାପୁଟ,୧୧।୪(ସ୍ୱ.ପ୍ର.)

କରୋନାର ଦ୍ୱିତୀୟ ଲହର ସମସ୍ତଙ୍କ ଆଖିରୁ ନିଦ ହଜେଇ ଦେଇଛି। ଏନେଇ ସମସ୍ତେ ଯେପରି ସଚେତନ ରହିବେ ସେନେଇ ଜିଲା ପ୍ରଶାସନ ଓ ରେଡକ୍ରସର ସହାୟତାରେ କୋରାପୁଟ ଜିଲା ଟାଏକୋଣ୍ଡ ସଂଘ ପକ୍ଷରୁ ଏକ ପୟାସ କରାଯାଇଛି। ରବିବାର ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଛି। ଏଥିରେ ୫୦ରୁ ଊର୍ଦ୍ଧ୍ୱ କୁନି କୁନି ଟାଏକୋଣ୍ଡ ପ୍ରଶିକ୍ଷାର୍ଥୀ ସ୍ଥାନୀୟ ରାମ ମନ୍ଦିର ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ମାଉସୀମା ଛକ ଓ ବସଷ୍ଟାଣ୍ଡ ଦେଇ ସ୍ଥାନୀୟ ଆରଟିଓ ଅଫିସ ନିକଟସ୍ଥ କଲ୍ୟାଣମଣ୍ଡପରେ ପହଞ୍ଚିଥିଲେ । ସେଠାରେ ଆୟୋଜିତ ବେଲ୍ଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଟାଏକୋଣ୍ଡା ପ୍ରଶିକ୍ଷଣ ନେଇଥିଲେ । କାର୍ଯ୍ୟକ୍ରମରେ ଏନଏସଏନଆଇଏସ ଟାଏକୋଣ୍ଡ ପ୍ରଶିକ୍ଷକ ଦିଲ୍ଲୀପ କୁମାର ଶତପଥୀ ଚତୁର୍ଥ ଡାନ ବ୍ଲାକବେଲଟ, ଜିଲା ଟାଏକୋଣ୍ଡ ସଂଘର ମୁଖ୍ୟ ପ୍ରଥମ ଡାନ ବ୍ଲାକବେଲଟ ରଞ୍ଜିତ କୁମାର ପାଣି, ଶରତ କୁମାର ଦଳେଇ, ଖଗପତି ନାୟକ ଓ ଜାତୀୟ ରେଫରୀ ଦ୍ୱିତୀୟ ଡାନ ବ୍ଲାକ ବେଲଟ ଦିବ୍ୟ ରଞ୍ଜନ ବରାଡ ଯୋଗଦେଇ ଏହାକୁ ପରିଚାଳନା କରିଥିଲେ ।



ପିଲାମାନେ ପ୍ରଶିକ୍ଷଣ ନେଉଛନ୍ତି ।

## ପ୍ରଶିକ୍ଷଣ ନେଲେ ୫୦ରୁ ଊର୍ଦ୍ଧ୍ୱ ଟାଏକୋଣ୍ଡୋ ପ୍ରଶିକ୍ଷାର୍ଥୀ

# ପ୍ରାଣୀ ଚିକିତ୍ସାଳୟରେ ଝୁଲୁଛି ତାଲା

ମାଲକାନଗିରି,୧୧।୪ (ଡି.ଏନ୍.ଏ.)

ମାଲକାନଗିରି ଜିଲା ପଦ୍ମଗିରି ଗ୍ରାମରେ ଥିବା ପ୍ରାଣୀ ଚିକିତ୍ସାଳୟରେ ଦୀର୍ଘ ଦିନ ଧରି ଡାକ୍ତର ଅଭାବରୁ ତାଲା ପଡିଛି। ଫଳରେ ଅଞ୍ଚଳବାସୀ ସେମାନଙ୍କ ଗୋରୁଗାଈ, ଛେଳିମେଣ୍ଢା ଆଦି ପ୍ରାଣୀଙ୍କ ଚିକିତ୍ସା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ସେମାନେ ଗଢହପାଳିତ ପ୍ରାଣୀଙ୍କ ଚିକିତ୍ସା ଲାଗି ଗୁଣିଆ, ଦିଶାରିଙ୍କ ସହାୟତା ନେଉଥିବା ଦେଖିବାକୁ ମିଳୁଛି। ଏହି ଚିକିତ୍ସାଳୟରେ ଡାକ୍ତର ନ ଥବବା ବେଳେ କାର୍ଯ୍ୟରତ ଏଲଆଇ କର୍ମଚାରୀ ଛୁଟିରେ ଅଛନ୍ତି। ଫଳରେ ଚିକିତ୍ସାଳୟରେ ତାଲାପଡିଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପ୍ରାଣୀ ଚିକିତ୍ସାଳୟ ଖୋଲିବାକୁ ଗ୍ରାମର ଜିତେନ୍ଦ୍ର ନାୟକ, ଲଛମା ଓଡି, ଗୁରୁବାରୀ ମାଡକାମି, ଟୁନା ନାୟକ, ସୁକ୍ରାମ ଓଡି, ପଗନୁ ଗୌଡ଼, ହେମଲତା ଭୂମିଆ, ବିଜୁ କୋଡ଼ି, ଶ୍ୟାମ କୁମାର ପେଦ, ବିଜୁ କୋଡ଼ି ପ୍ରମୁଖ ଦାବି କରିଛନ୍ତି।



ଚିକିତ୍ସାଳୟରେ ତାଲା ଝୁଲୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରୁଛନ୍ତି ।

# ଜିଲା ପ୍ରଶାସନ ଜାରି କଲା ନୂଆ ଗାଇଡଲାଇନ

## ଜିଲାରେ ୯ ଆକ୍ରାନ୍ତ ଚିହ୍ନଟ

କୋରାପୁଟ,୧୧।୪(ସ୍ୱ.ପ୍ର.)

କୋରାପୁଟ ଜିଲାରେ ରବିବାର ପୁଣି ୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୨ ମହିଳା ଓ ୭ପୁରୁଷ ରହିଛନ୍ତି। ସେଥିମଧ୍ୟରୁ ଜୟପୁର ବ୍ଲକର ବଡମଜୁରମୁଣ୍ଡା ଗ୍ରାମରୁ ଜଣେ ଚିହ୍ନଟ ହୋଇଥିବାବେଳେ ଜୟପୁର ପୌରାଞ୍ଚଳରୁ ୬ ଚିହ୍ନଟ ହୋଇଛନ୍ତି। ଲକ୍ଷ୍ମୀପୁର ବ୍ଲକର ବର୍ଜା ଗ୍ରାମରୁ ଜଣେ ଓ ସୁନାବେଡା ପୌରାଞ୍ଚଳ ହାଲ ଟାଉନଶିପ ଅଞ୍ଚଳରୁ ଜଣେ ଚିହ୍ନଟ ହୋଇଥିବା ଜଣାଯାଇଛି। ରବିବାର ସୁଦ୍ଧା କୋରାପୁଟ ଜିଲାରେ ୧ ଲକ୍ଷ ୮୦ ହଜାର ୩୭୨ ଜଣ କୋଭିଡ ଟିକା ନେଇସାରିଲେଣି । ଅନ୍ୟପକ୍ଷରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଅବଦାଲ ମହମ୍ମଦ ଅଖତାର ରବିବାର ଏକ ନୂଆ ଗାଇଡଲାଇନ ଜାରି କରିଛନ୍ତି। ଏଥିରେ ବିଭିନ୍ନ କାର୍ଯ୍ୟକ୍ରମ ଓ ସଭାସମିତିରେ ଅତିବେଶିରେ ୫୦ ଜଣ ସମାଗମ ହେବାକୁ କୁହାଯାଇଛି । ସେହିପରି ପଣା ସଂକ୍ରାନ୍ତି, ଝାମୁ ଯାତ୍ରା, ଦଣ୍ଡଯାତ୍ରା, ଶ୍ରୀ ରାମ ନବମୀ ଆଦି ପାଳନ ସମୟରେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏକଠି ହେବା ଉପରେ କଟକଣା ଲାଗିଛି। ସମସ୍ତ ଜନସାଧାରଣ ମାସ୍କ ପିନ୍ଧିବା, ସାମାଜିକ ଦୂରତା ଅବଲମ୍ବନ କରିବା, ବିଭିନ୍ନ କାର୍ଯ୍ୟାଳୟ ଓ ଅନୁଷ୍ଠାନଗୁଡିକରେ ସାନିଟାଇଜ୍ କରିବା ବାଧ୍ୟତାମୂଳକ କରାଯାଇଛି । ଏହା କାର୍ଯ୍ୟକାରୀ ନ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଅଖତାର କହିଛନ୍ତି। ପ୍ରକାଶିତ ନୂଆ ନିର୍ଦ୍ଦେଶନାମା କୋରାପୁଟ ଓ ଜୟପୁର ଉପଜିଲାପାଳ, ସମସ୍ତ ବିଡିଓ, ତହସିଲଦାର, ପୌରାଞ୍ଚଳ ନିର୍ବାହୀ ଅଧିକାରୀ ଓ ସମସ୍ତ ଥାନା ଅଧିକାରୀଙ୍କ ନିକଟକୁ ପଠାଯାଇଛି।



**ସଂକ୍ଷେପରେ**

## ୧୬ ପର୍ଯ୍ୟନ୍ତ ବର୍ଷା, ଝଡ଼ତୋଫାନ ସତର୍କତା

ଭୁବନେଶ୍ୱର, ୧୧।୪(ବ୍ୟୁରୋ) - ବର୍ଷା ପରେ ରାଜ୍ୟରେ ପାରଦ ସାମାନ୍ୟ ତଳକୁ ଖସିଛି। ଲୋକେ ଅସହ୍ୟ ତାତିରୁ ତ୍ରାହି ପାଇଛନ୍ତି। ଏବେବି ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ବର୍ଷା ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏଥିସହିତ ଝଡ଼ତୋଫାନ ଓ ବଜ୍ରପାତ ମଧ ହେବାର ସମ୍ଭାବନା ରହିଛି। ତେଣୁ ଏନେଇ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି। ୧୨ରେ କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, ନୂଆପଡ଼ା, ନବରଙ୍ଗପୁର ଓ କଳାହାଣ୍ଡି, ୧୩ରେ ମାଲକାନଗିରି, ରାୟଗଡ଼ା, କୋରାପୁଟ, କନ୍ଧମାଳ, ମୟୂରଭଞ୍ଜ ଓ ବାଲେଶ୍ୱରରେ, ୧୪ରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ନବରଙ୍ଗପୁରରେ ଝଡ଼ତୋଫାନ ସହିତ ବଜ୍ରପାତ ହେବ। ସେହିପରି ୧୫ତାରିଖ ସକାଳ ସାଢ଼େ ୮ଟାରୁ ୧୬ତରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ବାଲେଶ୍ୱର ଓ ଭଦ୍ରକ ଜିଲାର କିଛି ସ୍ଥାନରେ ସ୍ୱଳ୍ପ ଧରଣ ବର୍ଷା ହେବ। ଏହି ସମୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ବାଲେଶ୍ୱର ଓ ଭଦ୍ରକ ଜିଲାରେ ଝଡ଼ତୋଫାନ ଓ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ରବିବାର ରାଜ୍ୟରେ ବୌଦ୍ଧ ଓ ଝାରସୁଗୁଡ଼ାରେ ସର୍ବାଧିକ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ସମ୍ବଲପୁର ଓ ଟିଟିଲାଗଡ଼ରେ ୩୯.୬, ବଲାଙ୍ଗୀର ୩୯.୩, ଅନୁଗୋଳ ୩୮.୭, ହୀରାକୁଦ ୩୮.୬, ମାଲକାନଗିରି, ଭବାନିପାଟଣା, ତାଳଚେର ଓ ନୟାଗଡ଼ରେ ୩୮.୫, ଭୁବନେଶ୍ୱର ୩୮.୪, ସୋନପୁର ୩୮.୩ ଏବଂ ବାରିପଦାରେ ୩୮.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## ମୃତ ହରିଣ ଜବତ, ୨ ଶିକାରୀ ଗିରଫ

ଖୁଣ୍ଟୁଣୀ,୧୧।୪(ଡି.ଏନ.ଏ)- ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ ଶଶାଙ୍ଗ ଗ୍ରାମରେ ରବିବାର ସକାଳେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏକ ମୃତ ହରିଣକୁ ଜବତ କରାଯାଇଛି। ଏହି ଘଟଣାରେ ୨ ଶିକାରୀ ଉକ୍ତ ଗ୍ରାମର ଭବନ ପ୍ରଧାନ ଓ ହୃଦାନନ୍ଦ ପ୍ରଧାନଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଭବନ ଓ ହୃଦାନନ୍ଦ ଭୋର ସମୟରେ ସ୍ଥାନୀୟ ବଉଲ ସଂରକ୍ଷିତ ଜଙ୍ଗଲରୁ ଏକ ହରିଣକୁ ଶିକାର କରିଥିଲେ। ଭବନ ନିଜ ଘର ଭିତରେ ହୃଦାନନ୍ଦଙ୍କ ସହ ମିଶି ହରିଣର ଛାଲ ଉତାରି କାଟୁଥିବାବେଳେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ର ପାଲ ସିଂ ମାଥୁର, ଓରନ୍ଦା ବନପାଳ ରାକେଶ ଦଲାଇ, ବନରକ୍ଷୀ ବିଜୟ କେତନ ମଙ୍ଗରାଜ, ବନରକ୍ଷୀ ରମାକାନ୍ତ ବଲବନ୍ତରାୟ ପ୍ରମୁଖ ଚଢ଼ାଉ କରିଥିଲେ। ସେଠାରୁ ହରିଣର ମୃତଦେହ, ଛାଲ, କଟୁରି ଓ ଛୁରିକୁ ଜବତ କରିଥିଲେ। ଏ ନେଇ ଖୁଣ୍ଟୁଣୀ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ଅପରପକ୍ଷେ ବନବିଭାଗ ମୃତ ହରିଣକୁ ବ୍ୟବଚ୍ଛେଦ କରାଇ ପୋତି ଦେଇଥିବା ଜଣାପଡିଛି।

## ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

ଜଟଣୀ/ଯାଁଳା,୧୧।୪(ଡି.ଏନ୍.ଏ.): ଜଟଣୀ ତହସିଲର ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକଙ୍କୁ ଆକ୍ରମଣ ଘଟଣାରେ ଅଭିଯୋଗରେ ଜଟଣୀ ପୋଲିସ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡାର ପ୍ରକାଶ ମଙ୍ଗରାଜ(୪୦)। ଏଥିସହ ତାଙ୍କ ନିକଟରୁ ଏକ କାର ଜବତ ହୋଇଛି। ସୂଚନାଥାଉ କି, ଶନିବାର ରାତିରେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ ବେଆଇନ ଭାବେ ଚାଲାଣ ହେଉଥିବା ମାଙ୍କଡ଼ା ଓ ମୋରମ ବୋଝେଇ ଟ୍ରକ ଉପରେ ଚଢ଼ାଉ କରିଥିଲେ। ତଳଖେତା ଛକ ନିକଟରେ ପ୍ରକାଶ କାରକୁ ଅତିରିକ୍ତ ତହସିଲଦାରଙ୍କ ଗାଡିକୁ ଲଗାଇ ଯୁକ୍ତିତର୍କ କରିବା ସହ ମୋ କାରକୁ କାହିଁକି ଧକ୍କା ଦେଲ କହି ଆକ୍ରମଣ କରିଥିଲେ। ଏହି ସମୟରେ ଉକ୍ତ ପଥର ବୋଝେଇ ଟ୍ରକଗୁଡ଼ିକ ପଳାଇ ଯାଇଥିଲେ। ଏନେଇ ଅତିରିକ୍ତ ତହସିଲଦାରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୮୬/୨୧) ରୁଜୁକରି ତଦନ୍ତ ଚଳାଇଥିଲା।

# ଅପରେଶନ ଗ୍ୟାଙ୍ଗଷ୍ଟର ହାଇଦର ଜୋର୍‌ଦାର

- କ୍ୟାମ୍ପ ଅଫିସରେ ଡିଜିପିଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ
- ଏସ୍‌ଟିଏଫ୍‌ର ୬ ଟିମ୍‌ର ଚଢ଼ାଉ, ସମସ୍ତ ଏସ୍‌ପିଙ୍କୁ ଆଲର୍ଟ ନିର୍ଦ୍ଦେଶ
- ଜେରା ହେବେ ହାଇଦର ପରିବାର ଲୋକେ



ଭୁବନେଶ୍ୱର,୧୧।୪(ବ୍ୟୁରୋ): କଟକ ଏସ୍‌ସିବି ମେଡିକାଲରୁ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଫେରାର ହୋଇଯାଇଥିବା ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦରଙ୍କୁ ନେଇ ଏବେ ଓଡ଼ିଶା ପୋଲିସର ଚିନ୍ତା ବଢ଼ିଛି। ଫେରାର ହେବାର ୨୪ ଘଣ୍ଟା ପୂରିଯାଇଥିଲେ ମଧ ତାଙ୍କ ସମ୍ପର୍କରେ ପୋଲିସ କୌଣସି ସୁରାକ ପାଇପାରୁନି। ଏପରିସ୍ଥଳେ ରବିବାର ଭୁବନେଶ୍ୱର କ୍ୟାମ୍ପ କାର୍ଯ୍ୟାଳୟରେ ଡିଜିପିଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। କ୍ରାଇମବ୍ରାଞ୍ଚ ଏଡିଜି ଯଶୱନ୍ତ ଜେଠୱା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, କେନ୍ଦ୍ରାଞ୍ଚଳ ଡିଆଇଜି ଜୟ ନାରାୟଣ ପଙ୍କଜଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହି ହାଇଦରଙ୍କୁ ଧରିବା ପାଇଁ ନୂଆ ରଣକୌଶଳ କରିଛନ୍ତି। ବୈଠକ ପରେ କ୍ରାଇମବ୍ରାଞ୍ଚ ଏଡିଜି ଜେଠୱା କହିଛନ୍ତି, ହାଇଦରଙ୍କୁ ଗିରଫ ପାଇଁ ବଡ଼ ଅପରେଶନ ଚାଲିଛି। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ୬ଟି ଟିମ୍ ଗଠନ କରାଯାଇ ଚଢ଼ାଉକୁ ଜୋର୍‌ଦାର କରାଯାଇଛି। ରାଜ୍ୟର ସମସ୍ତ ଜିଲାର ଏସପିଙ୍କୁ ଆଲର୍ଟ କରାଯିବା ସହ ରାଜ୍ୟ ସୀମାବର୍ତ୍ତୀ ଅଞ୍ଚଳ, ରେଲୱେ ଷ୍ଟେଶନ, ଏୟାରପୋର୍ଟରେ କଡାକଡି ଯାଞ୍ଚ କରାଯାଉଛି। ଏସଟିଏଫ୍‌କୁ ସଜାଗ କରାଯିବା ସହ ରାଜ୍ୟର ବିଭିନ୍ନ ପ୍ରବେଶ ପ୍ରସ୍ଥାନ ପଥରେ ମଧ ଯାଞ୍ଚକୁ ଜୋର୍‌ଦାର କରାଯାଇଛି। ଏଥିସହ ପଡୋଶୀ ରାଜ୍ୟର ପୋଲିସ ସହ ଯୋଗାଯୋଗ କରାଯାଇଛି। ଖୁବ୍‌ଶୀଘ୍ର ହାଇଦରଙ୍କୁ ଧରାଯିବ। ବର୍ତ୍ତମାନ ଯାହା ଲିଡ୍ ଓ କ୍ଲୁ ମିଳିଛି ତାହା ଉପରେ ତଦନ୍ତ ଚାଲିଛି। ହାଇଦରଙ୍କ ପରିବାର ଲୋକଙ୍କୁ ପରେ ଜେରା ହେବ। ପ୍ରଥମ କାମ ଚଢାଉ କରି ହାଇଦରଙ୍କୁ ଧରିବା। ଏକ କେସ୍ ରେଜିଷ୍ଟର ହୋଇଛି। ହାଇଦର ସୁରକ୍ଷା ଦାୟିତ୍ୱରେ ମୁତୟନ ସୁରକ୍ଷାକର୍ମୀଙ୍କୁ ପଚରାଉଚରା କରାଯାଉଛି। ତାଙ୍କୁ ଚିକିତ୍ସା କରୁଥିବା ସିଷ୍ଟରଙ୍କ ବୟାନ ରେକର୍ଡ କରାଯାଇ ତଦନ୍ତ ଚାଲୁଛି। ବୁର୍ଲା ଓ ଏସସିବିରେ ଥିବାବେଳେ ତାଙ୍କୁ ଭେଟିଥିବା ସମସ୍ତ ବ୍ୟକ୍ତିଙ୍କ ସମ୍ବନ୍ଧରେ ମେଡିକାଲ ସିସିଟିଭିରୁ ପୋଲିସକୁ ମିଳିଛି ସୂଚନା। ଏହି ଆଧାରରେ ସେମାନଙ୍କ ଉପରେ ନଜର ରଖାଯାଇଛି। ଶନିବାର ରାତିରେ ମଞ୍ଚେଶ୍ୱରର ଏକ ସ୍ଥାନରେ ଚଢାଉ ହୋଇଛି। ଏଥିସହ ତାଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ୬ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ହାଇଦରଙ୍କୁ ଧରିବା ପାଇଁ ଯାହା ପଦକ୍ଷେପ ନିଆଯିବା କଥା ସବୁ ନିଆଯାଉଛି ବୋଲି ଜେଠୱା କହିଛନ୍ତି।

### ଡାକ୍ତରଙ୍କ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠାଇଲେ ଜେଲ ଡିଜି

ଗ୍ୟାଙ୍ଗ୍‌ଷ୍ଟର ହାଇଦରଙ୍କ ଫେରାର ଘଟଣାରେ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି ଜେଲ ଡିଜି ସନ୍ତୋଷ ଉପାଧ୍ୟାୟ। ଡାକ୍ତରଙ୍କ ପରାମର୍ଶରେ ଜେଲରୁ ଆସି ବୁର୍ଲା ମେଡିକାଲରେ ଆଡମିଟ୍ ହୋଇଥିବା ହାଇଦରଙ୍କୁ କାହିଁକି କଟକ ଏସ୍‌ସିବି ପଠାଗଲା? ମାର୍ଚ୍ଚ ୨୩ରେ କଟକ ରେଫର ହୋଇଥିବା ହାଇଦର ୧୮ଦିନ ପର୍ଯ୍ୟନ୍ତ ଏସ୍‌ସିବିରେ କ'ଣ କରୁଥିଲେ? ଯଦି ସେ ସୁସ୍ଥ ହୋଇଯାଇଥିଲେ ତେବେ ତାଙ୍କୁ କାହିଁକି ଜେଲ ପଠାଯାଇ ନ ଥିଲା? ଏମିତି ଅନେକ ପ୍ରଶ୍ନରେ ସମ୍ପୃକ୍ତ ଡାକ୍ତରଙ୍କ ଉପରକୁ ଅଙ୍ଗୁଳି ଉଠାଇଛନ୍ତି ଜେଲ୍ ଡିଜି।

### ଫେରାର ପଛରେ କଟକ ସହଯୋଗୀଙ୍କ ଲିଙ୍କ୍

ଅନ୍ୟପକ୍ଷରେ ଗ୍ୟାଙ୍ଗଷ୍ଟର ହାଇଦର ଫେରାର ଘଟଣାରେ ସାମ୍ନାକୁ ଆସୁଛି ଗୋଟିଏ ପରେ ଗୋଟିଏ ଚାଞ୍ଚଲ୍ୟକର ଖବର। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏହା ପଛରେ କଟକ ସହଯୋଗୀଙ୍କ ଲିଙ୍କ୍ ରହିଛି। ହାଇଦର କଟକ ବଡ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହେବା ପରଠୁ ସେ ଲୁଚିଛପି ମୋବାଇଲ୍ ଫୋନ୍ ବ୍ୟବହାର କରୁଥିଲେ। ଏହା ସାହାଯ୍ୟରେ କଟକରେ ଥିବା ନିଜର ଅତ୍ୟନ୍ତ ଅନୁଗତ ସହଯୋଗୀଙ୍କ ସହ ଯୋଗାଯୋଗରେ ଥିଲେ। ତେବେ ସେ ନିଶ୍ଚିତ ହାଇଦରଙ୍କୁ ଦେଖା କରିବାକୁ ଆସି ଖସିବାର ଯୋଜନା କରିଥିବେ। କଲ୍ ଲୋକେଶନକୁ ଆଧାର କରି ଯାଞ୍ଚ କଲେ ନିଶ୍ଚିତ ଯୋଗାଯୋଗରେ ଥିବା ସହଯୋଗୀ ଧରାପଡିବେ। ହେଲେ ହାଇଦରଙ୍କ ସହ ସେମାନେ ମଧ ଫେରାର ଥିବା ଆଶଙ୍କା କରାଯାଉଛି। ଏଥିସହ ହାଇଦର କାହା ଫୋନ୍‌ରେ କଥାହେଉଥିଲେ ତାହାକୁ ଠାବ କରି ହାଇଦର ଓ ତାଙ୍କ ସହଯୋଗୀଙ୍କ ନିକଟରେ ପହଞ୍ଚିବାକୁ ପୋଲିସ ଆଶା ରଖିଛି।

## 'ସ୍ୱାମୀଙ୍କୁ ଗାଏବ କରିଛି ପୋଲିସ'

କେନ୍ଦ୍ରାପଡ଼ା ଅଫିସ, ୧୧।୪

ସରକାରୀ ବ୍ୟବସ୍ଥାର ପରିଚାଳନା ବିପର୍ଯ୍ୟସ୍ତ ହୋଇଛି। ଏହାର ପରିଣାମସ୍ୱରୂପ ଗ୍ୟାଙ୍ଗଷ୍ଟର ସେକ୍ ହାଇଦର କଟକ ବଡ଼ ମେଡିକାଲରୁ ଶନିବାର ଫେରାର ହୋଇ ଯାଇଛନ୍ତି। ଏପରି ଆଲୋଚନା କେନ୍ଦ୍ରାପଡ଼ା ଜିଲାରେ ଚାଲିଥିବା ବେଳେ ପୋଲିସ ପ୍ରଶାସନ ପ୍ରତି ଅଙ୍ଗୁଳି ଉଠାଇଛନ୍ତି ହାଇଦରଙ୍କ ସ୍ତ୍ରୀ ହସିନା ବିବି। ସେ କହିଛନ୍ତି, ପୋଲିସ ପ୍ରଶାସନ ତାଙ୍କ ସ୍ୱାମୀଙ୍କୁ ଗାଏବ କରିଛନ୍ତି। ଫେରାର ହେବା ପୋଲିସର ଏକ ବାହାନା। ତାଙ୍କ ସ୍ୱାମୀ ଦୀର୍ଘଦିନ ଧରି ଅସୁସ୍ଥ ଅଛନ୍ତି। ପୂର୍ବରୁ ତାଙ୍କର ହୃଦ୍‌ଘାତ ପରି ରୋଗ ଦେଖାଦେଇଥିଲା। ଏହାସହ ତାଙ୍କର ଗୋଡ, ହାତ, ପେଟ ଖରାପ। ଏପରିସ୍ଥଳେ ଫେରାର ଘଟଣା ଏକ ମିଛ ନାଟକ। ତୁରନ୍ତ ସ୍ୱାମୀଙ୍କୁ ସର୍ବସମ୍ମୁଖକୁ ଆଣିବା ପାଇଁ ସେ ଦାବି କରିଛନ୍ତି। ଅପରପକ୍ଷରେ ହାଇଦରଙ୍କ ଫେରାର ଘଟଣାକୁ ୨୪ଘଣ୍ଟାରୁ ଅଧିକ ହୋଇଛି। ଅଦ୍ୟାବଧି ରାଜ୍ୟ ପୋଲିସ ଧରିବାରେ ସକ୍ଷମ ହୋଇନାହିଁ। ଗିରଫ ହେବା ନେଇ ଆଶା ପୋଲିସ ଦେଖାଉଛି।

ଏକଦା ରିକ୍ସା ଚାଳକ ଥିବା ହାଇଦର ୯୦ ଦଶକରେ ଅପରାଧ ଦୁନିଆକୁ ପ୍ରବେଶ କରିଥିଲେ। କେବଳ କେନ୍ଦ୍ରାପଡ଼ା ଜିଲା ନୁହେଁ ସାରା ଓଡ଼ିଶାରେ ଆପରାଧିକ କାର୍ଯ୍ୟକଳାପ ପାଇଁ ଚର୍ଚ୍ଚାରେ ଥିଲେ। ତାଙ୍କର ନେଟୱର୍କ ପଶ୍ଚିମବଙ୍ଗ, ଛତିଶଗଡ, ଝାଡଖଣ୍ଡ, ବିହାର, ଆନ୍ଧ୍ରପ୍ରଦେଶ ଯାଏ ଥିଲା। ତାଙ୍କ ଅଧୀନରେ ଗଢ଼ି ଉଠିଥିବା ଗ୍ୟାଙ୍ଗ ସଦସ୍ୟମାନେ ଦାଦାବଟି ଆଦାୟ, ଟେଣ୍ଡର ଫିକ୍ସିଂ, ବୋମାମାଡ଼, ଗୁଳିକାଣ୍ଡ, ହତ୍ୟା, ଅପହରଣ ଆଦି ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ବହୁବାର ଅଭିଯୋଗ ହୋଇଛି। ତେବେ କୋର୍ଟରେ ସାକ୍ଷୀ ପ୍ରମାଣ ଅଭାବରୁ ହାଇଦର ବହୁବାର ଏହି ଅଭିଯୋଗରୁ ମୁକୁଳି ଯାଇଛନ୍ତି। ୧୯୯୭ରେ ହାଇଦରଙ୍କୁ ପୋଲିସ ଅଧିକାରୀ ଜୟଦେବ ଷଡଙ୍ଗୀଙ୍କ ଏନ୍‌କାଉଣ୍ଟର ପରେ ସେ ଅଧିକ ଶକ୍ତିଶାଳୀ ହୋଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ଟିଟୋ ଓ ସୁଲେମାନଙ୍କ ସହ ମୁହାଁମୁହିଁ ସଂଘର୍ଷ ହୋଇଥିଲା। ତେବେ ମନାନ ମଲ୍ଲିକ ଓରଫ ଚୁନା ଓ ରଶ୍ମି ମହାପାତ୍ର ହତ୍ୟାକାଣ୍ଡରେ ସେ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି। ଇତିମଧ୍ୟରେ ହାଇଦର ବିଭିନ୍ନ ଜେଲରେ ରହି ଆସିଥିଲେ।

**କଟକ ବଡ଼ ମେଡିକାଲରୁ ହାଇଦର ଫେରାର ଘଟଣା**

## ୬ ବନ୍ଧୁକ, ୩୨ ଗୁଳି ଜବତ: ୨ ଗିରଫ



ଜବତ ବନ୍ଧୁକ, ଗୁଳି ଓ ମୋବାଇଲ ଫୋନ।

କଟକ ଅଫିସ, ୧୧।୪

ବନ୍ଧୁକ କାରବାର ପାଇଁ ଛିଡା ହୋଇଥିବା ୨ ଜଣଙ୍କୁ ଚାଉଳିଆଗଞ୍ଜ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅଞ୍ଚଳର ଦିପୁନା ଓରଫ୍ ଅଜିତ୍ ରାଏ ଓ ମର୍କତନଗର ସେକ୍ଟର-୯ ଅଞ୍ଚଳର ପପୁ ଓରଫ୍ ଅଜୟ ମହାରଣା। ସେମାନଙ୍କ ନିକଟରୁ ୬ଟି ବନ୍ଧୁକ, ୩୨ ଗୁଳି, ୪ ମୋବାଇଲ ଓ ଏକ କାର (ନଂ. ଓଡ଼ି୦୫ଜି-୨୩୬୧) ଜବତ କରାଯାଇଛି ବୋଲି ଡିସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି। କମିଶନରଙ୍କ କହିବାନୁଯାୟୀ, ଶନିବାର ମଧାହ୍ନ ୧୨ଟାରେ ସ୍ଥାନୀୟ ବିଦ୍ୟାଧରପୁରଠାରେ ବନ୍ଧୁକ କାରବାର ପାଇଁ ଅଭିଯୁକ୍ତ ଦ୍ୱୟ ଛିଡା ହୋଇଥିଲେ। ଖବରପାଇ ଚାଉଳିଆଗଞ୍ଜ ଥାନା ଅଧିକାରୀ ତାପସ ପ୍ରଧାନ ସଦଳବଳେ ସେଠାରେ ଚଢାଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ. ୧୫୦/୨୧) ରୁଜୁ କରିଛି। ଅଜୟ ଓ ଅଜିତ୍‌ଙ୍କ ନାଁରେ ବିଭିନ୍ନ ଥାନାରେ ୨୧ଟି ମାମଲା ରହିଥିବା କମିଶନର କହିଛନ୍ତି।

# ରୁକୁଣା ରଥ: ଅଖ ପୂଜା କାର୍ଯ୍ୟ ସମ୍ପନ୍ନ



ପୁରୁଣା ଭୁବନେଶ୍ୱର, ୧୧।୪(ଡି.ଏନ୍.ଏ.): ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ରଥ କାର୍ଯ୍ୟ ପ୍ରସ୍ତୁତି ଜୋରଦାର ଚାଲିଛି। ରବିବାର ମହାଖଳାରେ ରୁକୁଣା ରଥର ଅଖ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଛି। ବିଧି ମୁତାବକ ଦୈନିକ ନୀତି ଆଳତି, ଅବକାଶ, ରୋଷହୋମ, ଦର୍ଶନ, ଛାମୁ ପରିଷ୍କାର, ମାଘସ୍ନାନ ସରିବା ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଖଇଦହି ବଲ୍ଲଭ, ଠାକୁରାଣୀ ଖଇଦହି ବଲ୍ଲଭ ହୋଇଥିଲା। ପରେ ମହାଖଳାରେ ଶ୍ରୀଜୀଉଙ୍କ ରଥର ମୁଖ୍ୟ ଉପକରଣ ଅଖକୁ ପୂଜାପଣ୍ଡା, ପତ୍ରୀ ଏବଂ ସେବକ ପଞ୍ଚ ଉପଚାରରେ ଅଖକୁ ପୂଜା କରି ଆଳତି କରିଥିଲେ। ଏହା ପରେ ଶ୍ରୀଜିଉଙ୍କ ଅନ୍ୟାନ୍ୟ ନୀତି ଆରମ୍ଭ ହୋଇଥିଲା। ଏହି ପରିପ୍ରେକ୍ଷୀରେ ରୁକୁଣା ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ମହାରଣା ସେବାୟତ। ଚକ, ଅଖ ଲାଗି ହେବା ପରେ ପାଞ୍ଚ ଦଣ୍ଡା ଉଠିଥିଲା। ପରେ ରଥରେ ଓରା ଲାଗିବା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଆସନ୍ତା ୧୯ ତାରିଖରେ ନେତ୍ର ଉତ୍ସବରେ ମନ୍ଦିର ପ୍ରଶାସନକୁ ରଥ ହସ୍ତାନ୍ତର କରାଯିବ ବୋଲି ସର୍ଦ୍ଦାର ମହାରଣା ବଟକୃଷ୍ଣ ମହାରଣା କହିଛନ୍ତି।

### ରାଜ୍ୟ ପୋଲିସ୍‌ର ସ୍ପେଶାଲ ଡ୍ରାଇଭ୍

## ୪ ଦିନରେ ୧କୋଟିରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

କଟକ ଅଫିସ, ୧୧।୪

କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଓଡ଼ିଶା ପୋଲିସ ପକ୍ଷରୁ ଶନିବାର ସ୍ପେଶାଲ ଡ୍ରାଇଭ୍ କରାଯାଇ ୯୬ ଘଣ୍ଟା ମଧ୍ୟରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି ସ୍ପେଶାଲ ଡ୍ରାଇଭ୍ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ଡ୍ରାଇଭ୍‌ର ଚତୁର୍ଥ ଦିନରେ ସାମାଜିକ ଦୂରତା ନିୟମ ଭଙ୍ଗ କରିଥିବା ୧୨୨୭ ଜଣ ବ୍ୟକ୍ତିଙ୍କଠାରୁ ୧,୬୯, ୭୦୦ ଟଙ୍କା ଓ ମାସ୍କ ପିନ୍ଧି ନ ଥିବା ୧୦,୭୭୩ ଜଣ ବ୍ୟକ୍ତିଙ୍କଠାରୁ ୩୨,୯୪,୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ତେବେ ଗତ ୪ ଦିନ ମଧ୍ୟରେ ୪୪,୮୪୬ ଜଣ ବ୍ୟକ୍ତିଙ୍କଠାରୁ ୧ କୋଟି ୨୫ ଲକ୍ଷ ୩୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ରାଜ୍ୟରେ କରୋନା ନିୟମ ଉଲ୍ଲଂଘନକାରୀଙ୍କ ଉପରେ ରୋକ୍ ଲଗାଇବା ପାଇଁ ୧୩୬ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଏହି ସ୍ୱତନ୍ତ୍ର ଡ୍ରାଇଭରେ ପୋଲିସ ବିଭାଗର ବହୁ ଅଧିକାରୀ ସାମିଲ ହୋଇଥିବା ଡିଜି କାର୍ଯ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାୟକ ସୂଚନା ଦେଇଛନ୍ତି।

## ସ୍ତ୍ରୀ, ଦୁଇ ଝିଅ ନିଖୋଜ ଅଭିଯୋଗ

ଜଟଣୀ,୧୧।୪(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ପାଇକରାପୁର (ଖୁଦୁପୁର) ନିକଟରେ ରହୁଥିବା ସୁକାନ୍ତ ମଲ୍ଲିକଙ୍କ ସ୍ତ୍ରୀ ଓ ଦୁଇ ଝିଅ ନିଖୋଜ ଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜଟଣୀ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ସୁକାନ୍ତ ୧୨ବର୍ଷ ପୂର୍ବେ ଭୁବନେଶ୍ୱର ବମିଖାଲ ଅଞ୍ଚଳରେ ରହୁଥିବା ଅନ୍ତର୍ଯ୍ୟାମୀ ମଲ୍ଲିକଙ୍କ ଝିଅ ପୂଜାଙ୍କୁ ବିବାହ କରିଥିଲେ। ସୁକାନ୍ତ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରନ୍ତି। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀରୁ କମ୍ ଋଣ ଆଣି ସୁକାନ୍ତଙ୍କୁ ଅଧିକ ଋଣ ଆଣିଥିବା ପୂଜା କହିବା ସହ ସୁଧ ଅର୍ଥ ଦେବା ପାଇଁ କହୁଥିଲେ। ସୁକାନ୍ତ ଏହି ଘଟଣା ଜାଣିବା ପରେ ଭୟରେ ପୂଜା ଋଣ ବାବଦ ୯୩ ହଜାର ଟଙ୍କା ଏବଂ ଦୁଇ ଝିଅଙ୍କୁ ନେଇ କେଉଁଆଡେ ପଳାଇଛନ୍ତି ବୋଲି ସୁକାନ୍ତ ଥାନାରେ ଅଭିଯୋଗ କରିଛନ୍ତି।

# ଡେଲାଙ୍ଗରେ ନିର୍ବାଚନୀ ହିଂସା

**୫ ଆହତ, ୨ ସଙ୍କଟାପନ୍ନ**
- ଭାଜପା ଓ ବିଜେଡି କର୍ମୀ ପରସ୍ପର ବିରୋଧରେ ଆଣିଲେ ଆକ୍ରମଣ ଅଭିଯୋଗ
- କାର୍ଯ୍ୟାନୁଷ୍ଠାନ ଦାବିରେ ଉଭୟ ଦଳ ପକ୍ଷରୁ ରାସ୍ତାରୋକୋ
- ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଗାଡି ଭଙ୍ଗାରୁଜା

ଡେଲାଙ୍ଗ, ୧୧।୪(ଡି.ଏନ୍.ଏ): ପିପିଲି ଉପନିର୍ବାଚନ ପାଇଁ ରବିବାର ପ୍ରଚାର ଚାଲିଥିବାବେଳେ ପୁଣି ହିଂସାକାଣ୍ଡ ଘଟିଛି। ଡେଲାଙ୍ଗ ଥାନା ଅନ୍ତର୍ଗତ ଜେନାପୁର ପଞ୍ଚାୟତର ବ୍ରାହ୍ମଣବାଡ଼ ଗ୍ରାମରେ ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ମାରପିଟ୍ ହୋଇଛି। ବିଜେଡି କର୍ମୀଙ୍କ ଆକ୍ରମଣରେ ୨ଜଣ ଭାଜପା କର୍ମୀ ଗୁରୁତର ଆହତ ହୋଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଆକ୍ରମଣକାରୀମାନଙ୍କୁ ତୁରନ୍ତ ଗିରଫ କରାଯିବା ଦାବିରେ ଭାଜପା କର୍ମୀମାନେ ଡେଲାଙ୍ଗ ହାଟବଜାରଠାରେ ରାସ୍ତା ଅବରୋଧ କରିଛନ୍ତି। ଅନ୍ୟପକ୍ଷରେ ବିଜେଡିର ୩ କର୍ମୀଙ୍କୁ ଭାଜପାକର୍ମୀ ମାଡ ମାରିଥିବା ଏବଂ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଗାଡ଼ିକୁ ଭଙ୍ଗାରୁଜା କରିଥିବା ବିଜେଡି ପକ୍ଷରୁ ଅଭିଯୋଗ ଅଣାଯାଇଛି। କାର୍ଯ୍ୟାନୁଷ୍ଠାନ ଦାବିରେ ବିଜେଡି କର୍ମୀମାନେ ପଇନାପିଜିଆ-ଡେଲାଙ୍ଗ ରାସ୍ତାର ରେଞ୍ଚଛକରେ ରାସ୍ତାରୋକୋ କରିଛନ୍ତି। ଉକ୍ତ ଦୁଇଟି ସ୍ଥାନରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବାବେଳେ ଉତ୍ତେଜନା ପ୍ରକାଶ ପାଇଛି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ସେଠାରେ ୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏଥିସହ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ୫ ଆହତଙ୍କୁ ପ୍ରଥମେ ଡେଲାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେମାନଙ୍କ ମଧ୍ୟରୁ ଭାଜପା କର୍ମୀ ମନୋରଞ୍ଜନ ବରାଳ ଓ ସାଗର ଦାସଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଭୁବନେଶ୍ୱରସ୍ଥିତ ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି।

ଅଭିଯୋଗ ଅନୁଯାୟୀ, ପୂର୍ବାହ୍ନ ୯ଟାରେ ଜେନାପୁର ପଞ୍ଚାୟତ ପାଇକସାହି ଗ୍ରାମର ଭାଜପା କର୍ମୀ ମନୋରଞ୍ଜନ ବରାଳ, ସାଗର ଦାସ, ଅଶ୍ୱିନୀ କୁମାର ସାହୁ ଓ ସତ୍ୟବାଦୀ ଚୌନି ଏକାଠି ଆଲୋଚନା କରୁଥିଲେ। ଏହି ସମୟରେ ବିଜେଡି କର୍ମୀ ତଥା ଉକ୍ତ ପଞ୍ଚାୟତର ସମିତି ସଭ୍ୟ ପ୍ରଭାତ ଜେନା ସେଠାରେ ପହଞ୍ଚି ସେମାନଙ୍କୁ ଧମକଚମକ ଦେଇଥିଲେ। ଏ ନେଇ ଭାଜପା ପକ୍ଷରୁ ପୂର୍ବାହ୍ନ ୧୦ଟାରେ ଡେଲାଙ୍ଗ ଥାନାରେ ଏତଲା ଦିଆଯାଇଥିଲା। ମାତ୍ର ପୋଲିସ କୌଣସି ପଦକ୍ଷେପ ନେଇ ନ ଥିଲା ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ମୁଖପାତ୍ର ସୁରଥ ବିଶ୍ୱାଳ କହିଛନ୍ତି। ପରେ ଅପରାହ୍ନ ୩ଟାରେ ବ୍ରାହ୍ମଣବାଡ଼ ଗ୍ରାମରେ ଡୋର କ୍ୟାମ୍ପେନିଂ ବେଳେ ସମିତି ସଭ୍ୟ ପ୍ରଭାତ ଜେନା ଓ ସହଯୋଗୀମାନେ ମିଳିତ ଭାବେ ମନୋରଞ୍ଜନ, ସତ୍ୟବାଦୀ ଏବଂ ତାଙ୍କ ସହଯୋଗୀମାନଙ୍କୁ ଆକ୍ରମଣ କରିଥିଲେ। ଏହା ପ୍ରତିବାଦରେ ଆକ୍ରମଣକାରୀଙ୍କ ଗିରଫ ଦାବିରେ ଭାଜପା ନେତା ସୁରଥ ବିଶ୍ୱାଳ, ମାନସ ମହାନ୍ତି, ପ୍ରଭାତି ପରିଡା, ଗୋଲଖ ମହାପାତ୍ର, ଭୃଗୁ ବକ୍ସିପାତ୍ର, ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ଶତାଧିକ କର୍ମୀ ହାଟବଜାରଠାରେ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ତହସିଲଦାର ମହେନ୍ଦ୍ର କୁମାର ବଢେଇ, ଥାନା ଆଇଆଇସି ରଶ୍ମି ରଞ୍ଜନ ପଟ୍ଟନାୟକ ପ୍ରମୁଖ ପହଞ୍ଚି ବୁଝାଶୁଝା କରିଥିଲେ। ତେବେ କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଭାଜପା ନେତାମାନେ କହିଥିଲେ। ସେହିପରି ବିଜେଡିର ୩କର୍ମୀ ପାଇକସାହି ଗ୍ରାମର ଅକ୍ଷୟ ମହାପାତ୍ର, ସାଦପଡ଼ା ଗ୍ରାମର ଗିରିଧାରୀ ଦାସ ଓ ଲକ୍ଷ୍ମୀଧର ମହାପାତ୍ର ବାଇକରେ ଡେଲାଙ୍ଗ ରାସ୍ତାରେ ଘରକୁ ଫେରୁଥିବାବେଳେ ବେରବୋଇ ଲେଭଲ କ୍ରସିଂଠାରେ ଭାଜପା ପତାକା ଲାଗିଥିବା ଏକ ବୋଲେରୋ ଗାଡ଼ିରୁ ୩/୪ ଜଣ ବାହାରି ସେମାନଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଡେଲାଙ୍ଗ ମେଡିକାଲକୁ ପଠାଇଥିଲେ। ଜେନାପୁର ପଞ୍ଚାୟତରେ ବିଜେଡିର ମହିଳା ସମାବେଶରେ ଜଣେ ମହିଳାଙ୍କୁ ଭାଜପା କର୍ମୀମାନେ ଦୁର୍ବ୍ୟବହାର କରିଥିବା ଥାନାରେ ଅଭିଯୋଗ ହୋଇଛି। ବିଜେଡି ବ୍ଲକ ସଭାପତି ବୈରାଗୀ ଜେନାଙ୍କ ନେତୃତ୍ୱରେ ଶତାଧିକ କର୍ମୀ କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ଛକରେ ଧାରଣା ଦେଇଥିଲେ। ଅନ୍ୟପକ୍ଷରେ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଭୁବନେଶ୍ୱରସ୍ଥିତ ଏମ୍ସକୁ ଯାଇ ଚିକିତ୍ସିତ ହେଉଥିବା କର୍ମୀ ଦ୍ୱୟଙ୍କୁ ଭେଟିଛନ୍ତି। ସୂଚନାଯୋଗ୍ୟ, ଗତ ୨ ତାରିଖରେ ପିପିଲି ଥାନା ଅଧୀନ ସହଜପୁର ପଞ୍ଚାୟତର ରାୟଗୁରୁପୁର ଗ୍ରାମରେ ପ୍ରାକ୍ ନିର୍ବାଚନୀ ହିଂସା ଘଟିଥିଲା। ପ୍ରଚାର ବେଳେ ଜଣେ ଭାଜପା କର୍ମୀଙ୍କୁ ବିଜେଡି ସମର୍ଥକ ମାଡ଼ ମାରିବା ସହ ବାଇକ୍ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଥିଲା। ସେହିପରି ବିଜେଡି ପକ୍ଷରୁ ମଧ ପାଲଟା ଅଭିଯୋଗ କରାଯାଇଥିଲା।



ଥାନାଛକଠାରେ ବିଜେଡି ପକ୍ଷରୁ ରାସ୍ତାରୋକୋ କରାଯାଇଛି ।



ହାଟ ଡେଲାଙ୍ଗଠାରେ ଭାଜପାର ରାସ୍ତା ଅବରୋଧ ବେଳେ ପୋଲିସ ବୁଝାଶୁଝା କରୁଛି ।

## ସଂକ୍ଷେପରେ

### ୯୨୯ କୋଟି ଉଠାଇଲେ ଏଫ୍‌ପିଆଇ



**ନୂଆଦିଲ୍ଲୀ,୧୧।୪:** ଚଳିତ ମାସ ଭାରତୀୟ ପୁଞ୍ଜି ବଜାରରୁ ଫରେନ ପୋର୍ଟଫୋଲିଓ ଇନ୍‌ଭେଷ୍ଟର (ଏଫ୍‌ପିଆଇ)ମାନେ ୯୨୯ କୋଟି ଟଙ୍କା ଉଠାଇଛନ୍ତି। କୋଭିଡ୍ ମାମଲା ବଢ଼ୁଥିବାରୁ ନିବେଶକମାନେ ଭୟଭୀତ ହୋଇ ଏଭଳି ଉଠାଣ କରିଥିବା ଜଣାପଡିଛି। ଏଫ୍‌ପିଆଇମାନେ ମାର୍ଚ୍ଚରେ ୧୭,୩୦୪ କୋଟି ଟଙ୍କା ନିବେଶ କରିଥିଲେ। ଏହି ନିବେଶ ରାଶି ଜାନୁୟାରୀ ଏବଂ ଫେବୃୟାରୀରେ ଯଥାକ୍ରମେ ୨୩,୬୬୩ କୋଟି ଟଙ୍କା ଏବଂ ୧୪,୬୪୯ କୋଟି ଟଙ୍କା ରହିଥିଲା। ଡିପୋଜିଟୋରି ଡାଟା ମୁତାବକ, ବିଦେଶୀ ନିବେଶକ ଇକ୍ୱିଟିରୁ ୭୪୦ କୋଟି ଏବଂ ଡେଟ୍ ସେଗମେଣ୍ଟରୁ ୧୮୯ କୋଟି ଟଙ୍କା ଉଠାଣ କରିଛନ୍ତି। ଏପ୍ରିଲ ପହିଲାରୁ ୯ ମଧ୍ୟରେ ଏଭଳି ମୋଟ ୯୨୯ କୋଟି ଟଙ୍କା ଉଠାଯାଇଥିବା ଜଣାପଡିଛି।

### ୟୁପିଆଇ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ,୧୧।୪:** ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) ମିଳିତ ଭାବେ ୟୁପିଆଇ କାରବାରର ଗଭୀରତାକୁ ଧ୍ୟାନ ଦେବା ପାଇଁ ଏକ ଉତ୍ସର୍ଗୀକୃତ ଅଭିଯାନ ଆରମ୍ଭ କରିଛନ୍ତି। ଏହି ମିଳିତ ପଦକ୍ଷେପଟି ଏସ୍‌ବିଆଇର ବ୍ୟାଙ୍କିଙ୍ଗ ଏବଂ ଲାଇଫଷ୍ଟାଇଲ ପ୍ଲାଟଫର୍ମ ୟୋନୋର ଉପଭୋକ୍ତାମାନଙ୍କୁ ୟୁପିଆଇ ଦେୟ ବାଛିବା ପାଇଁ ଉତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। ଏହା ଯାହା ସହଜ, ନିରାପଦ ଏବଂ ତତ୍କାଳ ବୋଲି ଉଭୟ ସଂସ୍ଥା ପକ୍ଷରୁ ସୂଚନା ରହିଛି। ୨୦୧୭ରେ ଆରମ୍ଭ ହେବା ପରଠାରୁ, ୟୋନୋ ୩୪ ଲକ୍ଷ ୟୁପିଆଇ ରେଜିଷ୍ଟ୍ରେଶନ୍ ସହିତ ଟ୍ରାଞ୍ଜାକଶନରେ ରେକର୍ଡ ହାସଲ କରିଛି। ଏହି ଅଭିଯାନ ମାଧ୍ୟମରେ ଏନ୍‌ପିସିଆଇ ଏବଂ ଏସ୍‌ବିଆଇ ଅଧିକ ଗ୍ରାହକଙ୍କୁ ୟୋନୋ ପ୍ଲାଟଫର୍ମରେ ଅନ୍-ବୋର୍ଡ କରିବାକୁ ଚେଷ୍ଟା କରିବ ଏବଂ ସେମାନଙ୍କୁ ୟୁପିଆଇର ଲାଭ ବିଷୟରେ ଶିକ୍ଷା ଦେବ। ଅଧିକରୁ ଅଧିକ ଇକୋସିଷ୍ଟମରେ ୟୁପିଆଇ ବ୍ୟବହାରକାରୀ ଆସବେ। ୟୁଜରଙ୍କ ମଧ୍ୟରେ ୟୁପିଆଇ ସଚେତନତାକୁ ବଢ଼ାଇବା ଲାଗି ଏଭଳି ପଦକ୍ଷେପ ସହାୟକ ହେବ ବୋଲି ଏନ୍‌ପିସିଆଇ ସିଇଓ ପ୍ରବୀନା ରାୟ କହିଛନ୍ତି।

### ଭାରତ-ଶ୍ରୀଲଙ୍କା ଏୟାର ବବଲ ଚୁକ୍ତି



**ନୂଆଦିଲ୍ଲୀ,୧୧।୪:** ଶ୍ରୀଲଙ୍କା ସହିତ ଭାରତ ଏୟାର ବବଲ ଚୁକ୍ତିରେ ସାମିଲ ହୋଇଛି। ଏହା ଦ୍ୱାରା ୨ ଦେଶ ମଧ୍ୟରେ ବର୍ତ୍ତମାନ ସ୍ଥିତିରେ ବିମାନ ଯାତ୍ରା ସୁଗମ ହୋଇପାରିବ। ସାର୍କ ଦେଶ ସମୂହଙ୍କ ମଧ୍ୟରେ ଏହା ୬ଷ୍ଠ ହୋଇଥିବା ବେଳେ ଭାରତ ମୋଟ ୨୮ ଏହିଭଳି ଚୁକ୍ତିରେ ସାମିଲ ହୋଇଛି। କରୋନା ସମୟରେ କଟକଣା ଯୋଗୁ ପର୍ଯ୍ୟଟକମାନେ ଶ୍ରୀଲଙ୍କା ଯାଇ ପାରୁ ନ ଥିଲେ। ଏଭଳି ଚୁକ୍ତି ଦ୍ୱାରା ପର୍ଯ୍ୟଟକ ଶ୍ରୀଲଙ୍କା ଯିବାକୁ ସକ୍ଷମ ହେବେ।

### ବନ୍ଦରଗୁଡ଼ିକର ମାଲ୍ ପରିଚାଳନା ୪.୫୯% ହ୍ରାସ

**ନୂଆଦିଲ୍ଲୀ,୧୧।୪:** ଆର୍ଥିକ ବର୍ଷ ୨୦୨୦-୨୧ରେ ଦେଶର ୧୨ ପ୍ରମୁଖ ବନ୍ଦର ମାଲ୍ ପରିଚାଳନା ୪.୫୯% ହ୍ରାସ ହୋଇ ୬୭୩ ନିୟୁତ ଟନ୍ ରହିଛି। କୋଭିଡ୍-୧୯ ବନ୍ଦରଗୁଡିକର ମାଲ୍ ପରିବହନକୁ ପ୍ରଭାବିତ କରିଛି ବୋଲି ଇଣ୍ଡିଆନ ପୋର୍ଟ ଆସୋସିଏଶନ(ଆଇପିଏ) ପକ୍ଷରୁ କୁହାଯାଇଛି। ୨୦୧୯-୨୦, ୨୦୧୮-୧୯ ଏବଂ ୨୦୧୭-୧୮ରେ ଏହି ବନ୍ଦରଗୁଡିକର ମାଲ୍ ପରିଚାଳନା ଯଥାକ୍ରମେ ୭୦୫ ନିୟୁତ ଟନ, ୬୯୯ ନିୟୁତ ଟନ ଏବଂ ୬୭୯ ନିୟୁତ ଟନ ରହିଛି। କୋଭିଡ୍-୧୯ ଯୋଗୁ ୧୨ ବନ୍ଦରର କାର୍ଗୋ ଟ୍ରାଫିକ ହ୍ରାସ ହୋଇଥିବା ନିକଟରେ ବନ୍ଦର ରାଷ୍ଟ୍ରମନ୍ତ୍ରୀ ମନସୁଖଲାଲ ମାଣ୍ଡବୀୟ କହିଥିଲେ। କେବଳ ପାରାଦୀପ ଏବଂ ମୋରମୁଗାଓକୁ ଛାଡି ଦେଲେ ବାକି ସବୁ ବନ୍ଦରରେ ମାଲ୍ ପରିବହନ ପ୍ରଭାବିତ ହୋଇଥିବା ଆଇପିଏ ପକ୍ଷରୁ ସୂଚନା ମିଳିଛି।

## ଆଂଶିକ ଲକ୍‌ଡାଉନ

# ପ୍ରଭାବିତ ହେବ ଶିଳ୍ପ ଉତ୍ପାଦନ

### ସିଆଇଆଇର ସିଇଓ ସର୍ଭେ

ନୂଆଦିଲ୍ଲୀ,୧୧।୪



ବର୍ତ୍ତମାନ ଦେଶ ମଧ୍ୟରେ କରୋନାର ଦ୍ୱିତୀୟ ଲହର ଆସିଛି। ସଂକ୍ରମଣ ମାମଲା ବଢିଚାଲିଛି। ପୁଣି ଥରେ ହୁଏତ ଲକଡାଉନ ହୋଇପାରେ ଅନେକେ ଆଶଙ୍କା କରୁଛନ୍ତି। ଦେଶ ମଧ୍ୟରେ ଯଦି ଆଂଶିକ ଲକଡାଉନ ହୁଏ ଏହା ଦ୍ୱାରା ଉପୟ ଶ୍ରମ ଏବଂ ସାମଗ୍ରୀ ପରିବହନକୁ ପ୍ରଭାବିତ କରିବ। ଫଳରେ ଏହାର ପ୍ରଭାବ ଶିଳ୍ପ କ୍ଷେତ୍ର ଉତ୍ପାଦନ ଉପରେ ପଡିବ ବୋଲି ସିଇଓଙ୍କ ନେଇ ହୋଇଥିବା ସର୍ଭେରେ ପ୍ରକାଶ ପାଇଛି। କନଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ (ସିଆଇଆଇ) ପକ୍ଷରୁ ହୋଇଥିବା ଏହି ସର୍ଭେରେ କୁହାଯାଇଛି ଯେ, କରୋନାର ଦ୍ୱିତୀୟ ଲହର ସଂକ୍ରମଣକୁ ରୋକିବା ଲାଗି କର୍ଫ୍ୟୁ ଏବଂ ମାଇକ୍ରୋ କଣ୍ଟେନମେଣ୍ଟ କୌଶଳ ଉପରେ କାମ କରିବାର ଆବଶ୍ୟକତା ରହିଛି।

ସର୍ଭେରେ ଭାଗ ନେଇଥିବା ଅଧିକାଂଶ ସିଇଓ କହିଛନ୍ତି, ଯଦି ଆଂଶିକ ଲକଡାଉନ ମଧ୍ୟ ସାରା ଦେଶରେ ଲାଗୁ କରାଯାଏ ତେବେ ଏହାର ପ୍ରଭାବ ଶିଳ୍ପ ଉତ୍ପାଦନ ଉପରେ ପଡିବ। ସର୍ଭେରେ ଅର୍ଦ୍ଧାଧିକ ସିଇଓ ସେମାନଙ୍କ ଉତ୍ପାଦନ ପ୍ରଭାବିତ ହେବାର ଆଶଙ୍କା ରହିଛି। ୫୬% କହିଛନ୍ତି ଉତ୍ପାଦନ ପ୍ରାୟ ୫୦% କମିବ। କାରଣ ସାମଗ୍ରୀ ଯୋଗାଣ ଏହା ଦ୍ୱାରା ପ୍ରଭାବିତ ହେବ। ଶିଳ୍ପ ଏବଂ ବାଣିଜ୍ୟ କ୍ଷେତ୍ରର କାର୍ଯ୍ୟକଳାପ ଯେଭଳି ନ ଅଟକେ ସେ ନେଇ ସରକାର ଧ୍ୟାନରେ ରଖିବା ଆବଶ୍ୟକ ସିଆଇଆଇର ସଭାପତି ଟି.ଭି. ନରେନ୍ଦ୍ରନ କହିଛନ୍ତି। ୬୭% କହିଛନ୍ତି, ସଂକ୍ରମଣକୁ କମ୍ କରିବା ଲାଗି ସରକାରଙ୍କ ସହ ଟିକାକରଣ କାର୍ଯ୍ୟକ୍ରମରେ ମିଳିତ ହୋଇ କାମ କରିବେ।

ଉଲ୍ଲେଖଯୋଗ୍ୟ, ସରକାର କରୋନାକୁ ନିୟନ୍ତ୍ରଣ କରିବା ଲାଗି ସାରା ଦେଶକୁ ସମ୍ପୂର୍ଣ୍ଣ ଲକଡାଉନ କରି ରଖିଥିଲେ। ଏହା ଦ୍ୱାରା ବଜାରରେ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଚଳିତ ଆର୍ଥିକ ବର୍ଷରେ ଜିଡିପି ନକରାତ୍ମକ ହେବା ସହ ଏବେ ଯାଏ ବଜାର ଟ୍ରାକକୁ ଫେରିପାରିନାହିଁ। ସଙ୍କଟରେ ରହିଥିବା ଅର୍ଥ ବ୍ୟବସ୍ଥାକୁ ସହାୟକତା କରିବା ଲାଗି ସରକାରଙ୍କୁ ବିଭିନ୍ନ ପଦକ୍ଷେପ ନେବାକୁ ପଡିଛି। ଏହାର ଫଳ ତ୍ୱରିତ ଭାବେ ମିଳି ପାରିନାହିଁ। ଲକଡାଉନ ଯୋଗୁ ୨୦୨୦-୨୧ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସ ଜିଡିପି ୨୩.୯% ଖସିଥିଲା। ଅନେକଙ୍କ ଚାକିରି ଚାଲିଯାଇଥିବା ବେଳେ କଳକାରଖାନା କାମ ଟ୍ରାକକୁ ଫେରିବା ଲାଗି ସମୟ ଲାଗିଛି। ପୁଣି ଥରେ ଯଦି ଆଂଶିକ ଲକଡାଉନ ହୁଏ ତେବେ ଏହା ଦ୍ୱାରା ଶିଳ୍ପ କ୍ଷେତ୍ର ପ୍ରଭାବିତ ହେବା ନେଇ ଅଧିକାଂଶ ସିଇଓ ମତ ରଖିଛନ୍ତି।

## ୩୦୦୦ କୋଟି ନିବେଶ କରିବ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା

ନୂଆଦିଲ୍ଲୀ,୧୧।୪




ଆଗାମୀ ୩ ବର୍ଷରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ୩ ହଜାର କୋଟି ଟଙ୍କା ନିବେଶ କରିବ। କମ୍ପାନୀ ଏହି ଅର୍ଥକୁ ଇ-ଯାନ ବାଣିଜ୍ୟ କ୍ଷେତ୍ରରେ ନିବେଶ କରିବା ଲାଗି ଯୋଜନା ରଖିଛି। ଏହି ଭର୍ଟିକାଲରେ ଅଧିକ ଚୁକ୍ତି ଏବଂ ସହଭାଗିତା କରିବା ଦିଗରେ କମ୍ପାନୀ ବର୍ତ୍ତମାନ ଅଗ୍ରସର ହେଉଥିବା ଜଣେ ଅଧିକାରୀ ରବିବାର କହିଛନ୍ତି। କମ୍ପାନୀ ବର୍ତ୍ତମାନ ଏକ ଇଭି ପ୍ଲାଟଫର୍ମ ବିକଶିତ କରିବାକୁ ଚାହୁଁଛି। ସାରା ବିଶ୍ୱରେ ରହିଥିବା ଏହାର ଅପରେଶନ କ୍ଷମତା ବୃଦ୍ଧି ଲକ୍ଷ୍ୟ ରହିଥିବା ମହିନ୍ଦ୍ରା ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଅନୀଶ ଶାହା କହିଛନ୍ତି। ଆଗାମୀ ୫ ବର୍ଷରେ ୯ ହଜାର କୋଟି ଟଙ୍କା ନିବେଶ ଯୋଜନା ରହିଥିବା କମ୍ପାନୀ ପୂର୍ବରୁ କହିଥିଲା। ୨୦୨୫ ବେଳକୁ ଭାରତରେ ୫ ଲକ୍ଷ ୟୁନିଟ୍ ଯାନ ବିକିବା ନେଇ କମ୍ପାନୀ ଯୋଜନା ରଖିଛି। ଏଥିଲାଗି କମ୍ପାନୀ ୧୭୦୦ କୋଟି ଟଙ୍କା ନିବେଶ କରିଛି। ସେହିଭଳି ଗବେଷଣା ଏବଂ ବିକାଶ କାମରେ ଏହା ୫୦୦ କୋଟି ଟଙ୍କା ନିବେଶ କରିଥିବା କହିଛି।

# ଜିରୋ ବାଲାନ୍ସ ଆକାଉଣ୍ଟରୁ ୩୦୦ କୋଟି ଆଦାୟ

### ୫ ବର୍ଷରେ ଏସ୍‌ବିଆଇର ଚାର୍ଜ

ନୂଆଦିଲ୍ଲୀ,୧୧।୪




ଜିରୋ ବାଲାନ୍ସ କିମ୍ବା ବେସିକ ସେଭିଂ ବ୍ୟାଙ୍କ ଡିପୋଜିଟ୍ ଆକାଉଣ୍ଟ (ବିଏସ୍‌ବିଡିଏ)ରେ କିଛି ସେବା ଯୋଗାଣ ଲାଗି ବ୍ୟାଙ୍କଗୁଡିକ ସାଧାରଣ ଲୋକଙ୍କଠାରୁ ଅତ୍ୟଧିକ ପରିମାଣର ଚାର୍ଜ ଲାଗୁ କରୁଥିବା ଆଇଆଇଟି ବମ୍ବେ ପକ୍ଷରୁ ହୋଇଥିବା ଏକ ଅଧ୍ୟୟନରୁ ସାମ୍ନାକୁ ଆସିଛି। ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କୁହାଯାଉଥିବା ଷ୍ଟେଟ ବ୍ୟାଙ୍କ ମଧ୍ୟ ଏହି ବ୍ୟାଙ୍କ ମଧ୍ୟରେ ସାମିଲ ରହିଛି। ସାଧାରଣ ଜମା ଆକାଉଣ୍ଟରୁ ପ୍ରତି ୪ରୁ ଅଧିକ ଥର ଡେବିଟ ଦେଣନେଣ ପରେ ଏସ୍‌ବିଆଇ ୧୭.୭୦ ଟଙ୍କା ଚାର୍ଜ ଲାଗୁ କରୁଛି। ଏହା ଠିକ୍ ନୁହେଁ ବୋଲି ଜମାକାରୀ କହିଛନ୍ତି। ୨୦୧୫ରୁ ୨୦୨୦ ଅବଧିରେ ବ୍ୟାଙ୍କ ସର୍ଭିସ ଚାର୍ଜ ବାବଦକୁ ସାଧାରଣ ଜମା ଆକାଉଣ୍ଟରୁ ୩୦୦ କୋଟି ଟଙ୍କାର ଅର୍ଥ ଆଦାୟ କରିଛି। ଏହା ମଧ୍ୟରେ ମୋଟ ୧୨ କୋଟି ଆକାଉଣ୍ଟଧାରୀ ରହିଛନ୍ତି। ଦେଶର ଦ୍ୱିତୀୟ ବଡ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କୁହାଯାଉଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ସମାନ ଅବଧିରେ ୩.୯ କୋଟି ଆକାଉଣ୍ଟରୁ ୯.୯ କୋଟି ଟଙ୍କା ଆଦାୟ କରିଛି।

ମାସକୁ ୪ଥରରୁ ନିର୍ଦ୍ଧାରିତ ଉଠାଣ ପରେ ପ୍ରତି ଥର ଉଠାଣ ପରେ ଏସ୍‌ବିଆଇ ୧୭.୭୦ ଟଙ୍କା ଚାର୍ଜ କରୁଥିବାରୁ ଏହାକୁ ନେଇ ଜମାକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସାଧାରଣ ଜମା ଆକାଉଣ୍ଟ ନେଇ ରିଜର୍ଭ ବ୍ୟାଙ୍କର ନିୟମକୁ ଏସ୍‌ବିଆଇ ସମେତ କିଛି ବ୍ୟାଙ୍କ ଉଲ୍ଲଂଘନ କରୁଥିବା ଆକାଉଣ୍ଟଧାରୀଙ୍କ ପକ୍ଷରୁ ଅଭିଯୋଗ ଆସିଛି। ଏହି ବାବଦକୁ ୨୦୧୮-୧୯ରେ ଏସ୍‌ବିଆଇ ୭୨ କୋଟି ଟଙ୍କା ଏବଂ ୨୦୧୯-୨୦ରେ ୧୫୮ କୋଟି ଟଙ୍କା ଆଦାୟ କରିଥିବା ଆଇଆଇଟି ବମ୍ବେର ପ୍ରଫେସର ଆସିସ୍ ଦାସଙ୍କ ପକ୍ଷରୁ ହୋଇଥିବା ଅଧ୍ୟୟନରେ କୁହାଯାଇଛି।

## ୪ କମ୍ପାନୀଙ୍କ ବଜାର ପୁଞ୍ଜୀକରଣ ୧.୧୪ ଲକ୍ଷ କୋଟି ବଢ଼ିଲା

ନୂଆଦିଲ୍ଲୀ,୧୧।୪

ଦେଶର ୧୦ ସବୁଠାରୁ ଭାଲ୍ୟୁ କମ୍ପାନୀଙ୍କ ମଧ୍ୟରୁ ୪ଟିର ବଜାର ପୁଞ୍ଜୀକରଣ ୧.୧୪ ଲକ୍ଷ କୋଟି ଟଙ୍କା ବଢିଛି। ଏହି ସମୟରେ ପ୍ରମୁଖ ଆଇଟି କମ୍ପାନୀ ଟାଟା କନସଲ୍‌ଟାନ୍ସି ସର୍ଭିସେସ୍ ଏବଂ ଇନ୍‌ଫୋସିସ୍ ଆଗରେ ରହିଛି। ଅନ୍ୟ ୨ କମ୍ପାନୀ ମଧ୍ୟରେ ହିନ୍ଦୁସ୍ତାନ ୟୁନିଲିଭର ଏବଂ ଭାରତୀ ଏୟାରଟେଲ ରହିଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ,ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, କୋଟାକ ମହିନ୍ଦ୍ରା ବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭଳି କମ୍ପାନୀଗୁଡିକ ବଜାର ପୁଞ୍ଜୀକରଣ ହ୍ରାସ ହୋଇଛି। ଟିସିଏସ୍‌ର ଭାଲ୍ୟୁଏଶନରେ ୫୭,୮୧୬ କୋଟି ଟଙ୍କା ବୃଦ୍ଧି ଘଟି ୧୨.୨୮ ଲକ୍ଷ କୋଟି ଟଙ୍କା ଛୁଇଁଛି। ସେହିଭଳି ହିନ୍ଦୁସ୍ତାନ ୟୁନିଲିଭର ଭାଲ୍ୟୁଏଶନରେ ୧୭,୯୭୪ କୋଟି ଟଙ୍କା ବୃଦ୍ଧି ହୋଇ ୫.୮୧ ଲକ୍ଷ କୋଟି ଟଙ୍କା ରହିଛି। ଏହି ସମୟରେ ଭାରତୀ ଏୟାରଟେଲ୍‌ର ଭାଲ୍ୟୁଏଶନ ୧୫,୩୨୮ କୋଟି ଟଙ୍କା ବଢିବା ଯୋଗୁ ୨.୯୯ ଲକ୍ଷ କୋଟି ଟଙ୍କା ଛୁଇଁଛି। ଦେଶର ପୁଞ୍ଜିବଜାରରେ ୧୦ ଭାଲ୍ୟୁ କମ୍ପାନୀଙ୍କ ମଧ୍ୟରେ ରିଲାଏନ୍ସ ସବୁଠାରୁ ଆଗରେ ରହିଛି।

## ୟାମାଜାକି କ୍ୟାନନ୍ ଇଣ୍ଡିଆ ସିଇଓ

ନୂଆଦିଲ୍ଲୀ,୧୧।୪



ମାନାବୁ ୟାମାଜାକି

କ୍ୟାନନ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏହାର ନୂତନ ଅଧ୍ୟକ୍ଷ ଓ ସିଇଓ ଭାବେ ମାନାବୁ ୟାମାଜାକିଙ୍କୁ ନିଯୁକ୍ତ କରାଯାଇଛି। ତାଙ୍କର ଏହି ନିଯୁକ୍ତି ଚଳିତ ବର୍ଷ ଏପ୍ରିଲ୧ରୁ କାର୍ଯ୍ୟକାରୀ ହୋଇଛି। ତାଙ୍କର ନୂତନ ଭୂମିକାରେ ୟାମାଜାକି ଭାରତରେ କମ୍ପାନୀର ବ୍ୟବସାୟ ରଣନୀତି ଓ ପରିଚାଳନାଗୁଡିକର ନେତୃତ୍ୱ ନେବେ। ନୂତନ ଭୂମିକା ପୂର୍ବରୁ, ସେ ପୂର୍ବ ଚାଇନାରେ ବ୍ରାଣ୍ଡ ପାଇଁ ମୁଖ୍ୟ ଆଞ୍ଚଳିକ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଏପିଏସି ଅଞ୍ଚଳରେ ବିଭିନ୍ନ କ୍ଷେତ୍ରର ତଦାରଖ କରୁଥିଲେ। ୟାମାଜାକି ୧୯୮୯ରୁ କ୍ୟାନନ୍ ସହିତ ଜଡିତ ଅଛନ୍ତି। ସେ ୟୁରୋପୀୟ, ମଧ୍ୟ ପୂର୍ବାଞ୍ଚଳ, ରୁଷ୍ ଓ ଆଫ୍ରିକାର ବଜାରଗୁଡିକରେ ବ୍ୟବସାୟ ପରିଚାଳନାରେ ଉଲ୍ଲେଖନୀୟ ଯୋଗଦାନ ଦେଇଥିଲେ। ଏହି ଅବସରରେ ୟାମାଜାକି କହିଛନ୍ତି, କ୍ୟାନନ୍ ଇଣ୍ଡିଆରେ ଯୋଗ ଦେଇ ଏବଂ ଏଠାରେ ଏକ ଅତ୍ୟଧିକ କୁଶଳୀ ପେସାଦାରମାନଙ୍କ ଟିମ୍ ସହିତ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ଖୁବ୍ ଆନନ୍ଦିତ ଓ ଉତ୍ସାହିତ ରହିଛି।

## ପିଏନ୍‌ବି ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ

ବାଲେଶ୍ୱର,୧୧।୪

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ବାଲେଶ୍ୱର ମଣ୍ଡଳ ପକ୍ଷରୁ ଚୈତ୍ର ପର୍ବ ଅବସରରେ ଘଟଗାଁ, ମା’ ତାରିଣୀ ମନ୍ଦିରକୁ ଭକ୍ତମାନଙ୍କ ନିମନ୍ତେ ଏକ ଅଟୋ ପ୍ୟୁରିଫାଏଡ ୱାଟର କୁଲର ପ୍ରଦାନ କରାଯାଇଅଛି। ବ୍ୟାଙ୍କ ସାମାଜିକ ଦାୟିତ୍ୱବୋଧ ଅଂଶବିଶେଷ, ମନ୍ଦିର ପରିସରରେ ସ୍ଥାପନ ହୋଇଥିବା ଏହି ଶୀତଳ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥାର ଶୁଭାରମ୍ଭ ବ୍ୟାଙ୍କର ବାଲେଶ୍ୱର ମଣ୍ଡଳ ମୁଖ୍ୟ ଉମାକାନ୍ତ ଦାସଙ୍କ ସ୍ତ୍ରୀ ମଧୁମିତା ଦାସଙ୍କ ଦ୍ୱାରା ହୋଇଯାଇଅଛି। ଏହି ଅବସରରେ ମନ୍ଦିର ଟ୍ରଷ୍ଟର ଅଧିକାରୀ, ସଭାପତି ଏବଂ ପିଏନ୍‌ବି ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ।

# ୧୨ ଦିନ ହେବ ତୈଳଦର ସ୍ଥିର

ନୂଆଦିଲ୍ଲୀ,୧୧।୪



ତୈଳ ଦର ବୃଦ୍ଧିକୁ ନେଇ ସାଧାରଣ ଖାଉଟିଙ୍କ ଠାରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଲୋକ ସରକାରକୁ ବିରୋଧ କରିବା ସହ ଅସନ୍ତୋଷ ଜାହିର କରିଥିଲେ। ଏପରିକି ତେଲ ଦର ବୃଦ୍ଧିକୁ ନେଇ ରାଜ୍ୟ ଠାରୁ ଦେଶ ପର୍ଯ୍ୟନ୍ତ ସବୁ ସ୍ଥାନରେ ବନ୍ଦ ଡାକାର ଓ ବିକ୍ଷୋଭ ମଧ୍ୟ ବିଭିନ୍ନ ଦଳ ଓ ସଙ୍ଗଠନ ପକ୍ଷରୁ କରାଯାଇଥିଲା। ଫଳରେ ହୁ ହୁ ବଢୁଥିବା ତେଲ ଦର କ୍ରମାଗତ ୧୨ ଦିନ ହେବ ଅପରିବର୍ତ୍ତିତ ରହିଛି। ଶେଷ ଥର ପାଇଁ ଗତ ମାର୍ଚ୍ଚ ୩୦ରେ ଦର ପରିବର୍ତ୍ତନ ହୋଇଥିଲା ଏବଂ ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେବ ତେଲ ଦର ବଢିନାହିଁ। ବିଭିନ୍ନ ରାଜ୍ୟରେ ବିଧାନ ସଭା ଜାରି ରହିଥିବାରୁ ଏଇ ନିକଟରେ କିଛି ପଇସା ତେଲ ଦର ଉପରେ ହ୍ରାସ ପାଇଥିଲା।

ଦେଶର ଅଗ୍ରଣୀ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ରବିବାର ଭୁବନେଶ୍ୱରର ତେଲ ଦର ପୂର୍ବଭଳି ସ୍ଥିର ରହିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୯୧.୨୮ଟଙ୍କା ଥିଲା ବେଳେ ଡିଜେଲ ୮୮.୧୩ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୦.୫୬ ଟଙ୍କା ଏବଂ ଡିଜେଲ ୮୦.୮୭ ଟଙ୍କାରେ ରହିଛି। ସେହିପରି ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକତା ଏବଂ ମୁମ୍ବାଇ ଭଳି ସହରରେ ପେଟ୍ରୋଲ ଦର ଯଥାକ୍ରମେ ୯୨.୫୮ଟଙ୍କା, ୯୦.୭୭ ଟଙ୍କା ଏବଂ ୯୬.୯୮ଟଙ୍କା ରହିଥିବା ଜଣାପଡିଛି। ଅନ୍ୟପକ୍ଷରେ ଏହି ସବୁ ମେଟ୍ରୋ ସହରର ଡିଜେଲ ଦର ୮୫.୮୮ଟଙ୍କା, ୮୩ ୭୫ ଟଙ୍କା ଏବଂ ୮୭.୯୬ ଟଙ୍କାରେ ବିକ୍ରି ହେଉଥିବା ସୂଚନା ମିଳିଛି।

## ଗ୍ରୋ ୱିଥ୍ ଏମ୍‌ଆଇ ଅଭିଯାନ

ନୂଆଦିଲ୍ଲୀ,୧୧।୪

ଏମ୍‌ଆଇ ଇଣ୍ଡିଆ ପକ୍ଷରୁ ଏହାର ନୂତନ ଅଭିଯାନ- ଗ୍ରୋ ୱିଥ୍ ଏମ୍‌ଆଇ’ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଭିଯାନ ସହିତ କମ୍ପାନୀ ଭାରତରେ ଏହାର ଅଫ୍‌ଲାଇନ୍ ରିଟେଲ୍ ଟଚ୍‌ପଏଣ୍ଟ ସମେତ ଏକ୍ସକ୍ଲୁସିଭ ରିଟେଲ୍ ଷ୍ଟୋର୍‌ଗୁଡିକର ସଂଖ୍ୟା ଦୁଇଗୁଣ ବୃଦ୍ଧି କରିବାକୁ ଯୋଜନା ରଖିଛି। ବର୍ତ୍ତମାନ ଏମ୍‌ଆଇ ଇଣ୍ଡିଆର ୧୫ ହଜାରରୁ ଅଧିକ ରିଟେଲ୍ ଟଚ୍ ପଏଣ୍ଟ ରହିଛି। ଏହା ମଧ୍ୟରେ ୩ ହଜାରରୁ ଅଧିକ ଏମ୍‌ଆଇ ଷ୍ଟୋର ସାମିଲ ରହିଛି। କମ୍ପାନୀ ଆସନ୍ତା ଦୁଇବର୍ଷ ମଧ୍ୟରେ ରିଟେଲ୍ ସହଯୋଗୀମାନଙ୍କୁ ଏହି ଷ୍ଟୋରଗୁଡିକର ସ୍ଥାପନା ଓ ପରିଚାଳନା କରିବାରେ ସାହାଯ୍ୟ କରିବା ପାଇଁ କମ୍ପାନୀ ୧୦୦ କୋଟି ଟଙ୍କାର ଏକ ସହାୟତା ପ୍ୟାକେଜ ମଧ୍ୟ ଘୋଷଣା କରିଛି। ଏହି ଅଭିଯାନ ଦ୍ୱାରା ବିଶେଷ କରି ଗ୍ରାମାଞ୍ଚଳ ବଜାରଗୁଡିକରେ ଖୁଚୁରା ଉଦ୍ୟୋଗକୁ ଅଧିକ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି।



ପ୍ରମୁଖ କମ୍ପାନୀ ଭଲ୍‌ଭୋ ଇଲେକ୍ଟ୍ରିକ କାର ଦୌଡରେ ପ୍ରବେଶ କରିବା ସହ ସ୍ୱିଡେନରେ ଏହାର ନୂଆ ଅଲ୍ ଇଲେକ୍ଟ୍ରିକ ସି ୪୦ ରିଚାର୍ଜ ମଡେଲକୁ ଶୁଭାରମ୍ଭ କରିଛି। ଆଗାମୀ ଦିନରେ ଏହା ଭାରତ ବଜାରକୁ ଆସିବ ବୋଲି କୁହାଯାଇଛି।

## ଭୁବନେଶ୍ୱରରେ ‘ଟମ୍ବଲ ଡ୍ରାଏ’



ଭୁବନେଶ୍ୱର,୧୧।୪

ଟମ୍ବଲ ଡ୍ରାଏର ନୂଆ ଷ୍ଟୋର ସ୍ଥାନୀୟ ପଟିଆଛକଠାରେ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଓଲିଉଡ ଅଭିନେତା ସବ୍ୟସାଚୀ ମିଶ୍ର, ବିଶ୍ୱ ଓଡ଼ିଶା ସମାଜର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଏବଂ ଟାଟା ପାୱାରର ସିଭିଓ ବ୍ରହ୍ମାନନ୍ଦ ଦଣ୍ଡାଟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହି ଅତ୍ୟାଧୁନିକ ଲଣ୍ଡ୍ରି ସେବାର ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଅଞ୍ଚଳର ୩ ଯୁବ ଶିଳ୍ପୋଦ୍ୟୋଗୀ ରାବେନ ପାତ୍ରୀ, ଶ୍ରୀକାନ୍ତ ନାୟକ ଏବଂ ପ୍ରିୟରଞ୍ଜନ ପଟ୍ଟନାୟକଙ୍କ ମିଳିତ ଉଦ୍ୟମରେ ଏଭଳି ଏକ ଷ୍ଟାର୍ଟଅପ୍‌ର ଶୁଭାରମ୍ଭ କରାଯାଇଛି। ଉକ୍ତ ୩ ଯୁବ ଉଦ୍ୟୋଗୀଙ୍କ ପ୍ରଚେଷ୍ଟାରେ ଗଢି ଉଠିଥିବା ମେଟାନୋଇଆ କମ୍ପାନୀ ପକ୍ଷରୁ ସହରବାସୀଙ୍କୁ ଉନ୍ନତ ମାନର ସେବା ସହ ପରିବେଶ ହିତକର ଓ ଖୁବ୍ ଉଚ୍ଚକୋଟିର ସଫେଇ ସୁବିଧା ଉପଲବ୍ଧ କରାଇବ ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି।

# ପେନ୍‌ସନ କ୍ଷେତ୍ର ଏଫ୍‌ଡିଆଇ ବଢ଼ିପାରେ

### ପାର୍ଲାମେଣ୍ଟ ଶୀତ ଅଧିବେଶନରେ ବିଲ୍ ଆସିପାରେ

ନୂଆଦିଲ୍ଲୀ,୧୧।୪




ସରକାର ପେନ୍‌ସନ କ୍ଷେତ୍ର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ(ଏଫ୍‌ଡିଆଇ)କୁ ବଢାଇ ପାରନ୍ତି। ଏ କ୍ଷେତ୍ରରେ ଏଫ୍‌ଡିଆଇ ସୀମା ୭୪%କୁ ବଢାଇବା ନେଇ ଯୋଜନା ରଖାଯାଇଛି। ପାର୍ଲାମେଣ୍ଟର ପରବର୍ତ୍ତୀ ସେସନରେ ଏ ନେଇ ଏକ ବିଲ୍ ଆସିପାରେ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ବୀମା କ୍ଷେତ୍ରରେ ଏଫ୍‌ଡିଆଇ ସୀମା ପୂର୍ବରୁ ୪୯% ରହିଥିବା ବେଳେ ଏହାକୁ ୭୪%କୁ ବଢାଯାଇଛି। ଗତ ମାସରେ ଏ ସଂକ୍ରାନ୍ତ ବିଲ୍‌କୁ ପାର୍ଲାମେଣ୍ଟର ମଞ୍ଜୁରୀ ମିଳିଥିଲା। ଶେଷ ଥର ଲାଗି ବୀମା ଆଇନ ୧୯୩୮କୁ ୨୦୧୫ରେ ସଂଶୋଧନ କରାଯିବା ସହ ସୀମା ୪୯% କରାଯାଇଥିଲା। ସରକାରଙ୍କ ଏଭଳି ପଦକ୍ଷେପ ଦ୍ୱାରା ଗତ ୫ବର୍ଷରେ ଏହି କ୍ଷେତ୍ରକୁ ୨୬ ହଜାର କୋଟି ଟଙ୍କାର ଏଫ୍‌ଡିଆଇ ଆସିଛି।

ଅଧିକାରୀ ଜଣକ କହିଛନ୍ତି, ପେନ୍‌ସନ ଫଣ୍ଡ ରେଗୁଲେଟୋରି ଆଣ୍ଡ ଡେଭଲପମେଣ୍ଟ ଅଥରିଟି (ପିଏଫ୍‌ଆର୍‌ଡିଏ) ଆଇନ ୨୦୧୩ର ସଂଶୋଧନ ସହିତ ପେନ୍‌ସନ କ୍ଷେତ୍ର ଏଫ୍‌ଡିଆଇ ସୀମା ବଢାଯିବାକୁ ଲକ୍ଷ୍ୟ ରଖାଯାଇଛି। ଶୀତ ଅଧିବେସନରେ ଏଥିଲାଗି ଆବଶ୍ୟକ ହେଉଥିବା ବିଭିନ୍ନ ମଞ୍ଜୁରୀ ପ୍ରକ୍ରିୟାକୁ ଶେଷ କରାଯିବ। ବର୍ତ୍ତମାନ ପେନ୍‌ସନ ଫଣ୍ଡରେ ଏଫ୍‌ଡିଆଇ ସୀମା ୪୯% ରହିଛି। ଅଧିକାରୀଙ୍କ କହିବା ମୁତାବକ, ସଂଶୋଧନ ଦ୍ୱାରା ପିଏଫ୍‌ଆରଡିଏରୁ ଏନ୍‌ପିଏସ୍ ଟ୍ରଷ୍ଟକୁ ଅଲଗା କରାଯିବା ନେଇ ଯୋଜନା ରହିଛି। ଏନ୍‌ପିଏସ୍ ଟ୍ରଷ୍ଟର କାର୍ଯ୍ୟକ୍ଷମତା ବର୍ତ୍ତମାନ ପିଏଫ୍‌ଆର୍‌ଡିଏ ଅଧୀନରେ ରହିଛି। ସଂଶୋଧିତ ଆଇନ ଆସିଲେ ଏନ୍‌ପିଏସ୍ କମ୍ପାନୀ ଆଇନ ଅନ୍ତର୍ଗତ ଏକ ଭିନ୍ନ ଟ୍ରଷ୍ଟ ଦ୍ୱାରା ପରିଚାଳିତ ହୋଇପାରେ।

ପେନ୍‌ସନ ନିୟାମକଙ୍କ ପରିସରକୁ ଏନ୍‌ପିଏସ୍ ଟ୍ରଷ୍ଟକୁ ବାଦ୍ ଦେଇ ଏହାକୁ ୧୫ ଜଣିଆ ବୋର୍ଡ ଦ୍ୱାରା ପରିଚାଳିତ କରାଇବାକୁ ପ୍ରସ୍ତାବ ରଖାଯିବ। ଏହାର ଅଧିକାଂଶ ସଦସ୍ୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ରହିବେ। ପେନ୍‌ସନ କ୍ଷେତ୍ରର ଅଭିବୃଦ୍ଧି ଲାଗି ସରକାର ପିଏଫ୍‌ଆର୍‌ଡିଏ ଗଠନ କରିଛନ୍ତି। ଏହାକୁ ପେନ୍‌ସନ ଫଣ୍ଡର କ୍ଷମତା ମଧ୍ୟ ମିଳିଛି। ସଦସ୍ୟଙ୍କ ସ୍ୱାର୍ଥ ରକ୍ଷା ଏବଂ କେନ୍ଦ୍ରୀୟ ରେକର୍ଡ କିପିଂ ଏଜେନ୍ସି ଭାବେ ମଧ୍ୟ ଏହା କାର୍ଯ୍ୟ କରୁଛି।

# ହୃଦ୍‌ଜନିତ ସମସ୍ୟା ଓ ଭିଟାମିନ୍ 'ସି'

ହୃଦ୍‌ଘାତଠାରୁ ନିଜକୁ ଦୂରେଇ ରଖିବାର ଏକ ସରଳ ଉପାୟ ରହିଛି। ଏଥିପାଇଁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ସି'କୁ ସାମିଲ କରିବାକୁ ୟୁନିଭର୍ସିଟି ଅଫ୍ ଲଣ୍ଡନର ହୃଦ୍‌ରୋଗ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ସେମାନଙ୍କ ମତରେ



ଭିଟାମିନ୍ 'ସି' ହେଉଛି ଏପରି ଏକ ଆଣ୍ଟିଅକ୍ସିଡାଣ୍ଟ, ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ। ଆମେ ସମ୍ମୁଖୀନ ହେଉଥିବା ଜଟିଳ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରୁ ହୃଦ୍‌ଘାତ ଅନ୍ୟତମ। ଅବଶ୍ୟ ଆଜିକାଲି ଏହାର ଉପଚାର ସମ୍ଭବ ହେଲାଣି। ଯଦି ପରିସ୍ଥିତି ଜଟିଳ ହୁଏ, ତେବେ ହୃଦ୍‌ରୋଗୀ ମୃତ୍ୟୁବରଣ କରିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଆମେ ଭିଟାମିନ୍ 'ସି'ଯୁକ୍ତ ଫଳମୂଳ ଏବଂ ଖାଦ୍ୟ ଖାଉ ତେବେ ହୃଦ୍‌ଘାତ ଆଶଙ୍କା କେତେକାଂଶରେ କମିଯାଇଥାଏ। ତେଣୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଏପରି ଖାଦ୍ୟକୁ ସାମିଲ କରିବାକୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ନୀରୋଗ ରହିବାର ସରଳ ଉପାୟ

**ଦୈନନ୍ଦିନ ଜୀବନଶୈଳୀ :** ଆମେ ଯଦି ସୁସ୍ଥ ରହିବା, ତେବେ ଆମକୁ ନିଜର ଦୈନନ୍ଦିନ ଜୀବନ ଶୈଳୀକୁ ଗୁରୁତ୍ୱ ଦେବାକୁ ପଡ଼ିବ। ପ୍ରତିଦିନ ସକାଳୁ ଅଧ ଘଣ୍ଟାଏ ଚାଲନ୍ତୁ। ତା' ସହ ଯଦି କିଛି ବ୍ୟାୟାମ କରିପାରିଲେ ତାହା ସ୍ୱାସ୍ଥ୍ୟ ପାଇଁ ଆହୁରି ଉପକାରୀ ସାବ୍ୟସ୍ତ ହୋଇଥାଏ।

**ସ୍ୱାସ୍ଥ୍ୟ ପରୀକ୍ଷା :** ଆମେ ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ନିହାତି ଦରକାର। କୌଣସି ରୋଗର ଲକ୍ଷଣ ପ୍ରକାଶ ପାଇଲେ ତାହାକୁ ଅବହେଳା ନ କରି ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।

**ଖାଦ୍ୟପେୟ :** ଆମେ ସୁସ୍ଥ ରହିବା ପଛରେ ଖାଦ୍ୟପେୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ।

**ପାଣି :** ଖାଦ୍ୟ ଖାଇବା ସହ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଜଣେ ସୁସ୍ଥ ବ୍ୟକ୍ତି ଦିନକୁ ୨-୩ ଲିଟର ପାଣି ପିଇପାରନ୍ତି। କାରଣ ଖାଦ୍ୟକୁ ହଜମ କରିବାରେ ପାଣି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତା' ସହ ଶରୀରରେ ଜଳୀୟ ଅଂଶକୁ ମଧ୍ୟ ସନ୍ତୁଳିତ ରଖେ।

**ନିଦ୍ରା :** ଆମେ ଦିନକୁ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ନିହାତି ଦରକାର। କାରଣ ଯଦି ନିଦ୍ରାରେ ଅନିୟମିତତା ପରିଲକ୍ଷିତ ହେଲା, ତେବେ ତାହା ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ। ବିଶେଷଭାବରେ ରାତ୍ରଭୋଜନ ଏବଂ ଶୋଇବା ସମୟ ମଧ୍ୟରେ ଅତିକମ୍‌ରେ ଦୁଇ ଘଣ୍ଟାର ବ୍ୟବଧାନ ରହିବା ଦରକାର।





# ବରଫ ସ୍ଖଳନ

**କୌ**ଣସି ତିଖ ପାହାଡ଼ର ପାର୍ଶ୍ୱରୁ ବରଫର ଏକ ବିଶାଳ ଖଣ୍ଡ ଖସି ତଳକୁ ଦ୍ରୁତ ଗତି କରିବା ଆରମ୍ଭ କଲେ ଏହାକୁ ବରଫ ସ୍ଖଳନ (Avalanche) କହନ୍ତି। କିଛି ପ୍ରାକୃତିକ ଘଟଣା ଯଥା ଭୂକମ୍ପ, ବୃଷ୍ଟିପାତ, ବାୟୁପ୍ରବାହ କିମ୍ବା ଉଚ୍ଚ ତାପମାତ୍ରା ଯୋଗୁ ମୂଳ ବରଫ ଚଟାଣ ଦୁର୍ବଳ ହୋଇ ଏଥିରେ ଫାଟ ସୃଷ୍ଟି ହୋଇ ଭୁଶୁଡ଼ି ପଡ଼ିବା ଭଳି ବରଫ ସ୍ଖଳନ ଘଟିଥାଏ।



ନିକୁଞ୍ଜ ବିହାରୀ ସାହୁ

**ହିମ ହ୍ରଦ ପ୍ଲାବନ ବନ୍ୟା :** କୌଣସି ହିମବାହ ଦ୍ୱାରା ସୃଷ୍ଟି ହୋଇଥିବା ଏକ ପ୍ରାକୃତିକ ହ୍ରଦ ଭାଙ୍ଗିଯାଇ ତଳ ମୁଣ୍ଡକୁ ଅକସ୍ମାତ୍ ବିପୁଳ ଜଳ ନିର୍ଗତ ହେଲେ ତାହାକୁ ହିମ ହ୍ରଦ ପ୍ଲାବନ ବନ୍ୟା (Glacial Lake Outbrust Flood-GLOF) କହନ୍ତି। କ୍ରମାଗତ ତୁଷାରପାତ ଯୋଗୁ ପର୍ବତର ଶିଖର ଓ ପାର୍ଶ୍ୱଭାଗରେ ଥିବା ହିମବାହରେ ବରଫ ଜମିବାକୁ ଲାଗେ। ଏଥିରେ ଥିବା ବରଫରାଶି କୌଣସି କାରଣରୁ ତରଳିଲେ ନିର୍ଗତ ଜଳରାଶି ତଳ ମୁଣ୍ଡରେ ଥିବା ନଦୀ ଓ ଜଳାଶୟରେ ପ୍ରବାହିତ ହେବାରୁ ଜଳସ୍ତର ବଢ଼ିବାରେ ଲାଗେ। ଏହା ପ୍ରକୃତିର ଏକ ଧରାବନ୍ଧା ନିୟମ ଏବଂ ପୃଥିବୀର ପ୍ରାକୃତିକ ଜଳଚକ୍ର ପ୍ରକ୍ରିୟାର ଏକ ଚିରାଚରିତ ଅଂଶ। ହିମବାହରେ ଗଚ୍ଛିତ ବରଫ ତରଳିବା ଦ୍ୱାରା ଏହା ତ ମଧୁର ଜଳରେ ପରିଣତ ହୁଏ ; ମାତ୍ର ଏହା ରାସ୍ତାରେ ଅନେକ ଆବର୍ଜନା ଯଥା ଶିଳା, ପଥର, ମାଟି, ଗୋଡ଼ି, ବାଲି ଭଳି ଅବକ୍ଷେପ ଛାଡିଦେଇ ଯାଏ। ଏହି ଅବକ୍ଷେପ କ୍ରମାଗତ ଜମା ହୋଇ ଏକ ପ୍ରାକୃତିକ ପ୍ରତିବନ୍ଧକ ସୃଷ୍ଟି କରେ। ଏହି ପ୍ରତିବନ୍ଧକ ମଧ୍ୟରେ ବିପୁଳ ମଧୁର ଜଳ ଜଳାଶୟ ଆକାରରେ ଗଚ୍ଛିତ ହୋଇ ରହିଥାଏ। କୌଣସି କାରଣରୁ ହିମବାହ ଦ୍ୱାରା ସୃଷ୍ଟ ଏହି ଜଳାଶୟର ପାର୍ଶ୍ୱବନ୍ଧରେ ଛିଦ୍ର ସୃଷ୍ଟି ହୋଇ ଭାଙ୍ଗିଗଲେ କିମ୍ବା ଜଳାଶୟ ମଧ୍ୟରେ ଜଳସ୍ତର ସୀମା ଟପିଗଲେ, ଗଚ୍ଛିତ ଜଳରାଶି ଅଚାନକ ତଳକୁ ନିର୍ଗତ ହୋଇ ବନ୍ୟା ପରିସ୍ଥିତି ସୃଷ୍ଟି କରେ। ବରଫ ସ୍ଖଳନ, ଭୂମିକମ୍ପ କିମ୍ବା ଜଳଭଣ୍ଡାରର ଗଚ୍ଛିତ ଜଳରାଶିର ଅତ୍ୟଧିକ ଚାପ ଭଳି ପ୍ରାକୃତିକ ଘଟଣା ଯୋଗୁ ମଧ୍ୟ ଏହି ବନ୍ଧ ଭାଙ୍ଗି ଯାଇପାରେ। ମନୁଷ୍ୟକୃତ କାରଣ ଯଥା- ଜଙ୍ଗଲକଟା, ପ୍ରଦୂଷଣ ଇତ୍ୟାଦି କାରଣରୁ ସୃଷ୍ଟି ହେଉଥିବା ଜଳବାୟୁ ପରିବର୍ତ୍ତନ ଯୋଗୁ ମଧ୍ୟ ଏହି ବନ୍ଧ ଭାଙ୍ଗିବା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥାଏ। ମନୁଷ୍ୟକୃତ ପ୍ରଦୂଷଣ ହେତୁ ବାୟୁମଣ୍ଡଳକୁ ନିର୍ଗତ ହେଉଥିବା ଧୂମକଣିକା ଜଳାଶୟର ତଳେ ବସିଯିବା ଦ୍ୱାରା ଏହା ଅଧିକରୁ ଅଧିକ ତାପ ଶୋଷଣ କରି ବରଫ ତରଳିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ।

"ହିମବାହରେ ଗଚ୍ଛିତ ବରଫ ତରଳିବା ଦ୍ୱାରା ଏହା ତ ମଧୁର ଜଳରେ ପରିଣତ ହୁଏ ; ମାତ୍ର ଏହା ରାସ୍ତାରେ ଅନେକ ଆବର୍ଜନା ଯଥା ଶିଳା, ପଥର, ମାଟି, ଗୋଡ଼ି , ବାଲି ଭଳି ଅବକ୍ଷେପ ଛାଡ଼ିଦେଇ ଯାଏ। ଏହି ଅବକ୍ଷେପ କ୍ରମାଗତ ଜମା ହୋଇ ଏକ ପ୍ରାକୃତିକ ପ୍ରତିବନ୍ଧକ ସୃଷ୍ଟି କରେ।"



ଗତ ଫେବୃୟାରୀ ୭ ତାରିଖ ମଧ୍ୟାହ୍ନ ପାଖାପାଖି ସମୟରେ ଉତ୍ତରାଖଣ୍ଡର ଚାମୋଲି ଜିଲାରେ ହିମାଳୟରୁ ପ୍ରବାହିତ କିଛି ନଦୀ ଯଥା- ରୁଷିଗଙ୍ଗା, ଧଉଳଗଙ୍ଗା ଓ ଅଳକାନନ୍ଦାର ଜଳସ୍ତର ଅଚାନକ ବଢ଼ିବାକୁ ଲାଗିଲା ଏବଂ ଘଟଣାକ୍ରମେ ନଦୀଜଳ କୂଳ ଲଂଘି ଭୀଷଣ ବେଗରେ ବରଫ, ପାଣି ଓ କାଦୁଅର ଭୟଙ୍କର ବନ୍ୟା ରୂପରେ ଗାଁ ଗଣ୍ଡା ମଧ୍ୟକୁ ମାଡି ଆସିଲା। ଏହି ବନ୍ୟାରେ ୭୦ରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିଲେ। ଅଧିକାଂଶ ଘରଦ୍ୱାର, ପୋଲ ଓ ରାସ୍ତାଘାଟ ନଷ୍ଟ ହୋଇ ଯାଇଥିଲାବେଳେ ଯେଉଁ କେତେକ ଅଳ୍ପକେ ବର୍ତ୍ତି ଯାଇଥିଲେ, ସେସବୁ ୨୦ ଫୁଟ ଗଭୀର କାଦୁଅରେ ପୋତି ହୋଇ ପଡିଥିଲେ। ଏହି ଭୟଙ୍କର ବନ୍ୟାରେ ୧୭୦ ଜଣ ନିଖୋଜ ହୋଇଥିଲେ। ଏହି ବନ୍ୟାରେ ନିର୍ମାଣାଧୀନ ରୁଷିଗଙ୍ଗା ଜଳବିଦ୍ୟୁତ ଶକ୍ତିକେନ୍ଦ୍ର ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଥିଲାବେଳେ ଅନତି ଦୂରସ୍ଥ ତପୋବନ ଶକ୍ତିକେନ୍ଦ୍ର ମଧ୍ୟ ଗୁରୁତର କ୍ଷତିଗ୍ରସ୍ତ ହୋଇଥିଲା।

ପ୍ରକୃତିର ଏ ଅଚାନକ ଦୁର୍ବିପାକର କାରଣ ଏବେ ବି ରହସ୍ୟାବୃତ



ଥିଲାବେଳେ ବୈଜ୍ଞାନିକମାନେ ଏଥିପାଇଁ ମୁଖ୍ୟତଃ ୩ଟି କାରଣ ଯଥା ଭୂସ୍ଖଳନ, ବରଫ ସ୍ଖଳନ କିମ୍ବା ହିମ ହ୍ରଦ ପ୍ଲାବନ ବନ୍ୟା ଭଳି କିଛି ପ୍ରାକୃତିକ ଘଟଣାକୁ ଦାୟୀ କରୁଛନ୍ତି। ଉପରୋକ୍ତ କୌଣସି କାରଣରୁ ହିମବାହରୁ ବିଗଳିତ ବରଫ ସ୍ରୋତର ମୁଖ୍ୟପ୍ରବାହର ଗତିପଥର ଅବରୋଧ ଯୋଗୁ ସୃଷ୍ଟ ଏକ ଅସ୍ଥାୟୀ ହ୍ରଦ ଅକସ୍ମାତ୍ ଭାଙ୍ଗି ଯିବା ଦ୍ୱାରା ଏପରି ଅଚାନକ ବନ୍ୟା ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଏହି ଅଞ୍ଚଳରେ ଅବସ୍ଥିତ ଏପରି ୪୮୬ଟି ଅସ୍ଥାୟୀ ହିମ ହ୍ରଦ ମଧ୍ୟରୁ ୧୮ଟିକୁ ବିପଦସଙ୍କୁଳ ବୋଲି ଚିହ୍ନଟ କରିଛି।

**ସମ୍ଭାବ୍ୟ କାରଣ :** ୱାଡିଆ ହିମାଳୟ ଭୂତାତ୍ତ୍ୱିକ ପ୍ରତିଷ୍ଠାନର ବୈଜ୍ଞାନିକମାନଙ୍କ ମତରେ ଗତ ଫେବୃୟାରୀ ୭ ତାରିଖ ଭୋରରୁ ଗଡୱାଲ ହିମାଳୟର ନନ୍ଦାଦେବୀ ହିମବାହର ରଣ୍ଟି ନିକଟରୁ ଏକ ବିଶାଳ ବରଫଖଣ୍ଡ ଖସିବା ଫଳରେ ଏହି ଘଟଣାର ସୂତ୍ରପାତ ହୋଇଥିଲା। ସୂଚନାଯୋଗ୍ୟ, ଏଠାକାର ହିମବାହ ସବୁରୁ ହିଁ ଗଙ୍ଗା ନଦୀର ଉପନଦୀ ସମୂହ ଯଥା- ରୁଷିଗଙ୍ଗା, ଧଉଳଗଙ୍ଗା ଓ ଅଳକାନନ୍ଦା ନଦୀର ଜଳ ଯୋଗାଣ ହୋଇଥାଏ। ଏହି ପ୍ରତିଷ୍ଠାନର ଦୁଇ ଦଳ ବୈଜ୍ଞାନିକ ହେଲିକପ୍ଟର ଯୋଗେ ଆକାଶମାର୍ଗରୁ ଘଟଣାସ୍ଥଳ ପରିଦର୍ଶନ କରି ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ସେମାନଙ୍କ ମତ ଅନୁସାରେ, ସମ୍ଭବତଃ ଭୂସ୍ଖଳନ ଯୋଗୁଁ ସମୁଦ୍ରପଉନଠାରୁ ୫୬୦୦ ମିଟର ଉଚ୍ଚରେ ଅବସ୍ଥିତ ଗୋଟିଏ ଝୁଲନ୍ତା ହିମବାହରୁ ଏକ ବିଶାଳ ବରଫଖଣ୍ଡ ବିଚ୍ଛିନ୍ନ ହୋଇ ପର୍ବତର ତିଖ ଢାଲୁ ଦେଇ ତଳ ଉପତ୍ୟକାକୁ ଦ୍ରୁତ ବେଗରେ ଖସିବାକୁ ଆରମ୍ଭ କରିଥିଲା। ଏହାର ଗତିପଥରେ ଅନେକ ବରଫଖଣ୍ଡ ଓ ମାଟିଗୋଡି ସଂଗ୍ରହ କରି କଳେବରରେ ବୃଦ୍ଧି ପାଇ ପ୍ରାୟ ୩ କି.ମି. ଓସାରରେ ପହଞ୍ଚିଥିଲା, ଯାହା ଉପଗ୍ରହ ଚିତ୍ରରୁ ଏକ ଧୂଳିର ପିଣ୍ଡ ରୂପେ ସୂଚନା ମିଳୁଛି। ଏହା ୨୦୦୦ ମିଟର ତଳକୁ ଖସିଆସି ରୁଷିଗଙ୍ଗା ନଦୀର ଏକ ଉତ୍ସ ରଣ୍ଟିନଳା ହିମବାହରେ ପଡି ଏହାର ପ୍ରବାହକୁ ସାମୟିକ ଅବରୋଧ କରିବାରୁ ଏକ କୃତ୍ରିମ ହ୍ରଦ ସୃଷ୍ଟି ହୋଇଥିଲା। ଘଟଣାକ୍ରମେ ଏହି ହ୍ରଦର ପାର୍ଶ୍ୱସ୍ଥ ବନ୍ଧରେ ଫାଟ ସୃଷ୍ଟି ହୋଇ ଭୁଶୁଡ଼ି ପଡ଼ିବାରୁ ସଞ୍ଚିତ ଜଳରାଶି ହଠାତ୍ ନିର୍ଗତ ହୋଇ ରୁଷିଗଙ୍ଗା, ଧଉଳଗଙ୍ଗା ଓ ଅଳକାନନ୍ଦା ନଦୀରେ ପ୍ରବାହିତ ହେବାରୁ ଅଚାନକ ବନ୍ୟା ବିପ୍ରାତ ଘଟିଥିଲା। ଆହୁରି ମଧ୍ୟ ନିମ୍ନଗାମୀ ବିଶାଳ ବରଫଖଣ୍ଡର ଦ୍ରୁତ ଗତି ଯୋଗୁଁ ପାହାଡପୃଷ୍ଠ ସହିତ ଘର୍ଷଣ ଦ୍ୱାରା ଉତ୍ପନ୍ନ ପ୍ରଚଣ୍ଡ ତାପରେ ବରଫ ତରଳିବା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ବିପୁଳ ଜଳରାଶି ନିର୍ଗତ ହୋଇଥିଲା, ଯାହା ନଦୀକୁ ପ୍ରବାହିତ ହୋଇ ନଦୀର ଜଳସ୍ତର ଅଚାନକ ବୃଦ୍ଧି କରିବାରେ ସହାୟକ ହୋଇଥିଲା।

**ଭୂସ୍ଖଳନ କ'ଣ :** କୌଣସି କାରଣରୁ ପାହାଡର ତିଖ ପାର୍ଶ୍ୱ ଦେଇ ପଥର, ମାଟି କିମ୍ବା ଆବର୍ଜନାର ବିଶାଳକାୟ ପିଣ୍ଡ ତଳକୁ ଖସି ଗତି କରିବାକୁ ଆରମ୍ଭ କଲେ ଏହାକୁ ଭୂସ୍ଖଳନ କହନ୍ତି। ବୃଷ୍ଟିପାତ, ଭୂମିକମ୍ପ, ଆଗ୍ନେୟଗିରିରୁ ଅଗ୍ନି ଉଦ୍‌ଗିରଣ ଭଳି କିଛି ପ୍ରାକୃତିକ କାରଣରୁ ପାହାଡର ଢାଲୁରେ ଅବସ୍ଥିତ ଚଟାଣ ଦୁର୍ବଳ ହୋଇଗଲେ ଭୂସ୍ଖଳନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥାଏ। ଗାଡିମୋଟର ତଥା କଳକାରଖାନା ସବୁରୁ ନିର୍ଗତ ସବୁଜଘର ବାଷ୍ପ କାରଣରୁ ପୃଥିବୀର ତାପମାତ୍ରା କ୍ରମଶଃ ବୃଦ୍ଧି ପାଉଛି। ଏହି ବିଶ୍ୱତାପନ ପ୍ରଭାବ ପ୍ରତି ସବୁଠାରୁ ବେଶି ସମ୍ବେଦନଶୀଳ ହେଉଛନ୍ତି ପୃଥିବୀର ହିମବାହସବୁ। କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରାରେ ବରଫ ତରଳିବା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ଭୂସ୍ଖଳନ ଏବଂ ବରଫସ୍ଖଳନ ପ୍ରକ୍ରିୟା ଦ୍ରୁତତର ହେବାରୁ ହିମବାହ ସବୁରୁ ଉଦ୍‌ଗମ ନଦୀରେ ଅଚାନକ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଦୁର୍ଭାଗ୍ୟର କଥା, ହିମାଳୟର ହିମବାହ ସବୁକୁ ଏପର୍ଯ୍ୟନ୍ତ ବୈଜ୍ଞାନିକ ଦୃଷ୍ଟିକୋଣରୁ ଭଲ ରୂପେ ଅଧ୍ୟୟନ କରାଯାଇନାହିଁ ଏବଂ ଆହୁରି ମଧ୍ୟ ଏ ଅଞ୍ଚଳରେ ବନ୍ଧବାଡ ଭଳି ମନୁଷ୍ୟକୃତ ବିଭିନ୍ନ ନିର୍ମାଣ ଦ୍ୱାରା ନଦୀର ସ୍ୱତଃ ପ୍ରବାହଧାରା ବାଧାପ୍ରାପ୍ତ ହୋଇ ବନ୍ୟା ପରିସ୍ଥିତି ଉତ୍କଟତର ହେଉଛି। ବିଗତ ଉତ୍ତରାଖଣ୍ଡର ବନ୍ୟା ବିପ୍ରାତ ମନୁଷ୍ୟର ଏହି ଏକଚାଟିଆ କାର୍ଯ୍ୟକଳାପ ବିରୋଧରେ ପ୍ରକୃତିର ଏକ ପ୍ରତିକ୍ରିୟା ମାତ୍ର। ସୁତରାଂ ଆଗାମୀ ଦିନରେ, ପ୍ରକୃତିର ଏହି ତାଣ୍ଡବକୁ ଏଡାଇବାକୁ ହେଲେ, ହିମାଳୟର ହିମବାହସବୁକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ଭଲକରି ଅଧ୍ୟୟନ ପୂର୍ବକ ଆମକୁ ପ୍ରକୃତିପ୍ରିୟ କାର୍ଯ୍ୟକଳାପ ଆପଣେଇ ନେବା ସହିତ ବିପଦସଙ୍କୁଳ ହିମହ୍ରଦ ସମ୍ପର୍କରେ ଆଗୁଆ ସୂଚନା ଜାରି କରାଯିବା ଆବଶ୍ୟକ। ଏହାଦ୍ୱାରା ବ୍ୟାପକ ଧନଜୀବନ କ୍ଷୟକ୍ଷତିକୁ ରୋକାଯାଇ ପାରିବ।

-ଏଜୁକେସନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଲ, ମଧ୍ୟପ୍ରଦେଶ
ମୋ : ୮୦୧୮୭୦୮୮୫୮



## ସ୍ୱାସ୍ଥ୍ୟ ସୂଚନା



- କୌଣସି ବିଷୟକୁ ନେଇ ଯଦି ଆପଣ ଅବସାଦଗ୍ରସ୍ତ, ତେବେ, ସେଥିରୁ ଯେତେ ଶୀଘ୍ର ମୁକୁଳିବାକୁ ଚେଷ୍ଟା କରନ୍ତୁ। ନ ହେଲେ ଏହା ନୀରବ ଘାତକ ପରି କାମ କରିଥାଏ।
- ବ୍ୟସ୍ତ ଥିଲେ ମଧ୍ୟ ତରତର ହୋଇ ଖାଆନ୍ତୁ ନାହିଁ।
- କୌଣସି ଔଷଧ ଉପରେ ନିଜର ଯଦି ଆଦୌ ଜ୍ଞାନ ନାହିଁ, ତା'ହେଲେ ଅନ୍ୟମାନଙ୍କୁ ତାହା ଖାଇବାକୁ ପରାମର୍ଶ ଦିଅନ୍ତୁ ନାହିଁ।
- କେତେକ ଔଷଧକୁ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଖାଇବାକୁ ଡାକ୍ତର ପରାମର୍ଶ ଦେଇଥାଆନ୍ତି। ତେଣୁ ତାହାକୁ ଅନୁସରଣ କରନ୍ତୁ। କୌଣସି ସମସ୍ୟା ଦେଖାଦେଲେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଘରେ ଯଦି କୌଣସି ଔଷଧ ରଖୁଛନ୍ତି, ତେବେ ତାହାର ନାମ ଏବଂ ଏକ୍ସପାୟେରି ତାରିଖ ଡାଏରୀରେ ଲେଖି ରଖନ୍ତୁ।
- ଘରେ ସବୁବେଳେ ଫାଷ୍ଟ-ଏଡ୍ ବକ୍ସ ରଖନ୍ତୁ। ଏହାକୁ ଏପରି ସ୍ଥାନରେ ରଖନ୍ତୁ, ଯେମିତି ଖୋଜିବା ମାତ୍ରେ ତାହାକୁ ପାଇପାରିବେ।
- ଯଦି ଅଫିସରେ କାମ କରୁଛନ୍ତି ତେବେ ସିଟ୍‌ରେ ଅଧିକ ସମୟ ବସି ରହନ୍ତୁ ନାହିଁ। ନିୟମିତ ଅନ୍ତରାଳରେ ବସିବା ସ୍ଥାନରୁ ଉଠି ଟିକେ ଚାଲବୁଲ କରନ୍ତୁ।

# ଦୃଷ୍ଟି ଶକ୍ତି ବଢ଼ାଇବ ଡିଭାଇସ



**ଆ**ମେ ଯଦି କୌଣସି ଦୃଷ୍ଟିଶକ୍ତିଜନିତ ସମସ୍ୟାର ସମ୍ମୁଖୀନ ହେଉ, ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରିଥାଉ। ହେଲେ ଏପରି ସମସ୍ୟାର ସମାଧାନ କରିବା ଲାଗି ଏକ ନୂଆ ଉପାୟ ଉଦ୍ଭାବନ ହୋଇଛି। ଚାଇନାର ବୈଜ୍ଞାନିକମାନେ ଦୀର୍ଘ ତିନିବର୍ଷ ଗବେଷଣା କରି ଏକ ହାଇଟେକ୍ ଡିଭାଇସ୍ ପ୍ରସ୍ତୁତ କରିଛନ୍ତି। ଏହି ସୂକ୍ଷ୍ମ ଡିଭାଇସକୁ ଲେନ୍‌ସରେ ସଂଯୋଗ କରାଯାଇଥାଏ। କୌଣସି ଦୃଷ୍ଟିଶକ୍ତିଜନିତ ସମସ୍ୟା ଥିଲେ ତାହାକୁ କେତେକାଂଶରେ ଦୂର କରିବାରେ ଏହା ସକ୍ଷମ ହୋଇଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଫିଟ୍‌ନେସ ଦୂର କରିବ ଫୁସ୍‌ଫୁସ୍ ସମସ୍ୟା

**ଫୁ**ସ୍‌ଫୁସ୍‌ଜନିତ ସମସ୍ୟାକୁ ନେଇ ଚିନ୍ତିତ କି ? ଯଦି ହଁ, ତେବେ ଏହାର ଏକ ସରଳ ଉପାୟ ରହିଛି, ତାହା ପୁଣି ହାତପାଆନ୍ତାରେ। କଥା କ'ଣ କି, ଯଦି ଆପଣ ନିଜ ଫିଟ୍‌ନେସକୁ ନେଇ ବେଶ୍ ସଚେତନ, ତେବେ ଭବିଷ୍ୟତରେ ଆପଣ ଫୁସ୍‌ଫୁସ୍‌ଜନିତ ସମସ୍ୟାର ସମ୍ମୁଖୀନ ହେବାର



ଆଶଙ୍କା ଯଥେଷ୍ଟ କମ୍ ରହିଛି। 'ଫିଟ୍‌ନେସ ଏବଂ ଫୁସ୍‌ଫୁସ୍‌ଜନିତ ସମସ୍ୟା' ଶୀର୍ଷକ ବିଷୟକୁ ନେଇ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ କରିଥିବା ଏକ ସର୍ଭେରୁ ଏକଥା ଜଣାପଡିଛି। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ନିୟମିତ ବ୍ୟାୟାମ କରୁଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଠାରେ ଫୁସ୍‌ଫୁସ୍‌ଜନିତ ସମସ୍ୟା ଦେଖିବାକୁ ମିଳି ନ ଥିଲା ବୋଲି ରିପୋର୍ଟରୁ ଜଣାପଡିଛି।

# ଉପକାରୀ ଲବଙ୍ଗ ତେଲ

**ଲ**ବଙ୍ଗ ତେଲରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ଏହି ତେଲରେ ପ୍ରସ୍ତୁତ ଖାଦ୍ୟ ରକ୍ତକୁ ଆହୁରି ପରିଷ୍କାର କରିଥାଏ। ଏହି ତେଲରେ ପ୍ରସ୍ତୁତ ଖାଦ୍ୟ ଡାଇବେଟିସ୍ ରୋଗୀଙ୍କ ପାଇଁ ଉପକାରୀ ବୋଲି ୟୁନିଭର୍ସିଟି ଅଫ ଲଣ୍ଡନର ପୁଷ୍ଟିବିଜ୍ଞାନୀମାନେ ଏକ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି। ଶ୍ୱାସ ବା ଆଜ୍‌ମା ରୋଗୀଙ୍କ ପାଇଁ ଏହି ତେଲ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଆପଣଙ୍କ କାନ ଦରଜ ହୋଇଛି କି ? ତେବେ ଲବଙ୍ଗ ତେଲରେ ଅଳ୍ପ ରାଶି ତେଲ ମିଶାଇ କାନରେ ପକାଇଲେ ଏହି ଦରଜରୁ କେତେକାଂଶରେ ଉପଶମ ଲାଗିଥାଏ। ଯଦି ମୁଣ୍ଡ ବିନ୍ଧୁଛି, ତେବେ ଏହି ତେଲରେ ଅଳ୍ପ ଲୁଣ ମିଶାଇ ଲଗାଇଲେ ମୁଣ୍ଡବିନ୍ଧାରୁ ଆରାମ ମିଳିଥାଏ। ସଂକ୍ରମଣ ବା ଇନ୍‌ଫେକଶନ ପାଇଁ ଏହା ମଧ୍ୟ କାମ କରିଥାଏ। କାରଣ ଏଥିରେ ଥିବା ଆଣ୍ଟିସେପ୍ଟିକ ଗୁଣ ଇନ୍‌ଫେକଶନକୁ କମାଇଥାଏ।



ଧରିତ୍ରୀ
DHARITRI
ସୋମବାର, ୧୨ ଏପ୍ରିଲ, ୨୦୨୧



# ଶୈବାଳ ଚାଷ : ଜଟାଧାର ମୁହାଣରେ ସଫଳ

**ପାରାଦୀପ, ୧୧।୪(ସ୍ୱ.ପ୍ର.)**

ଉପକୂଳ ଓଡିଶାର ଗଞ୍ଜାମ, ପୁରୀ, ବାଲେଶ୍ୱର ଓ ଜଗତସିଂହପୁର ଜିଲାର ୮ଟି ସ୍ଥାନରେ ପ୍ରଥମ ଥର ପାଇଁ ଫେବୃୟାରୀ ଶେଷ ସପ୍ତାହରେ ଶୈବାଳ ଚାଷ ହୋଇଥିଲା। ସେଥିରୁ ଜଗତସିଂହପୁର ଜିଲା ଏରସମା ବ୍ଲକ ଅଧୀନ ନୋଳିଆସାହି ପାଖ ଜଟାଧାରମୁହାଣ ଅଞ୍ଚଳରେ ଏହି ଚାଷ ସଫଳ ଭାବେ ଉତ୍ପାଦିତ ହୋଇଛି। ଏଠାରେ ୧୦ରୁ ୧୫ ଗ୍ରାମ୍ ଶୈବାଳ ଚାରା ବନ୍ଧା ଯାଇଥିଲା ବେଳେ ୪୫ ଦିନ ମଧ୍ୟରେ ଏକ କିଲୋରୁ ଦେଢ କିଲୋଗ୍ରାମ ହୋଇଯାଇଛି। ବାଲେଶ୍ୱର ଜିଲାର ଗୋଟିଏ ସ୍ଥାନରେ ଏହିଭଳି ଶୈବାଳ ବୃଦ୍ଧି ପାଉଛି ବୋଲି ସି ଏ ମ ଏ ଫ ଆ ର ଆ ଇ ( ସେ ଣ୍ଟ୍ରା ଲ ମେରାଇନ ଫିଶରିଜ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍)ର ନୋଡାଲ ଅଫିସର ଡା.ରୀତା ଜୟଶଙ୍କର କହିଛନ୍ତି। ତେବେ ଅନ୍ୟସ୍ଥାନଗୁଡିକରେ କିଛି ତ୍ରୁଟି ଯୋଗୁ ଶୈବାଳ ବୃଦ୍ଧି ପାଇବାରେ ପ୍ରତିବନ୍ଧକ ହୋଇଛି। ଏହି ଚାଷ ଓଡିଶାରେ ସଫଳ ହୋଇଥିବାରୁ ମତ୍ସ୍ୟଜୀବୀଙ୍କ ପାଇଁ ରୋଜଗାରର ନୂତନ ଆଶା ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ସାମୁଦ୍ରିକ ଶୈବାଳ ଚାଷ ୧୦ ବର୍ଷ ତଳେ ତାମିଲନାଡୁର ରାମେଶ୍ୱର ନିକଟ ମଣ୍ଡପମ ନାମକ ଜାଗାରେ ଆରମ୍ଭ ହୋଇଥିଲା। ସେଠାରେ ଏହି ଚାଷ ସଫଳ ହୋଇଛି। ଏବେ ସେଠାରୁ ପ୍ରଚୁର ପରିମାଣରେ ଶୈବାଳ ଉତ୍ପାଦନ ହେଉଛି। ତାକୁ ବିକ୍ରିକରି ମତ୍ସ୍ୟଜୀବୀମାନେ ମାସକୁ ୧୫ ରୁ ୨୫ ହଜାର ଟଙ୍କା ରୋଜଗାର କରୁଛନ୍ତି। ଉକ୍ତ ଶୈବାଳ ଚାଷପାଇଁ ଓଡିଶା



ଜଟାଧାର ମୁହାଣରେ ହୋଇଥିବା ଶୈବାଳ ଚାଷ

ଉପକୂଳରେ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଥିବା ଜଣାପଡିବା ପରେ ସିଏମ୍‌ଏଫ୍‌ଆରଆଇ ଓ ମତ୍ସ୍ୟବିଭାଗ ପକ୍ଷରୁ ଏହି ଚାଷ ଆରମ୍ଭ ହୋଇଥିଲା। ଜଗତ୍‌ସିଂହପୁର ଜିଲାର ନୋଳିଆସାହି ପାଖ ଜଟାଧାର ମୁହାଣ ଏବଂ ପାରାଦୀପ ମାଛଧରା ବନ୍ଦର ସଂଲଗ୍ନ ମହାନଦୀ ମୁହାଣ ଅଞ୍ଚଳରେ ପ୍ରୟୋଗାତ୍ମକ ଭାବେ ଏହି ଚାଷ କରାଯାଇଥିଲା। ପାରାଦୀପରେ କିନ୍ତୁ ଶୈବାଳ ବୃଦ୍ଧି ପାଇ ନ ଥିଲା। ଏସମ୍ପର୍କରେ ନୋଡାଲ ଅଫିସର ରୀତା କୁହନ୍ତି, ପାରାଦୀପରେ ସାମୁଦ୍ରିକ କରେଣ୍ଟ(ଅନ୍ତଃସ୍ରୋତ)ଅଧିକ ରହିଛି । ତା ଛଡା ସେହି ସ୍ଥାନରେ ମାଛଧରା ଟ୍ରଲର ଅଧିକ ଯାତାୟାତ କରୁଛି।

- ରାଜ୍ୟର ୮ସ୍ଥାନରେ ପ୍ରଥମ ଥର ପାଇଁ ପ୍ରୟୋଗ କରାଯାଇଥିଲା
- ମତ୍ସ୍ୟଜୀବୀଙ୍କ ରୋଜଗାର ବଢ଼ିବ
- ବଜାର ଦର କିଲୋ ପିଛା ୫୦ ଟଙ୍କା ରହିଛି

ଏଥିଯୋଗୁ ଶୈବାଳ ବୃଦ୍ଧି ପାଇବାରେ ବାଧକ ହୋଇଛି। ନୋଳିଆସାହିରେ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅଧିକ ବୃଦ୍ଧି ପାଇଛି। ଟୁଥ୍‌ପେଷ୍ଟଠାରୁ ଆରମ୍ଭ କରି ଆଇସକ୍ରିମ ଓ ପ୍ରସାଧନ ସାମଗ୍ରୀ ଆଦି ଉତ୍ପାଦନରେ ଏହି ଶୈବାଳକୁ ବ୍ୟବହାର କରାଯାଏ।

ଏଥିପାଇଁ ଭାରତ ସରକାର ବିଦେଶରୁ ଏହାକୁ ଆମଦାନୀ କରିଥାନ୍ତି। ଏଥିରେ ସଙ୍କରା ଜାତୀୟ ଔଷଧୀୟ ସାମଗ୍ରୀ କାରାଜିନମ ମିଳିଥାଏ। ଶୈବାଳକୁ ୪୫ ଦିନପରେ କଟାଯାଇ ଲୁଣିପାଣିରେ ଧୋଇ ଶୁଖିଯାଏ। ୩୫ପ୍ରତିଶତ ଆର୍ଦ୍ରତାକୁ ଆସିଲେ ତାକୁ ପୁଣି ମଧୁର ପାଣିରେ ଧୋଇ କଟାଯାଇ ପ୍ୟାକିଂ କରାଯାଏ। ଏହାର ବଜାର ମୂଲ୍ୟ କିଲୋ ପିଛା ୫୦ ଟଙ୍କା ରହିଛି। ଏହି ଚାଷକରି ମତ୍ସ୍ୟଜୀବୀମାନେ ରୋଜଗାର କରିବା ପାଇଁ ସୁଯୋଗ ପାଇବେ ବୋଲି ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମହାପାତ୍ର କହିଛନ୍ତି।

## ସଂକ୍ଷେପରେ

### ଗଜପତି ପ୍ରବେଶ ଉପରେ କଟକଣା

**ପାରଳାଖେମୁଣ୍ଡି, ୧୧।୪ (ଡି.ଏନ୍.ଏ.):** କରୋନାର ଦ୍ୱିତୀୟ ଲହର କାୟା ବିସ୍ତାର କରୁଥିବାରୁ ଗଜପତି ଜିଲା ପ୍ରଶାସନ ପକ୍ଷରୁ ଜିଲାରେ ପ୍ରବେଶକୁ ନେଇ କେତେକ କଟକଣା ଜାରି କରାଯାଇଛି। ଜିଲାପାଳ ଅନୁପମ ଶାହା ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି, ବାହାର ଜିଲା ତଥା ରାଜ୍ୟରୁ ଜିଲାକୁ ଆସୁଥିବା ବ୍ୟକ୍ତିମାନଙ୍କୁ ନାକା ପଏଣ୍ଟରେ ସେମାନଙ୍କର ୭୨ ଘଣ୍ଟା ମଧ୍ୟରେ ହୋଇଥିବା ଆର୍‌ଟି-ପିସିଆର୍ ନେଗେଟିଭ ରିପୋର୍ଟ କିମ୍ବା କରୋନାର ଦୁଇଟିଯାକ ଡୋଜ୍ ଟିକା ନେଇଥିବା ପ୍ରମାଣପତ୍ର ଦେଖାଇବାକୁ ହେବ। ଏଥିରୁ କୌଣସି ଗୋଟିଏ ବି ପ୍ରମାଣପତ୍ର ନ ଥିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବାଧ୍ୟତାମୂଳକ ଭାବେ ୭ ଦିନ ହୋମ କ୍ୱାରାଣ୍ଟାଇନ କିମ୍ବା ସାମୂହିକ କ୍ୱାରାଣ୍ଟାଇନରେ ରହିବାକୁ ପଡିବ ବୋଲି ସୂଚାଇ ଦିଆଯାଇଛି। ଏହି ନିୟମ ଉଲ୍ଲଂଘନ କଲେ ନିୟମ ଅନୁସାରେ ଦଣ୍ଡିତ କରାଯିବ ବୋଲି ଜିଲାପାଳ ଜଣାଇଛନ୍ତି।

### ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଗଞ୍ଜାମକୁ ୯ ପଦକ

**ବ୍ରହ୍ମପୁର ଅଫିସ,୧୧।୪:** ଓଡ଼ିଶା ବଡ଼ି ବିଲ୍ଡିଂ ଆସୋସିଏଶନ ଆନୁକୂଲ୍ୟରେ ରବିବାର ରାଉରକେଲା ସିଭିକ୍ ସେଣ୍ଟର ଆୟୋଜିତ ହୋଇଥିବା ମିଷ୍ଟର ଓଡ଼ିଶା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଗଞ୍ଜାମ ଜିଲାର ୬ ପ୍ରତିଯୋଗୀଙ୍କୁ ମିଳିଛି ୯ ପଦକ। ଗଞ୍ଜାମ ଜିଲା ବଡ଼ି ବିଲ୍ଡିଂ ଆସୋସିଏଶନ ପକ୍ଷରୁ ଜିଲାର ୯ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ବିରଜା ପ୍ରସାଦ ଦାସ (୮୫ କେଜି ସ୍ୱର୍ଣ୍ଣ ଓ ମେନ୍ସ ଫିଜିକ ସ୍ୱର୍ଣ୍ଣ), ରାଜେନ୍ଦ୍ର ପଣ୍ଡା(୭୫ କେଜି ସ୍ୱର୍ଣ୍ଣ ମେନ୍ସ ଫିଜିକ ବ୍ରୋଞ୍ଜ),ଚନ୍ଦନ ପାଣିଗ୍ରାହୀ (୫୫ କେଜି ରୌପ୍ୟ, ମେନ୍ସ ଫିଜିକ ସ୍ୱର୍ଣ୍ଣ), ସୁନୀଲ ମହାରଣା (୫୫ କେଜି ମେନ୍ସ ଫିଜିକ ରୌପ୍ୟ),ମହେଶ୍ୱର ଜେନା (୮୫ କେଜିରୁ ଉର୍ଦ୍ଧ୍ୱ ବ୍ରୋଞ୍ଜ), ସାର୍ଥ ସିଦ୍ଧାର୍ଥ ପ୍ରଧାନ (୯୦ କେଜିରୁ ଉର୍ଦ୍ଧ୍ୱ ବ୍ରୋଞ୍ଜ) ପଦକ ବିଜୟୀ ହୋଇଥିଲେ। ସମୀର ମହାରଣା ୫୫ କେଜି ବର୍ଗରେ ୫ ସ୍ଥାନ ଅଧିକାର କରିଥିଲେ। କୋଚ କିଶୋର ଚନ୍ଦ୍ର ବିଷୋୟୀ, ଜିଲା ବଡ଼ି ବିଲ୍ଡିଂ ଆସୋସିଏଶନ ସମ୍ପାଦକ ଦୁର୍ଗା ଶତପଥୀ, ଏସ୍.ଧର୍ମା ଆଚାରୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ୨ ୱାର୍ଡ କଣ୍ଟେନ୍‌ମେଣ୍ଟ

**ଦାରିଙ୍ଗବାଡ଼ି,୧୧।୪(ଡି.ଏନ୍.ଏ.):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ନ ବ୍ୟାପିବା ପାଇଁ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ସଂକ୍ରମିତ ଚିହ୍ନଟ ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଶ୍ରୀନିକତା ପଞ୍ଚାୟତର ୧୨ନଂ. ୱାର୍ଡ଼ ଏବଂ ଦାରିଙ୍ଗବାଡ଼ି ପଞ୍ଚାୟତ ପରପାଙ୍ଗା ଗ୍ରାମର ୧୫ନଂ. ୱାର୍ଡ଼ କଣ୍ଟେନ୍‌ମେଣ୍ଟ ଜୋନ୍ ହୋଇଥିବା ଦାରିଙ୍ଗବାଡ଼ି ତହସିଲଦାର କଳାକୃଷ୍ଣ ପ୍ରଧାନ କହିଛନ୍ତି। ଦୁଇ ୱାର୍ଡର ପ୍ରବେଶପଥରେ ବ୍ୟାରିକେଡ୍ ବନ୍ଧାଯାଇ ସାଧାରଣ ଲୋକଙ୍କ ଯାତାୟାତ ନିଷିଦ୍ଧ କରାଯାଇଛି । ୭ ଦିନ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି । ସଂକ୍ରମିତଙ୍କ ପରିବାରକୁ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବା ବ୍ୟବସ୍ଥା ହୋଇଥିବା ତହସିଲଦାର ପ୍ରଧାନ କହିଛନ୍ତି।

# ଇନ୍ଦ୍ରାବତୀରେ ଡଙ୍ଗା ଓଲଟି ଯୁବକ ମୃତ



ଅଗ୍ନିଶମ ବାହିନୀ ପାଣିରୁ ମୃତଦେହ ଜବତ କରୁଛି।

**ନବରଙ୍ଗପୁର,୧୧।୪(ବି.ପ୍ର.)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ବଡ଼ଡାଇଭଙ୍ଗା ନିକଟସ୍ଥ ଇନ୍ଦ୍ରାବତୀ ନଦୀରେ ଏକ ମାଛଧରା ଡଙ୍ଗା ଓଲଟି ପଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନନ୍ଦାହାଣ୍ଡି ବ୍ଲକ କୋଇଗୁଡା ଗ୍ରାମର ନୀଳକଣ୍ଠ ଅମାନତ୍ୟ (୨୮)। ରବିବାର ଅପରାହ୍ନରେ ନୀଳକଣ୍ଠଙ୍କ ସମେତ ୪ଜଣ ବ୍ୟକ୍ତି ମାଛ ମାରିବାକୁ ଇନ୍ଦ୍ରାବତୀ ନଦୀକୁ ନିଜ ନିଜ ଡଙ୍ଗାରେ ଯାଇଥିଲେ। ହଠାତ୍ ନୀଳକଣ୍ଠଙ୍କ ଡଙ୍ଗା ଓଲଟି ପଡିବାରୁ ସେ ପାଣିରେ ବୁଡି ନିଖୋଜ ହୋଇଯାଇଥିଲେ। ଖବରପାଇ ନବରଙ୍ଗପୁର ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ତାଙ୍କୁ ଖୋଜାଖୋଜି କରିଥିଲା। ଦୀର୍ଘ ୩ଘଣ୍ଟା ପରେ ନୀଳକଣ୍ଠଙ୍କ ମୃତଦେହ ମିଳିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ନବରଙ୍ଗପୁର ପୋଲିସ ସୂଚନା ଦେଇଛି ।

# ମାଓବାଦୀ ପୋଡ଼ିଦେଲେ ୫ଗାଡ଼ି

**ମାଲକାନଗିରି,୧୧।୪ (ଡି.ଏନ୍.ଏ.)**

## ମିନଗାଛଲ୍ ନଦୀରେ ଉଠା ଜଳସେଚନକୁ ବିରୋଧ

ଛତିଶଗଡ଼ର ବିଜାପୁର ଜିଲାରେ ପୁଣି ମାଓବାଦୀ ହିଂସା ଦେଖାଦେଇଛି। ଉନ୍ନୟନ କାମକୁ ବିରୋଧ କରି ମାଓବାଦୀମାନେ ଏକ ଠିକା କମ୍ପାନୀର ୫ଟି ଗାଡିକୁ ନିଆଁ ଲଗାଇ ପୋଡି ଦେଇଛନ୍ତି। ଖବରରୁ ଜଣାପଡିଛି ମାଲକାନଗିରି ସୀମାନ୍ତ ଛତିଶଗଡ଼ ତାମେଡ ଥାନା ଅନ୍ତର୍ଗତ ମିନଗାଛଲ୍ ନଦୀରେ ଏକ ଉଠା



ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି। ଏହି କାର୍ଯ୍ୟକୁ ମାଓବାଦୀମାନେ ବିରୋଧ କରି ଆସୁଥିଲେ। ରବିବାର ସେମାନେ ଏହି କାର୍ଯ୍ୟରେ ନିୟୋଜିତ ୫ଟି ଗାଡିରେ ନିଆଁ ଲଗାଇଦେଇଥିଲେ। ଏଥିରେ ଏଜେକ୍ସ ମିକ୍ସର ମେଶିନ ୨ଟି, ଦୁଇଟି ପୋକଲିନ ଓ ଗୋଟିଏ ଟ୍ରାକ୍ଟର ରହିଛି। ଘଟଣା ସ୍ଥଳକୁ ଡିଆରଜି ବାହିନୀ ଯାଇଥିବା ବିଜାପୁର ଏସ୍‌ପି କୋମଲ ଲୋଚନ କଶ୍ୟପ କହିଛନ୍ତି।

# ତେନ୍ତୁଳି ଗଛକୁ ନେଇ ବଚସାରୁ ହତ୍ୟା

**ମାଲକାନଗିରି/ଏମ୍‌ଭି ୭୯, ୧୧।୪ (ଡି.ଏନ୍.ଏ.)**



ଗିରଫ ୪ ଅଭିଯୁକ୍ତ।

ମାଲକାନଗିରି ଜିଲା ମୋଟୁ ଥାନା ଅନ୍ତର୍ଗତ ଟାଗରକୋଟା ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ତେନ୍ତୁଳିଗଛ ଏହାର ମୁଖ୍ୟ କାରଣ ପାଲଟିଥିବା ଜଣାପଡିଛି। ପୋଲିସ ଘଟଣାର ତଦନ୍ତ କରି ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କାଟାମ ମୁତା, ସିଙ୍ଗା କାଟାମ, ସିଙ୍ଗା ମିଚ୍ଛୁ, ଗଙ୍ଗା କାଟାମ।

ଖବରରୁ ଜଣାପଡିଛି ଏହି ଗ୍ରାମରେ ଏପ୍ରିଲ ୫ତାରିଖରେ କାଟାମ ମୁତାଙ୍କ ଭାଇଙ୍କ ମୃତ୍ୟୁ ଘଟିଥିଲା। ୬ରେ ପରିବାର ଲୋକେ ଏବଂ ଗ୍ରାମବାସୀ ତାଙ୍କ ମୃତଦେହ ସତ୍କାର କରିବା ଲାଗି ଶ୍ମଶାନକୁ ନେଇଥିଲେ। ସେମାନଙ୍କ ସହ ବାନ୍ଧମା ରାମା ଯାଇଥିଲେ। ପୂର୍ବରୁ ସେଠାରେ କାଟାମ, ସିଙ୍ଗା, ମିଛ, ଗଙ୍ଗା, ସିଙ୍ଗା କୁଞ୍ଜ, ଦୁଲା କାଟାମ ଓ ଇରା ମିରତୁ ଉପସ୍ଥିତ ଥିଲେ । ଗ୍ରାମବାସୀ ମୃତଦେହ ସତ୍କାର ଲାଗି କାଠ କାଟୁଥିବା ବେଳେ ପୂର୍ବରୁ ଉପସ୍ଥିତ ଥିବା ଏହି ୭ଜଣ ରାମାଙ୍କୁ ନିକଟସ୍ଥ ଜଙ୍ଗଲକୁ ଡାକି ନେଇଥିଲେ। ସେଠାରେ ତେନ୍ତୁଳିଗଛକୁ ନେଇ ସେମାନଙ୍କ ମଧ୍ୟରେ ରହିଥିବା ପୂର୍ବ ବିବାଦ କଥା ଉଠିଥିଲା। ଏହାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ କାଟାମ୍ ମୁତା ରାମାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ପରେ ସମସ୍ତେ ମିଶି ତାଙ୍କ ମୃତଦେହ ସେହି

- ଗିରଫ ହୋଇଛନ୍ତି ୪ ଅଭିଯୁକ୍ତ
- ମୃତଦେହ ପୋଡ଼ି ଦେଇଥିଲେ
- ଶ୍ମଶାନରୁ ହାଡ, ପାଉଁଶ ଜବତ କଲା ପୋଲିସ

ଜଙ୍ଗଲରେ ପୋଡି ଦେଇଥିଲେ। ଏନେଇ ମୋଟୁ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ନଂ.୩୬/୨୧ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ରବିବାର ଉପରୋକ୍ତ ୪ ଜଣଙ୍କୁ ଗିରଫ କରିଛି। ରାମାଙ୍କ ମୃତଦେହ ପୋଡା ଯାଇଥିବା ସ୍ଥାନରୁ ହାଡ,ପାଉଁଶ ଜବତ ହୋଇଛି । ଘଟଣାରେ ସମ୍ପୃକ୍ତ ଥିବା ୩ଜଣ ଫେରାର ଅଛନ୍ତି। ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ମୋଟୁ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳସୁଆ ଘୋଡ଼ାକୁ ମେଘ ଆଶରା।**

ଯେ ଅଳସୁଆ, କାମଦାମ ନ କରିବାକୁ ଓର ଉଣ୍ଡୁଥାଏ, ତାକୁ ଟିକିଏ ବାହାନା ମିଳିଗଲେ କାମ ନ କରି ରହିଯାଏ। ମେଘ ହେଲେ ପାଗ ଖରାପ ହେଲେ ବୋଝ ବୋହିବା ଦରକାର ପଡ଼େନି। ଫଳସ୍ୱରୂପ ଘରେ ରହିବାର ମଉକା ମିଳିଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଢ଼େଇ ଦିନକୁ ବଢ଼େଇ ଘଇତା, ଝୁରି ମରିବାକୁ କଲା ବିଧାତା।**

ବିଧାତା ଭଲ ଲୋକଙ୍କୁ ବେଶି ଦିନ ରଖନ୍ତି ନାହିଁ ବୋଲି ଲୋକେ କହନ୍ତି। ଅଳ୍ପ ସମୟ ଭିତରେ ବ୍ୟକ୍ତି ଏତେ ଭଲ କାମ କରିଥାଏ ଯେ ସେ ମୃତ୍ୟୁବରଣ କଲେ ତା' କଥା ସୁମରିବାକୁ ସମସ୍ତେ ବାଧ ହୁଅନ୍ତି। ତାଙ୍କ ଗୁଣଗ୍ରାମ ଏତେ ମୁଗ୍ଧକର ହୋଇଥାଏ ଯେ ସେ ମରିଗଲା ପରେ ବି ପିତାମାତା, ଜ୍ଞାତିକୁଟୁମ୍ବ ପରିଜନ ଆଖିରୁ ଲୁହ ଗଡ଼ାଇବା ସହ ବାହୁନିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

# ଭାରପ୍ରାପ୍ତ ଆର୍‌ଆଇ ନିଲମ୍ବିତ

## କାର୍ଯ୍ୟାଳୟରେ ଅସାମାଜିକ କାର୍ଯ୍ୟକଳାପ ଚର୍ଚ୍ଚା

**ଢେଙ୍କାନାଳ ଅଫିସ,୧୧।୪**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ତହସିଲ ଅଧୀନ ଗଦାଶିଳା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଅସାମାଜିକ କାର୍ଯ୍ୟକଳାପ ଚାଲୁଥିବା ଘଟଣା ଜଣାପଡ଼ିବା ପରେ ରବିବାର ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ରଞ୍ଜନ କୁମାର ପାଣିଗ୍ରାହୀଙ୍କୁ ନିଲମ୍ବନ କରିଛନ୍ତି। ଏଥିସହିତ ତାଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିବା ପାଇଁ ଏସ୍‌ପିଙ୍କୁ ଜଣାଇଛନ୍ତି। ଘଟଣାର ବିଧିବଦ୍ଧ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଗଦାଶିଳା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଉଲଗ୍ନ ଅବସ୍ଥାରେ ଥିବା କେହି ମୋବାଇଲ ମାଧ୍ୟମରେ ଚିତ୍ର ଉତ୍ତୋଳନ କରିଥିଲେ। କାର୍ଯ୍ୟାଳୟ ଭିତରେ ଜଣେ ମହିଳା ଥିବାବେଳେ ତାଙ୍କ ସ୍କୁଟି ମଧ୍ୟ ସେଠାରେ ଥିଲା। ସେହିପରି ବହୁ ଖାଲି ମଦ ବୋତଲ ପଡିଥିଲା। କାର୍ଯ୍ୟାଳୟ ମଧ୍ୟରେ ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଉଲଗ୍ନ ଅବସ୍ଥାରେ ଶୋଇଥିବା ଓ ଝରକା ଖୋଲାଥିବା ଘଟଣାକୁ ନେଇ କାର୍ଯ୍ୟାଳୟରେ ଅସାମାଜିକ କାର୍ଯ୍ୟକଳାପ ଚାଲିଥିଲା ବୋଲି ଅଭିଯୋଗ ପଦାକୁ ଆସିଥିଲା। ଏହି ଘଟଣା ପ୍ରଚାର ହେବାପରେ ଜିଲାପାଳ ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଛନ୍ତି, ଭାରପ୍ରାପ୍ତ ଆରଆଇଙ୍କୁ ନିଲମ୍ବନ କରାଯାଇଛି। ମାମଲା ରୁଜୁ ପାଇଁ ଏସ୍‌ପିଙ୍କୁ କୁହାଯାଇଛି। ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ଓଡ଼ାପଡ଼ା ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ସ୍ଥାନୀୟ ଲୋକଙ୍କୁ ତାରାତାରିଣୀ ଦର୍ଶନ ଅନୁମତି

**ଛତ୍ରପୁର,୧୧।୪(ଡି.ଏନ୍.ଏ.)**

କେବଳ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଓ ଏନ୍‌ଏସିର ଲୋକେ ମା' ତାରାତାରିଣୀଙ୍କ ଦର୍ଶନ କରିପାରିବେ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ଜଣାଇଛନ୍ତି। ସ୍ଥାନୀୟ ଲୋକେ ପରିଚୟପତ୍ର ଦେଖାଇବା ବାଧ୍ୟତାମୂଳକ କରାଯାଇଛି। ଅନ୍ୟ ସ୍ଥାନରୁ କେହି ମନ୍ଦିର ଅଭିମୁଖେ ନ ଯିବାକୁ ସେ ଅନୁରୋଧ କରିଛନ୍ତି। କରୋନାର ଦ୍ୱିତୀୟ ଲହରରେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ମା'ଙ୍କ ପୀଠ ନିକଟରେ ଭୋଜିଭାତ ଓ ମୁଣ୍ଡନକୁ ବନ୍ଦ କରାଯାଇଛି । ପ୍ରତି ବୁଧବାର ସର୍ବସାଧାରଣଙ୍କ ନିମନ୍ତେ ମନ୍ଦିରରେ ଦର୍ଶନ ବନ୍ଦ ରହିଛି । ସେହିପରି ଜରୁରୀ ନ ଥିଲେ ଜିଲାର ସରକାରୀ ଅଫିସଗୁଡିକୁ ଲୋକେ ନ ଯିବା ପାଇଁ ମଧ୍ୟ ଜିଲାପାଳ ଅନୁରୋଧ କରିଛନ୍ତି। ଯେ କୌଣସି କାର୍ଯ୍ୟ ପାଇଁ ଲୋକେ ନଂ.୯୪୩୭ ୫୬୩୮୦୦ରେ ଫୋନ ଓ ମେସେଜରେ ସରକାରୀ ଅଫିସକୁ ଜଣାଇପାରିବେ ବୋଲି ଜିଲାପାଳ କହିଛନ୍ତି।

# ସ୍ୱାମୀଙ୍କୁ ଲୁହାପାଇପରେ ପିଟି ହତ୍ୟା

## ସ୍ତ୍ରୀଙ୍କ ଥାନାରେ ଆତ୍ମସମର୍ପଣ

**ବାଲିଶଙ୍କରା, ୧୧।୪ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ତଳସରା ଥାନା ଅନ୍ତର୍ଗତ ଶୁଖାମହାଦେବ ଡୁଙ୍ଗୁରିପଡ଼ାରେ ଶନିବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଏହି ପଡ଼ାର ସୁଷମା କୁଜୁର (୩୭) ନାମ୍ନୀ ଜଣେ ମହିଳା ସ୍ୱାମୀଙ୍କୁ ଲୁହାପାଇପରେ ପିଟି ହତ୍ୟା କରିଛନ୍ତି। ହତ୍ୟା କରିବା ପରେ ମହିଳା ଜଣକ କାନ୍ଦିକାନ୍ଦି ତଳସରା ଥାନାକୁ ଯାଇ ଆତ୍ମସମର୍ପଣ କରିଛନ୍ତି। ପୋଲିସ ରକ୍ତଭିଜା ଲୁହାପାଇପ ଜବତ କରି ତଦନ୍ତ ଆରମ୍ଭ କରିଛି। ରବିବାର ସକାଳେ ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ସୁନ୍ଦରଗଡ଼ ପଠାଇଥିଲା।

ଡୁଙ୍ଗୁରିପଡ଼ାର ପ୍ରକାଶ କୁଜୁର (୪୫) ଓ ସ୍ତ୍ରୀ ସୁଷମା (୩୭)ଙ୍କ ମଧ୍ୟରେ ଶନିବାର ରାତିରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଏହା ପରେ ଉଭୟ ଖାଇପିଇ ଶୋଇଥିଲେ। ନିଦରେ ଶୋଇଯିବା ପରେ ପ୍ରତିଶୋଧପରାୟଣା ହୋଇ ସୁଷମା ଏକ ଲୁହାପାଇପ୍ ଦ୍ୱାରା ପ୍ରକାଶଙ୍କ ମୁଣ୍ଡକୁ ପିଟି ହତ୍ୟା କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ସୁଷମାଙ୍କୁ ରବିବାର ସନ୍ଧ୍ୟାରେ ଗିରଫ କରି କୋର୍ଟ ଚାଲାଣ କରିଛି। ମୃତ ପ୍ରକାଶଙ୍କ ୧୪ ଓ ୧୧ବର୍ଷ ବୟସର ଦୁଇ ପୁଅ ଅଛନ୍ତି। ବାପାଙ୍କ ମୃତ୍ୟୁ ଓ ମାଆ ଜେଲ ଯିବା ପରେ ୨ପୁଅ ଅସହାୟ ହୋଇପଡ଼ିଛନ୍ତି।

ପ୍ରଥମ ପୃଷ୍ଠାରୁ...

# ଓଡ଼ିଆଙ୍କୁ ବିଆର୍‌ପିଏଲ୍‌ର ...

ପ୍ରତିଷ୍ଠା ହୋଇଛି। ଏହିକ୍ରମରେ ୨୦୧୩ ଜୁନ୍‌ଠାରୁ ବିଆର୍‌ପିଏଲ୍ ପେଲେଟ୍ ଉତ୍ପାଦନ କରି ଆସୁଛି। ଏଥିରେ ବାର୍ଷିକ ବିଶୋଧିତ ଲୌହଧାତୁ ୪ ନିୟୁତ ଟନ୍ ସହିତ କୋକ୍ ବ୍ରିଜ୍ ୮୦ ହଜାର ଟନ୍, ଚୂନପଥର ୧୦ ହଜାର ଟନ୍, ଫର୍ଣ୍ଣେସ୍ ଅଏଲ ୬୪ ହଜାର ଟନ୍ ଏବଂ ବେଣ୍ଟୋନାଇଟ୍ ୨୮ ହଜାର ଟନ କଞ୍ଚାମାଲ ଭାବେ ବ୍ୟବହାର ହେଉଛି। ଏହିସବୁ କଞ୍ଚାମାଲ ଓ ଉତ୍ପାଦିତ ସାମଗ୍ରୀ ପରିବହନ ବ୍ୟବସ୍ଥାରେ ଏକ ବଡ଼ଧରଣର ମୂଳଚାଲ ହେଉଥିବା ସ୍ଥାନୀୟ ଗାଡ଼ି ମାଲିକମାନେ ଅଭିଯୋଗ କରିଛନ୍ତି। ରାଜ୍ୟ ବାହାରର ଏକ ପରିବହନ ସଂସ୍ଥାର ପ୍ରାୟ ୨୦୦ ହାଇୱା ଗାଡ଼ିକୁ(୧୮ଚକିଆ) କଳିଙ୍ଗନଗରଠାରୁ ପାରାଦୀପକୁ ପରିବହନ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏହି ପରିବହନ ସଂସ୍ଥାକୁ ପ୍ରଥମେ ପେଲେଟ୍ ପରିବହନର ସୁଯୋଗ ଦିଆଯାଉଛି। ପେଲେଟ୍ ବଳିଗଲେ ସ୍ଥାନୀୟ ଗାଡ଼ିମାଲିକଙ୍କୁ ପରିବହନ ପାଇଁ ସୁଯୋଗ ମିଳୁଛି। ଏପରିକି ବର୍ଷେ ପୂର୍ବରୁ ପରିବହନ ଭଡ଼ା ଟନ ପିଛା ୬୮୦ ଟଙ୍କା ମିଳୁଥିବାବେଳେ ଏବେ ତୈଳଦର ବୃଦ୍ଧି ହୋଇଥିଲେ ହେଁ ଭଡ଼ା କମାଇ ଟନ ପିଛା ୫୩୫ ଟଙ୍କା ମିଳୁଛି। ରାଜ୍ୟ ବାହାରର ପରିବହନ ସଂସ୍ଥା ଆସିବା ପରେ ଏଭଳି ମନମାନି କରାଯାଉଛି ବୋଲି ଅଭିଯୋଗ ହୋଇଛି। ଏହିସବୁ ମନମାନି ବିରୋଧରେ ସ୍ଥାନୀୟ ଗାଡ଼ି ମାଲିକମାନେ ୨୦୨୦ ଫେବୃୟାରୀରେ ଡୁବୁରୀ କପିଳେଶ୍ୱର ଶିବମନ୍ଦିରରେ ବୈଠକ କରି କାରଖାନା ସମ୍ମୁଖରେ ପ୍ରତିବାଦ କରିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ପ୍ରଶାସନିକ ଚାପରେ ତାହା ଭଣ୍ଡୁର ହୋଇଥିଲା। ଏବେ ପୁଣି କେତେଜଣ ଗାଡି ମାଲିକ ସଂଗଠିତ ହୋଇ ବିଆର୍‌ପିଏଲ୍‌ର ଅଣଓଡ଼ିଆ ପ୍ରୀତି ବିରୋଧରେ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାପଡ଼ିଛି।

ଡୁବୁରୀ-ଚଣ୍ଡିଖୋଲଠାରୁ ପାରାଦୀପ ୫୩ ନଂ. ଜାତୀୟ ରାଜପଥ(ଏନ୍‌ଏଚ୍) ଏହି ଅଣଓଡ଼ିଆ ପରିବହନ ସଂସ୍ଥାର କବ୍‌ଜାରେ ମଧ୍ୟ ରହିଛି। ୪ ଲେନ୍ ବିଶିଷ୍ଟ ଏହି ରାଜପଥରେ ରାତି ପ୍ରାୟ ୧୦ଟା ପରେ ବେଆଇନ ଭାବେ ଉଭୟ ପାର୍ଶ୍ୱ ରାସ୍ତାରେ ଲୁହାପଥର ପରିବହନ ସାଧାରଣ ଲୋକଙ୍କୁ ଭାରାକ୍ରାନ୍ତ କରିଛି। ପାରାଦୀପ ବନ୍ଦରକୁ ବିଭିନ୍ନ ଖଣିରୁ ଟ୍ରକ ଯୋଗେ ଲୁହାପଥର ପରିବହନ କରାଯାଉଛି। ସେଠାରେ ନିର୍ଦ୍ଦିଷ୍ଟ ସମୟରେ ଲୁହାପଥର ଖଲାସ ହୋଇ ନ ପାରିବା ଯୋଗୁ ଏହି ରାଜପଥର ଗୋଟିଏ ପାର୍ଶ୍ୱରେ ଟ୍ରକଗୁଡ଼ିକ ଠିଆ ହୋଇ ରହୁଛି। କିନ୍ତୁ ପାରାଦୀପକୁ ଶୀଘ୍ର ପହଞ୍ଚିବା ପାଇଁ ବିଆର୍‌ପିଏଲ୍‌ର ପେଲେଟ୍ ପରିବହନ ଗାଡ଼ି ରାତିରେ ଡାହାଣ ପଟରେ ଯାଉଛି।



୫୩ ନମ୍ବର ଜାତୀୟ ରାଜପଥରେ ମାଲ ବୋଝେଇ ଗାଡିଗୁଡିକର ଭିଡ଼।

ସେଥିପାଇଁ ଚଣ୍ଡିଖୋଲରୁ ପାରାଦୀପ ୮୨ କିଲୋମିଟର ଜାତୀୟ ରାଜପଥରେ ଲୁହାପଥର ବୋଝେଇ ଟ୍ରକଗୁଡିକର ଲମ୍ବାଧାଡ଼ି ଦେଖିବାକୁ ମିଳୁଛି। ଫଳରେ ଏହି ରାଜପଥରେ ଅନ୍ୟ ମାଲବାହୀ ଟ୍ରକ, ବସ୍, କାର, ଅଟୋ ଓ ମୋଟରସାଇକେଲ ଆରୋହୀ ଯାତାୟାତରେ ବଡ଼ଧରଣର ବିପଦର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ସମୟରେ ବିଆର୍‌ପିଏଲ୍ ପେଲେଟ୍ ବୋଝେଇ ଟ୍ରକଗୁଡ଼ିକ ଭୁଲ ରାସ୍ତା (ରଙ୍ଗ ସାଇଡ୍)ରେ ଧକ୍କା କରିବା ଫଳରେ ଅନେକ ଜୀବନହାନି ଘଟୁଛି। ଏଥିପ୍ରତି ପ୍ରଶାସନ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଛି। ଧାଡ଼ିରେ ରହୁଥିବା ଅନ୍ୟ ଟ୍ରକଗୁଡ଼ିକ ପାରାଦୀପ ବନ୍ଦରରେ ପହଞ୍ଚିବାକୁ ୪/୫ ଦିନ ସମୟ ଲାଗୁଥିବାବେଳେ ବିଆର୍‌ପିଏଲ୍‌ର ପେଲେଟ୍ ଗାଡ଼ିଗୁଡିକ ରାତାରାତି ବେଆଇନ ଭାବେ ଡାହାଣ ପାର୍ଶ୍ୱରେ ଯାଇ ତୁରନ୍ତ ଫେରିଆସୁଛି। ଏଥିପାଇଁ ପାରାଦୀପ ଅଞ୍ଚଳର ଗାଡ଼ି ମାଲିକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ଏ ସଂକ୍ରାନ୍ତରେ ବିଆର୍‌ପିଏଲ୍‌ର ସର୍ବୋଚ୍ଚ କର୍ତ୍ତୃପକ୍ଷଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଉତ୍ତର ଦେଇ ନ ଥିଲେ।



ବଲିଉଡ ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀ ଇନ୍ଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିଛନ୍ତି। ଏହି ଫଟୋରେ ସେ ଏକ ହଳଦିଆ ରଙ୍ଗର କୁର୍ତ୍ତା ପିନ୍ଧିଥିବା ନଜର ଆସିଛନ୍ତି। ଏଥିସହ ହାତରେ ସେ ରବୀନ୍ଦ୍ରନାଥ ଟାଗୋରଙ୍କ ଲିଖିତ 'ଗୀତାଞ୍ଜଳି' ପଢୁଥିବା ଦେଖିବାକୁ ମିଳିଛି। ରିୟା ଲେଖିଛନ୍ତି, ପ୍ରଶ୍ନ ଏବଂ କାନ୍ଦ। ଓଃ କେଉଁଠାରେ, ହଜାରେ ସ୍ରୋତ ଲୁହରେ ତରଳିଯାଏ। ବିଶ୍ୱାସର ବନ୍ୟାରେ ବୁଡ଼ିଗଲି। ମୁଁ ରବୀନ୍ଦ୍ରନାଥ ଟାଗୋର, ଗୀତାଞ୍ଜଳି# ରକ୍ଷକ। କିଛି ମିନିଟ ମଧ୍ୟରେ ତାଙ୍କର ଘନିଷ୍ଠ ବାନ୍ଧବୀ ଶିବାନୀ ଦାଣ୍ଡେକର ଏକ ହାର୍ଟ ଇମୋଜି ଦେଇ ଲେଖିଛନ୍ତି, ତୁମକୁ ବହୁତ ଭଲ ପାଏ। ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ଏବଂ ଡ୍ରଗ୍ସ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଗତବର୍ଷ ସେପ୍ଟେମ୍ବରରେମସେ ଜେଲ ଯାଇଥିଲେ।

# ୪ ବର୍ଷ ଜଳବନ୍ଦୀ



**୨୦୧୭ରେ ଏମ୍ଭି ଅମନ ଜାହାଜର ଚିଫ୍ ଅଫିସର ଭାବେ ଯୋଗଦେଇଥିଲେ କ୍ୟାପ୍ଟେନ ମହମ୍ମଦ ଆଏଶା । କାର୍ଯ୍ୟରୁ ଅବ୍ୟାହତି ନେବା ପାଇଁ ତାଙ୍କର ଆଉ ଇଚ୍ଛା ନ ଥିଲା । ସେହି ଜୁଲାଇରେ ଖରାପ ପାଗ କାରଣରୁ ଇଜିପ୍ଟର ସୁଏଜ୍ କେନାଲର ଏକ ଆଙ୍କରେଜ୍ (ଲଙ୍ଗର ପକାଇବା ସ୍ଥାନ)ରେ ଫସିଯାଇଥିଲେ ଆଏଶା ଓ ତାଙ୍କ କଣ୍ଟେନର ଫିଡର୍ । ବିଭିନ୍ନ ଦେଶର ଜଳରାଶି ଉପରେ ଜେନେରାଲ କାର୍ଗୋ ଓ ସେଗୁଡ଼ିକର ନାବିକମାନଙ୍କୁ କେମିତି ଏକୁଟିଆ ଛାଡ଼ିଦିଆଯାଉଛି ଆଏଶାଙ୍କ କାହାଣୀ ତାହା ବୟାନ କରୁଛି ।**

କାଏରୋ,୧୧।୪

ଜାହାଜର ଅଧିକାଂଶ କ୍ରିଉ ମେମ୍ବର ୨୦୧୯ରେ ଜାହାଜ ଛାଡ଼ି ଘରକୁ ବାହୁଡ଼ିଯାଇଛନ୍ତି। ୪ ବର୍ଷ ବିତିଲାଣି, ହେଲେ ସେହି ଆବଦ୍ଧ ଜଳରାଶି ଉପରେ ଅଟକିଯାଇଛନ୍ତି ନାବିକ ଆଏଶା, ଯିଏ କି ଏକାଧାରାରେ ଜାହାଜର ମାଷ୍ଟର, ଇଞ୍ଜିନିୟର, କୁକ୍ ଓ ଡେକ୍ହ୍ୟାଣ୍ଡ। ଏକ ସ୍ଥାନୀୟ ଅଦାଲତ ଆଇଶାଙ୍କୁ ଉକ୍ତ ଜାହାଜର ବୈଧ ସ୍ୱତ୍ୱାଧିକାରୀ ଘୋଷଣା କରିଥିବାରୁ ସେ ସେଠାରୁ ମୁକୁଳି ପାରୁନାହାନ୍ତି। ଇଣ୍ଟରନ୍ୟାଶନାଲ ଟ୍ରାନ୍ସପୋର୍ଟ ଫେଡେରେଶନ (ଆଇଟିଏଫ୍)କୁ ସାହାଯ୍ୟ ମାଗିଥିଲେ ବି ମିଳିନାହିଁ। ଉକ୍ତ ସଂସ୍ଥାର କହିବା ହେଉଛି ଆଇଶା କୋର୍ଟ ଅର୍ଡର ଦେଖାଇ ବେଆଇନ ଭାବେ ଜାହାଜକୁ ବାନ୍ଧିଦେଇଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶରେ ଆଏଶାଙ୍କୁ

## ସୁଏଜ୍‌ରେ ଫସିଛନ୍ତି ନାବିକ ଆଏଶା

ଜାହାଜର 'ଲିଗାଲ୍ ଗାର୍ଡ' ବା ବୈଧ ରକ୍ଷକ ସ୍ୱୀକୃତି ଦିଆଯାଇଛି। ଆଏଶା କହିଛନ୍ତି, ଖାଦ୍ୟ, ପାନୀୟ ପାଇଁ ବି ତାଙ୍କୁ ପହଁରି କୂଳକୁ ଯିବାକୁ ପଡୁଛି। ପାଣି ଭିତରେ ବନ୍ଦୀ ଜୀବନ ବିତାଉଛନ୍ତି। ପ୍ରତିଦିନ ସେ ପହଁରି ମୋବାଇଲ୍ ଚାର୍ଜ କରିଯାଆନ୍ତି। ପ୍ରତ୍ୟର୍ପଣ ଅପେକ୍ଷାରେ ରହିଛନ୍ତି। ଅନେକ ଥର ଅନୁରୋଧ କରିଛନ୍ତି। କିନ୍ତୁ ବନ୍ଦର କର୍ତ୍ତୃପକ୍ଷ ଛାଡୁନାହାନ୍ତି।

୧୯୯୯ରେ ନିର୍ମିତ ଏହି ପରିତ୍ୟକ୍ତ ଜାହାଜ ଏମ୍ଭି ଅମନ୍‌ର ଲମ୍ବ ୧୦୦.୫୧ ମିଟର ଓ ଚଉଡ଼ା ୧୮.୫ ମିଟର। ବାହାରିନ୍‌ରେ ପଞ୍ଜୀକୃତ (ଆଇଏମ୍ଓ: ୯୨୧୫୫୧୭) ଉକ୍ତ ଜାହାଜଟି ନିଲାମ ନ ହେବା ପର୍ଯ୍ୟନ୍ତ ସେଠାରେ ଆଏଶାଙ୍କୁ ରହିବାକୁ ପଡ଼ିବ ସେମିତି। ଆଏଶାଙ୍କୁ ତାଙ୍କ ଦେଶ ସିରିୟାକୁ ପ୍ରତ୍ୟର୍ପଣ କରିବା ପାଇଁ ଇଜିପ୍ଟ କର୍ତ୍ତୃପକ୍ଷଙ୍କ ପାଖରେ ଅନେକ ବିକଳ୍ପ ରହିଛି ବୋଲି ଆଇଟିଏଫ୍ ପକ୍ଷରୁ କୁହାଯାଇଛି। ଦୁର୍ଭାଗ୍ୟବଶତଃ ଏମ୍ଭି ଅମନ୍ ଏକୁଟିଆ ଇଜିପ୍ଟରେ ଫସିଯାଇ ନାହିଁ। ତୁର୍କୀ ନାଗରିକ କ୍ୟାପଟେନ ଭେହବି କାରାଙ୍କ ସହ ତାଙ୍କ ଏମ୍ଭି ମେଟେ ମଧ୍ୟ ସୁଏଜ୍ କେନାଲରେ ଫସି ରହିଛି। ବିଶ୍ୱରେ ଏମିତି ଅନେକ ଦୃଷ୍ଟାନ୍ତ ରହିଛି।


## ଜନ୍ମଦିନ ଶୁଭେଚ୍ଛା



ଦେବସ୍ମିତା ଦାସ (ଖୁସି)
ଶ୍ରୀରାମ ନଗର, ଓଲ୍ଡ ଟାଉନ୍
ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।
–:ଶୁଭେଚ୍ଛା ସହ:–
ଦାସ ପରିବାରବର୍ଗ ତଥା ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ–

## ଜନ୍ମବାର୍ଷିକ ଶୁଭେଚ୍ଛା



(ଲକ୍ସ୍ମୀ)
ସ୍ୱପ୍ନା ସାଇରୀ
ଭୁବନେଶ୍ୱର
ତୋର ଚଲାପଥ କୁସୁମିତ ହେଉ। ଆଜି ପ୍ରଥମ ଜନ୍ମ ବାର୍ଷିକୀରେ ଜଗନ୍ନାଥଙ୍କଠାରେ ଏତିକି ପ୍ରାର୍ଥନା।
:ଶୁଭେଚ୍ଛା ସହ:
ପରିବାରବର୍ଗ ଓ ବନ୍ଧୁପରିଜନ ।
ଧ–୨୦୪୮

## 30th Birthday wish



Pratik deep Satapathy
Bhubaneswar
May lord Jagannath bless you with much happiness, long life, good health and hope that all your wishes comes true. Would like to wish you a very happy birthday.
**Wishes by: Friends.**
D-20469


# ଭୁଲ୍ ଠିକଣାରେ ପହଞ୍ଚିଲେ ବର

**ଜାକର୍ତ୍ତା:** ଟେକ୍ନୋଲୋଜି ଆମ ଜୀବନକୁ ସହଜ କରିଦେଇଛି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଗୁଗଲ ମ୍ୟାପ। ଏହା ସାହାଯ୍ୟରେ ଆପଣ ଅଜଣା ସ୍ଥାନକୁ ସହଜରେ ଯାଇପାରିବେ ଏବଂ ନିଜର ଗନ୍ତବ୍ୟସ୍ଥଳରେ ପହଞ୍ଚିପାରିବେ। କିନ୍ତୁ ବେଳେବେଳେ ଟେକ୍ନୋଲୋଜି ମଧ୍ୟ ଆପଣଙ୍କୁ ଅଡୁଆରେ ପକାଇଥାଏ। ଯାହାଦ୍ୱାରା ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏମିତି ଏକ ଘଟଣା ଘଟିଛି ଇଣ୍ଡୋନେସିଆରେ। ଯେଉଁଠି ଗୁଗ୍ଲ ମ୍ୟାପ ଭୁଲ ଯୋଗୁ ଜଣେ ଯୁବକ ବରଯାତ୍ରୀ ସହ ବିବାହ ଦିନ ଭୁଲ ଠିକଣାରେ ଆଉ ଜଣେ କନ୍ୟା ଘରେ ପହଞ୍ଚିଥିଲେ। କନ୍ୟାଘର ପକ୍ଷ ସେଠାରେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଜଳଖିଆ ମଧ୍ୟ ଖାଇବାକୁ ଦେଇଥିଲେ। ପରିବାର ସଦସ୍ୟଙ୍କ ମଧ୍ୟରେ ବାର୍ତ୍ତାଳପରୁ ସୌଭାଗ୍ୟବଶତଃ କନ୍ୟାଙ୍କ ପରିବାର ଲୋକେ କିଛି ଭୁଲ ଅନୁଭବ କଲେ। ଫଳରେ ଏକ ଅଜବ ପରିସ୍ଥିତିରୁ ଉଭୟ ପକ୍ଷ ବର୍ତ୍ତିଯାଇଥିଲେ। ରିପୋର୍ଟ ଅନୁଯାୟୀ, ସେହିଦିନ



## ଗଡ଼ବଡ଼ କଲା ଗୁଗଲ ମ୍ୟାପ

ଗୋଟିଏ ବିବାହ ଏବଂ ଆଉ ଗୋଟିଏ ନିର୍ବନ୍ଧ ଉତ୍ସବ ଥିଲା। ଗୋଟିଏ ଗାଁରେ ଏହି କାର୍ଯ୍ୟକ୍ରମ ହେଉଥିବାରୁ ଦ୍ୱନ୍ଦ୍ୱ ଉପୁଜିଥିଲା। କନ୍ୟା ଆରମ୍ଭରେ ମେକଅପ ହେବାରେ ବ୍ୟସ୍ତ ଥିବାରୁ ପରିସ୍ଥିତି ବିଷୟରେ ଜାଣିପାରି ନ ଥିଲେ। ଜଣେ ଯୁବକ ତାଙ୍କ ବିବାହ ମଣ୍ଡପକୁ ଯିବା ପାଇଁ ଗୁଗଲ ମ୍ୟାପ ବ୍ୟବହାର କରିଥିଲେ। ସେ କେନ୍ଦ୍ରୀୟ ଜାଭାର ପାକିସ ଜିଲା ଲୋସାରି ଗାଁରେ ପହଞ୍ଚିବାର ଥିଲା। କିନ୍ତୁ ଗୁଗଲ ମ୍ୟାପ ଭୁଲ୍ ରାସ୍ତା ଦେଖାଇବାରୁ ସେ ଜେଙ୍ଗକୋଲ ଗାଁରେ ପହଞ୍ଚିଗଲେ। ଯାହାକି ଲୋସାରି ଗାଁଠାରୁ ଅଳ୍ପ ଦୂର ଥିଲା। ସେଠାରେ ଆଉ ଦୁଇ ଯୋଡ଼ିଙ୍କ ହେଉଥିଲା। ଯୁବକଙ୍କୁ କେହି ଚିହ୍ନି ନ ଥିବାରୁ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ ବରଙ୍କ କାକା ଏହା ଜାଣିପାରିଲେ ଯେ, ସେମାନେ କୌଣସି ଏକ ଭୁଲ ଜାଗାରେ ପହଞ୍ଚିଯାଇଛନ୍ତି। ଘଟଣା ଜଣାପଡ଼ିବା ପରେ ବର ପକ୍ଷ ସେଠାରୁ ଫେରିଯାଇଥିଲେ।

# କୁକୁର ମିଳିଲେ ୧୧ ହଜାର ପୁରସ୍କାର

**ରାଞ୍ଚି:** କେହି ବ୍ୟକ୍ତି ହଜିଗଲେ ସେମାନଙ୍କୁ ଖୋଜିବା ପାଇଁ ପୋଲିସ କିମ୍ବା ପରିବାର ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଥାଏ। କିନ୍ତୁ କୁକୁର ହଜିଲେ ବି ଲୋକେ ତାକୁ ଖୋଜିବା ପାଇଁ ହଜାର ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥା'ନ୍ତି। ଏମିତି ଏକ ଘଟଣା ଏବେ ଝାଡ଼ଖଣ୍ଡର ରାଞ୍ଚିରେ ଚର୍ଚ୍ଚାର ବିଷୟ ପାଲଟିଛି।

ରାଞ୍ଚିର ସୁଖଦେବନଗର ଥାନା ଅଞ୍ଚଳରେ ଶ୍ରେୟସ୍ କୁମାର ନାମକ ଜଣେ ବ୍ୟକ୍ତି ତାଙ୍କର କୁକୁର ହଜିଥିବା ନେଇ ଏକ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ସନ୍ଧ୍ୟା ସମୟରେ ସେ କୁକୁରକୁ ବାହାରେ ବୁଲାଉଥିବା ସମୟରେ ଦୁଇଜଣ ବ୍ୟକ୍ତି ସ୍କୁଟିରେ ଆସି ତାଙ୍କ ହାତରୁ କୁକୁରକୁ ଛଡ଼ାଇ ନେଇ ଯାଇଥିଲେ। ଯେତେ ଖୋଜିବା ପରେ ବି ସେମାନଙ୍କ ବିଷୟରେ କୌଣସି ସୂଚନା ମିଳି ପାରୁ ନାହିଁ। ଶ୍ରେୟସ୍ ତାଙ୍କ କୁକୁରକୁ ବହୁତ ଭଲ ପାଉଥିଲେ। ତେଣୁ କୁକୁରର ବିଚ୍ଛେଦଜନିତ ଦୁଃଖରେ ସେ ଭାଙ୍ଗି ପଡ଼ିଛନ୍ତି। ଥାନାରେ ଅଭିଯୋଗ କରିବା ପରେ ବି କୁକୁର ସମ୍ପର୍କରେ



କୌଣସି ସୂଚନା ପାଇ ପାରି ନ ଥିବାରୁ ସେ ଚିନ୍ତାରେ ପଡ଼ିଯାଇଛନ୍ତି। ଏଥିପାଇଁ କୁକୁରକୁ ଖୋଜିବା ନିମନ୍ତେ ସେ ନିଜେ ମଧ୍ୟ ଉଦ୍ୟମ ଜାରି ରଖିଛନ୍ତି। ତାଙ୍କର ଚିହ୍ନା ପରିଚିତ ବନ୍ଧୁମାନଙ୍କୁ କୁକୁର ଖୋଜିବା ନିମନ୍ତେ ଅନୁରୋଧ କରିବା ସହିତ କେହି ତାଙ୍କ କୁକୁର ସମ୍ପର୍କରେ ସୂଚନା ଦେଲେ ତାଙ୍କୁ ୧୧ ହଜାର ଟଙ୍କାର ପୁରସ୍କାର ଦେବେ ବୋଲି ଘୋଷଣା କରିଛନ୍ତି। ତାଙ୍କ କୁକୁରଟି ପଗ୍ ପ୍ରଜାତିର ଥିଲା ଏବଂ ସେ ଡୁଗୁ ନାଁରେ ଡାକୁଥିଲେ। ତାଙ୍କ କୁକୁରଟି ୪ ବର୍ଷର ବୋଲି ସେ ସୂଚନା ଦେଇଛନ୍ତି। ତେଣୁ ତାଙ୍କ କୁକୁର ସମ୍ପର୍କରେ କୌଣସି ସୂଚନା ପାଇଲେ ତୁରନ୍ତ ତାଙ୍କ ସହ ଯୋଗାଯୋଗ କରିବା ପାଇଁ ସେ ଅନୁରୋଧ କରିଛନ୍ତି।

# କ୍ୟୁଆର୍ କୋଡ୍ ଧରି ଭିକ ମାଗୁଛନ୍ତି

**ବେଜିଂ:** କରୋନା ସଂକ୍ରମଣର ଏନ୍ତୁଡ଼ିଶାଳ ପାଲଟିଥିବା ଚାଇନାରେ ଭିକାରିମାନେ ଏବେ ଡିଜିଟାଲ ପେମେଣ୍ଟ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ସଂକ୍ରମଣର ଭୟ ରହିବ ନାହିଁ ବୋଲି ଭିକାରିମାନେ କହିଛନ୍ତି। ଚାଇନାରେ ସୂଚନା ପ୍ରଯୁକ୍ତି ଜ୍ଞାନକୌଶଳ ଅଧିକ ବିକଶିତ ଥିବାରୁ ଲୋକେ ପ୍ରାୟତଃ ଡେବିଟ ଅବା କ୍ରେଡିଟ କାର୍ଡ ଧରି ଘରୁ ବାହାରକୁ ବାହାରିଥାନ୍ତି। ଏପରିସ୍ଥଳେ ରାସ୍ତାଘାଟରେ ଭିକାରିଙ୍କୁ ଭେଟିଲେ ଲୋକେ ଇ-ୱାଲେଟକୁ ଟଙ୍କା ଟ୍ରାନ୍ସଫର କରିବାକୁ ପସନ୍ଦ କରୁଛନ୍ତି। ଚାଇନାରେ ଭିକ୍ଷାବୃତ୍ତିକୁ ଅପରାଧ ଭାବେ ଗ୍ରହଣ ନ କରାଯିବାକୁ କୋର୍ଟରେ ଏକ ଆବେଦନର ବିଚାର ଜାରି ରହିଛି। ଆବେଦନକାରୀ ସୂଚିତ କରିଛନ୍ତି ଯେ, ଭିକ୍ଷାବୃତ୍ତି ନ କଲେ ଦେଶରେ ଅପରାଧିକ କାର୍ଯ୍ୟ କଳାପ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ଏ ନେଇ କୋର୍ଟ ୫ ରାଜ୍ୟକୁ ୩ ସପ୍ତାହ ମଧ୍ୟରେ ଜବାବ ତଲବ କରିଛନ୍ତି। ୨୦୧୧ ଜନଗଣନା ଅନୁସାରେ ଚାଇନାରେ ୪ ଲକ୍ଷ ୧୩ ହଜାର ୬୭୦ ଜଣ ଭିକାରି ଅଛନ୍ତି। ଭିକାରିମାନେ ହାତରେ କ୍ୟୁଆର୍ କୋଡ ଧରି ରାସ୍ତାଘାଟ, ପର୍ଯ୍ୟଟନସ୍ଥଳ ଏବଂ ଅନ୍ୟ ଅଞ୍ଚଳରେ ଭିକ ମାଗିବାର ଦେଖିବାକୁ ମିଳିଥାଏ।

## ସଂକ୍ରମଣ ଭୟ

# ସୌରଶକ୍ତିରେ ମକା ପୋଡ଼ା

**ବେଙ୍ଗାଲୁରୁ:** ପୂର୍ବତନ କ୍ରିକେଟର ଭିଭିଏସ ଲକ୍ଷ୍ମଣ ଜଣେ ୭୫ ବର୍ଷୀୟା ବୃଦ୍ଧାଙ୍କ ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଯେଉଁଥିରେ ଜଣେ ବୃଦ୍ଧା ସୋଲାର ଶକ୍ତି ବ୍ୟବହାର କରି ମକା ପୋଡୁଥିବା ଦେଖିବାକୁ ମିଳିଛି। ଶକ୍ତି ସଞ୍ଚୟ ପାଇଁ ଭିନ୍ନ ଉପାୟରେ ମକା ପୋଡ଼ି ବିକୁଥିବା ସମ୍ପୃକ୍ତା ବୃଦ୍ଧାଙ୍କୁ ଭିଭିଏସ ଲକ୍ଷ୍ମଣଙ୍କ ଦ୍ୱାରା ଶେୟାର ହୋଇଥିବା ଫଟୋକୁ ତାଙ୍କ ପ୍ରଶଂସକମାନେ ବି ପସନ୍ଦ କରୁଛନ୍ତି। ଲକ୍ଷ୍ମଣ ତାଙ୍କ ସୋସିଆଲ ମିଡିଆରେ ସବୁବେଳେ ପ୍ରେରଣାଦାୟକ ଭିଡିଓ ଶେୟାର କରିଥାନ୍ତି। ଏବେ ଯେଉଁ ଭିଡିଓ ଶେୟାର କରିଛନ୍ତି, ଏଥିରେ ଜଣେ ବୃଦ୍ଧା ସୋଲାର



ଶକ୍ତିର ବ୍ୟବହାର କରି ମକା ପୋଡ଼ି ଗ୍ରାହକଙ୍କୁ ଦେଉଛନ୍ତି। ଯାହା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ବେଙ୍ଗାଲୁରୁ ବିଧାନସଭା ବାହାରେ ସେଲବମା ନାମକ ଜଣେ ବୃଦ୍ଧା ନିଜର ଏକ ଛୋଟ ଠେଲା ଗାଡ଼ିରେ ବେପାର କରୁଛନ୍ତି। ହାତରେ ପଙ୍ଖା ବୁଲାଇ ମକା ପୋଡ଼ିବାରେ ତାଙ୍କୁ କଷ୍ଟ ହେଲା। ତେଣୁ ସେ ସୋଲାର ପଙ୍ଖା ଲଗାଇ ସହଜରେ ମକା ପୋଡ଼ି ପାରୁଛନ୍ତି।

# କେମିତି ରହିବ ଆଜିର ପାଗ

**ରାଜ୍ୟ** -ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ଦେଓଗଡ଼, ମାଲକାନଗିରି, କୋରାପୁଟ, ଗଜପତି, ରାୟଗଡ଼ା, ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଆଦି ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପାଗ ମେଘୁଆ ରହିବା ସହ କେତେକ ସ୍ଥାନରେ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ସୋମବାର ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୬ | ୨୫.୦ |
| ଚାନ୍ଦବାଲି | ୩୭.୧ | ୨୪.୪ |
| କଟକ | ୩୭.୨ | ୨୪.୦ |
| ପାରାଦୀପ | ୩୧.୯ | ୨୬.୫ |
| ଭୁବନେଶ୍ୱର | ୩୮.୪ | ୨୫.୦ |
| ଗୋପାଳପୁର | ୩୨.୩ | ୨୬.୨ |
| ପୁରୀ | ୩୨.୬ | ୨୭.୨ |
| ଅନୁଗୋଳ | ୩୮.୭ | ୨୫.୬ |
| ବାରିପଦା | ୩୮.୨ | ୨୫.୦ |
| ଝାରସୁଗୁଡ଼ା | ୪୦.୦ | ୨୫.୬ |
| କେନ୍ଦୁଝର | ୩୫.୪ | ୨୨.୫ |
| ସମ୍ବଲପୁର | ୩୯.୬ | ୨୫.୬ |
| ସୁନ୍ଦରଗଡ଼ | ୩୮.୫ | ୨୦.୦ |
| ହୀରାକୁଦ | ୩୮.୬ | ୨୪.୩ |
| ତାଳଚେର | ୩୮.୫ | ୨୩.୮ |
| ଭବାନୀପାଟଣା | ୩୮.୫ | ୨୪.୫ |
| ବଲାଙ୍ଗୀର | ୩୯.୩ | – |
| କୋରାପୁଟ | ୩୩.୦ | ୧୮.୦ |
| ଫୁଲବାଣୀ | – | ୧୯.୫ |
| ଟିଟିଲାଗଡ଼ | ୩୯.୬ | ୨୫.୩ |
| ମାଲକାନଗିରି | ୩୮.୫ | ୨୨.୦ |
| ସୋନପୁର | ୩୮.୩ | ୨୪.୦ |
| ଦାରିଙ୍ଗିବାଡ଼ି | – | ୧୯.୦ |
| ନୟାଗଡ଼ | ୩୮.୫ | ୨୪.୦ |
| ବୌଦ୍ଧ | ୪୦.୦ | ୨୩.୦ |
| ଛତ୍ରପୁର | ୩୩.୫ | ୨୪.୫ |
| ପାରଳାଖେମୁଣ୍ଡି | ୩୬.୦ | ୨୧.୦ |
| ରାୟଗଡ଼ା | ୩୫.୦ | ୨୦.୫ |

ଡିଗ୍ରୀ ସେଲ୍‌ସିୟସ୍

# ପରୀକ୍ଷା କରା ନ ଯାଉ




**ମୁମ୍ବାଇ:** ଗତ ବର୍ଷ ଦେଶବ୍ୟାପୀ ଲକ୍‌ଡାଉନବେଳେ ପ୍ରବାସୀ ଶ୍ରମିକଙ୍କୁ ଘରକୁ ଫେରାଇବାରେ ସହଯୋଗ କରି ବେଶ୍ ପ୍ରଶଂସା ସାଉଁଟି ଥିବା ବଲିଉଡ ଅଭିନେତା ସୋନୁ ସୁଦ୍ 'କ୍ୟାନସେଲ ସିବିଏସ୍‌ଇ ବୋର୍ଡ ଏକ୍‌ଜାମ-୨୦୨୧' ବା ସିବିଏସ୍‌ଇ ବୋର୍ଡ ପରୀକ୍ଷା ରଦ୍ଦ ଅଭିଯାନ ସମର୍ଥନରେ ବାହାରିଛନ୍ତି। ଟୁଇଟରରେ ଏକ ଭିଡିଓ ପୋଷ୍ଟ କରି ସୋନୁ କହିଛନ୍ତି, ଦେଶରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ମାଡ଼ି ଚାଲିଥିବାବେଳେ ଛାତ୍ରୀଛାତ୍ରମାନେ ଅଫଲାଇନରେ ପରୀକ୍ଷା ଦେବା ଉଚିତ ନୁହେଁ। ସେମାନଙ୍କ ପକ୍ଷରୁ ମୁଁ ଏକ ଅନୁରୋଧ କରିବାକୁ ଚାହୁଁଛି। ସିବିଏସ୍‌ଇ ଏବଂ ବୋର୍ଡ ପରୀକ୍ଷାଗୁଡ଼ିକ ଅଫ୍‌ଲାଇନ ହେବାକୁ ଯାଉଛି। କିନ୍ତୁ ଏପରି ପରିସ୍ଥିତିରେ ପରୀକ୍ଷା ହଲ୍‌ରେ ବସି ଉତ୍ତର ଲେଖିବାକୁ ପିଲାମାନେ ରାଜି ନାହାନ୍ତି ବୋଲି ଲାଗୁଛି। ତେଣୁ ସମସ୍ତେ ଆଗକୁ ଆସି ଛାତ୍ରୀଛାତ୍ରଙ୍କୁ ସମର୍ଥନ ଜଣାନ୍ତୁ ବୋଲି ସୋନୁ ଅନୁରୋଧ କରିଛନ୍ତି। ସାଉଦିଆରବ, ମେକ୍ସିକୋ ଭଳି ଦେଶରେ ସଂକ୍ରମଣ ହାର କମ୍ ଥିଲେ ମଧ୍ୟ ସେଠାରେ ପରୀକ୍ଷା ରଦ୍ଦ କରାଯାଇଛି। ତେଣୁ ସେଠାକାର ଢାଞ୍ଚାକୁ ଅନୁସରଣ କରାଯାଇ ଛାତ୍ରୀଛାତ୍ରଙ୍କୁ କରୋନା କବଳରୁ ଦୂରେଇ ରଖିବାକୁ ଚେଷ୍ଟା କରାଯାଉ। ଏଥିସହ ପିଲାମାନଙ୍କୁ ଉଚ୍ଚ ଶ୍ରେଣୀକୁ ଉତ୍ତୀର୍ଣ୍ଣ ପାଇଁ ଆଭ୍ୟନ୍ତରୀୟ ଆକଳନ ପଦ୍ଧତି ଆପଣାଯାଉ ବୋଲି ସେ ମତ ରଖିଛନ୍ତି।

# ଦ୍ୱୀପ କିଣି ଗାଡ଼ିରେ ଘର



**ୱାଶିଂଟନ:** ନିଆରା ଜୀବନ ଶୈଳୀ ଚିବା ପ୍ରାୟ ସମସ୍ତଙ୍କ ଇଚ୍ଛା। କିନ୍ତୁ ଏହାକୁ ଖୁବକମ ଲୋକ ସାକାର କରିପାରିଥାନ୍ତି। ସେହିପରି ଜଣେ ବ୍ୟକ୍ତି ହେଲେ ଆମେରିକାରେ ରହୁଥିବା ଟିମ ଡେଭିଡସନ। ସେ ବ୍ୟକ୍ତି ଫ୍ଲୋରିଡାରେ ୧.୫ କୋଟି ଅର୍ଥାତ ୬୫ ହଜାର ୩୪୦ ବର୍ଗଫୁଟରେ ଏକ ଦ୍ୱୀପ କିଣିଛନ୍ତି। ଏଥିରେ ଡେଭିଡସନ ୨ ଲକ୍ଷ ଡଲାର ଅର୍ଥାତ ଭାରତୀୟ ମୁଦ୍ରାରେ ୧ କୋଟି ୪୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ସେ ପୂର୍ବରୁ ଏକ ଭ୍ୟାନ କିଣି ଏହାକୁ ନିଜର ଘର ଭାବେ ବ୍ୟବହାର କରୁଥିଲେ। ଏଥିରେ କିଚେନ, ବାଥ୍‌ରୁମ୍, ବେଡରୁମ ଆଦି ସମସ୍ତ ସୁବିଧା ରହିଛି। ଏହି ଭ୍ୟାନ୍‌କୁ ପାର୍କିଂ କରିବା ପାଇଁ ସେ ଦ୍ୱୀପ କିଣିଥିବା କୁହନ୍ତି। ସେ କୁହନ୍ତି, ଭ୍ୟାନ୍‌କୁ ଘର କରିବା ଦ୍ୱାରା ଯୁଆଡ଼େ ଇଚ୍ଛା ହେଉଛି ସିଆଡ଼େ ବିନା ଅସୁବିଧାରେ ଯାତ୍ରା କରି ହେଉଛି। ବିଶେଷ କରି ରହିବା ତଥା ରାତ୍ରିଯାପନ ସମସ୍ୟାରୁ ମୁକ୍ତି ମିଳୁଛି। ଏହା ସହ ଖାଦ୍ୟ ପାନୀୟ ସୁବିଧା ମଧ୍ୟ ମିଳୁଛି। ମନପସନ୍ଦର ଏବଂ ସୁସ୍ଥକର ଖାଦ୍ୟ କରି ଖାଇହେଉଛି ବୋଲି ସେ କହିଛନ୍ତି। ଏପରି ବଞ୍ଚିବା ଦ୍ୱାରା ତାଙ୍କୁ ମାନସିକ ଶାନ୍ତି ମଳୁଥିବା ଡେଭିଡସନ ପ୍ରକାଶ କରିଛନ୍ତି।

# ଶୁଟ୍ ଆଉଟ୍‌ରେ ଭାରତ ବିଜୟୀ

**ବୁଏନସ୍‌ଏୟାର୍ସ, ୧୧।୪(ପି.ଟି.)**

**ଏଫ୍‌ଆଇଏଚ୍ ପ୍ରୋ-ଲିଗ୍**
■ଅର୍ଜେଣ୍ଟିନା ୨-୩ ଗୋଲ୍‌ରେ ପରାସ୍ତ

ଏଫ୍‌ଆଇଏଚ୍ ପ୍ରୋ-ହକି ଲିଗ୍‌ରେ ଅଲିମ୍ପିକ ଚାମ୍ପିୟନ ଆର୍ଜେଣ୍ଟିନାକୁ ପେନାଲ୍ଟି ଶୁଟ୍‌ଆଉଟ ୩-୨ ଗୋଲ୍‌ରେ ପରାସ୍ତ କରିଛି ଭାରତ। ରୋମାଞ୍ଚଭରା ଏହି ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ଭାରତ ତରଫରୁ ହରମନପ୍ରୀତ ସିଂ ଦୁଇଟି ଗୋଲ ଦେଇଥିଲେ। ସେ ୨୧ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରି ତାଙ୍କ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପରେ ମାର୍ଟିନ ଫେରିରୋ (୨୮ତମ ଓ ୩୦ତମ ମିନିଟ) ଦୁଇଟି ଗୋଲ ସ୍କୋର କରି ଆର୍ଜେଣ୍ଟିନାକୁ ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ୨-୧ରେ ଆଗୁଆ କରାଇଥିଲେ। ହରମନପ୍ରୀତ ୬୦ତମ ମିନିଟ୍‌ରେ ଏକ ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ମ୍ୟାଚରେ ପି.ଆର. ଶ୍ରୀଜେସ ଚମତ୍କାର ଗୋଲକିପିଂ କରି ଭାରତ ପାଇଁ ବୋନସ ପଏଣ୍ଟ ଆଣିଦେଇଛନ୍ତି। ଇଭେଣ୍ଟର ନିୟମାନୁସାରେ ଶୁଟ୍ ଆଉଟରେ ବିଜୟ ଲାଭ କରିଥିବା ଦଳ ବୋନସ ପଏଣ୍ଟ ପାଇବା ଲାଗି ହକ୍‌ଦାର।

ଶ୍ରୀଜେସ ଶୁଟ୍‌ଆଉଟରେ ଲୁକାସ ଭିଲା, ମାର୍ଟିନ ଫେରିରୋ ଓ ଇଗ୍ନାସିଓ ଓରିଜଙ୍କୁ ଗୋଲକରିବା ଲାଗି ସୁଯୋଗ ଦେଇ ନ ଥିଲେ। ଦଲପ୍ରୀତ ସିଂଙ୍କ ଗୋଲ ଯୋଗୁ ଭାରତ ୩-୨ରେ ମ୍ୟାଚ ଜିତି ନେଇଥିଲା। ମ୍ୟାଚର ଫଳାଫଳ ଭିତ୍ତିରେ ଭାରତ ୭ ମ୍ୟାଚରୁ ୧୨ ପଏଣ୍ଟ ସହ ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍ ଷ୍ଟାଣ୍ଡିଂରେ ଏହାର ୫ମ ସ୍ଥାନ ବଜାୟ ରଖିଛି। ଅନ୍ୟପକ୍ଷରେ ଆର୍ଜେଣ୍ଟିନା ସମାନ ସଂଖ୍ୟକ ମ୍ୟାଚରୁ ୧୧ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ରହିଛି। ହରମନପ୍ରୀତ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ କହିଛନ୍ତି, ଆମେ ଶେଷ କ୍ଷଣ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲୁ। ବିପକ୍ଷ ଦଳକୁ କୌଣସି ସୁଯୋଗ ନ ଦେବା ଲାଗି ଆମର ପ୍ରୟାସ ଥିଲା। ଫଳସ୍ୱରୂପ ଆମେ ମ୍ୟାଚରେ ଜିତିପାରିଥିଲୁ ବୋଲି ହରମନପ୍ରୀତ୍ କହିଛନ୍ତି। ସେ କହିଛନ୍ତି ମ୍ୟାଚରେ କେତେକ କ୍ଷେତ୍ରରେ ଆମର ଦୁର୍ବଳତା ପରିଲକ୍ଷିତ ହୋଇଥିଲା। ଦୁଇ ଦଳ ମଧ୍ୟରେ ହେବାକୁ ଥିବା ପରବର୍ତ୍ତୀ ମ୍ୟାଚରେ ଆମକୁ ଏଥିରେ ସୁଧାର ଆଣିବାକୁ ପଡ଼ିବ।



ଗୋଲ ଦେବା ପରେ ହରମନପ୍ରୀତ୍ ସିଂ (ବାମ) ଖୁସି ମନାଉଛନ୍ତି।

## ପିସିବି ହଲ୍ ଅଫ୍ ଫେମ୍‌ରେ ସାମିଲ ହେବେ ୬ କିମ୍ବଦନ୍ତୀ

**କରାଚୀ, ୧୧।୪(ପି.ଟି.)**

ଅତୀତର ଷ୍ଟଲୱାର୍ଟମାନଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏହାର ନିଜସ୍ୱ 'ହଲ୍ ଅଫ୍ ଫେମ୍' ପ୍ରଚଳନ କରିବ। ପ୍ରଥମ ପର୍ଯ୍ୟାୟରେ ଏଥିରେ ଆଇସିସି କ୍ରିକେଟ ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇଥିବା ପାକିସ୍ତାନର ପୂର୍ବତନ ୬ଜଣ କିମ୍ବଦନ୍ତୀ କ୍ରିକେଟରଙ୍କୁ ସ୍ଥାନ ଦିଆଯିବ। ସେମାନେ ହେଲେ ହନିଫ୍ ମହମ୍ମଦ, ଇମ୍ରାନ ଖାଁ, ଜାଭେଦ ମିଆଁଦାଦ, ୱାସିମ ଆକ୍ରାମ, ୱାକାର ୟୁନିସ ଓ ଜାହିର ଆବାସ। ୨୦୨୧ଠାରୁ ପ୍ରତିବର୍ଷ ୩ ଜଣ ଲେଖାଏ ପିସିବି ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇବେ। ସେମାନଙ୍କୁ ବାଛିବା ଲାଗି ଏକ ସ୍ୱାଧୀନ ପ୍ୟାନେଲ ଗଠନ କରାଯିବ। ପ୍ରତିବର୍ଷ ଅକ୍ଟୋବର ୧୬ରେ ପ୍ୟାନେଲ ନାମ ତାଲିକା ଘୋଷଣା କରିବ। ୧୯୫୨ରେ ଏହିଦିନ ଦେଶ ଟେଷ୍ଟରେ ପ୍ରଥମ ପଦାର୍ପଣ କରିଥିଲା।

## ଫ୍ୟୁଚର କବାଡ଼ି ହିରୋ ପାଇଁ ଓଡ଼ିଶାରୁ ୩


ଜିତେନ୍ଦ୍ର ରାଉତ


କରୁଣାକର ବେହେରା


କୁନାଲ ଭୋଇ

**ଭୁବନେଶ୍ୱର, ୧୧।୪(କ୍ରୀଡ଼ା ପ୍ରତିନିଧି)**

ଷ୍ଟାର ସ୍ପୋର୍ଟ୍ସ ପକ୍ଷରୁ ବେଙ୍ଗାଲୁରୁଠାରେ ହେବାକୁ ଯାଉଥିବା ଫ୍ୟୁଚର କବାଡ଼ି ହିରୋ (ଏଫ୍‌କେଏଚ୍) ପାଇଁ ଓଡ଼ିଶାର ୩ ଜୁନିୟର ଖେଳାଳି ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ କଟକର କରୁଣାକର ବେହେରା, ଭୁବନେଶ୍ୱରର କୁନାଲ ଭୋଇ ଓ ନୂଆପଡ଼ା ଜିଲାର ଜିତେନ୍ଦ୍ର ରାଉତ। ଏହି ୩ ଖେଳାଳି ରବିବାର ବେଙ୍ଗାଲୁରୁ ଯାତ୍ରା କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ଗତ ମାର୍ଚ୍ଚ ୨୨ରୁ ଏପ୍ରିଲ ୨୬ ପର୍ଯ୍ୟନ୍ତ ତେଲେଙ୍ଗାନାର ସୂର୍ଯ୍ୟାପେଟ ଜିଲାରେ ଅନୁଷ୍ଠିତ ୪୭ତମ ଜାତୀୟ ଜୁନିୟର କବାଡ଼ି ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଏହି ୩ ଖେଳାଳି ଷ୍ଟାର ସ୍ପୋର୍ଟ୍ସ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ୩ ଖେଳାଳିଙ୍କୁ ରାଜ୍ୟ କବାଡ଼ି ଆସୋସିଏଶନ ପକ୍ଷରୁ ସଭାପତି ଶରତ କୁମାର ସାହୁ, ସମ୍ପାଦକ ଅଜୟ କୁମାର ବେହେରାଙ୍କ ସହ ପୃଥ୍ୱୀରାଜ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ମହାନ୍ତି, ଶୁଭ୍ରାଂଶୁ ଶେଖର ବେହେରା, ଜୟଶ୍ରୀ ସ୍ୱାଇଁ ଓ ପଦ୍ମଚରଣ ପ୍ରଧାନ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।


ଜାତୀୟ ସିନିୟର କବାଡ଼ି ପାଇଁ ମନୋନୀତ ଓଡ଼ିଶା ଦଳ।

## ଜାତୀୟ ସିନିୟର କବାଡ଼ି ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୧୧।୪(କ୍ରୀଡ଼ା ପ୍ରତିନିଧି)**

ଆମେଚର କବାଡ଼ି ଫେଡେରେଶନ ଅଫ୍ ଇଣ୍ଡିଆ ଓ ଉତ୍ତର ପ୍ରଦେଶ ରାଜ୍ୟ କବାଡ଼ି ସଂଘ ଆନୁକୂଲ୍ୟରେ ୬୮ତମ ଜାତୀୟ ସିନିୟର ପୁରୁଷ କବାଡ଼ି ପ୍ରତିଯୋଗିତା ଚଳିତ ମାସ ୧୩ରୁ ୧୬ ପର୍ଯ୍ୟନ୍ତ ଅଯୋଧ୍ୟାରେ ଆୟୋଜନ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ପୁରୀ ଜିଲା ଦାଣ୍ଡମୁକୁନ୍ଦପୁରଠାରେ ଗତ ମାର୍ଚ୍ଚ ୧୪ରେ ଓଡ଼ିଶା ଦଳର ଚୟନ ଅନୁଷ୍ଠିତ ହୋଇଯାଇଛି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସରୋଜ କୁମାର ସେଠୀ (କଟକ, ଅଧିନାୟକ), ସୁଶାନ୍ତ କୁମାର ସାମଲ, ଦେବୀ ପ୍ରସାଦ ଦାସ (ଉଭୟେ ଭୁବନେଶ୍ୱର), ସ୍ୱାଧୀନ ମେହେର(ସମ୍ବଲପୁର), ରଶ୍ମିରଞ୍ଜନ ରାଉତ (ଯାଜପୁର), ପରେଶ ଚନ୍ଦ୍ର ରାଉତ (ଢେଙ୍କାନାଳ), ସୁଜିତ ସୋଏ(ରାଉରକେଲା), ରଞ୍ଜନ କୁମାର ପ୍ରଧାନ, ପ୍ରକାଶ ପଲେଇ (ଉଭୟେ ପୁରୀ), ଅନିଲ କୁମାର ସ୍ୱାଇଁ (ଗଞ୍ଜାମ), ଶ୍ରୀତମ ସେନାପତି (ନୟାଗଡ଼) ଓ ଜିତେନ୍ଦ୍ର ସ୍ୱାଇଁ (ଏନ୍‌ଆର୍‌ଆଇ, କଟକ)। କେ. ମାଧବ ରାଓ ମୁଖ୍ୟ କୋଚ୍ ଏବଂ ମଳୟ କୁମାର ରାଉତ ମ୍ୟାନେଜର ଦାୟିତ୍ୱରେ ଥିବାବେଳେ ଜାତୀୟ ରେଫରି ସସ୍ମିତା ଦାସ ଓ ପ୍ରଦୀପ କୁମାର ସାହୁଙ୍କୁ ପ୍ରତିଯୋଗିତା ପରିଚାଳନା ପାଇଁ ଭାରତୀୟ କବାଡ଼ି ସଂଘ ପକ୍ଷରୁ ମନୋନୀତ କରାଯାଇଛି। ଓଡ଼ିଶା ଦଳ ଏବଂ ୨ ରେଫରି ରବିବାର ଅଯୋଧ୍ୟା ଯାତ୍ରା କରିଛନ୍ତି ବୋଲି ଓଡ଼ିଶା କବାଡ଼ି ଆସୋସିଏଶନ ସାଧାରଣ ସମ୍ପାଦକ ଅଜୟ କୁମାର ବେହେରା ପ୍ରକାଶ କରିଛନ୍ତି।

## ଏଲ୍‌ଏନ୍‌ପି କିଙ୍ଗ୍ ଚାମ୍ପିୟନ

**ପୁରୁଣା ଭୁବନେଶ୍ୱର, ୧୧।୪ (ଡି.ଏନ୍.ଏ.)**

ଏଲ୍‌ଏନ୍‌ପି କିଙ୍ଗ୍ ଜାଗେଶ୍ୱରୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି। ରାଜଧାନୀ ଉପକଣ୍ଠ ଶିଉଳା ଜାଗେଶ୍ୱରୀ ପଡ଼ିଆରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟ ଫ୍ଲଡ୍‌ଲାଇଟ୍‌ରେ ଦୁଇ ଦିନ ଧରି ଖେଳାଯାଇଥିଲା। ଏଥିରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲରେ ଏଲ୍‌ଏନ୍‌ପି କିଙ୍ଗ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ବିନିମୟରେ ୮୦ରନ କରିଥିଲା। ଜବାବରେ ସାଇ ଇଲେଭେନ ୯.୫ ଓଭରରେ ୬୦ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଟୁର୍ନାମେଣ୍ଟ ଶେଷରେ ଚାମ୍ପିୟନ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୪ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ୍ ଦି ସିରିଜ ନିର୍ମଳ ପରିଡ଼ାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ଆରତ ନାୟକ, ଜିତେନ୍ଦ୍ର ଭୋଳ ଓ ଦୀପକ କୁମାର ନାୟକ ମ୍ୟାଚ ପରିଚାଳନା କରିଥିଲେ।


ଚାମ୍ପିୟନ ଏଲ୍‌ଏନ୍‌ପି କିଙ୍ଗ୍ ଦଳ।

## ମାଇଁ ଟିମ୍ ଇମେଜ କାର୍ଡର ଦ୍ୱିତୀୟ ଇନିଂସ

**ଭୁବନେଶ୍ୱର, ୧୧।୪(ସ୍ପୋର୍ଟ୍ସ ବ୍ୟୁରୋ)**

କୋଟାକ ମହିନ୍ଦ୍ରା ବ୍ୟାଙ୍କ (କେଏମ୍‌ବିଏଲ) ଚଳିତ ବର୍ଷ ୭ଟି ଆଇପିଏଲ ଟିମ୍‌ର ଆନୁଷ୍ଠାନିକ ସହଯୋଗୀ ବୋଲି ଘୋଷଣା କରିଛି। ଏହି ଟିମ୍‌ଗୁଡ଼ିକ ହେଲା ଦିଲ୍ଲୀ କ୍ୟାପିଟାଲ୍ସ, କୋଲକାତା ନାଇଟ ରାଇଡର୍ସ, ମୁମ୍ବାଇ ଇଣ୍ଡିଆନ୍ସ, ପଞ୍ଜାବ କିଙ୍ଗ୍ସ, ରାଜସ୍ଥାନ ରୟାଲ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ। ଗତବର୍ଷ କୋଟାକ ମାଇଁ ଟିମ୍ ଇମେଜ କାର୍ଡ ପ୍ରତି ଗ୍ରାହକଙ୍କ ଉତ୍ସାହପ୍ରଦ ଗ୍ରହଣୀୟତାରେ ପ୍ରେରିତ ହୋଇ ଚଳିତ ବର୍ଷ ମାଇଁ ଟିମ୍ କାର୍ଡର ଦ୍ୱିତୀୟ ଇନିଂସ ପ୍ରଚଳନ କରିଛି। କୋଟାକର ମାଇଁ ଟିମ୍ ଇମେଜ ଡେବିଟ ଓ କ୍ରେଡିଟ କାର୍ଡ ସ୍ୱତନ୍ତ୍ର ଭାବେ ବାସ୍ତବ କ୍ରିକେଟପ୍ରେମୀଙ୍କ ପାଇଁ ଡିଜାଇନ୍ କରାଯାଇଛି। ୭ଟି ଟିମ୍ ମଧ୍ୟରୁ ପ୍ରତ୍ୟେକଙ୍କର ଦୃଷ୍ଟି ଆକର୍ଷଣ କଳାଭଳି ଚିତ୍ର ସହିତ ଏହି କାର୍ଡରେ ଖେଳାଳି, ଟିମ୍ ଲୋଗୋ, ୱାଟରମାର୍କ ଏବଂ ଟିମ୍‌ର ଆନୁଷ୍ଠାନିକ ରଙ୍ଗ ରହିଛି, ଯାହାକି କ୍ରିକେଟପ୍ରେମୀଙ୍କୁ ସେମାନଙ୍କ ପ୍ରିୟ ଦଳ ପାଇଁ ଏକ ସ୍ମାରକୀ ଭାବେ ବିବେଚିତ ହେଉଛି।

## ଆୟାରଙ୍କୁ ମନେପକାଇଲେ ପଣ୍ଟିଂ

**ମୁମ୍ବାଇ, ୧୧।୪**

ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟ ଅଧିନାୟକ ରିକି ପଣ୍ଟିଂ ଚଳିତ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସର କୋଚ୍‌ଭାବେ ଉଦାହରଣ ସୃଷ୍ଟି କରିଛନ୍ତି। ଦଳର ନିୟମିତ ଅଧିନାୟକ ଶ୍ରେୟାସ ଆୟାର ଆହତ ସମସ୍ୟା ଯୋଗୁ ଏବେ ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି। ତାଙ୍କ ସ୍ଥାନରେ ରିଷଭ ପନ୍ତଙ୍କୁ ଦଳର ନେତୃତ୍ୱଭାର ପ୍ରଦାନ କରାଯାଇଛି। ମାତ୍ର ଶନିବାର ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷରେ ଦିଲ୍ଲୀର ବିଜୟ ପରେ ଆୟାରଙ୍କ ସହ ଭର୍ଚୁଆଲ ବାର୍ତ୍ତାଳାପ ପରି ଭିଡିଓକୁ ଖେଳାଳିଙ୍କ ମଧ୍ୟରେ ଶେୟାର କରିଛନ୍ତି। ଏହି ବାର୍ତ୍ତାଳାପ ଅବସରରେ ପଣ୍ଟିଂ ଦଳ ତାଙ୍କୁ ମିସ୍ କରୁଥିବା କହିବା ସହ ତାଙ୍କ ହେୟାର ଷ୍ଟାଇଲ୍‌କୁ ପ୍ରଶଂସା କରିଥିଲେ। ''ତୁମକୁ ମିସ୍ କରୁଛୁ, ପୂର୍ବପରି ଅନୁଭବ ହେଉନାହିଁ। ଆସ, ଆମ ସହିତ ଯୋଗଦିଅ, ମାତ୍ର ୭ ଦିନର କ୍ୱାରାଣ୍ଟାଇନ୍। ଏହି ଦିନଗୁଡ଼ିକ ଶୀଘ୍ର ଅତିବାହିତ ହୋଇଯିବ, ମୋତେ ବିଶ୍ୱାସ କର। ଆମେ ଏକ ଦ୍ୱାଦଶ ଖେଳାଳି ଆବଶ୍ୟକ କରୁଛୁ, ଯିଏକି ଆମ ପାଇଁ ଡ୍ରିଙ୍କ୍ସ ଯୋଗାଇପାରିବେ'' ବୋଲି ପଣ୍ଟିଂ କହିଥିବା ଭିଡିଓ ଖେଳାଳିଙ୍କ ମଧ୍ୟରେ ଶେୟାର କରାଯାଇଛି।


ଡାକ୍ତରଖାନାରେ ଚିକିତ୍ସାଧୀନ ଶ୍ରେୟାସ ଆୟାର୍।

# ବିଗ୍ ହିଟରଙ୍କ ଲଢ଼େଇ

**ମୁମ୍ବାଇ,୧୧।୪(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସୋମବାର ବିଗ୍ ହିଟରମାନଙ୍କ ଲଢ଼େଇ ଦେଖିବାକୁ ମିଳିବ। ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଦୁଇ କିପର-ବ୍ୟାଟ୍ସମ୍ୟାନଙ୍କ ନେତୃତ୍ୱରେ ରାଜସ୍ଥାନ ରୟାଲ୍ସ ଓ ପଞ୍ଜାବ କିଙ୍ଗ୍ସ ପରସ୍ପରକୁ ଭେଟିବେ। ଲୋକେଶ ରାହୁଲଙ୍କ ପଞ୍ଜାବ ଓ ସଞ୍ଜୁ ସାମ୍‌ସନଙ୍କ ନେତୃତ୍ୱରେ ରାଜସ୍ଥାନ ବିଜୟରୁ ଏଥର ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟ ରହିଛନ୍ତି।

ରାଜସ୍ଥାନ ତାରକା ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କ ଉପରେ ଅତ୍ୟଧିକ ଭାବେ ନିର୍ଭରଶୀଳ ରହିବ। ଷ୍ଟୋକ୍ସ ବ୍ୟାଟିଂରେ ଦମ୍ ଦେଖାଇବାକୁ ପ୍ରୟାସ କରିବେ। ସେହିପରି ଅନ୍ୟତମ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଜୋଶ ବଟଲର ଓ ନୂଆ ଅଧିନାୟକ ନିଯୁକ୍ତ ହୋଇଥିବା ପ୍ରତିଭାସମ୍ପନ୍ନ ସଞ୍ଜୁ ସାମ୍‌ସନ ପ୍ରତିପକ୍ଷ ଦଳରେ ଏଥର ନିଶ୍ଚୟ କିଛି କରି ଦେଖାଇବାକୁ ଚାହିଁବେ। ରାଜସ୍ଥାନ ରୟାଲ୍ସ ପାଇଁ ବଟଲର ଓ ଯୁବ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ଯଶସ୍ୱୀ ଜୟସ୍ୱାଲ ଇନିଂସ ଓପନ କରିବେ। ସାମ୍‌ସନ କିପର ଓ ବ୍ୟାଟ୍ସମ୍ୟାନ ହିସାବରେ ଏବଂ ନେତୃତ୍ୱ ଦୃଷ୍ଟିକୋଣରୁ ନିଜର ଦକ୍ଷତା ପ୍ରମାଣ କରିବାକୁ ଚାହିଁବେ। ସେହିପରି ମିଡ୍‌ଲ ଅର୍ଡରରେ ଷ୍ଟୋକ୍ସ ନିଜର ଦାୟିତ୍ୱ ସମ୍ଭାଳିବେ। ବଟଲର, ଜୟସ୍ୱାଲ, ସାମ୍‌ସନ ଓ ଷ୍ଟୋକ୍ସଙ୍କୁ ଅଟକାଇବା ପଞ୍ଜାବ ପାଇଁ କଷ୍ଟକର ହେବ। ପୁଣି ରାଜସ୍ଥାନ ଦଳରେ କେତେଜଣ ପ୍ରତିଭାସମ୍ପନ୍ନ ଅଲରାଉଣ୍ଡର ରହିଛନ୍ତି। ଶିବମ ଦୁବେ, ଶ୍ରେୟାସ ଗୋପାଲ, ରାହୁଲ ଟେୱାଟିଆ, ରିଆନ ପରାଗ ଓ ଲିଆମ ଲିଭିଂଷ୍ଟୋନ ଦଳ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ। ଗୋପାଲ, ଟେୱାଟିଆ ଓ ପରାଗ ଲେଗ୍ ସ୍ପିନ ବୋଲିଂ କରନ୍ତି। ଦୁଇ ସ୍ପିନରଙ୍କୁ ନେଇ ରାଜସ୍ଥାନ ପଡିଆକୁ ଓହ୍ଲାଇବ କି ନା ତାହା ଦେଖିବାକୁ ବାକି ରହିଲା। ଟେୱାଟିଆ ଓ ଦୁବେ ବଲକୁ ବାଉଣ୍ଡାରୀ ବାହାରକୁ ପଠାଇବାର କ୍ଷମତା ରଖନ୍ତି। ଅନ୍ତିମ ଏକାଦଶରେ ଏହି ଦୁଇ ଖେଳାଳି ସ୍ଥାନ ପାଇବେ ବୋଲି ଆଶା କରାଯାଉଛି। ତାରକା ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଇଞ୍ଜୁରି କାରଣରୁ କେତୋଟି ମ୍ୟାଚ୍ ନ ଖେଳିପାରନ୍ତି। ୧୬.୨୫ କୋଟି ଟଙ୍କାରେ ଦଳରେ ସାମିଲ ହୋଇଥିବା ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର କ୍ରିସ୍ ମୋରିସ୍ ନିଜ ଦାମ୍‌ର ଯଥାର୍ଥତା ପ୍ରତିପାଦନ କରିବା ସହ ରାଜସ୍ଥାନକୁ ଜିତାଇବାକୁ ଚାହିଁବେ। କେବଳ ୪ଜଣ ଖେଳାଳି ଅନ୍ତିମ ଏକାଦଶରେ ସାମିଲ ହେବେ। ତେଣୁ ଦଳରେ ସନ୍ତୁଳନ ପାଇଁ ରାଜସ୍ଥାନ ଟିକିଏ ସମସ୍ୟାରେ ପଡିବ। ତେଣୁ ଦ୍ରୁତ ବୋଲର ମୁସ୍ତାଫିଜୁର ରହମାନ କିମ୍ବା ଜୟଦେବ ଉନାଡକଟ, କାର୍ତ୍ତିକ ତ୍ୟାଗୀ କିମ୍ବା ଚେତନ ସାକାରିଆଙ୍କ ମଧ୍ୟରୁ ଜଣକୁ ଖେଳାଯିବ। ଅଭିଜ୍ଞତା ଦୃଷ୍ଟିକୋଣରୁ ଉନାଡକଟ ଖେଳିବା ନିଶ୍ଚିତ ମନେହେଉଛି।

ଅପରପକ୍ଷରେ ପଞ୍ଜାବ ଦଳ ମଧ୍ୟ ଆଦୌ ପଛରେ ପଡିନାହିଁ। ଲୋକେଶ ରାହୁଲ, ମୟଙ୍କ ଅଗ୍ରୱାଲ ଓ କ୍ରିସ୍ ଗେଲଙ୍କ ଭଳି ହାର୍ଡ ହିଟର ଦଳରେ ରହିଛନ୍ତି। ଏହି ୩ ଖେଳାଳି ଗତ ସଂସ୍କରଣରେ ଭଲ ପ୍ରଦର୍ଶନ କରିଥିଲେ। ରାହୁଲ ୬୭୦ ଓ ମୟଙ୍କ ୪୨୪ ରନ ସଂଗ୍ରହ କରିଥିଲେ। ରାହୁଲ ଓ ମୟଙ୍କ ଗତଥର ଭଳି ଇନିଂସ ଓପନ୍ କରିବେ। ଟି୨୦ରେ ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହେଉଥିବା ଇଂଲଣ୍ଡର ଡାୱିଡ ମଲାନ, ହାର୍ଡ ହିଟିଂ ତାମିଲନାଡୁ ବ୍ୟାଟ୍ସମ୍ୟାନ ଏମ୍. ଶାହରୁଖ ଖାଁ ଓ ୱେଷ୍ଟଇଣ୍ଡିଜର ନିକୋଲ୍ସ ପୁରନ ମଧ୍ୟ ଦଳରେ ରହିଛନ୍ତି। ତେଣୁ ଦଳ ପାଇଁ ଏକାଧିକ ବିକଳ୍ପ ରହିଛି। କିନ୍ତୁ ଦଳରେ କାହାକୁ ଖେଳାଯିବ ଓ ପ୍ରକୃତ ସନ୍ତୁଳନ ପାଇଁ ମ୍ୟାନେଜମେଣ୍ଟ ଉପଯୁକ୍ତ ଖେଳାଳିଙ୍କୁ ଖେଳାଇବ ବୋଲି ଆଶା କରାଯାଉଛି। ଦୀପକ ହୁଡା ଓ ସର୍ଫରାଜ ଖାଁଙ୍କୁ ପଛରେ ପକାଇ ଶାହରୁଖ ଦଳରେ ସାମିଲ ହେବେ ଓ ଫିନିଶର ଭୂମିକା ଗ୍ରହଣ କରିବାର ସମ୍ଭାବନା ରହିଛି। ମହମ୍ମଦ ସାମି ପଞ୍ଜାବ ବୋଲିଂର ନେତୃତ୍ୱ ନେବେ। ଗତ ସଂସ୍କରଣରେ ସାମି ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ସେହିପରି ବିଗ୍‌ବାସ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ଝେ ରିଚାର୍ଡସନ ଓ ରିଲେ ମେରେଡିଥଙ୍କ ସମେତ କ୍ରିସ୍ ଜୋର୍ଡାନ ମଧ୍ୟ ଦଳରେ ରହିଛନ୍ତି। ସାମିଙ୍କ ସହ ନୂଆ ବଲରେ ଏମାନଙ୍କ ମଧ୍ୟରୁ କିଏ ବୋଲିଂ କରିବ ତାହା ଦେଖିବାକୁ ବାକି ରହିଲା। ସ୍ପିନର ଭାବେ ପଞ୍ଜାବ ପକ୍ଷରୁ ମୁରୁଗାନ ଅଶ୍ୱିନ ଓ ରବି ବିଷ୍ଣୋଇ ରାଜସ୍ଥାନକୁ ସମସ୍ୟାରେ ପକାଇବେ।


ଲୋକେଶ ରାହୁଲ



ସଞ୍ଜୁ ସାମ୍‌ସନ

**ଆଇପିଏଲ୍-୧୪**
(ସୋମବାର ମ୍ୟାଚ୍)
**ରାଜସ୍ଥାନ ରୟାଲ୍ସ ବନାମ ପଞ୍ଜାବ କିଙ୍ଗ୍ସ**
vivo IPL
ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭.୩୦
ସ୍ଥାନ: ୱାଙ୍ଖଡେ ଷ୍ଟାଡିୟମ, ମୁମ୍ବାଇ
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ

**ରାଜସ୍ଥାନ ରୟାଲ୍ସ ଦଳ:** ସଞ୍ଜୁ ସାମ୍‌ସନ (ଅଧିନାୟକ/ ଉଇକେଟକିପର), ଜୋଶ ବଟଲର (ଉଇକେଟକିପର), ବେନ୍ ଷ୍ଟୋକ୍ସ, ଯଶସ୍ୱୀ ଜୟସ୍ୱାଲ, ମନନ ଭୋରା, ଅନୁଜ ରାୱତ, ରିୟାନ ପରାଗ, ଡେଭିଡ୍ ମିଲର, ରାହୁଲ ଟେୱାଟିଆ, ମହିପାଲ ଲୋମରର, ଶ୍ରେୟାସ ଗୋପାଲ, ମୟଙ୍କ ମାର୍କଣ୍ଡେ, ଜୋଫ୍ରା ଆର୍ଚର, ଆଣ୍ଡ୍ର୍ୟୁ ଟାଏ, ଜୟଦେବ ଉନାଡକଟ, କାର୍ତ୍ତିକ ତ୍ୟାଗି, ଶିବମ ଦୁବେ, କ୍ରିସ୍ ମୋରିସ, ମୁସ୍ତାଫିଜୁର ରହମାନ, ଚେତନ ସାକାରିୟା, କେଜି କାରିଆପ୍ପା, ଲିଆମ ଲିଭିଂଷ୍ଟୋନ୍, କୁଲଦୀପ ଯାଦବ ଓ ଆକାଶ ସିଂ।

**ପଞ୍ଜାବ କିଙ୍ଗ୍ସ ଦଳ:** ଲୋକେଶ ରାହୁଲ (ଅଧିନାୟକ/ଉଇକେଟକିପର), ମୟଙ୍କ ଅଗ୍ରୱାଲ, କ୍ରିସ୍ ଗେଲ୍, ମନଦୀପ ସିଂ, ପ୍ରଭ୍‌ସିମରନ ସିଂ, ନିକୋଲାସ ପୁରନ (ଉଇକେଟକିପର), ସର୍ଫରାଜ ଖାନ୍, ଦୀପକ ହୁଡା, ମୁରୁଗାନ ଅଶ୍ୱିନ, ରବି ବିଷ୍ଣୋଇ, ହରପ୍ରୀତ ବ୍ରାର୍, ମହମ୍ମଦ ସାମି, ଆକାଶଦୀପ ସିଂ, ଇଶାନ ପୋରେଲ, ଦର୍ଶନ ନାଲକାଣ୍ଡେ, କ୍ରିସ୍ ଜୋର୍ଡାନ, ଡାୱିଡ ମାଲାନ, ଝେ ରିଚାର୍ଡସନ, ଶାହରୁଖ ଖାନ୍, ରିଲେ ମର୍ଡିଥ୍, ମୋଇସେସ୍ ହେନରିକ୍, ଜଲଜ ସାକ୍ସେନା, ଉତ୍କର୍ଷ ସିଂ, ଫାବିଏନ୍ ଆଲେନ୍ ଓ ସୌରଭ କୁମାର।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ସୋମବାର, ୧୨ ଏପ୍ରିଲ, ୨୦୨୧ Rayagada, Monday, April 12/2021

# ନୀତୀଶ, ରାହୁଲଙ୍କ ଅର୍ଦ୍ଧଶତକ

ଚେନ୍ନାଇ,୧୧।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ତୃତୀୟ ମ୍ୟାଚ୍‌ରେ ଇଅନ ମୋର୍ଗାନଙ୍କ ନେତୃତ୍ୱାଧୀନ କୋଲକାତା ନାଇଟ ରାଇଡର୍ସ ଓ ଡେଭିଡ୍ ୱାର୍ନରଙ୍କ ସନରାଇଜର୍ସ ହାଇଦ୍ରାବାଦ ପରସ୍ପରକୁ ଭେଟିଛନ୍ତି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା

## ଆଇପିଏଲ୍- ୧୪

ଏହି ମ୍ୟାଚ୍‌ରେ ଟସ୍ ଜିତି ହାଇଦ୍ରାବାଦ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି କୋଲକତା ୨୦ ଓଭରରେ ୬ ଉଇକେଟ ହରାଇ ୧୮୭ ରନର ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିଛି। ଦଳ ତରଫରୁ ଓପନର ନୀତୀଶ ରାଣା ୮୦ ଓ ରାହୁଲ ତ୍ରିପାଠୀ ୫୩ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି।

ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା କୋଲକାତା ଭଲ ଆରମ୍ଭ କରିଥିଲା। ଓପନିଂ ଯୋଡିରେ ନୀତୀଶ ରାଣା ଓ ଶୁବମନ ଗିଲ ୫୩ ରନ ସଂଗ୍ରହ କରିଥିଲେ। ୧୩ ବଲରୁ ଗୋଟିଏ ଲେଖାଏ ଛକା ଓ ଚୌକା ସହ ୧୫ ରନ କରିଥିବା ବେଳେ ଶୁବମନ ସ୍ପିନର ରସିଦ ଖାଁଙ୍କ ଗୁଗୁଲିରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ସେ ସୁଇପ୍ କରିବାକୁ ଯାଇ ସନ୍ତୁଳନ ହରାଇଥିଲେ ଓ ଦଳର ପ୍ରଥମ ଉଇକେଟର ପତନ ହୋଇଥିଲା। ରସିଦ ହାଇଦ୍ରାବାଦ୍‌କୁ ବ୍ରେକ ଥ୍ରୁ ଦେଇଥିଲେ। ଦ୍ରୁତଗତିରେ ରନ୍ ସଂଗ୍ରହ କରିବା ସହ ବିଜୟ ଶଙ୍କରଙ୍କ ବଲ୍‌ରେ ଛକା ମାରି ରାଣା କ୍ୟାରିୟରର ଦ୍ୱାଦଶ ଆଇପିଏଲ୍ ଅର୍ଦ୍ଧଶତକ ପୂରଣ କରିଥିଲେ। ରାଣାଙ୍କ ପରେ ଭୁବନେଶ୍ୱର କୁମାରଙ୍କ ବଲ୍‌ରେ ଚୌକା ମାରି ରାହୁଲ ତ୍ରିପାଠୀ କ୍ୟାରିୟରର ଷଷ୍ଠ ଅର୍ଦ୍ଧଶତକ ପୂରଣ କରିଥିଲେ। ତେବେ ସେ ୫୩ ରନ (୨୯ ବଲ, ୫ ଚୌକା, ୨ ଛକା) କରିଥିବା ବେଳେ ଟି. ନଟରାଜନଙ୍କ ବଲ୍‌ରେ କିପର ରିଦ୍ଧିମାନ ଶାହାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ରାଣା ଓ ତ୍ରିପାଠୀ ୫୦ ବଲରୁ ୯୩ ରନ ସଂଗ୍ରହ କରିଥିଲେ। ଆନ୍ଦ୍ରେ ରସେଲ ୫ ରନକରି ଲଙ୍ଗ୍‌ଅନ୍‌ରେ ମନୀଷ ପାଣ୍ଡେଙ୍କୁ କ୍ୟାଚ ଦେଇ ରସିଦଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ରାଣା ୫୬ ବଲରୁ ୯ ଚୌକା ଓ ୪ ଛକା ସହ ୮୦ ରନର ସାହସିକ ଇନିଂସ ଖେଳି ଲଙ୍ଗ୍‌ଅଫ୍‌ରେ ବିଜୟ ଶଙ୍କରଙ୍କୁ କ୍ୟାଚ୍ ଦେଇ ମହମ୍ମଦ ନବୀଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାର ଠିକ୍ ପର ବଲ୍‌ରେ ଅଧିନାୟକ ଇଅନ ମୋର୍ଗାନ ୨ ରନ କରିଥିବା ବେଳେ ବ୍ୟାକ୍‌ୱାର୍ଡ ସ୍କୋୟାରରେ ଅବଦୁଲ ସମାଦଙ୍କୁ କ୍ୟାଚ୍ ଦେଇ ନବୀଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। କ୍ରମାଗତ ଦୁଇଟି ବଲ୍‌ରେ ଉଇକେଟ ନେଇ ନବୀ ସୁଯୋଗ ପାଇଥିଲେ ମଧ୍ୟ ହ୍ୟାଟ୍ରିକ ନେଇପାରି ନ ଥିଲେ। ଏଥିସହ କୋଲକାତା ୩ ଓଭରରେ ୪ ଉଇକେଟ ହରାଇଥିଲା। ୯ ବଲରୁ ୨ ଚୌକା ଓ ୧ ଛକା ସହ ୨୨ ରନକରି ଅଭିଜ୍ଞ ଦୀନେଶ କାର୍ତ୍ତିକ ଅପରାଜିତ ରହିଥିବା ବେଳେ ୩ ରନକରି ସାକିବ ଅଲ ହାସନ ମିଡ୍‌ଉଇକେଟରେ ଅବଦୁଲ ସମାଦଙ୍କୁ କ୍ୟାଚ୍ ଦେଇ ଇନିଂସର ଶେଷ ବଲ୍‌ରେ ହିଁ ଭୁବନେଶ୍ୱରଙ୍କ ଦ୍ୱାରା ଆଉଟ ହୋଇଥିଲେ। ହାଇଦ୍ରାବାଦ ତରଫରୁ ବୋଲିଂରେ ରସିଦ ଓ ନବୀ ୨ଟି ଲେଖାଏ, ଭୁବନେଶ୍ୱର ଓ ନଟରାଜନ ଗୋଟିଏ କରି ଉଇକେଟ ଅକ୍ତିଆର କରିଥିଲେ।


ଅର୍ଦ୍ଧଶତକ ହାସଲକାରୀ ନୀତୀଶ ରାଣା ଓ ରାହୁଲ ତ୍ରିପାଠୀ।

### ତୃତୀୟ ଦଳ ପାଇଁ ଡେବ୍ୟୁ କଲେ ହରଭଜନ

ଅଭିଜ୍ଞ ସ୍ପିନର ହରଭଜନ ସିଂ ଆଇପିଏଲରେ ତୃତୀୟ ଦଳ ପାଇଁ ପଦାର୍ପଣ କରିଛନ୍ତି। ସେ କୋଲକାତା ଦଳରେ ପଦାର୍ପଣ କରିଛନ୍ତି। ଏହାପୂର୍ବରୁ ସେ ମୁମ୍ବାଇ ଇଣ୍ଡିଆନ୍ସ ଓ ପରେ ଚେନ୍ନାଇ ସୁପର କିଙ୍ଗ୍ସ ତରଫରୁ ଆଇପିଏଲ ଖେଳିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ୨ଥର ଟାଇଟଲ ହାସଲ କରିବା ପରେ ସେ ୨୦୧୮ରେ ଚେନ୍ନାଇ ପାଇଁ ଖେଳିଥିଲେ ଓ ତୃତୀୟଥର ପାଇଁ ଚାମ୍ପିୟନ ହୋଇଥିଲେ। କୋଲକାତା ପାଇଁ ଅଧିନାୟକ ମୋର୍ଗାନଙ୍କ ସମେତ ପ୍ୟାଟ୍ କୁମିନ୍ସ, ଆନ୍ଦ୍ରେ ରସେଲ, ଶାକିବ ବିଦେଶୀ ଖେଳାଳିଭାବେ ଖେଳିଥିଲେ। ସେହିପରି ହାଇଦ୍ରାବାଦ ପାଇଁ ଆଫଗାନିସ୍ତାନର ଦୁଇ ଖେଳାଳି ରସିଦ ଖାଁ, ମହମ୍ମଦ ନବୀ, ବେୟାରଷ୍ଟୋ ଓ ଅଧିନାୟକ ଡେଭିଡ୍ ୱାର୍ନର ବିଦେଶୀ ଭାବେ ଦଳରେ ସ୍ଥାନ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର:**

କୋଲକାତା ୨୦ ଓଭରରେ ୧୮୭/୬ (ନୀତୀଶ– ୮୦, ତ୍ରିପାଠୀ– ୫୩, କାର୍ତ୍ତିକ– ୨୨*, ଶୁବମନ– ୧୫, ରସିଦ– ୨/୨୪, ନବୀ– ୨/୩୨, ଭୁବନେଶ୍ୱର– ୧/୪୫, ନଟରାଜନ– ୧/୩୭)।

# ପୂର୍ବତନ ଫୁଟ୍‌ବଲ ଖେଳାଳିଙ୍କ ପରଲୋକ

ଭୁବନେଶ୍ୱର, ୧୧।୪(କ୍ରୀଡ଼ା ପ୍ରତିନିଧି)

ପୂର୍ବତନ ଫୁଟ୍‌ବଲ ଖେଳାଳି ବିଜୟ କେତନ ସାହୁ (କାଶୀ ଭାଇ)ଙ୍କର ଶନିବାର ଅପରାହ୍ନ ୩ଟା ୪୫ରେ କଟକ ତେଲେଙ୍ଗାବଜାରସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୯ ବର୍ଷ ହୋଇଥିଲା। ବିଜୟ କେତନ ଜାତୀୟ ସିନିୟର ପୁରୁଷ ଫୁଟ୍‌ବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏହା ବ୍ୟତୀତ ସେ ରାଇଜିଂ ଷ୍ଟାର ପରି ଅନେକ ସମ୍ମାନଜନକ କ୍ଲବ ପକ୍ଷରୁ ଖେଳିଥିଲେ। ଏଜିରେ ଚାକିରି କରିଥିବା ବିଜୟ କେତନଙ୍କର ପତ୍ନୀ, ୨ ପୁଓ ଓ ୧ ଝିଅ ଅଛନ୍ତି। ତାଙ୍କ ପରଲୋକରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।


ବିଜୟ କେତନ ସାହୁ




# ଦିଲ୍ଲୀକୁ ଜିତାଇଲେ ପୃଥ୍ୱୀ-ଧାୱନ

**ମୁମ୍ବାଇ,୧୧।୪:** ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍)ର ଗତ ସଂସ୍କରଣ ରନର୍ସଅପ୍ ଦିଲ୍ଲୀ କ୍ୟାପିଟାଲ୍ସ ଏଥର ବିଜୟରୁ ଅଭିଯାନ ଆରମ୍ଭ କରିଛି। ଆଇପିଏଲ୍ ୧୪ତମ ସଂସ୍କରଣର ଦ୍ୱିତୀୟ ମ୍ୟାଚ୍‌ରେ ନୂଆ ଅଧିନାୟକ ରିଷଭ ପନ୍ତଙ୍କ ନେତୃତ୍ୱରେ ଦିଲ୍ଲୀ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସକୁ ୮ ବଲ ବାକି ରଖି ୭ ଉଇକେଟରେ ପରାସ୍ତ କରିଛି। ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇ ଦିଲ୍ଲୀ ୨ ପଏଣ୍ଟ ହାସଲ କରିଛି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଦିଲ୍ଲୀ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ୨୦ ଓଭରରେ ୭ ଉଇକେଟ ହରାଇ ୧୮୮ ରନର ସଂଗ୍ରହ କରିଥିଲା। ଜବାବରେ ଦିଲ୍ଲୀ ୧୮.୪ ଓଭରରେ ୩ ଉଇକେଟ ହରାଇ ୧୯୦ ରନ କରି ବିଜୟ ହାସଲ କରିଛି। ଅଧିନାୟକ ଭାବେ ପନ୍ତ ତାଙ୍କ ପ୍ରଥମ ଆଇପିଏଲ ମ୍ୟାଚ୍‌ରେ ବିଜୟ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଏଥିସହ ଚେନ୍ନାଇ ବିପକ୍ଷରେ ଦିଲ୍ଲୀ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ଗତ ସଂସ୍କରଣରେ ଶ୍ରେୟାସ ଆୟାରଙ୍କ ନେତୃତ୍ୱରେ ଦିଲ୍ଲୀ ଦୁଇଟି ଯାକ ମ୍ୟାଚ୍‌ରେ ଚେନ୍ନାଇକୁ ହରାଇଥିଲା। ଧାୱନ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ୧୮୯ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ଦିଲ୍ଲୀ ଜବରଦସ୍ତ ଆରମ୍ଭ କରିଥିଲା। ଯୁବ ଓପନର ପୃଥ୍ୱୀ ଶ ଓ ଅଭିଜ୍ଞ ଶିଖର ଧାୱନ ଆରମ୍ଭରୁ ଦ୍ରୁତଗତିରେ ରନ ସଂଗ୍ରହ କରିଥିଲେ ଓ ଉଭୟ ଅର୍ଦ୍ଧଶତକ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୮୮/୭ (ରାଇନା– ୫୪, ମୋଇନ– ୩୬, ସାମ କୁରାନ– ୩୪, ଜାଡେଜା– ୨୬*, ରାୟୁଡୁ– ୨୩, ୱକ୍ସ– ୨/୧୮, ଆଭେସ– ୨/୨୩, ଅଶ୍ୱିନ– ୧/୪୭, ଟମ୍ କୁରାନ– ୧/୪୦)। ଦିଲ୍ଲୀ କ୍ୟାପିଟାଲ୍ସ ୧୮.୪ ଓଭରରେ ୧୯୦/୩ (ଧାୱନ–୮୫, ପୃଥ୍ୱୀ ଶ'–୭୨, ଶାର୍ଦ୍ଦୁଳ–୨/୫୩, ବ୍ରାଭୋ–୧/୨୮)।

# ଏନ୍‌ଗିଡ଼ିଙ୍କ ସାମିଲରେ ବିଳମ୍ବ

ମୁମ୍ବାଇ, ୧୧।୪(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଚେନ୍ନାଇ ସୁପରକିଙ୍ଗ୍ସ ଏହାର ପ୍ରଥମ ମ୍ୟାଚ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରୁ ହାରି ଯାଇଛି। ଏହି ମ୍ୟାଚରେ ଜୋଶ ହାଜଲେଉଡ୍‌ଙ୍କ ଅନୁପସ୍ଥିତି ଅନୁଭବ କରିଛନ୍ତି କୋଚ୍ ଷ୍ଟିଫେନ୍ ଫ୍ଲେମିଂ। ହାଜଲେଉଡ୍ ଶେଷ ମୁହୂର୍ତ୍ତରେ ଆଇପିଏଲରୁ ଓହରି ଯାଇଥିବାବେଳେ ତାଙ୍କ ବଦଳ ଖେଳାଳି ଜାସନ ବେହରେନଡର୍ଫ ଏପର୍ଯ୍ୟନ୍ତ ପହଞ୍ଚି ନାହାନ୍ତି। ଦକ୍ଷିଣ ଆଫ୍ରିକାର ଲୁନ୍‌ଗି ଏନ୍‌ଗିଡି କ୍ୱାରାଣ୍ଟାଇନ୍‌ରେ ଥିବାରୁ ଦଳର ପ୍ରଥମ ମ୍ୟାଚ ଖେଳିପାରି ନ ଥିଲେ କିମ୍ବା ଆଗାମୀ ମ୍ୟାଚରେ ମଧ୍ୟ ଉପଲବ୍ଧ ହେବେନାହିଁ। ଏହା ଦଳୟ ରଣନୀତିକୁ ବିଗାଡ଼ି ଦେଇଛି ବୋଲି ଫ୍ଲେମିଂ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ହଜଲେଉଡ୍ ଆଗାମୀ ଅନ୍ତର୍ଜାତୀୟ ମ୍ୟାଚ ଗୁଡ଼ିକ ପାଇଁ ଫିଟ୍ ରହିବା ଲକ୍ଷ୍ୟରେ ଆଇପିଏଲରୁ ଓହରି ଯିବାକୁ ବିଳମ୍ବରେ ନିଷ୍ପତ୍ତି ନେଇଥିଲେ। ସେହିପରି ପାକିସ୍ତାନ ବିପକ୍ଷ ଦକ୍ଷିଣ ଆଫ୍ରିକାର ଦିନିକିଆ ସିରିଜ ଅଧାରୁ ଆସିଥିବାରୁ ଏନ୍‌ଗିଡ଼ିଙ୍କ କ୍ୱାରାଣ୍ଟାଇନ୍ ଅବଧି ଶେଷ ହୋଇ ପାରିନାହିଁ। ଏନ୍‌ଗିଡି ଓ ବେହରେନଡର୍ଫ ଉପଲବ୍ଧ ହେଲେ ଯାଇ ବିଦେଶୀ ଖେଳାଳିଙ୍କୁ ନେଇ ବୋଲିଂ ଲାଇନ୍‌ଅପ୍ ପ୍ରସ୍ତୁତ ହୋଇପାରିବ। ଏବେ ଅନ୍ତର୍ଜାତୀୟ ଅଭିଜ୍ଞତା ଥିବା ସାମ୍ କୁରାନଙ୍କ ଉପରେ ଅଧିକ ନିର୍ଭର କରିବାକୁ ପଡୁଛି ବୋଲି ସେ କହିଛନ୍ତି। ଗତ ମ୍ୟାଚରେ ଚେନ୍ନାଇ ପକ୍ଷରୁ ୧୮୯ ରନର ଟାର୍ଗେଟ ଦିଆ ଯାଇଥିଲେ ହେଁ ଦିଲ୍ଲୀ ୭ ଉଇକେଟରେ ସହଜ ବିଜୟ ହାସଲ କରି ନେଇଥିଲା। ପୃଥ୍ୱୀ ଶ' ଏବଂ ଶିଖର ଧାୱନଙ୍କ ଉପରେ ଚେନ୍ନାଇ ବୋଲରମାନେ ଅଙ୍କୁଶ ଲଗାଇପାରି ନ ଥିଲେ।


ଲୁନ୍‌ଗି ଏନ୍‌ଗିଡି

# କରୋନା ପଜିଟିଭଙ୍କ ପାଇଁ ସ୍ୱତନ୍ତ୍ର ହୋଟେଲ

ଟୋକିଓ, ୧୧।୪ (ଏପି)

ନିକଟରେ ସାମାନ୍ୟ କୋଭିଡ୍ ଲକ୍ଷଣ ଦେଖା ଦିଏ ତେବେ ସେମାନଙ୍କୁ ଆଇସୋଲେଶନ ରଖିବା ପାଇଁ ଏକ ସ୍ୱତନ୍ତ୍ର ହୋଟେଲ ସଂରକ୍ଷିତ କରି ରଖାଯାଇଛି। ୩୦୦ ପ୍ରକୋଷ୍ଠ ବିଶିଷ୍ଟ ଏହି ହୋଟେଲଟି ଆଥଲେଟ୍ସ ଭିଲେଜ ନିକଟରେ ରହିଛି। ଅଲିମ୍ପିକ୍ସ ଜୁଲାଇ ୨୩ରୁ

## ଟୋକିଓ ଅଲିମ୍ପିକ୍ସ

ଆରମ୍ଭ ହେବ। କୋଭିଡ୍ ଯୋଗୁ ଜାପାନର ୮୦ ପ୍ରତିଶତ ଗେମ୍ସ ଆୟୋଜନ ସପକ୍ଷରେ ନାହାନ୍ତି। ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସରେ ସମଗ୍ର ବିଶ୍ୱରୁ ପ୍ରାୟ ୧୫,୦୦୦ ଆଥଲେଟ ଭାଗ ନେବେ। ଏହାଛଡ଼ା ୧୦ ହଜାର ପାଖାପାଖି ଅନ୍ୟ ଅଫିସିଆଲ, ଜଜ୍, ପ୍ରଶାସକ, ମିଡିଆ ଓ ବ୍ରଡ୍‌କାଷ୍ଟ କର୍ମଚାରୀ ଆସିବେ। ଅଲିମ୍ପିକ୍ସରେ ବିଦେଶୀ ଦର୍ଶକଙ୍କୁ ଏଥର ବାରଣ କରାଯାଇଛି। ସ୍ଥାନୀୟ ଦର୍ଶକଙ୍କୁ କିନ୍ତୁ ଅନୁମତି ମିଳିବ। ଓସାକା, ଟୋକିଓ ଓ ଅନ୍ୟ ସହରରେ ସଂକ୍ରମଣ ବଢ଼ି ଚାଲିଥିବାରୁ ଭେନ୍ୟୁରେ ସର୍ବାଧିକ କେତେ ଦର୍ଶକ ରହିପାରିବେ ଆୟୋଜକଗଣ ତାହା ସ୍ଥିର କରିପାରୁ ନାହାନ୍ତି। ସଂକ୍ରମଣରେ ଅଙ୍କୁଶ ଲଗାଇବା ଲାଗି ସୋମବାରଠାରୁ ଟୋକିଓରେ ଦୃଢ ପଦକ୍ଷେପ ନିଆଯିବ। ସ୍ଥାନୀୟ ଗଭର୍ନର ବାର୍ ଓ ରେସ୍ତୋରାଁଗୁଡିକୁ କମ୍ ସମୟ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ ନିୟମ ନ ମାନିଲେ ଦଣ୍ଡ ବିଧାନର ବ୍ୟବସ୍ଥା କରାଯାଇଛି। କ୍ଷତିପୂରଣ ଦେବାର ବ୍ୟବସ୍ଥା କରାଯାଇଛି। ଜାପାନରେ କୋଭିଡ୍‌ରେ ୯,୫୦୦ରୁ ଊର୍ଦ୍ଧ୍ୱ ମୃତ୍ୟୁବରଣ କରିସାରିଲେଣି। ଦେଶରେ ୧ ପ୍ରତିଶତରୁ ଅଧିକ ଲୋକ କରୋନା ଟିକା ନେଇ ସାରିଲେଣି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ